
# ପ୍ରଥମ ଓଡ଼ିଆ
# ଉପନ୍ୟାସ ଓ ଔପନ୍ୟାସିକ



ସଂପାଦକ : ଡକ୍ଟର ଶ୍ରୀଚରଣ ମହାନ୍ତ

# ପ୍ରଥମ ଓଡ଼ିଆ ଉପନ୍ୟାସ
# ଓ
# ଔପନ୍ୟାସିକ

( ପଦ୍ମମାଳୀ ଓ ଉମେଶଚନ୍ଦ୍ର )


ସଂପାଦକ

ଡକ୍ଟର ଶ୍ରୀଚରଣ ମହାନ୍ତି



ପ୍ରଗତି ଉତ୍କଳ ସଂଘ

ବି/୧, ଫକୀର ମୋହନ ନଗର,

( ସେକ୍ଟର-୭ )

ରାଉରକେଲା

୧୯୮୯

# ପ୍ରଥମ ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ

ସଂପାଦକ—ଡ଼କ୍ଟର ଶ୍ରୀଚରଣ ମହାନ୍ତି


ପ୍ରକାଶକ—ପ୍ରଗତି ଉତ୍କଳ ସଂଘ,
ବି/୯, ଫକୀର ମୋହନ ନଗର,
( ସେକ୍ଟର-୭ )
ରାଉରକେଲା-୭୬୯୦୦୩

ପ୍ରଥମ ସଂସ୍କରଣ—୧୯୮୯

ପରିବେଷକ—(୧) ଫ୍ରେଣ୍ଡସ ପବ୍ଲିଶର୍ସ,
ବିନୋଦ ବିହାରୀ,
କଟକ-୨
(୨) ଦ ବେଷ୍ଟ,
ମଧୁସୂଦନ ମାର୍କେଟ,
ରାଉରକେଲା-୧୧

କୋଣାର୍କ ପ୍ରିଣ୍ଟିଂ ୱାର୍କସ୍, ଉଦିତନଗର
ରାଉରକେଲା-୭୬୯୦୧୨ ରେ ମୁଦ୍ରିତ

ମୂଲ୍ୟ : ଷୋହଳ ଟଙ୍କା ମାତ୍ର

Prathama Odia Upanyas O Aupanyasik
( The First Oriya Novel and the Novelist )

Editor—Dr. S. Mohanty

Published by—Pragati Utkal Sangha
B/9, Sector-7,
Rourkela—769003
First Edition—1989

Distributors : (i) Friends Publishers,
Cuttack- 2
(ii) The Best,
Rourkela—11

Printed at The Konarka Printing Works
Uditnagar, Rourkela—769012

Price : Rupees Sixteen only

# * ସୂଚୀପତ୍ର *


| | | | |
|---|---|---|---|
| ୧. | ଶତବର୍ଷର ସ୍ମରଣେ | ଡଃ ଶ୍ରୀଚରଣ ମହାନ୍ତି | କ |
| ୨. | ଉମେଶ ଚନ୍ଦ୍ର ସରକାର | ଡାକ୍ତର କୈଳାସ ଚନ୍ଦ୍ର ଷଓ | ଗ |
| ୩. | ପଦ୍ମମାଳୀ : ସମକାଳୀନ ଚିନ୍ତାବୃତ୍ତ | ଦେବବ୍ରତ | ୧ |
| ୪. | ଔପନ୍ୟାସିକ ଉମେଶଚନ୍ଦ୍ର | ଡଃ କୃଷ୍ଣଚରଣ ବେହେରା | ୨୩ |
| ୫. | ଓଡ଼ିଆ ସାହିତ୍ୟରେ ଐତିହାସିକ ଉପନ୍ୟାସର ବିକାଶ : ପଦ୍ମମାଳୀ | ଅଧ୍ୟାପକ ନଗେନ୍ଦ୍ର କୁମାର ନାୟକ<br>ଡଃ ମଧୁସୂଦନ ପତି | ୪୮ |
| ୬. | ପଦ୍ମମାଳୀ : ଏକ ସମାଜତାତ୍ତ୍ୱିକ ଅଧ୍ୟୟନ | ଡଃ ବିଜୟ କୁମାର ସାହୁ | ୬୧ |
| ୭: | କେନ୍ଦୁଝରର ବିଦ୍ରୋହ | ଉମେଶଚନ୍ଦ୍ର ସରକାର<br>ସଂ.-ଦେବେନ୍ଦ୍ର କୁମାର ଦାଶ | ୭୭ |

# ପ୍ରକାଶକଙ୍କର ନିବେଦନ

ସନ ୧୯୫୮ ମସିହାରେ ପ୍ରତିଷ୍ଠିତ 'ପ୍ରଗତି ଉତ୍କଳ ସଂଘ' ରାଉରକେଲାର ଏକ ବିଶିଷ୍ଟ ସାଂସ୍କୃତିକ ଅନୁଷ୍ଠାନ । ପାଠାଗାର ଆଂଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ, ୧୯୬୮ ମସିହାରୁ 'ଉତ୍କଳ ଦିବସ ଓ ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀ' ପାଳନ ତଥା, ଉତ୍କଳ ଗୌରବ ମଧୁସୂଦନଂକର ପୂର୍ଣ୍ଣାବୟବ ବ୍ରୋଂଜ ପ୍ରତିମୂର୍ତ୍ତି ସ୍ଥାପନ ଭଳି ମହତ୍ କାର୍ଯ୍ୟ ଏ ଅନୁଷ୍ଠାନ କରି ଆସିଛି ।

ଓଡ଼ିଆ ଜାତୀୟ ଜୀବନରେ ଯେଉଁମାନେ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଛନ୍ତି, ସେମାନଂକର ପ୍ରତିଭା ପୂଜା 'ପ୍ରଗତି ଉତ୍କଳ ସଂଘ'ର ଅନ୍ୟତମ ଲକ୍ଷ୍ୟ । ସେହି ଉଦ୍ଦେଶ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଂକ ସହିତ ଅନ୍ୟାନ୍ୟ ମନୀଷୀମାନଂକୁ ବିଭିନ୍ନ ମାଧ୍ୟମରେ ଏହି ଅନୁଷ୍ଠାନ ପୂଜା କରି ଆସିଛି । ଓଡ଼ିଶାର ପ୍ରଥମ ଔପନ୍ୟାସିକ ଉମେଶଚଂଦ୍ର ସରକାରଂକୁ ଓଡ଼ିଆ ଉପନ୍ୟାସର ଶତବର୍ଷ ପୂର୍ତ୍ତି ଉପଲକ୍ଷରେ ନିଜର ଶ୍ରଦ୍ଧା ନିବେଦନ କରି ସଂଘ ନିଜକୁ ଧନ୍ୟ ମନେ କରୁଛି ।

Madhusudan Das : The Legislator ପରେ 'ପ୍ରଥମ ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ' ସଂଘର ଦ୍ୱିତୀୟ ପ୍ରକାଶିତ ପୁସ୍ତକ । ପ୍ରସ୍ତାବିତ 'Madhusudan : The Leader' ଗ୍ରନ୍ଥ ବିଭିନ୍ନ କାରଣରୁ ଏ ପର୍ଯ୍ୟନ୍ତ ଆଲୋକ ଦେଖିପାରି ନାହିଁ । ବିଭିନ୍ନ ସ୍ତରରୁ ସହଯୋଗ ମିଳିଲେ ତାହା ଶୀଘ୍ର ପ୍ରକ.ଶିତ ହେବ ।

'ପ୍ରଥମ ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ' ଗ୍ରନ୍ଥକୁ ସଂପାଦନ କରିଛନ୍ତି, ସରକାରୀ ମହାବିଦ୍ୟାଳୟ, ରାଉରକେଲାର ଅଧ୍ୟାପକ ଡ଼କ୍ଟର ଶ୍ରୀଚରଣ ମହାନ୍ତି । ଏହି ଜାତୀୟ କାର୍ଯ୍ୟ କରିଥିବାରୁ ସଂଘ ତାଂକୁ କୃତଜ୍ଞତା ଜଣାଉଛି ।

ଏ ପୁସ୍ତକ ଆଲୋକକୁ ଆସିବା କ୍ଷେତ୍ରରେ ଡକ୍ଟର କୃଷ୍ଣଚରଣ ବେହେରା (ରେଭେନ୍ସା କଲେଜ, କଟକ) ଓ ଶ୍ରୀ ଦେବେଂଦ୍ର କୁମାର ଦାଶ (ରାଉରକେଲା ମ୍ୟୁନିସିପାଲ କଲେଜଙ୍କ) ପ୍ରେରଣା ଓ ସହଯୋଗ ଭୁଲିବାର ନୁହେଁ । ଓଡ଼ିଆ ସାହିତ୍ୟର ଇତିହାସରେ ଭ୍ରମ ଉପୁଯାଇଥିବା ଏକ କାଳଗତ ତଥ୍ୟକୁ ବିଭିନ୍ନ ପ୍ରମାଣ ସହିତ ଉପସ୍ଥାପନ କରିବାରେ ସଙ୍କଳନର ଲେଖକମାନେ ଯେଉଁ ଶ୍ରମ ସ୍ୱୀକାର କରିଛନ୍ତି, ସେଥିପାଇଁ ପ୍ରଗତି ଉତ୍କଳ ସଂଘ ବିନମ୍ର କୃତଜ୍ଞତା ଜଣାଉଛି ।

ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ପୁସ୍ତକଟିକୁ ପ୍ରକାଶ କରାଯାଇଥିବାରୁ ପୁସ୍ତକ ମୁଦ୍ରଣ ତ୍ରୁଟି ରୁ ରକ୍ଷା ପାଇନାହିଁ । ଯେଭଳି— ଇଂଗୀତ (ଇଂଗିତ) ପୃ. ଖ', ଯାହାଂକର

(ତାହାଂକର) ପୃ. ଗ, ସିଢ଼ଂଶ (ସପ୍ତୋବିଂଶ) ପୃ. ୧, ଚତୁଃବିଂଶ (ଚତ୍ୱାରିଂଶ), ବୁଦ୍ଧିଜୀବ (ବୁଦ୍ଧିଜୀବୀ) ଇତ୍ୟାଦି। ଏହିପରି ବନାନ ଅଶୁଦ୍ଧି ଅର୍ଥବୋଧରେ ବିଶେଷ ଅନ୍ତରାୟ ସୃଷ୍ଟି କରୁ ନଥିବାରୁ ସ୍ୱତନ୍ତ୍ର ଶୁଦ୍ଧିପତ୍ର ସଂଯୋଜନ କରାଯାଇ ନାହିଁ। ପୁସ୍ତକରେ ଏକମାତ୍ର ଉଲ୍ଲେଖଯୋଗ୍ୟ ମୁଦ୍ରଣ ତ୍ରୁଟି ରହିଛି ପୃ. ୯୦ ରେ : ରତନ ନାୟକଂକ ଫାଶୀ ପାଇବାର ତାରିଖ ହୋଇଛି ନଭେମ୍ବର ୩୦, ୧୮୭୮, ତାହା ନଭେମ୍ବର ୩୦, ୧୮୬୮ ହେବ। ଏଭଳି ତ୍ରୁଟି ପାଇଁ ଆମେ ଦୁଃଖିତ। ପାଠକମାନେ ଆମ ସହିତ ସହଯୋଗ କରିବେ ବୋଲି ଆଶା।

ଏ ପୁସ୍ତକ ଓଡ଼ିଶାର ଛାତ୍ର, ଅଧ୍ୟାପକ ସମାଲୋଚକ ତଥା ବୁଦ୍ଧିଜୀବୀ ମାନଂକର କାମରେ ଲାଗିପାରିଲେ ଆମର ଉଦ୍ଦେଶ୍ୟ ସଫଳ ହେବ।

ରାଉରକେଲା—୩,
ଉତ୍କଳ ଦିବସ—୧୯୮୯,

ସମ୍ପାଦକ,
ପ୍ରଗତି ଉତ୍କଳ ସଂଘ, ରାଉରକେଲା।

# ସଂପାଦକୀୟ—

## ଶତବର୍ଷର ସ୍ମରଣେ

ଶିଥିଳ ଅର୍ଥରେ, ଉପନ୍ୟାସ ହେଲା ଗଦ୍ୟରେ ଲିଖିତ କାଳ୍ପନିକ କାହାଣୀ । ଓଡ଼ିଆ ଭାଷାରେ ଉପନ୍ୟାସର ଏହି ଶିଥିଳ ଅର୍ଥଗତ ପ୍ରୟୋଗ ୧୮୭୩ ମସିହାରେ ପ୍ରଥମେ ହୋଇଥିବାର ଦେଖିବାକୁ ମିଳେ । ୧୮୭୮ ମସିହାରେ ରାମଶଂକର ରାୟଙ୍କର 'ସୌଦାମିନୀ'ର ପ୍ରକାଶ ପର୍ଯ୍ୟନ୍ତ ଓଡ଼ିଆ ଉପନ୍ୟାସ ଆଧୁନିକ ଅର୍ଥରେ ଜନ୍ମ ଲାଭ କରି ନ ଥିଲା । ଦୁଃଖର ବିଷୟ 'ଉତ୍କଳ ମଧୁପ'ର ପୃଷ୍ଠା ଅତିକ୍ରମ କରି 'ସୌଦାମିନୀ' ପୁସ୍ତକ ଆକାରରେ ଆତ୍ମପ୍ରକାଶ କରି ପାରି ନଥିଲା । 'ଉତ୍କଳମଧୁପ'ର ଅକାଳ ମୃତ୍ୟୁ ହେତୁ 'ସୌଦାମିନୀ' ଅପୂର୍ଣ୍ଣାଙ୍ଗ ରହିଯାଇଥିଲା । ଖ୍ରୀ. ୧୮୭୮ ରୁ ୧୮୮୯ ମସିହା ପର୍ଯ୍ୟନ୍ତ ଏହିଭଳି ଅସମ୍ପୂର୍ଣ୍ଣ ଅସଫଳ ପ୍ରଚେଷ୍ଟା ପାଞ୍ଚଥର ବିଭିନ୍ନ ପତ୍ରିକା ପୃଷ୍ଠାରେ ହୋଇଥିବାର ଦେଖିବାକୁ ମିଳେ ।

୧୮୮୯ ମସିହା ଓଡ଼ିଆ ସାହିତ୍ୟ ପାଇଁ ଆଶା ଓ ଭବିଷ୍ୟତର ସନ୍ଧାନ ଦେଇ ଆସିଥିଲା । ଏହି ବର୍ଷ ଓଡ଼ିଶାବାସୀ ବଂଗାଳୀ ଓ ଉଚ୍ଚଶିକ୍ଷିତ ଉମେଶଚନ୍ଦ୍ର ସରକାର ଓଡ଼ିଆ ଉପନ୍ୟାସ ରଚନାରେ ମନଃନିୟୋଗ କରି ଏକ ଐତିହାସିକ କାର୍ଯ୍ୟ ସମ୍ପନ୍ନ କରିଥିଲେ । କଟକ ପ୍ରିଣ୍ଟିଂ କମ୍ପାନୀର ମୁଦ୍ରାଯନ୍ତ୍ରର 'ଗର୍ଭରୁ ଓଡ଼ିଆ ଭାଷାର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ ଆତ୍ମ ପ୍ରକାଶ କରିଥିଲା । ଉତ୍କଳ ଭାରତୀ ବହୁବାର ବ୍ୟର୍ଥତାର ସମ୍ମୁଖୀନ ହୋଇ ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ ଶିଶୁକୁ ୧୮୮୯ ମସିହାରେ ହିଁ ଜନ୍ମ ଦେଇଥିଲେ । ଖ୍ରୀ: ୧୮୮୯ ମସିହା ତେଣୁ ଓଡ଼ିଆ ସାହିତ୍ୟ ପାଇଁ ଏକ ସ୍ମରଣୀୟ ବର୍ଷ ।

ଖ୍ରୀ: ୧୮୮୯ ମସିହାରେ ପ୍ରକାଶିତ ହେଲେ ବି ଉମେଶଚନ୍ଦ୍ର ପ୍ରଥମ ସଂସ୍କରଣର ଭୂମିକା ଲେଖିଥିଲେ ଖ୍ରୀ: ୧୮୮୮ ମସିହା ଅକ୍ଟୋବର ମାସ ୧୯ ତାରିଖରେ । ଇତି-ମଧ୍ୟରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ୧୮୮୮ କୁ ଉପନ୍ୟାସର ଜନ୍ମବର୍ଷ ଭାବରେ ଗ୍ରହଣ କରି ଗତବର୍ଷ ବହୁ ଆଡ଼ମ୍ବରରେ ଉପନ୍ୟାସ ଶତବାର୍ଷିକୀ ପାଳନ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ର ମୁଖପତ୍ର 'କୋଣାର୍କ'ର ଏକ 'ଉପନ୍ୟାସ ଶତବାର୍ଷିକୀ ବିଶେଷ ସଂଖ୍ୟା' ଦୀର୍ଘ କଳେବର ନେଇ ଆତ୍ମ-ପ୍ରକାଶ କରିଛି । ଏହା ବାହାରେ ଓଡ଼ିଶାର ଆହୁରି ଅନେକ ଖ୍ୟାତ ଅଖ୍ୟାତ ଅନୁଷ୍ଠାନ ଓ ପତ୍ର ପତ୍ରିକା ଏହି ଶତବାର୍ଷିକୀ ଅବସରରେ ଯୋଗ ଦେଇଛନ୍ତି । ସମସ୍ତ ଶ୍ରଦ୍ଧା ସହ ଓ ସେମାନଙ୍କର ଉଦ୍ୟମକୁ ପ୍ରଶଂସା କରି ବି ଏହି ଅଜ୍ଞତା ପାଇଁ ଦୁଃଖ ପ୍ରକାଶ କରାଯାଇ ପାରେ ।

ଓଡ଼ିଆ ସାହିତ୍ୟର ଇତିହାସରେ ପ୍ରତିଷ୍ଠିତ ବିଭିନ୍ନ ସାହିତ୍ୟ-ରୂପ ମଧ୍ୟରେ ଉପନ୍ୟାସ ଅର୍ବାଚୀନ ହେଲେ ହେଁ ପ୍ରସାର ବୈଚିତ୍ର୍ୟ ଓ ଗୁଣ ସଂଯୋଗ ଦୃଷ୍ଟିରୁ ଏହାର ସ୍ଥାନ ପ୍ରଥମ । ଆଧୁନିକ ସାହିତ୍ୟ ଗଦ୍ୟ ଭାଷାର ସାହିତ୍ୟ, ଆଉ ଉପନ୍ୟାସ ହେଲା

ଗଦ୍ୟର ସାହିତ୍ୟ । ତେଣୁ ଓଡ଼ିଆ ଉପନ୍ୟାସର ଶତବର୍ଷର ସ୍ମୃତିଚାରଣ କଲାବେଳେ ଓଡ଼ିଆ ଜୀବନ ସଂଗ୍ରାମର ସ୍ମୃତି ଚାରଣ କଲାଭଳି ମନେହୁଏ । ଇତିହାସ କେବଳ ଐତିହାସିକ ଉପନ୍ୟାସର ଭିତ୍ତି ନୁହେଁ, ଏହା ପ୍ରତ୍ୟେକ ଉପନ୍ୟାସର ଅନ୍ତରାତ୍ମା । ଶହେ ବର୍ଷର ଓଡ଼ିଆ ଉପନ୍ୟାସ ଐତିହାସିକ ଓଡ଼ିଶାର ଜୀବନବାଣୀ ।

'ପଦ୍ମମାଳୀ' ଉପନ୍ୟାସ ଏହି ଜୀବନ ବାଣୀର ପ୍ରଥମ ଓଁକାର । 'ପ୍ରଗତି ଉତ୍କଳ ସଂଘ' ଓଡ଼ିଆ ଉପନ୍ୟାସର ଶତବାର୍ଷିକୀ ପାଳନ ଏକ ପବିତ୍ର ଜାତୀୟ କର୍ତ୍ତବ୍ୟ ଭାବରେ ଗ୍ରହଣ କରି ନେଇଛି । ପଦ୍ମମାଳୀ'ର ପ୍ରକାଶନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପାଇଁ ଯେଉଁ ନୂଆ ବାର୍ତ୍ତା ଧରି ଆସିଥିଲା, ନିଜ ସାଙ୍ଗରେ ସମ୍ଭାବନାର ଯେଉଁ ପ୍ରତିଶ୍ରୁତି ବହନ କରି ଆଣିଥିଲା, 'ପ୍ରଗତି ଉତ୍କଳ ସଂଘ' ତାକୁ ସ୍ମରଣ କରିବା ଆପଣାର ଅତ୍ୟାବଶ୍ୟକ କାର୍ଯ୍ୟବୋଲି ମନେ କରିଛି ।

ସମୟ ଆପଣା ପାଇଁ କଥା କୁହେ । ସେ କଥା ଭିତରେ ଅତୀତର ଅନୁରଣନ ଯେଭଳି ଥାଏ, ଭବିଷ୍ୟତର ଇଂଗିତ ଧରି ତାହା ମଧ୍ୟ ଆସିଥାଏ । 'ପଦ୍ମମାଳୀ' ଯେଉଁ ସମୟରେ ଲେଖା ହୋଇଥିଲା, ସମକାଳୀନ ବୁଦ୍ଧିଜୀବୀ ସଂପ୍ରଦାୟ ତାକୁ କିଭଳି ଗ୍ରହଣ କରିଥିଲେ, ଅତୀତର ସ୍ମାରକୀ ଓ ଭବିଷ୍ୟତର ବାର୍ତ୍ତାବହ ରୂପେ ତାକୁ କିଭଳି ସଂବର୍ଦ୍ଧନା କରିଥିଲେ ତାହା ଏବେ ସ୍ମରଣ କରିବା ଉଚିତ । ସମକାଳୀନ ପ୍ରତିନିଧିମାନେ ଉମେଶଚଂଦ୍ରଙ୍କୁ କିଭଳି ଗ୍ରହଣ କରିଥିଲେ ତାହା ଜାଣିବା ପାଇଁ ପ୍ରଥମ ଲେଖାଟିର ଅବତାରଣା । ପରବର୍ତ୍ତୀ ଲେଖା ଗୁଡ଼ିକରେ ଆଜିର ସଂସ୍କୃତି ସଂପୃକ୍ତ ଗବେଷକ-ସମାଲୋଚକ ମାନେ 'ପଦ୍ମମାଳୀ' ସମ୍ପର୍କରେ ସେମାନଙ୍କର ବିଶ୍ଳେଷଣ ଓ ବକ୍ତବ୍ୟ ଉପସ୍ଥାପନ କରି ଯାଇଛନ୍ତି ।

ଊନବିଂଶ ଶତକର ସପ୍ତମ ଦଶକରେ କେଂଦୁଝର ଗଡ଼ରେ ପ୍ରଥମେ ରଜାଙ୍କ ବିରୁଦ୍ଧରେ ଏକ ବିଦ୍ରୋହର ଧ୍ୱନି ଶୁଣାଯାଇଥିଲା । ପରେ ସେହି ବିଦ୍ରୋହ ଭିତରୁ ଦେଖା ଦେଇଥିଲା ଉପନିବେଶବାଦୀ ସରକାର କବଳରୁ ମୁକ୍ତିର ସ୍ୱପ୍ନ । ଏହି ସ୍ୱପ୍ନ ଯେଉଁ ବିପ୍ଳବର ସ୍ଫୁଲିଂଗ ସୃଷ୍ଟି କରିଥିଲା ତାହା ସମକାଳୀନ ଶାସନତନ୍ତ୍ରକୁ ଝଲସାଇ ଦେଇଥିଲା । ରତ୍ନାକର ସିଂହ ବା ରତନା ନାଏକ ଥିଲେ ଏହି ବିପ୍ଳବର ପୁରୋହିତ । ବକ୍ସୀ ଜଗବଂଧୁ ବିଦ୍ୟାଧର, ବୀର ସୁରେଂନ୍ଦ୍ର ସାଏଙ୍କ ଭଳି ରତ୍ନାକର ଆଜି ଜାତିର ନମସ୍ୟ ହେବା କଥା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଦେଶ ପାଇଁ ବ୍ରିଟିଶ୍‌ର ଫାଶି କାଠରେ ଝୁଲିଥିବା ଏହି ସାଧକ-ପ୍ରବର ଏବେ ମଧ୍ୟ ଅପୂଜା ଦେବତା ହୋଇ ରହିଯାଇଛନ୍ତି । ଉମେଶଚନ୍ଦ୍ର, ଶ୍ରୀହରିଦାସୀ ଛଦ୍ମନାମରେ ଲେଖିଥିବା କେନ୍ଦୁଝର ବିଦ୍ରୋହ ନାମକ ଉପନ୍ୟାସରେ ରତ୍ନାକରଙ୍କୁ ନାୟକ ଆସନରେ ଅଭିଷିକ୍ତ କରାଇ ଅଛନ୍ତି । ବିଭିନ୍ନ କାରଣରୁ କେନ୍ଦୁଝର ବିଦ୍ରୋହ କେବଳ ଅସଂପୂର୍ଣ୍ଣ ରହିଯାଇ ନଥିଲା ତାହା ପତ୍ରିକା ପୃଷ୍ଠାରେ ହିଁ ସୀମାବଦ୍ଧ ଥିଲା । 'ପ୍ରଗତି ଉତ୍କଳ ସଂଘ' ସେହି ବୀରପୁରୁଷଙ୍କୁ ତଥା ଓଡ଼ିଆ ଜାତିର ପ୍ରଥମ ଔପନ୍ୟାସିକ ଉମେଶଚଂଦ୍ରଂକୁ ଶ୍ରଦ୍ଧାଂଜଳି ଜ୍ଞାପନ କରିବା ଉଦ୍ଦେଶ୍ୟରେ ଅସଂପୂର୍ଣ୍ଣ 'କେନ୍ଦୁଝର ବିଦ୍ରୋହ'ର ଦୁଷ୍ପ୍ରାପ୍ୟ ପୃଷ୍ଠା ସବୁକୁ ଆଧୁନିକ ପାଠକ ମାନଂକ ସମ୍ମୁଖରେ ପରିବେଷଣ କରୁଛି ।

# ॥ ଉମେଶଚନ୍ଦ୍ର ସରକାର ॥

ଡାକ୍ତର କୈଳାସ ଚନ୍ଦ୍ର ରାଉ

ସ୍ୱର୍ଗତ ଉମେଶ ଚନ୍ଦ୍ର ସରକାର୍‌ ଓଡ଼ିଶାର ସର୍ବପ୍ରଥମ ଉପନ୍ୟାସ ଲେଖକ । ସେ ଓଡ଼ିଆ ଭାଷାରେ ପ୍ରଥମେ ଉପନ୍ୟାସ ଲେଖିଥିଲେ । ତାହାଙ୍କ ଲିଖିତ 'ପଦ୍ମମାଳୀ' ଓଡ଼ିଆ ଭାଷାରେ ସର୍ବ ପ୍ରଥମ ଐତିହାସିକ ଉପନ୍ୟାସ, ୧୮୮୮ ଖ୍ରୀଷ୍ଟାବ୍ଦରେ ଢେଙ୍କାନାଳ ଠାରୁ ପ୍ରକାଶିତ । ନୀଳଗିରି ରାଜ୍ୟର କର୍ମଚାରୀମାନଙ୍କ ଦ୍ୱାରା ପାଞ୍ଚଗଡ଼ ଆକ୍ରମଣ ଓ ହରିହର ଭ୍ରମରବରଙ୍କ ଦ୍ୱାରା ନୀଳଗିରି ଆକ୍ରମଣ, ଏହି ଦୁଇଗୋଟି ଐତିହାସିକ ଘଟଣା ଅବଲମ୍ବନରେ ଲିଖିତ ଓ ପ୍ରସଂଗକ୍ରମେ ନୀଳଗିରି ରାଜ୍ୟର ଇତିବୃତ୍ତ ଓ ପାଞ୍ଚଗଡ଼ ନୀଳଗିରିର ଅଧିକାରରୁ ଚ୍ୟୁତ ହୋଇ ଗଭର୍ଣ୍ଣମେଣ୍ଟଙ୍କ ଖାସମାହାଲ ଭୁକ୍ତ ହେବା ବିଷୟମାନ ଏଥିରେ ସନ୍ନିବେଶିତ । ଶିକ୍ଷିତ ସମାଜରେ ଏହି ପୁସ୍ତକ ଶ୍ରେଣୀ ଯଥେଷ୍ଟ ସମାଦର ଲାଭ କରିଥିଲା ଏବଂ ଏଥିର ଭାଷା ପ୍ରାଞ୍ଜଳ ଓ ଦୋଷ ବର୍ଜିତ ଥିବାରୁ କଲିକତା ବିଶ୍ୱବିଦ୍ୟାଳୟ ଦ୍ୱାରା ଓଡ଼ିଆ ପାଠ୍ୟ ପୁସ୍ତକ ରୂପେ ଏହା ନିର୍ବାଚିତ ହୋଇଥିଲା । 'ପଦ୍ମମାଳୀ'ର ଦ୍ୱିତୀୟ ସଂସ୍କରଣ ୧୯୧୬ ଖ୍ରୀଷ୍ଟାବ୍ଦରେ ତାଳଚେର ଗଡ଼ଠାରୁ ଏବଂ ତୃତୀୟ ସଂସ୍କରଣ ୧୯୩୦ରେ କଟକ ଲକ୍ଷ୍ମୀନାରାୟଣ ପ୍ରେସରୁ ପ୍ରକାଶିତ ହୋଇଥିଲା । ଉତ୍କଳ ସାହିତ୍ୟର ଗୌରବ ବର୍ଦ୍ଧନ ଓ ଉତ୍କଳୀୟ ଜନ ସମାଜର ପ୍ରୀତି ସଂପାଦନ ଉମେଶ ଚନ୍ଦ୍ରଙ୍କ ଲକ୍ଷ୍ୟ ଥିଲା ।


ଉମେଶ ଚନ୍ଦ୍ର ୧୮୫୭ ମସିହାରେ ପୁରୀ ଧାମରେ ଜନ୍ମ ଗ୍ରହଣ କରିଥିଲେ । ତାହାଂକ ପିତା ଈଶ୍ୱର ଚନ୍ଦ୍ର ଗଭର୍ଣ୍ଣମେଣ୍ଟଙ୍କ ଅଧୀନରେ ନିମକ ଦାରୋଗା ରୂପେ କାର୍ଯ୍ୟ କରୁଥିଲେ । ପିତାଙ୍କର ଦୁଇପୁତ୍ର ଓ ଏକ କନ୍ୟା ମଧ୍ୟରୁ ଉମେଶ ଚନ୍ଦ୍ର ସର୍ବ କନିଷ୍ଠ । ଅଳ୍ପ ବୟସରେ ବସନ୍ତରୋଗରେ ଈଶ୍ୱର ଚନ୍ଦ୍ରଂକ ମୃତ୍ୟୁ ହେବାରୁ ଦୁଇବର୍ଷ ବୟସ୍କ ବାଳକ ଉମେଶ ଚନ୍ଦ୍ର ଜ୍ୟେଷ୍ଠଭ୍ରାତା, ଭଗିନୀ ଓ ଜନନୀଙ୍କ ସହିତ କଟକକୁ ଆସି କାଜି ବଜାରରେ ଆତ୍ମୀୟ କୁଟୁମ୍ବଂକ ସାହାଯ୍ୟରେ ବି. ଏ. ପର୍ଯ୍ୟନ୍ତ ଅଧ୍ୟୟନ କରି ପ୍ରଥମେ ଓଡ଼ିଶାର କମିଶନର୍‌ ସାହେବଂକ ଅଫିସରେ କାର୍ଯ୍ୟ ଆରମ୍ଭ କରିଥିଲେ । ତାହାଂକ ବୁଦ୍ଧି, ବିବେଚନା ଓ କାର୍ଯ୍ୟଦକ୍ଷତା ହେତୁ ସେ କ୍ରମେ ଢେଂକାନାଳରେ ଆସିଷ୍ଟାଣ୍ଟ୍‌ ମ୍ୟାନେଜର୍‌ ତାଳଚେର ଓ କନିକାର ମ୍ୟାନେଜର ପଦମାନ ପ୍ରାପ୍ତ ହୋଇଥିଲେ । ସେହି ସମୟରେ ଉକ୍ତ ରାଜ୍ୟମାନ କୋର୍ଟ ଅଫ୍‌ ଓ୍ୱାର୍ଡ୍‌ସଂକ ଅଧୀନ ଥିଲା ଏବଂ ଗଭର୍ଣ୍ଣମେଣ୍ଟ ସ୍ୱୟଂ ଉକ୍ତ ରାଜ୍ୟମାନ ପରିଚାଳନା କରୁଥିଲେ । ଢେଂକାନାଳରେ କାର୍ଯ୍ୟ କରୁଥିବା ସମୟରେ ୧୮୮୮ ଖ୍ରୀଷ୍ଟାବ୍ଦରେ ତାହାଂକ ରଚିତ 'ପଦମାଳୀ' ପ୍ରଥମେ ପ୍ରକାଶିତ ହେଲା । କନିକାରେ ଥିବା ସମୟରେ ଅସୁସ୍ଥତା ହେତୁ ତାହାଂକୁ ରାଜକାର୍ଯ୍ୟରୁ ଅବସର ଗ୍ରହଣ କରିବାକୁ ହୋଇଥିଲା ୧୮୯୯ । ରୋଗର ଉପଶମ ହୁଅନ୍ତେ ସେ

କଟକ କାଜିବଜାରସ୍ଥ ଖ୍ରୀଷ୍ଟ ଦାସ ଭବନରେ ଆଇ ଓଡ଼ିଆ ସାହିତ୍ୟ ସେବାରେ ମନ-ଯୋଗୀ ହୋଇଥିଲେ ଏବଂ ତାହାଁର ଫଳସ୍ୱରୂପ ସତ୍ୟୋଧର୍ମୀ 'ସତ୍ୟୋକଣ୍ଠ' ନାମକ ଓଡ଼ିଆ ଐତିହାସିକ ନାଟକ ପ୍ରକାଶିତ ହୋଇଥିଲା । ସେ ଛଦ୍ମନାମ ଗ୍ରହଣ କରି ଓଡ଼ିଆ ଭାଷାରେ ଗୀତମାଳିକା, ମହମ୍ମଦସ୍ତବ ନାମକ ଦୁଇଖଣ୍ଡ ପୁସ୍ତିକା ମଧ୍ୟ ପ୍ରକାଶ କରିଥିଲେ । 'ମୁକୁର' ନାମକ "ଓଡ଼ିଆ" ମାସିକ ପତ୍ରିକାର ସେ ଜଣେ ପ୍ରଧାନ ଲେଖକ ଥିଲେ । ସେଥିରେ ସେ 'ଉଦାସୀ' ଏହି ଛଦ୍ମନାମ ଗ୍ରହଣ କରି "କେନ୍ଦୁଝର ବିଦ୍ରୋହ" ନାମକ ଏକ ଐତିହାସିକ ଉପନ୍ୟାସ ଧାରାବାହିକ ରୂପେ ପ୍ରକାଶ କରୁଥିଲେ । କିନ୍ତୁ ତାହା ସମ୍ପୂର୍ଣ୍ଣ ହୋଇପାରି ନଥିଲା ।

ଇଂରାଜୀ ସାହିତ୍ୟରେ ମଧ୍ୟ ଉମେଶଚନ୍ଦ୍ରଙ୍କ ଯଥେଷ୍ଟ ପାରଦର୍ଶିତା ଥିଲା ଏବଂ ସେ ଇଂରାଜୀରେ ମଧ୍ୟ କେତେଖଣ୍ଡି ପୁସ୍ତକ ପ୍ରଣୟନ କରିଥିଲେ । ସେଥି ମଧ୍ୟରୁ ସହଜ ଇଂରାଜୀ ଶିକ୍ଷା ପ୍ରଥମଭାଗ(**Easy way to Learn English, Part I, Temple of Truth, Speaking the Truth**) ଓ ଶ୍ରୀଭୋଗଦେଶର ଇଂରାଜୀ ପଦ୍ୟାନୁବାଦ (ଅର୍ଥାଭାବରୁ ଅପ୍ରକାଶିତ) ଉଲ୍ଲେଖଯୋଗ୍ୟ । ଶେଷ ବୟସରେ ଅର୍ଥାଭାବ ହେତୁ ତାହାଙ୍କୁ ପୁଣି ତାଳଚେର ରାଜାଂକର 'ଅଡିଟର' ପଦ ଗ୍ରହଣ କରି-ବାକୁ ପଡ଼ିଥିଲା (୧୯୧୧) ଏବଂ ସେହିଠାରେ ସେ ଆମାଶୟ ରୋଗରେ ୧୯୧୪ ଖ୍ରୀଷ୍ଟାବ୍ଦରେ ଇହଲୀଳା ସମ୍ବରଣ କଲେ ।

ତାହାଂକର ତିନି ପୁତ୍ର ମଧ୍ୟରୁ ଜ୍ୟେଷ୍ଠପୁତ୍ର ଶ୍ରୀ ଅପୂର୍ବ କୃଷ୍ଣ ସରକାର ବି. ଏ. ଶିକ୍ଷା ବିଭାଗରେ ଗଭର୍ଣ୍ଣମେଣ୍ଟଂକ ଅଧୀନରେ କାର୍ଯ୍ୟ କରନ୍ତି । ତାହାଂକର ମଧ୍ୟ ଓଡ଼ିଆ ସାହିତ୍ୟ ପ୍ରତି ଅନୁରାଗ ଅଛି ଏବଂ ସେ ଓଡ଼ିଆ ଭାଷାରେ 'ଇଂଲଣ୍ଡର ଇତିହାସ' ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ ନାମକ ଦୁଇଖଣ୍ଡି ପୁସ୍ତକ ପ୍ରଣୟନ କରିଅଛନ୍ତି ।

(ସ୍ୱର୍ଗତ ଡାକ୍ତର କୈଳାଶ ଚଂଦ୍ର ସାଉଁଙ୍କର ଏହି ସଂକ୍ଷିପ୍ତ ପ୍ରବନ୍ଧଟି 'ପୂର୍ଣ୍ଣଚଂଦ୍ର ଓଡ଼ିଆ ଭାଷାକୋଷ" ସପ୍ତମ ଖଣ୍ଡ ପୃ: ୮୬୬୨ ଓ ପୃ: ୮୬୬୩ ରୁ ଉଦ୍ଧୃତ । ପରବର୍ତ୍ତୀ ସମୟରେ ସ୍ୱର୍ଗତ ଗୋକୁଳ ଚଂଦ୍ର ଶତପଥୀ, 'ପଦ୍ମମାଳୀ' ଚତୁର୍ଥ ସଂସ୍କରଣର ପ୍ରକାଶକ ଓ ଡାକ୍ତର କୃଷ୍ଣଚରଣ ବେହେରା, ଉମେଶ ଚଂଦ୍ରଂକର ପରିଚୟ ଦେବାପାଇଁ ଏହି ପ୍ରବଂଧ ଉପରେହିଁ ନିର୍ଭର କରିଛନ୍ତି । 'ପଦ୍ମମାଳୀ' ପ୍ରଥମ ସଂସ୍କରଣର ଭୂମିକା ୧୮୮୮ ରେ ଲେଖାହୋଇଥିଲେ ମଧ୍ୟ ପୁସ୍ତକଟି ୧୮୮୯ ରେ ପ୍ରକାଶିତ ହୋଇଥିଲା । ପ୍ରଥମ ସଂସ୍କରଣ ଭୂମିକା ଉପରେ ନିର୍ଭର କରି ଥିବାରୁ ଏହି ପ୍ରବଂଧ ସମେତ ଅନ୍ୟ ଆଲୋଚକ ମାନେ ୧୮୮୮ କୁ 'ପଦ୍ମମାଳୀ'ର ପ୍ରକାଶ ବର୍ଷ ରୂପେ ଉଲ୍ଲେଖ କରିଛନ୍ତି । ପାଠକ ମାନଂକର ସହଜ ଅବଗତି ନିମନ୍ତେ ପ୍ରବଂଧଟି ଏଠାରେ ପୁନଃମୁଦ୍ରିତ କରାଯାଇଛି—ସଂପାଦକ)




'ପଦ୍ମମାଳୀ' ପ୍ରଥମ ସଂସ୍କରଣର ପ୍ରଚ୍ଛଦ
(ଡକ୍ଟର କୃଷ୍ଣଚରଣ ବେହେରାଙ୍କ ସୌଜନ୍ୟରୁ ପ୍ରାପ୍ତ)

# ପଦ୍ମମାଳୀ: ସମକାଳୀନ ଚିନ୍ତାବୃତ୍ତ

ସଂ. ଓ ଭୂମିକା—ଦେବବ୍ରତ

## ଭୂମିକା

୧୮୮୯ ମସିହା ଏପ୍ରିଲ୍ ମାସରେ ଉମେଶଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ' ଉପନ୍ୟାସ ପ୍ରକାଶ ପାଇଥିଲା (୧) । ଲେଖକ ଏହାକୁ 'ଓଡ଼ିଶା ଗଡ଼ଜାତ ମହାଲର ଏକ ଐତିହାସିକ ଉପନ୍ୟାସ' ରୂପେ ଅଭିହିତ କରିଥିଲେ । ପ୍ରକାଶିତ ହେଲା ପରେ ପରେ ସମକାଳୀନ ପତ୍ରିକା ମାନଙ୍କରେ 'ପଦ୍ମମାଳୀ'ର ସମୀକ୍ଷା ସବୁ ପ୍ରକାଶିତ ହୋଇଥିଲା । ଏଠାରେ ଓଡ଼ିଶାରେ ତିନୋଟି ଅଂଚଳରୁ ପ୍ରକାଶିତ ହେଉଥିବା ତିନୋଟି ସମ୍ବାଦ-ପତ୍ରରେ ପ୍ରକାଶିତ ସମୀକ୍ଷା ଉଦ୍ଧାର କରାଯାଇଛି । ବାଲେଶ୍ବରରୁ ପ୍ରକାଶିତ 'ବାଲେଶ୍ବର ସମ୍ବାଦ ବାହିକା'ର ଦ୍ବାବିଂଶ ବର୍ଷ ଅଷ୍ଟାଦଶ ସଂଖ୍ୟା (ତା ୨୫।୧୮୮୯ଖ୍ରୀ) ପୃ ୭୦-୭୧ (୨) କଟକରୁ ପ୍ରକାଶିତ 'ଉତ୍କଳ ଦୀପିକା'ର ଚତୁର୍ବିଂଶ ବର୍ଷ ଅଷ୍ଟାଦଶ ସଂଖ୍ୟା (ତା ୪।୫।୧୮୮୯) ପୃ ୧୪୧ ଓ ଦେଓଗଡ଼ରୁ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀର ପ୍ରଥମ ବର୍ଷ, ଏକତ୍ରିଂଶ, ଦ୍ବାତ୍ରିଂଶ, ତ୍ରୟତ୍ରିଂଶ, ଚତୁଃତ୍ରିଂଶ ଓ ଷଡ଼ତ୍ରିଂଶ ସଂଖ୍ୟା (୨୯।୧।୧୮୯୦, ୫।୨।୯୦, ୧୨।୨।୯୦, ୧୯।୨।୯୦ ଓ ୫।୩।୯୦) ପୃ ୧୨୨, ପୃ ୧୨୭, ପୃ ୧୩୦-୩୧, ପୃ ୧୩୪ ଓ ପୃ ୧୪୨ରେ ଏଗୁଡ଼ିକ ପ୍ରକାଶିତ ହୋଇଥିଲା । ଉମେଶଚନ୍ଦ୍ର ଉତ୍କଳ ଦୀପିକା'ରେ ପ୍ରକାଶିତ ସମାଲୋଚନାର ଏକ ଉତ୍ତର ଲେଖିଥିଲେ । ତାହା ଉତ୍କଳ ଦୀପିକା ଚତୁର୍ବିଂଶ ବର୍ଷ ବିଂଶ ସଂଖ୍ୟା (୧୯।୫।୧୮୮୯) ପୃ ୧୫୭-୫୮ ରେ ପ୍ରକାଶିତ ହୋଇଥିଲା, ଯାହା ମଧ୍ୟ ଏଠାରେ ଉଦ୍ଧୃତ । ସଂପୃକ୍ତ ଲେଖା ଗୁଡ଼ିକ (A), (B), (C), ଓ (D) କ୍ରମରେ ସଜାଯାଇଛି । ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ ଲେଖାର ଛଅଗୋଟି ଧାଡ଼ି ବ୍ୟବହୃତ ହୋଇଥିବା ହିତୈଷିଣୀ ନଷ୍ଟ ହୋଇଥିବା ହେତୁ ବାଦ ପଡ଼ିଛି । ସେହି ଅଂଶ '.........' ଦେଇ ଚିହ୍ନିତ କରାଯାଇଛି । (୩) ପ୍ରଥମ ଆଲୋଚନାକୁ ବାଦଦେଲେ ଅନ୍ୟ ଦୁଇଟି ଆଲୋଚନା ଓ ଉମେଶଚନ୍ଦ୍ରଙ୍କର ପ୍ରତିକ୍ରିୟା କୌଣସି ଗବେଷକଙ୍କ ଦୃଷ୍ଟି ଆକର୍ଷଣ କରିନାହିଁ ।

ପ୍ରତ୍ୟେକ ' ଲେଖା କେବଳ ସମକାଳର କଥା କୁହେ ନାହିଁ— ଅତୀତର ସ୍ମୃତି ଓ ଭବିଷ୍ୟତର ଇଂଗିତ ମଧ୍ୟ ତାହା ଦେଇଥାଏ । ତାହାର ଲେଖକ ଆପଣା ଚିନ୍ତା ଓ କଳ୍ପନାର ପରିସୀମାର ସୂଚନା ମଧ୍ୟ ଏକସଂଗରେ ଦେଇଥାନ୍ତି । ଉଦ୍ଧୃତ ସୁବେଶି ଲେଖା ସମକାଳୀନ ତଦ୍‌ବ୍ୟାପୀ ଆଦି ଦ୍ବାରା କେବଳ ଚିହ୍ନିତ ନୁହେଁ, ସମକାଳ ଗୋଟିଏ ବହିକୁ କିଭଳି ସମାଲୋଚନା କରେ, ସମାଲୋଚନାର ଅଂଗ ହିସାବରେ କ କ ବିଷୟକୁ ଗ୍ରହଣ କରେ, ତାହା ମଧ୍ୟ ଏ ସବୁ ଆଲୋଚନାରୁ ଜଣାଯାଏ । ସବୁଠାରୁ ଗୁରୁତ୍ବପୂର୍ଣ୍ଣ ହେଲା 'ପଦ୍ମମାଳୀ' ଭଳି ଏକ ଉପନ୍ୟାସକୁ ସମକାଳର

ଚନ୍ଦ୍ରାବଦ୍‌ମାନେ କଉଳ ଦୃଷ୍ଟିରେ ଗ୍ରହଣ କରିଥିଲେ । ସମୀକ୍ଷା ତିନୋଟିର ଲେଖକ ଯଥା : ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ଗୌରୀଶଙ୍କର ରାୟ ଓ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସମକାଳୀନ ଓଡ଼ିଶାର ତିନିଜଣ ବୁଦ୍ଧିଜୀବି । ସେମାନଙ୍କର ପ୍ରଚେଷ୍ଟା ପରବର୍ତ୍ତୀ ଲେଖକ ମାନଂକ ପାଇଁ ସୃଜନାରେ ମାର୍ଗ ପ୍ରସ୍ତୁତ କରିଥିଲ

ଉତ୍କଳ ଦୀପିକାରେ ପ୍ରକାଶିତ ସମୀକ୍ଷାର ଭାଷା କେବଳ ସ୍ପଷ୍ଟ ନୁହେଁ, ପରିମିତ ପରିସରରେ ଉପନ୍ୟାସର ଦୋଷଗୁଣ ସମ୍ପର୍କରେ ଆଲୋଚନା ସେଥିରେ ସ୍ଥାନିତ । ଉପନ୍ୟାସସ୍ଥ କାହାଣୀର ସାରକଥା କହିବାରେ ଗୌରୀଶଙ୍କରଙ୍କର ସ୍ପୃହା ନାହିଁ । ଗୋବିନ୍ଦଚନ୍ଦ୍ର ସାରକଥା କହିଛନ୍ତି ଓ ତାଙ୍କ ଆଲୋଚନାର ତାହା ଦୁଇ-ତୃତୀୟାଂଶ ସ୍ଥାନ ମାଡ଼ିବସିଛି । ସମ୍ବଲପୁର ହିତୈଷିଣୀରେ ମୁଖ୍ୟତଃ ଉପନ୍ୟାସର କାହାଣୀ ହିଁ ଉପସ୍ଥାପିତ । ଉପନ୍ୟାସ ଉପରେ କେତେକ ମାମୁଲି ମନ୍ତବ୍ୟ ଦେବା ଅପେକ୍ଷା ବିଦ୍ୟାରତ୍ନ ମହାଶୟ ଆଉ ଅଧିକ ଅଗ୍ରସର ହୋଇ ନାହାନ୍ତି । କିନ୍ତୁ ତିନିଜଣ ଯାକ ସମୀକ୍ଷକ କାହାଣୀଟିକୁ ସ୍ପଷ୍ଟ ଭାବରେ ତୁଟି ଉପସ୍ଥାପନ କରିନାହାନ୍ତି । ଗୌରୀଶଙ୍କର 'ନୀଳଗିରିର ବର୍ତ୍ତମାନ ରାଜାଙ୍କର ଅପ୍ରାପ୍ତ ବ୍ୟବହାର ବ୍ୟବସ୍ଥାରେ ସେହି ରାଜ୍ୟର ଜଣେ ପ୍ରଧାନ ପାତ୍ର ଗୋଟିଏ ଭଦ୍ର ପରିବାର ପ୍ରତି ଘୋରତର ଅତ୍ୟାଚାର କରିଥିଲେ' କହି ତାଙ୍କର ଉପର ଠାକୁରିଆ ଅଧ୍ୟୟନର ସୂଚନା ଦେଇଛନ୍ତି । ସମ୍ବାଦ ବାହିକାର ଆଲୋଚନାରେ ମଧ୍ୟ 'ପଦ୍ମମାଳୀ' ର କଥାବସ୍ତୁ ଯଥାର୍ଥ ଭାବରେ ଉପସ୍ଥାପିତ ହୋଇନାହିଁ । ଆଲୋଚନାର ଚତୁର୍ଥ ଅନୁଚ୍ଛେଦ ତାହାର ଦୃଷ୍ଟାନ୍ତ । ସମ୍ବଲପୁର ହିତୈଷିଣୀ 'ପଦ୍ମମାଳୀ'ର କଥାବସ୍ତୁକୁ ବ୍ୟାପକ ଭାବେ ବର୍ଣ୍ଣନା କରିଥିଲେ ବି ବହୁ ସମୟ ପର୍ଯ୍ୟନ୍ତ 'ପଦ୍ମମାଳୀର' ଉଦ୍ଧାରକର୍ତ୍ତା ରାହୁତରା ପୃଥ୍ୱୀନାଥ ଭଞ୍ଜଦେବ ବୋଲି ଲିଖିତ । ମୋଟକଥା ହେଲା ଯେଉଁ ଅନ୍ତରଂଗତା ସହ ଉପନ୍ୟାସଟିକୁ ଅଧ୍ୟୟନ କରିବା କଥା ସମ୍ପୃକ୍ତ ତିନିଜଣ ଯାକ ସମୀକ୍ଷକ ତାହା କରି ନାହାନ୍ତି ।

'ପଦ୍ମମାଳୀ ଓଡ଼ିଶା ଭାଷାର ପ୍ରଥମ ଉପନ୍ୟାସ, ଏ ସମ୍ପର୍କରେ ତିନିଜଣ ଯାକ ସମ୍ପାଦକ ସୋଚ୍ଚାର । ଓଡ଼ିଆ ଭାଷାରେ ଉପନ୍ୟାସ ଲେଖି ଉମେଶଚନ୍ଦ୍ର ଏକ ଜାତୀୟ ତଥା ଐତିହାସିକ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି । Novel ନାମକ ସାହିତ୍ୟ-ରୂପର ଓଡ଼ିଆ ସାହିତ୍ୟରେ ପ୍ରଥମ ଅଭ୍ୟାଗମ ପାଇଁ ଉମେଶଚନ୍ଦ୍ରଙ୍କ କୃତିତ୍ୱକୁ ସେମାନେ ସମସ୍ତ ଅନ୍ତରଂଗତା ଦେଇ ପ୍ରକାଶ କରିଛନ୍ତି । ସମ୍ବାଦବାହିକା ତେଣୁ 'ପଦ୍ମମାଳୀ' ଉପନ୍ୟାସର ସମସ୍ତ ଦୋଷ ସମ୍ପର୍କରେ ସଚେତନ ଥାଇ ମଧ୍ୟ ତାହା କହିବା ପାଇଁ ପରାଙ୍ମୁଖ । ଗୌରୀଶଙ୍କର କିନ୍ତୁ ପରବର୍ତ୍ତୀ କାଳର ଔପନ୍ୟାସିକ ମାନଙ୍କୁ ସଚେତନ କରିବା ପାଇଁ ଦୋଷଭାଗକୁ ବିଶଦ ଭାବରେ ଦେଖାଇଛନ୍ତି ।

ପଦ୍ମମାଳୀର କଳାମୂଲ୍ୟ ଆଲୋଚନା ଦୃଷ୍ଟିରୁ ଏ ତିନୋଟି ସମୀକ୍ଷା ମଧ୍ୟରୁ ଗୌରୀଶଙ୍କରଂକ ସମୀକ୍ଷାର ଗୌରବ ସର୍ବାଧିକ । ବିଦ୍ୟାରତ୍ନ ପଦ୍ମମାଳୀର ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ ବି, ଉପନ୍ୟାସ ସମ୍ପର୍କରେ ତାଂକର ଧାରଣା ଅସ୍ପଷ୍ଟ ହୋଇଥିବାରୁ ପଦ୍ମମାଳୀର ଗୁଣାବଧାରଣ ଅତି ଦୁର୍ବଳ । ତାଙ୍କ ମତରେ 'ପୁସ୍ତକର ଭାଷା ଓ ରଚନାଛଟା ଉତ୍ତମ' । କିନ୍ତୁ 'ରଚନାଛଟା' କହିଲେ ସେ କ'ଣ ବୁଝନ୍ତି ଓ ତାହା କିପରି ଉତ୍ତମ ତାହାର ସୂଚନା ମଧ୍ୟ ସେ ଦେଇ ନାହାନ୍ତି । ସେଭଳି ଗଡଜାତରେ ଲୁଚି ରହିଥିବା 'ଅଜ୍ଞାତ ଓ କରୁଣ' କାହାଣୀକୁ ସତ୍ୟସଂଧ ଭାବରେ ଉପସ୍ଥାପିତ କରିଥିବାରୁ ବିଦ୍ୟାରତ୍ନ ମହାଶୟ ଉମେଶଚନ୍ଦ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଗୌରୀଶଙ୍କର ଐତିହାସିକ ଉପନ୍ୟାସ ହୋଇଥିବା ହେତୁ 'ପଦ୍ମମାଳୀ'ର ସୀମାବଦ୍ଧତା ସମ୍ପର୍କରେ ସଚେତନ । ତାଙ୍କ ଦୃଷ୍ଟିରେ ସମସ୍ତ ସୀମାବଦ୍ଧତା ଭିତରେ ଥାଇ ଉମେଶଚନ୍ଦ୍ର 'ଏକ ଏକସ୍ଥାନରେ କଳ୍ପନାର ସମ୍ୟକ ସ୍ଫୂର୍ତ୍ତି ଦେଖାଇଅଛନ୍ତି ।' ଉମେଶଚନ୍ଦ୍ରଙ୍କ ବର୍ଣ୍ଣନାଛଟା, ଓ ଅନୁଭୂତ ଦୃଶ୍ୟର ଉପସ୍ଥାପନା ମଧ୍ୟ ଗୌରୀଶଙ୍କରଙ୍କ ଦ୍ୱାରା ପ୍ରଶଂସିତ । ଗଡଜାତ ରାଜନୀତିର ପ୍ରତ୍ୟକ୍ଷ ଅଭିଜ୍ଞତା ତାଙ୍କ ଦୃଷ୍ଟିରେ ପଦ୍ମମାଳୀକୁ ବାସ୍ତବନିଷ୍ଠ କରିଛି ।

ପଦ୍ମମାଳୀର ଦୋଷ ସମ୍ପର୍କରେ ତିନିଜଣ ଯାକ ଆଲୋଚକ ଏକମତ । ପଦ୍ମମାଳୀର ଭାଷା ବଂଗଳା ମିଶା ଓଡ଼ିଆ ଓ ଅନେକ ସମୟରେ ତାହା ପାତ୍ରାନୁଗତ ନୁହେଁ—ଏ ସମ୍ପର୍କରେ ତିନିଜଣ ଯାକ ଅଭିଯୋଗ କରିଛନ୍ତି । ରୁଚିଗତ ଦୋଷ ମଧ୍ୟ ସେମାନଙ୍କ ବାକ୍ୟବାଣର ଶରବ୍ୟ ହୋଇଛି । ସେମାନେ ଉପନ୍ୟାସକୁ ପ୍ରଚଳିତ ସାମାଜିକ ରୁଚି ଓ ନୀତିର ମାନଦଣ୍ଡରେ ବିଚାର କରିଛନ୍ତି ।

ଏହି ତିନୋଟି ପୁସ୍ତକ ସମୀକ୍ଷାର ବଡକଥା ହେଲା—'ଉପନ୍ୟାସ' ସମ୍ପର୍କରେ ସଚେତନତା । ପ୍ରଥମ ଆଲୋଚନାରେ 'ପଦ୍ମମାଳୀ'କୁ ଏକ ଉପନ୍ୟାସ କୁହାଗଲେ ମଧ୍ୟ ତା'ର ସ୍ୱରୂପ ଓ ଲକ୍ଷଣ ସମ୍ପର୍କରେ କୌଣସି ସୂଚନା ନାହିଁ । ଗୌରୀଶଙ୍କରଙ୍କ ଆଲୋଚନାରେ ସାଧାରଣ ଉପନ୍ୟାସ ଓ ଐତିହାସିକ ଉପନ୍ୟାସ ମଧ୍ୟରେ ଥିବା ପାର୍ଥକ୍ୟର ଇଂଗିତ ବିଦ୍ୟମାନ । ଗୋଟିକରେ କଳ୍ପନା ନିରଂକୁଶ ହେଉଥିଲେ ଅନ୍ୟଟିରେ ଇତିହାସର ସତ୍ୟ ଦ୍ୱାରା କଳ୍ପନାର ପକ୍ଷୀ କାରାରୁଦ୍ଧ । ବାସ୍ତବତା ଯେ ଉପନ୍ୟାସର ଏକ ବିଶେଷ ଗୁଣ ଗୌରୀଶଙ୍କର ଏହାର ଇଂଗିତ ଦେଇଛନ୍ତି । ନୀଳମଣି ବିଦ୍ୟାରତ୍ନଙ୍କ ଆଲୋଚନାରୁ ଜଣାଯାଏ ଉପନ୍ୟାସ କ'ଣ ସେ ସମ୍ପର୍କରେ ତାଙ୍କର ଧାରଣା ସ୍ପଷ୍ଟ : "ଆମ୍ଭେମାନେ ସର୍ବଦା ଯେଉଁ ଉପନ୍ୟାସ ପାଠକରୁ ତାହା କାଳ୍ପନିକ ଓ ଅତିରଞ୍ଜିତ" । କିନ୍ତୁ ବିଦ୍ୟାରତ୍ନ ମହାଶୟଙ୍କ ଉପନ୍ୟାସ-ପ୍ରତ୍ୟୟ ସାଧାରଣ ଧାରଣା ଠାରୁ ଭିନ୍ନ । ଯେ କୌଣସି କାଳ୍ପନିକ ଗଦ୍ୟକାହାଣୀ ତାଙ୍କ ଦୃଷ୍ଟିରେ 'ଉପନ୍ୟାସ' । ସତ୍ୟନିଷ୍ଠା ବା

ବାସ୍ତବତା ଉପନ୍ୟାସର ଏକ ଗୁଣ ହୋଇପାରେ ତାଙ୍କ ଦୃଷ୍ଟିରେ କିନ୍ତୁ ଏହା ଏକ ସଙ୍ଗା-ନର୍ଣାୟକ ଗୁଣ ନୁହେଁ ।

୨. ୬. ଏ ସମସ୍ତ ଆଲୋଚନା ଅପେକ୍ଷା ଉମେଶଚନ୍ଦ୍ରଙ୍କ ପ୍ରତ୍ୟୁତ୍ତର ଅନେକ କାରଣରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଉମେଶଚନ୍ଦ୍ର ମୂଳରୁ ମନେ କରିଛନ୍ତି 'ଉତ୍କଳ ଦୀପିକା'ରେ ପ୍ରକାଶିତ ଆଲୋଚନାର ଲେଖକ ଗୌରୀଶଙ୍କର ନୁହଁନ୍ତି, ରାମଶଙ୍କର ରାୟହିଁ ତାହାର ଲେଖକ । ସେଇଥିପାଇଁ ପରୋକ୍ଷରେ ତାଙ୍କ ପ୍ରତି ସେ ବ୍ୟଙ୍ଗ କରିଛନ୍ତି । 'ପଦ୍ମମାଳୀ'ର ଘଟଣାସ୍ରୋତ ଦୁଇଧାରରେ ପ୍ରବାହିତ । ଶେଷରେ ତାହା ଗୋଟିଏ ଧାରାରେ ପ୍ରବାହିତ ହୋଇଛି—ପଦ୍ମମାଳୀର କଥାବସ୍ତୁ ସମ୍ପର୍କରେ ଏହି ସଚେତନତା ଯେଉଁଭଳି ଉମେଶଚନ୍ଦ୍ର ସୃଷ୍ଟି କରିଛନ୍ତି, ସେହିଭଳି ଉପନ୍ୟାସ ଓ ଐତିହାସିକ ଉପନ୍ୟାସ ମଧ୍ୟରେ ଥିବା ପାର୍ଥକ୍ୟକୁ ସେ ସ୍ପଷ୍ଟ ଦେଖାଇ ଦେଇଛନ୍ତି ।

୨. ୭. ଉମେଶଚନ୍ଦ୍ରଙ୍କ ଦୃଷ୍ଟିରେ ଉପନ୍ୟାସର ଭାଷା ସରଳ, ପ୍ରାଞ୍ଜଳ ତଥା ଜୀବନ୍ତ ହେବା ଉଚିତ । ତାଙ୍କର ଓଡ଼ିଆ ଅନଭିଜ୍ଞତା ସତ୍ତ୍ୱେ 'ପଦ୍ମମାଳୀ'ରେ ସେ ସେହି ପ୍ରକାର ଭାଷା ବ୍ୟବହାର କରିବାକୁ ଚେଷ୍ଟା କରିଛନ୍ତି । ସ୍ଥିତିଶୀଳତା ଓ ଭାବ ପ୍ରକାଶ ଜନିତ ଅକ୍ଷମତା ଓଡ଼ିଆ ଭାଷାକୁ ଅନ୍ୟଭାଷା, ବିଶେଷତଃ ବଙ୍ଗଳା, ତୁଳନାରେ ପଛରେ ପକାଇ ଦେଇଛି । ତେଣୁ ନୂଆରୂପରେ ଭାବର ଅଭିବ୍ୟକ୍ତି ପାଇଁ 'ପଦ୍ମମାଳୀ' ରେ ସେ ଚେଷ୍ଟା କରିଛନ୍ତି ।

୨. ୮. 'ରୁଚି' ଆଲୋଚନାରେ ମଧ୍ୟ ଉମେଶଚନ୍ଦ୍ର ନିଜର ନୂତନ ଓ ଅପାରଂପରିକ ଦୃଷ୍ଟିକୋଣ ପ୍ରକାଶ କରିଛନ୍ତି । ଔପନ୍ୟାସିକ ନୀତିବାଗୀଶ ନୁହନ୍ତି । ସେ ସତ୍ୟବାଦୀ ହେବାକୁ ବାଧ୍ୟ । ଚରିତ୍ର ଗୁଡ଼ିକୁ ଯଥାଯଥ ଓ ବାସ୍ତବଜୀବନ-ଅନୁରୂପ କରିବା ପାଇଁ ଔପନ୍ୟାସିକ ପ୍ରତିଜ୍ଞାବଦ୍ଧ । ତେଣୁ ସମାଜର ରୁଚି ବିରୁଦ୍ଧରେ ତାଙ୍କୁ ଯିବାକୁ ହୋଇଛି ଉପନ୍ୟାସର କଳାମୂଲ୍ୟ ରକ୍ଷା କରିବାପାଇଁ । ସମାଜର ନୈତିକ ମୂଲ୍ୟବୋଧ ଓ କଳାଗତ ଅଭିବ୍ୟକ୍ତି ମଧ୍ୟରେ ଯେ ଅନ୍ତରଂଗ ଦ୍ୱଂଦ୍ୱ ରହିଛି—ତାହାର ସୂଚନା ଉମେଶଚନ୍ଦ୍ର ଦେଇଛନ୍ତି ।

୨. ୯. 'ଉତ୍କଳ ଦୀପିକା' ରେ ପ୍ରକାଶିତ ପଦ୍ମମାଳୀ ସମୀକ୍ଷାର ଲେଖକ ରାମଶଙ୍କର ରାୟ ଏହିଭଳି ସନ୍ଦେହକୁ ଭିତ୍ତିକରି ଉମେଶଚନ୍ଦ୍ରଙ୍କ ଉତ୍ତରଟି ପ୍ରସ୍ତୁତ । ପତ୍ରର ଶେଷାଂଶରେ ନିଜର ମନୋଭାବକୁ ସେ ଗୋପନ ରଖି ପାରିନାହାନ୍ତି । ସେ ଔପନ୍ୟାସିକ, ନୀତି ଓ ରୁଚି ସମ୍ପର୍କରେ ସେ ନିରପେକ୍ଷ ହେବାକୁ ବାଧ୍ୟ । ନୀତି ବିଷୟରେ

ସଚେତନ କେବଳ ହେବା ନୁହେଁ, ତା'ର ପ୍ରଚାର କରିବା ଫାର୍ସ ଲେଖକମାନଙ୍କର କାର୍ଯ୍ୟ ବୋଲି ସେ ସୂଚନା ଦେଇଛନ୍ତି । ରାମଶଂକରଂକର ଜୀବନ ଓ ଜଗତ ପ୍ରତି ଦୃଷ୍ଟି-କୋଣ ତାଙ୍କ ଦୃଷ୍ଟିକୋଣ ଠାରୁ ସମ୍ପୂର୍ଣ୍ଣ ପୃଥକ୍ । "ଆମ୍ଭେ ଇତିହାସ ଲେଖକ (Historian) ନୀତି ବିଷୟକ ଲେଖକ (Moralist) ନୋହୁଁ Farce (ବେଲ) ଲେଖକ ମାନେ ନୀତଜ୍ଞତା ଦେଖାଇବାକୁ ଓ କୁରୁଚର ସଂସ୍କାର କରିବାକୁ ଯତ୍ନ କରନ୍ତୁ, କିନ୍ତୁ ତାହା ଆମ୍ଭର କାର୍ଯ୍ୟ ନୁହେଁ ଆମ୍ଭେ ଯାହା ଦେଖିବୁଁ ତାହା ଲେଖିବୁଁ । ଉମେଶଚନ୍ଦ୍ରଙ୍କର ଉପରୋକ୍ତ ମନ୍ତବ୍ୟ ରାମଶଙ୍କରଂକ 'ବିବାସିନୀ' ଲେଖିବାକୁ ଅନୁ-ପ୍ରେରିତ କରିଥିବା ସମ୍ଭବ । 'ବିବାସିନୀ'ରେ ରାମଶଙ୍କର ରୁଚି ଓ ନୈତିକତାର ଏକ ଶୁଚିବାୟୁ ଗ୍ରସ୍ତ ବାତାବରଣ, ଉମେଶଚନ୍ଦ୍ରଂକ ଚ୍ୟାଲେଞ୍ଜର ପ୍ରତ୍ୟୁତ୍ତର ଦେବାକୁ ଯାଇ ସୃଷ୍ଟି କରିଥିବା ସମ୍ଭବ ।

ପଦ୍ମମାଳ ସମ୍ପର୍କରେ ହୋଇଥିବା ସମୀକ୍ଷାର ଆଲୋଚନା କଲାବେଳେ ଗୋଟିଏ ପ୍ରଶ୍ନ ସବୁବେଳେ ଆସେ ତାହାହେଲା ଉମେଶଚନ୍ଦ୍ର ଓ ସମୀକ୍ଷକଗଣ 'ଉପନ୍ୟାସ'ର ରୂପ ରଚନା ସମ୍ପର୍କରେ କେତେଦୂର ସଚେତନ ଥିବା ସମ୍ଭବ ? ତା'ର ଉତ୍ସ କେତେ ଗଭୀର ଓ କେଉଁଠି ? କିନ୍ତୁ ଏସବୁର ପର୍ଯ୍ୟାଲୋଚନା ଆମକୁ ପଦ୍ମମାଳୀଠାରୁ ବିଚ୍ଛିନ୍ନ କରି ଅନ୍ୟ ଆଲୋଚନାକୁ ନେଇଯାଏ । କିନ୍ତୁ ଏକ ବୃହତ୍ତର ଓ ଗଭୀରତର ଚନ୍ତ୍ରାଭୂମିରୁ ଆମର ଆଲୋଚନା ଆରମ୍ଭ ନ କଲେ 'ଉପନ୍ୟାସ' ସମ୍ପର୍କରେ ଆମର ଧାରଣାତ କେବେ ସ୍ପଷ୍ଟ ହେବନାହିଁ; ଉପନ୍ୟାସ କହିଲେ ଉମେଶଚନ୍ଦ୍ର ତଥା ସମକାଳୀନ ସମୀକ୍ଷକଗଣ କ'ଣ ବୁଝୁଥିଲେ, ତାହା ମଧ୍ୟ ଅବଧାରଣା କରି ହେବନାହିଁ ।

ଖ୍ରୀଷ୍ଟୀୟ କାହାଣୀ "ଫୁଲମଣି ଓ କରୁଣାର ବିବରଣ"କୁ ଡକ୍ଟର କୃଷ୍ଣ ଚରଣ ବେହେରା, ଡଃ ସୁନୀତି କୁମାର ଚଟ୍ଟୋପାଧ୍ୟାୟଙ୍କୁ ଅନୁସରଣ କରି ଓଡ଼ିଶାର ପ୍ରଥମ ଉପନ୍ୟାସ (୪) କହୁଥିଲେ ବି କାଳ୍ପନିକ ବାସ୍ତବାନୁଗ ଗଦ୍ୟକାହାଣୀ ଅର୍ଥରେ 'ଉପନ୍ୟାସ' ଶବ୍ଦର ପ୍ରୟୋଗ ଓଡ଼ିଆ ଭାଷାରେ ୧୮୭୩ ମସିହାରେ ପ୍ରଥମଥର ପାଇଁ ହୋଇଥିବାର ଦେଖିବାକୁ ମିଳେ । 'ଉତ୍କଳ ଦର୍ପଣ'ରେ ପ୍ରକାଶିତ ରାଧାନାଥଙ୍କ 'ଇଟାଲୀୟ ଯୁବା' ନାମକ ଦୀର୍ଘ କାହାଣୀରେ ଏହି ଶବ୍ଦର ପ୍ରଥମ ପ୍ରୟୋଗ : "କି ଆଶ୍ଚର୍ଯ୍ୟ ! କେତେ ଉପନ୍ୟାସ ଶୁଣିଅଛୁ, ମାତ୍ର କେବେହେଁ ଏପରି ଅପୂର୍ବ କଥା ଶୁଣିନାହୁଁ । (୫) ସେହି ବର୍ଷ 'ଉତ୍କଳ ଦର୍ପଣ'ରେ ପ୍ରକାଶିତ 'ପ୍ରଣୟର ଅଦ୍ଭୁତ ପରିଣାମ' ନାମକ ଦୀର୍ଘ କାହାଣୀ ଓ 'ଚନ୍ଦ୍ର ଓ ତାରା' ନାମକ ପ୍ରବନ୍ଧ ସମକାଳୀନ

ସମ୍ବାଦପତ୍ରରେ 'ଉପନ୍ୟାସ' ଭାବରେ ଅଭିହିତ । (୬) ୧୮୭୮ ମସିହା 'ଉତ୍କଳ ମଧୁପ'ରେ ପ୍ରକାଶିତ ରାମଶଙ୍କର ରାୟଙ୍କ 'ସୌଦାମିନୀ', ପତ୍ରିକାର ସୂଚୀପତ୍ରରେ ଉପନ୍ୟାସ ରୂପେ ଚିହ୍ନିତ । ବସ୍ତୁତଃ ୧୮୭୩ ରୁ ୧୮୮୯ ମସିହା ମଧ୍ୟରେ ଉପନ୍ୟାସ ସଂପର୍କିତ ଏକ ଧାରଣା ବୁଦ୍ଧିଜୀବିମାନଙ୍କ ମନରେ ଗଢ଼ି ଉଠିଥିଲା । କେତେବେଳେ ରୋମାନ୍‌ସ, କେତେକ ବାସ୍ତବନିଷ୍ଠ ଜୀବନ-କାହାଣୀ ଓ ପୁଣି କେତେବେଳେ ଅତି ଶିଥିଳ ଭାବେ କାଳ୍ପନିକ ପ୍ରଣୟ କାହାଣୀ ଅର୍ଥରେ ଏହା ବ୍ୟବହୃତ ହେଉଥିଲା । ବଂଗଳା ଓ ଇଂରାଜୀ ସାହିତ୍ୟ ସହ ପରିଚୟର ବିବିଧ ସ୍ତର 'ଉପନ୍ୟାସ' ସଂପର୍କିତ ଧାରଣାର ବିକାଶ ସହ ଘନିଷ୍ଠ ଭାବେ ସଂପୃକ୍ତ ।

୩.୨. ଭାରତୀୟ ସାହିତ୍ୟ ଇତିହାସରେ 'ଉପନ୍ୟାସ' ନାମକ ସାହିତ୍ୟ-ରୂପର (genre) ଉଦ୍‌ଭବ ଓ ବିକାଶର କାହାଣୀ ଏକ ସରଳ କାହାଣୀ ନୁହେଁ । କେବଳ ସାହିତ୍ୟିକ କାରଣ ଦେଇ ଏହାର ଉଦ୍‌ଭବକୁ ବ୍ୟାଖ୍ୟା କରିହେବ ନାହିଁ । ଔପନିବେଶିକ ଶାସନ-ତନ୍ତ୍ର ଫଳରେ ଉଦ୍‌ଭୂତ ହୋଇଥିବା ବିକଳ ଓ କିମ୍ଭୂତକିମାକାର ସାମାଜିକ ପରିସ୍ଥିତି, ଅର୍ଦ୍ଧ-ସାମନ୍ତବାଦୀ ବାଣିଜ୍ୟିକ ପୁଞ୍ଜିବାଦର ଅର୍ଥନୀତି ନେପଥ୍ୟରେ ରହି ଏହାର ଅଭ୍ୟାଗମକୁ ନିୟନ୍ତ୍ରିତ କରିଥିଲା । ପୂର୍ବରୁ ପ୍ରଚଳିତ ଥିବା କଥା-ସାହିତ୍ୟ ନୂଆ ସାମାଜିକ ପରିବେଶରେ ଏକ ନବରୂପ ଲାଭ କରିଥିଲା । କେତେବେଳେ ତାହା ଅତୀତକୁ ଅନୁସରଣ କରି କାଦମ୍ବରୀ [ମରାଠୀ] ନାମରେ, ଅନ୍ୟ କେତେବେଳେ ଏହାର ନୂତନତ୍ୱ ପାଇଁ ନଭେଲ କଥା [ ଗୁଜୁରାଟି ] ଭାବରେ, ପୁଣି କେତେବେଳେ ତାହା ତା'ର ଇଂରାଜୀ ପ୍ରତିଶବ୍ଦ 'ନଭେଲ୍' ଭାବରେ ଆଖ୍ୟାୟିତ ହେଲାବେଳେ; ବଂଗଳା, ହିନ୍ଦୀ ଓ ଓଡ଼ିଆରେ ଉପନ୍ୟାସ ଭାବରେ ଆଖ୍ୟାୟିତ ହୋଇଛି । [୭] ଏହା ଥିଲା ଏକ ନୂତନ ଧରଣର ସାହିତ୍ୟ-ରୂପ । ତେଣୁ ବେଳେବେଳେ ଏହା 'ନବନ୍ୟାସ' ରୂପରେ ମଧ୍ୟ ପରିଚିତ । (୮) ଯେତେଦୂର ଜଣାଯାଏ, ଉପନ୍ୟାସ ଶବ୍ଦଟିର ପ୍ରଥମ ଆଧୁନିକ ପ୍ରୟୋଗ ବଙ୍ଗଳା ସାହିତ୍ୟରେ । ଓଡ଼ିଆ ଉପନ୍ୟାସ-ଧାରଣା ମୁଖ୍ୟତଃ ବଙ୍ଗଳାର ଅନୁ-ସରଣ କରିଛି । ପକ୍ଷାନ୍ତରେ ବଙ୍ଗଳା ଇଂରାଜୀ ଉପନ୍ୟାସ-ଧାରଣାକୁ ଅନୁସରଣ କରିଛି ।

ବଂଗଳା ସାହିତ୍ୟରେ ଉପନ୍ୟାସ ଶବ୍ଦଟିର ଆଦ୍ୟ ପ୍ରୟୋଗକର୍ତ୍ତା ନୀଳମଣି ବସାକ । ୧୮୪୯ ମସିହାରେ **Arabian Nights** ର କାହାଣୀକୁ ବଂଗଳାରେ ଅନୁବାଦ କରି, ସେ ତା'ର ନାମକରଣ କରିଛନ୍ତି 'ଆରବ୍ୟ ଉପନ୍ୟାସ' ଭାବେ । ବସାକ ମହାଶୟ ଏକା ଅର୍ଥରେ 'ଉପନ୍ୟାସ' ଶବ୍ଦ ପ୍ରୟୋଗ କରିଛନ୍ତି ପାରସ୍ୟ ଉପନ୍ୟାସ ପୁସ୍ତକର ନାମକରଣରେ, ୧୮୫୭ ମସିହାରେ । (୯) ୧୮୫୭ ମସିହାରେ କୌଣସି ଅଜ୍ଞାତ-

ନାନା ଲେଖକ 'ମନୋହର ଉପନ୍ୟାସ' ନାମରେ ଲେଖା ଲେଖିଥିବାର ଦେଖିବାକୁ ମିଳେ । ଭୂଦେବ ମୁଖୋପାଧ୍ୟାୟଙ୍କୁ ଆଧୁନିକ ଅର୍ଥରେ 'ଉପନ୍ୟାସ' ଶବ୍ଦର, ଆଦ୍ୟ ପ୍ରୟୋଗ କର୍ତ୍ତା ଭାବରେ ଗ୍ରହଣ କରାଗଲେ ବି (୧୦) ସେ ମଧ୍ୟ ଉପନ୍ୟାସକୁ କାଳ୍ପନିକ ମନୋ-ରଂଜକ କାହାଣୀ ଅର୍ଥରେ ପ୍ରୟୋଗ କରିଛନ୍ତି । ତାଙ୍କ 'ଐତିହାସିକ ଉପନ୍ୟାସ' ପୁସ୍ତକରେ 'ଉପନ୍ୟାସ' ଶବ୍ଦର ଅର୍ଥ ପରିସର ପୂର୍ବ ଅପେକ୍ଷା କିଛିଟା ଭିନ୍ନ ହୋଇଛି । ଇତିହାସ ଓ କଳ୍ପନାର ସମିଶ୍ରଣରେ ନିର୍ମିତ ହୋଇଥିବା କାହାଣୀର ନାଁ ସେ ଦେଇଛନ୍ତି 'ଐତିହାସିକ ଉପନ୍ୟାସ' । ଭୂଦେବ ପୁସ୍ତକର ମୁଖବଂଧରେ 'ଐତିହାସିକ ଉପାନ୍ୟାସ'ରେ ଥିବା କାହାଣୀ ଦୁଇଟି ସଂପର୍କରେ ଲେଖିଛନ୍ତି : "ଉଭୟ ଉପନ୍ୟାସେଇ ରାଜ୍ୟ ସମ୍ବନ୍ଧୀୟ ଯେ-ସକଲ କଥା ଆଛେ, ତାହା ପ୍ରକୃତ ଇତିହାସ ମୂଳକ" । 'ଉପନ୍ୟାସ' ଶବ୍ଦ ଭୂଦେବଙ୍କ ଦ୍ୱାରା କାହାଣୀ ଅର୍ଥରେ ବ୍ୟବହୃତ, ଉପରୋକ୍ତ ମନ୍ତବ୍ୟରୁ ତାହା ସ୍ପଷ୍ଟ । ବଙ୍କିମଚନ୍ଦ୍ରଙ୍କର ଔପନ୍ୟାସିକ ଭାବରେ ବଂଗଳା ସାହିତ୍ୟରେ ଆବିର୍ଭାବ ଓ 'ରହସ୍ୟ ସନ୍ଦର୍ଭ ପତ୍ରିକା'ରେ ତାଂକ ଉପନ୍ୟାସ ଗୁଡ଼ିକର ସମୀକ୍ଷା ପ୍ରକାଶିତ ନ ହେଲା ପର୍ଯ୍ୟନ୍ତ 'ଉପନ୍ୟାସ' ଶବ୍ଦ ଆଧୁନିକ ଅର୍ଥରେ ବ୍ୟବହୃତ ହୋଇନାହିଁ । ପ୍ୟାରୀଚାନ୍ଦ ମିତ୍ର ସେଇଥିପାଇଁ 'ଆଲାଲେର ଘରେର ଦୁଲାଲ' ଉପନ୍ୟାସରେ ତାହାକୁ ଉପନ୍ୟାସ ନ କହି, ଇଂରାଜୀ ଶବ୍ଦ Novel ହିଁ ପ୍ରୟୋଗ କରିଛନ୍ତି । (୧୧) ଭାରତୀୟ ଐତିହ୍ୟରେ 'ଉପନ୍ୟାସ ଧର୍ମୀ ରଚନାର ଅଭାବ, ଏହାର ଏକ ପ୍ରଧାନ କାରଣ । ସଂସ୍କୃତରେ 'ଉପନ୍ୟାସ' ଶବ୍ଦ ଭିନ୍ନ ଅର୍ଥରେ ପ୍ରକାଶିତ । (୧୨) ସେଥିପାଇଁ 'ଉପନ୍ୟାସ' ଶବ୍ଦ ଯେଉଁଳି ଢ଼ିଲାଢ଼ାଲା ଅର୍ଥରେ ପ୍ରୟୋଗ କରାଯାଇଛି, ଓ novel ଶବ୍ଦ ଅବିକଳ ଇଂରାଜୀ ଉଚ୍ଚାରଣ ନେଇ ପ୍ରୟୋଗ କରାହୋଇଛି । ଊନବିଂଶ ଶତାବ୍ଦୀର ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଓ ଐତିହାସିକ ରାଜେନ୍ଦ୍ରଲାଲ ମିତ୍ର 'ଉପନ୍ୟାସ' ଶବ୍ଦକୁ ନୂତନ ଅର୍ଥ ପ୍ରଦାନ କରିଥିବା ଅନୁମେୟ । ବଙ୍କିମଚନ୍ଦ୍ରଙ୍କ 'ମୃଣାଳିନୀ' ଉପନ୍ୟାସର ସମୀକ୍ଷା କରି ସେ ଲେଖିଥିଲେ : "ବହୁ କାଳାବଧି ବଙ୍ଗଭାଷାୟ ଉପନ୍ୟାସେର ନାମ ଶୁନିଲେ ଶ୍ରୋତାର ମନେ ବେତାଲ ପଁଚିଶ ବା ବତ୍ରିଶ ସିଂହାସନ ମନେ ପଡ଼ିତ । ଇଂରାଜୀତେ ସୁଶିକ୍ଷିତ ବ୍ୟକ୍ତିରା କୟେକ ବତ୍ସରାବଧି ତାହାର ଅନ୍ୟଥା ଚେଷ୍ଟାୟ ଭୂତ-ପ୍ରେତେର ପରିବର୍ତ୍ତେ ମାନୁଷିକ ଘଟନାର ଉପନ୍ୟାସ ରଚନାୟ ପ୍ରବୃତ୍ତ ହନ; ଏବଂ କୟେକଖାନି ସୁରୁଚି ପୁସ୍ତକଓ ପ୍ରସ୍ତୁତ କରିୟାଛେନ । କିନ୍ତୁ କେହଇ ଇଂରାଜୀର ପ୍ରକୃତ ନଭେଲେର ପରିପାଟ୍ୟ ଲାଭ କରିତେ ପାରେନ ନାଇ ।" (୧୩) ଉପରୋକ୍ତ ମନ୍ତବ୍ୟରେ 'ଉପନ୍ୟାସ'ର ଶିଳ୍ପଗତ ସଚେତନତା ସ୍ପଷ୍ଟ । କାଳ୍ପନିକ କାହାଣୀ ଉପନ୍ୟାସ ନୁହେଁ, ମନୋରଂଜନ ତାହାର ଏକମାତ୍ର ଉଦ୍ଦେଶ୍ୟ ନୁହେଁ । ଘନିଷ୍ଠ ଜୀବନାନୁଷଙ୍ଗ ହେତୁ କାହାଣୀର ପ୍ରଥମ ସର୍ତ୍ତ ଓ କାହାଣୀ ଭିତର ଦେଇ ଜୀବନର କଠିନ ସମସ୍ୟାର ଉପସ୍ଥାପନ ଉପନ୍ୟାସର ପ୍ରକୃତ ଶିଳ୍ପଧର୍ମ ବୋଲି ରାଜେନ୍ଦ୍ରଲାଲଙ୍କ ଆଲୋଚନାରେ

ସ୍ୱୀକୃତ । ସ୍ୱୟଂ ବଙ୍କିମଚନ୍ଦ୍ର ୧୮୭୧ ମସିହାରେ ପ୍ରକାଶିତ 'Bengali Literature' ପ୍ରବନ୍ଧରେ ଉପନ୍ୟାସ ଏକ କଠିନ ଶିଳ୍ପକର୍ମ ବୋଲି ସ୍ୱୀକାର କରିଛନ୍ତି । (୧୪)

୩. ୪. 'ଉପନ୍ୟାସ' ସଂପର୍କରେ ବଂଗଳାରେ ଥିବା ଏହି ତରଳୀକୃତ ଧାରଣା ୧୮୮୦ ମସିହା ବେଳକୁ ଏକ ନିର୍ଦ୍ଦିଷ୍ଟ ଓ କଠିନ ରୂପ ନେଇଥିବା ଦେଖାଯାଏ । 'ବଙ୍ଗଦର୍ଶନ'ରେ ପ୍ରକାଶିତ ଚନ୍ଦ୍ରନାଥ ବସୁଙ୍କର 'ନବେଲ ବା କଥାଗ୍ରନ୍ଥର ଉଦ୍ଦେଶ୍ୟ' ପ୍ରବଂଧ ତାହାର ଦୃଷ୍ଟାନ୍ତ । ସ୍ୱର୍ଗତ ବସୁ କେବଳ 'ଉପନ୍ୟାସ' କହିଲେ କ'ଣ ବୁଝାଯାଏ, ତାହା କେବଳ ନୁହେଁ, ଉପନ୍ୟାସ କେତେ ପ୍ରକାରର ତଥା ତା'ର ଉଦ୍ଦେଶ୍ୟ ନେଇ ବିଭିନ୍ନ ତର୍କକୁ ସଂପୃକ୍ତ ପ୍ରବନ୍ଧରେ ଅବତାରଣା କରିଛନ୍ତି । ଉପନ୍ୟାସ ଏକ ପ୍ରକାର କାହାଣୀ କିନ୍ତୁ ସବୁ କାହାଣୀ ଉପନ୍ୟାସ ନୁହେଁ । ଉପାଖ୍ୟାନ ବା କାହାଣୀ ଉପସ୍ଥାପନର ତିନୋଟି ସ୍ତର : ନାଟକ, ଆଖ୍ୟାୟିକା ଓ କଥାଗ୍ରନ୍ଥ । ଉପନ୍ୟାସ 'କଥାଗ୍ରନ୍ଥ' ଗୋତ୍ରଭୁକ୍ତ । ସେହି ଭଳି ଉପନ୍ୟାସକୁ ସେ ଦୁଇ ସ୍ତରରେ ବିଭକ୍ତ କରିଛନ୍ତି : ରୋମାନ୍ସ ଓ ଉପନ୍ୟାସ । ତାଂକ ମତରେ ରୋମାନ୍ସ ଶିଥିଳ ଅର୍ଥରେ 'ଉପନ୍ୟାସ'ର ଏକ ରୂପ । ତାହା କେବେହେଲେ ଉପନ୍ୟାସ ଭଳି ବାସ୍ତବ ଜୀବନର କାହାଣୀ ଉପସ୍ଥାପନ କରି ପାରିବ ନାହିଁ । ରୋମାନ୍ସର ଐତିହ୍ୟ ଇଉରୋପର ବୀରଗାଥା । ତେଣୁ ଇଂରାଜୀ ରୋମାନ୍ସକୁ ଅନୁକରଣ କରୁଥିବା ବଂଗଳା ଐତିହାସିକ ଉପନ୍ୟାସ ଏକ ହାସ୍ୟକର ପରିସ୍ଥିତିର ସମ୍ମୁଖୀନ : 'ଶୀର୍ଣ୍ଣ ବଂଗୀୟ ଯୁବକ ଆପନାକେ ଜଗତ୍‌ସିଂହ ଓ ହେମଚନ୍ଦ୍ରେର ନ୍ୟାୟ ଉପସ୍ଥାପିତ କରେ' । 'ପଦ୍ମମାଳୀ' ପ୍ରକାଶିତ ହେଲାବେଳକୁ ବଂଗଳାର ବୁଦ୍ଧିଜୀବି ଓ ଓଡ଼ିଶାର ପ୍ରଗତିଶୀଳ ବୁଦ୍ଧିଜୀବିଙ୍କ ମଧ୍ୟରେ 'ଉପନ୍ୟାସ' ଧାରଣାର ଏହାହିଁ ଥିଲା ପରିବଳୟ ।

୪. ୦. ଗୌରୀଶଂକର ବା ଗୋବିନ୍ଦଚନ୍ଦ୍ର 'ଉପନ୍ୟାସ'କୁ Novel ଅର୍ଥରେ ଗ୍ରହଣ କରିଥିଲେ ବି ସେ ସଂପର୍କରେ ତାଙ୍କର ଧାରଣା ଥିଲା କିଛି ପରିମାଣରେ ଅସ୍ପଷ୍ଟ । ଗୌରୀଶଂକର 'ବଙ୍ଗଦର୍ଶନ' ଆଦି ପତ୍ରିକାର ସଂପର୍କରେ ଆସୁଥିବାରୁ ତାଂକର ଧାରଣା ଥିଲା ଅପେକ୍ଷାକୃତ ସ୍ୱଚ୍ଛ । ଉମେଶଚନ୍ଦ୍ର ଇଂରାଜୀ ଶିକ୍ଷିତ ଥିଲେ । ସମକାଳରେ ଉପନ୍ୟାସ ଓ Romance ମଧ୍ୟରେ ଯେଉଁ ଭେଦରେଖା ଟଣାଯାଇଥିଲା—ସେହି ସଂପର୍କରେ ସେ ଥିଲେ ସବୁଠାରୁ ଅଧିକ ସଚେତନ । ବିଦ୍ୟାରତ୍ନ ମହାଶୟଂକ ଉପନ୍ୟାସ ଧାରଣା 'ଆରବ୍ୟ ଉପନ୍ୟାସ'କୁ ଅତିକ୍ରମ କରିନଥିବା ସ୍ପଷ୍ଟ । ସଂଯୋଜିତ ଗୁଡ଼ିଏ ରଚନା ମଧ୍ୟରେ ଓଡ଼ିଶାର 'ଉପନ୍ୟାସ' ସଂପର୍କିତ ଧାରଣାର ବିକାଶକ୍ରମ ମଧ୍ୟ ଖୋଜାଯାଇପାରେ । କିଭଳି ମାନସିକ ବିଶ୍ୱରେ ଅବସ୍ଥାନ କରି 'ପଦ୍ମମାଳୀ'ର ସୃଷ୍ଟି ସମ୍ଭବ ହୋଇଥିଲା, ତାହାର ସୂଚନା ମଧ୍ୟ ଏଥିରୁ ସନ୍ଧାନ କରାଯାଇପାରେ ।

## ପାଦଟୀକା

(୧) ପଦ୍ମମାଳୀ ୧୮୮୮ ମସିହାରେ ପ୍ରକାଶିତ ବୋଲି ଅଧିକାଂଶ ଗବେଷକଙ୍କର ଧାରଣା। ପ୍ରଥମ ସଂସ୍କରଣଟି ନ ଦେଖିବା ଫଳରେ ଏହି ଧାରଣା ଜନ୍ମ ନେଇଛି। ଏଭଳିକି ଡଃ ଶ୍ରୀନିବାସ ମିଶ୍ରଙ୍କ ଭଳି ଗବେଷକ ଏହି ଭ୍ରାନ୍ତିରୁ ମୁକ୍ତ ପାଇ ନାହାନ୍ତି। (ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ, ପୃଃ ୪୫୬) ଡକ୍ଟର ମାନସିଂହ ଏ ବିଷୟରେ ନୀରବ ରହିଯାଇଛନ୍ତି। ଡକ୍ଟର କୃଷ୍ଣଚରଣ ବେହେରା ତାଙ୍କ ଚର୍ଚ୍ଚିତ ପ୍ରବନ୍ଧ 'ଓଡ଼ିଆ ଉପନ୍ୟାସ'ରେ 'ପଦ୍ମମାଳୀ' ପ୍ରଥମ ସଂସ୍କରଣ ପ୍ରଚ୍ଛଦର ଏକ ଆଲୋକଚିତ୍ର ସଂଯୋଜିତ କରିଥିଲେ ହେଁ ଏହାର ପ୍ରକାଶ ସମୟ ଦ୍ୱିଧାଗ୍ରସ୍ତ ଭାବରେ '୧୮୮୮-୮୯' ଲେଖିଛନ୍ତି (ଓଡ଼ିଆ ଉପନ୍ୟାସ, ଦ୍ୱି. ସଂସ୍କରଣ, ପୃଃ ୧୧୦)। ପଦ୍ମମାଳୀର ପ୍ରଥମ ସଂସ୍କରଣରେ ଏହାର ପ୍ରକାଶ ସମୟ ୧୮୮୯ ମସିହା ବୋଲି ସ୍ପଷ୍ଟ ଉଲ୍ଲିଖିତ। ଓଡ଼ିଆ ଓ ନବସମ୍ବାଦର ଦ୍ୱିତୀୟ ବର୍ଷ ଏକାଦଶ ସଂଖ୍ୟା (୧୪।୩।୮୯)ର ଏକ ବିଜ୍ଞାପନରୁ 'ପଦ୍ମମାଳୀ' ପ୍ରକାଶିତ ହେବାକୁ ଯାଉଥିବାର ସମ୍ବାଦ ମିଳେ। ଏହାର ପ୍ରଥମ ଆଲୋଚନା ପ୍ରକାଶିତ ହୁଏ ତା ୨।୫।୮୯ ଖରେ। ତେଣୁ ଏପ୍ରିଲ, ୧୮୮୯ରେ ଏହା ପ୍ରକାଶିତ ବୋଲି ସିଦ୍ଧାନ୍ତ କରାଯାଇପାରେ।

(୨) ସମ୍ବାଦ ବାହିକା ଲେଖାଟିର ତାରଖ '୨।୫।୧୮୮୯' ବୋଲି ଡକ୍ଟର ଶ୍ରୀନିବାସ ମିଶ୍ର ଭୁଲକ୍ରମେ ଲେଖିଛନ୍ତି (ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ, ପୃ. ୪୫୬)।

(୩) ନଷ୍ଟ ହୋଇଥିବା ଅଂଶର ଧାଡ଼ି ସଂଖ୍ୟା ଯଥାକ୍ରମେ ହେଲା : ଏକ, ସାତ, ଷୋହଳ ଓ ଦୁଇ।

(୪) ବେହେରା, କୃଷ୍ଣଚରଣ—ଓଡ଼ିଆ ଭାଷାରେ ପ୍ରଥମ ଉପନ୍ୟାସ, କୋଣାର୍କ ୬୯ ସଂଖ୍ୟା (୧୯୮୮) ପୃ. ୬୦, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର।

(୫) ରାଧାନାଥ ଗ୍ରନ୍ଥାବଳୀ, ପୃ. ୪୨୯, କଟକ ଟ୍ରେଡ଼ିଂ କମ୍ପାନୀ, କଟକ, ୧୯୬୭।

(୬) ଉତ୍କଳ ଦୀପିକା (୮।୨୦, ତା ୧୨।୫।୧୮୭୩ ଖ୍ରୀ) ରେ ପ୍ରକାଶିତ 'ଉତ୍କଳ ଦର୍ପଣ'ର ସମାଲୋଚନାରେ କୁହାଯାଇଥିଲା : "ଏ ପତ୍ରିକାରେ ଯେ ଉପନ୍ୟାସ ଉପକ୍ରମଟି ସନ୍ନିବେଶିତ ହୋଇଅଛି ତାହା ଅତିଶୟ ମନୋହର ପାଠଯୋଗ୍ୟ ଅଟଇ"। ବାଲେଶ୍ୱର ସମ୍ବାଦ ବାହିକା (୭।୧୦ ତା ୧।୧।୧୮୭୫ ଖ୍ରୀ) 'ଉତ୍କଳ ଦର୍ପଣ'ରେ ପ୍ରକାଶିତ 'ପ୍ରଣୟର ଅଦ୍ଭୁତ ପରିଣାମ' ଉପରେ ମନ୍ତବ୍ୟ ଦେଇଥିଲା : "ଗତ ସଂଖ୍ୟାକ

ଦର୍ପଣରେ ପ୍ରକାଶିତ ହେଉଛି, ମାଟିଲଡ଼ାଙ୍କର ପ୍ରଶସ୍ତ ବିଷୟକ ଉପନ୍ୟାସ ଯେଉଁ ବ୍ୟକ୍ତି ମନୋଯୋଗ ସହିତ ପାଠ କରିଥିବେ, ସେ ସହୃଦୟ ଓ ଭାବୁକ ନୋହିଥିଲେ ହେଁ ଦର୍ପଣର ଅନ୍ୟ ଆକାର ଧାରଣକୁ ଅବଶ୍ୟ କଷ୍ଟକର ବୋଲି ମଣିବେ ।"

(୭) ଏ ସମ୍ପର୍କରେ ବିଶେଷ ଆଲୋଚନା ପାଇଁ ଦ୍ରଷ୍ଟବ୍ୟ : Mukherjee, Minakshi—Realism & Reality, P. 1-18; Oxford University Press, Delhi, 1985 । T.W. Clark ମଧ୍ଯ ତାଙ୍କ ସମ୍ପାଦିତ The Novel in India (George Allen & Unwin, London, 1970) ପୁସ୍ତକର ଭୂମିକାରେ ଏ ସମ୍ପର୍କରେ ଆଲୋଚନା ଐତିହାସିକ ଦୃଷ୍ଟିକୋଣରୁ କରିଛନ୍ତି ।

(୮) ପ୍ୟାରୀମୋହନ ଆଚାର୍ଯ୍ୟଙ୍କ "ଉତ୍କଳ ପୁତ୍ର" ସମ୍ବାଦ ପତ୍ରରେ 'ଉତ୍କଳ ସାହିତ୍ୟ' ଶିରୋନାମାରେ ପ୍ରକାଶିତ ଲେଖାରେ କୁହାଯାଇଛି (୨।୪, ତା ୩।୭।୧୮୭୪) : "ନାଟକ ଓ ନବନ୍ୟାସ ସ୍ୱତ ଓ ଅଦ୍ୟାବଧି ପ୍ରକୃଷ୍ଟ ରୂପେ ଏ ଭାଷାରେ ପ୍ରବେଶ କରି ପାରିନାହିଁ" ।

(୯) ଗୁପ୍ତ, କ୍ଷେତ୍ର—ବାଂଲା ଉପନ୍ୟାସେର ଇତିହାସ; ପ୍ରଥମ ଖଣ୍ଡ ପୃ. ୨୪-୨୨; ଗ୍ରନ୍ଥନିଲୟ, କଲିକତା ।

(୧୦) Mukherjee, Minakshi–ପୂର୍ବୋକ୍ତ ପୃ. ୧୧ । ଶ୍ରୀମତୀ ମୁଖାର୍ଜୀ 'ଐତିହାସିକ ଉପନ୍ୟାସ'ର ସମୟ ଦେଇଛନ୍ତି ୧୮୬୨ ଖ୍ରୀଷ୍ଟାବ୍ଦ । କିନ୍ତୁ ପ୍ରକୃତରେ ତାହା ୧୮୫୭ ଖ୍ରୀଷ୍ଟାବ୍ଦ ।

(୧୧) ପ୍ୟାରୀଚାଁଦ ମିତ୍ର 'ଆଲେଲେର ଘରେର ଦୁଲାଲ'ର ଭୂମିକାରେ ଲେଖିଛନ୍ତି : The above original Novel in Bengali being the first work of the kind·····" [ମିତ୍ର, ପ୍ୟାରୀଚାଁଦ—ଆଲେଲେର୍ ଘରେର୍ ଦୁଲାଲ ପୃ ✓, ମନୋହର ପ୍ରକାଶନୀ, କଲିକତା, ୧୯୮୩] ।

(୧୨) "As for the word 'upanyas', which is of Sanskrit origin—meaning some statement properly presented or arranged in an orderly manner···it had never been used before to signify a long prose narrative"; Mukherjee, M—ପୂର୍ବୋକ୍ତ, ପୃ. ୧୨ ।

(୧୩) ରହସ୍ୟ-ସନ୍ଦର୍ଭ ( ବଂଗଳା )— ୫୭ ଖଣ୍ଡ ପୃ. ୧୪୨, କଲିକତା, ୧୯୨୭ ସମ୍ବତ ।

(୧୪) The Novel is to me the most difficult work of all, as it requires a good deal of time and undivided attention to elaborate the Conception and to subordinate the incidents and characters to the central idea" ......Bankim Rachanavali ( English Works ) P. 171, Sahitya Samsad, Calcutta, 1969.

(୧୫) ବଙ୍ଗଦର୍ଶନ (ସଂ. ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ),୨ମ ବର୍ଷ ୧ମ ସଂଖ୍ୟା (ବୈଶାଖ, ୧୨୮୨), କାଁଟାଲପାଡ଼ା, ପୃ. ୨୭ – ୩୪ ।

## (A) ସମାଲୋଚନ ।

## ପଦ୍ମମାଳୀ—ଐତିହାସିକ ଉପନ୍ୟାସ—

ପ୍ରକୃତ ଘଟନା ସମ୍ବଳିତ କୌଣସି ଉପନ୍ୟାସ ଅବଧି ଓଡ଼ିଆ ଭାଷାରେ ପ୍ରସ୍ତୁତ ହୋଇ ନ ଥିବାରୁ ଉମେଶବାବୁଙ୍କ ଏହି ପ୍ରଥମ ଉଦ୍ୟମ ବିଶେଷ ପ୍ରଶଂସନୀୟ । ଏହି ଖଣ୍ଡିକୁ ଓଡ଼ିଶାର ପ୍ରଥମ Novel କହିଲେ ଅତ୍ୟୁକ୍ତି ହେବନାହିଁ ।

ବିଷୟଟି ଓଡ଼ିଶା ଗଡ଼ଜାତ ମାହାଲରେ ଘଟିଥିଲା, ଉମେଶବାବୁ ସେହି ଘଟନାକୁ ଅବଲମ୍ବନ କରି ପଦ୍ମମାଳୀ ଲେଖିଅଛନ୍ତି ପାଠକମାନଙ୍କ କୌତୂହଳ ନିବାରଣ ନିମନ୍ତେ ଆମ୍ଭେମାନେ ଉପନ୍ୟାସ ଘଟିତ ବିଷୟର ସ୍ଥୂଳ ବିବରଣ ଏସ୍ଥଳେ ବିବୃତ କରୁଅଛୁଁ ।

କପଟିପଦାର ରାଜା ପରୀକ୍ଷିତ ସିଂହ ( ପୂର୍ଣ୍ଣନାମ ପରୀକ୍ଷିତ ଭୁଜଙ୍ଗ ମାନଧାତା ) ଉପନ୍ୟାସର ପ୍ରଧାନ ନାୟକ । ପାଞ୍ଚଗଡ଼ ନିବାସୀ ଜଗବନ୍ଧୁ ପଟ୍ଟନାୟକ ପଟୁଆରିଙ୍କ କନ୍ୟା ପଦ୍ମମାଳୀ ପ୍ରଧାନ ନାୟିକା । ସନ ୧୨୪୨ ସାଲ ଫାଲଗୁନ ମାସ ଶିବ ଚତୁର୍ଦ୍ଦଶୀ ଦିନ ପଦ୍ମମାଳୀ ଆପଣା ମାଆଙ୍କ ସଙ୍ଗରେ ( ମୟୂରଭଞ୍ଜର ଅନ୍ତର୍ଗତ ମାଣତ୍ରିକୁ କଖାରୁଆ ବୈଦ୍ୟନାଥଙ୍କ ଦର୍ଶନ ନିମନ୍ତେ ଯାଇଥିଲା । ସେଠାରେ ନୀଳଗିରିର ବର୍ତ୍ତମାନ ରାଜାଙ୍କ ସହୋଦର ମାମୁଁ ଏବଂ ଦେଓ୍ୱାନ ପଦାଗାଁ ନିବାସୀ ଶିବ ପଟ୍ଟନାୟକଙ୍କ ଜାରଜ ଭାଗିନେୟ ଦୁର୍ଯ୍ୟୋଧନ ଦାସ, ବାଳିକା-ପଦ୍ମମାଳୀ ରୂପରେ ମୋହିତ ହୋଇ ତାକୁ ତାହା ମାତାଠାରୁ ଛଡ଼ାଇ ନେଇ ବଳପୂର୍ବକ ତାହାର ସତୀତ୍ୱ ହରଣ କରିବାର ଚେଷ୍ଟାରେ ଥିଲା । ଏମନ୍ତ ସମୟରେ ଅନ୍ୟତର ଯାତ୍ରୀ ପୂର୍ବୋକ୍ତ ପରୀକ୍ଷିତ

ପଦ୍ମମାଳୀଙ୍କୁ ଦୁର୍ଯ୍ୟୋଧନ ହାତରୁ ଉଦ୍ଧାର କରି ସେହି ରାତିରେ ନିକଟବର୍ତ୍ତୀ ଗୋଟିଏ ମଠରେ ଆଶ୍ରୟ ଦେଲେ । ତାହିଁ ଆବେଦନ ସକାଶୁ ପଣ୍ଡିତ ପଦ୍ମମାଳୀର ମାତାଙ୍କୁ ଅଣାଇ ପାଏକମାନଙ୍କ ମଦଦରେ ମାଆଝିଅ ଦୁହିଙ୍କୁ ପାଞ୍ଚଗଡ ପଠାଇଦେଲେ ।

ସେହି ମଠରେ ପଣ୍ଡିତ ସିଂହ ଓ ପଦ୍ମମାଳୀଙ୍କ ମଧ୍ୟରେ ପ୍ରଣୟ ସଞ୍ଚାର ହେଲା । କ୍ରମେ ଦୁର୍ଯ୍ୟୋଧନର କୁକାର୍ଯ୍ୟ ନୀଳଗିରିରେ ପ୍ରଚାରିତ ହୁଅନ୍ତେ ଜଗବନ୍ଧୁଙ୍କ ଉପରେ ତାହାର କ୍ରୋଧ ଜନ୍ମିଲା ଏବଂ ତାଙ୍କୁ କାରାବଦ୍ଧ କରାଇ ପଦ୍ମମାଳୀକୁ ହସ୍ତଗତ କରିବାର ବାସନା ସେହି ସଙ୍ଗେ ବୃଦ୍ଧି ପାଇଲା । ଏହି ସମୟରେ ପଦ୍ମମାଳୀର କଠିନ ପୀଡା ହେବାରୁ ସେ କାହିଁରେ ସୁସ୍ଥ ନୋହିଲା, ତେଣୁ ତାହା ପିତା ବାୟୁ ପରିବର୍ତ୍ତନ ନିମନ୍ତେ ତାକୁ ପୂର୍ବୋକ୍ତ ସ୍ଥାନକୁ ଘେନିଗଲେ । ସେଠାରେ ପଣ୍ଡିତ ସିଂହଙ୍କ ସହିତ ପଦ୍ମମାଳୀର ସମ୍ବନ୍ଧ ନିରୂପଣ ଏବଂ ୩/୪ ମାସ ପରେ ବିବାହ ହେବାର ସ୍ଥିର ହେଲା ଉତ୍ତାରୁ ସେମାନେ ପାଞ୍ଚଗଡକୁ ଫେରି ଆସିଲେ । ସମ୍ବନ୍ଧ ନିର୍ଣ୍ଣୟ ହୋଇଥିବା ବିଷୟ ଜାଣିପାରି ପାପିଷ୍ଠ ଦୁର୍ଯ୍ୟୋଧନ ରାଗାନ୍ୱିତ ହେଲା ଓ ସାମାନ୍ୟ ଛଳନା କରି ଜଗବନ୍ଧୁଙ୍କୁ କାରାବଦ୍ଧ କରାଇ ପଦ୍ମମାଳୀକୁ ବଳପୂର୍ବକ ନୀଳଗିରିକୁ ନେଇଗଲା ଓ ତାକୁ କୁପଥଗାମିନୀ କରିବା ଅଭିପ୍ରାୟରେ କୁଟଣୀ ଲଗାଇଲା । ପଣ୍ଡିତ ସିଂହ ଏହି ସମ୍ବାଦ ପାଇ ନୀଳଗିରି ଆକ୍ରମଣ ପୂର୍ବକ ପଦ୍ମମାଳୀକୁ ରକ୍ଷା କରି ନିଜେ ତାହାର ପାଣିଗ୍ରହଣ କଲେ ।

ଲେଖକ ନୂତନ ଓ ପୁସ୍ତକ ରଚନା ପ୍ରଣାଳୀ ନୂତନ ଥିବାରୁ ଭାଷା ସମ୍ବନ୍ଧରେ ଦୋଷଭାଗ ଉପେକ୍ଷା କଲୁଁ । ପୁସ୍ତକ ଖଣ୍ଡିକ ପଢ଼ିଲେ ସହଜରେ ଜଣାଯିବ ଯେ, ସମାଲୋଚିତ ପୁସ୍ତକ ଯେମନ୍ତ ବଙ୍ଗଳା ଭାଷାର ଅନୁକରଣରେ ରଚିତ ହୋଇଅଛି, ତେଣୁ ଅନେକ ସ୍ଥାନରେ ବଙ୍ଗଭାଷାର ଗନ୍ଧ ରହିଅଛି, ପୁଣି ସ୍ଥାନ ବିଶେଷରେ ଭାଷାର ସାମଞ୍ଜସ୍ୟ ରକ୍ଷା ପାଇ ନାହିଁ । ଦଶମ ପରିଚ୍ଛେଦରେ ପହିଲ ଗୋଷ୍ଠଏତର ଆପଣ ସ୍ତ୍ରୀର ସହିତ କଥାବାର୍ତ୍ତାର ଭାଷା କିଛି ଉଚ୍ଛଦରର ହୋଇଅଛି । ମାତ୍ର ବର୍ତ୍ତମାନ ଅବସ୍ଥାରେ ଓଡିଶାରେ ଏପରି ଦୋଷ ପରିହାର୍ଯ୍ୟ, ଅତଏବ ସେଥିରୁ ନିବୃତ୍ତ ହେଲୁଁ ।

ପରିଶେଷରେ ବକ୍ତବ୍ୟ ଏହିକି ଉମେଶବାବୁଙ୍କ ଏହି ନବଉଦ୍ୟମ ନିକାଶେ ଆମ୍ଭେମାନେ ମନର ସହିତ ପ୍ରଶଂସା କରୁଅଛୁଁ ଉମେଶବାବୁ ଏହି ପଥ ଅନୁସରଣ କରି ଯଶସ୍ୱୀ ହେବେ ।

## (B) ପଦ୍ମମାଳୀ

ଓଡ଼ିଆ ଭାଷାର ଉପନ୍ୟାସ ନଥିଲା । ଉମେଶବାବୁ ଏହି ମାର୍ଗରେ ସର୍ବପ୍ରଥମ ପଥିକ ହୋଇଥିବାରୁ ଆମ୍ଭେମାନେ ଆଦରର ସହିତ ତାହାଙ୍କ ରଚିତ ପୁସ୍ତକକୁ ଅଭିନନ୍ଦନ କରୁଅଛୁଁ ।

ଏ ପୁସ୍ତକର ନାମ ପଦ୍ମମାଳୀ । ନୀଳଗିରିର ବର୍ତ୍ତମାନ ରାଜାଙ୍କର ଅପ୍ରାପ୍ତ ବ୍ୟବହାର ଅବସ୍ଥାରେ ସେହି ରାଜ୍ୟର ଜଣେ ପ୍ରଧାନ ପାଇକ ଗୋଟିଏ ଭଦ୍ର ପରିବାର ପ୍ରତି ଘୋରତର ଅତ୍ୟାଚାର କରିଥିଲେ, ସେହି ଘଟନା ଅବଲମ୍ବନ କରି ପଦ୍ମମାଳୀ ରଚିତ ହୋଇଅଛି ।

ଐତିହାସିକ ଉପନ୍ୟାସରେ ଲେଖକଙ୍କର କଳ୍ପନା ନିରଙ୍କୁଶ ହୋଇ ରହିପାରେ ନାହିଁ, ଲେଖକ ବାଧ୍ୟ ହୋଇ ଐତିହାସିକ ସତ୍ୟଦ୍ୱାରା କଳ୍ପନାର ଗତିକୁ ସୀମାବଦ୍ଧ କରନ୍ତି । ପଦ୍ମମାଳୀରେ ତାହା ଅବଶ୍ୟ ହୋଇଅଛି । ତଥାପି ଉଚିତ ସୀମା ମଧ୍ୟରେ ରହି ଗ୍ରନ୍ଥକାର ଏକ ଏକ ସ୍ଥାନରେ କଳ୍ପନାର ସମ୍ୟକ୍ ସ୍ଫୂର୍ତ୍ତି ଦେଖାଇ ଅଛନ୍ତି ।

ଗ୍ରନ୍ଥକାରଙ୍କ ବର୍ଣ୍ଣନାଚ୍ଛଟା ମଧ୍ୟ ସ୍ଥଳବିଶେଷରେ ପ୍ରଶଂସନୀୟ ହୋଇଅଛି । ମାଣିକୀର ଜାଗର ଯାତ୍ରା, ପଦ୍ମମାଳୀର ରୂପବର୍ଣ୍ଣନ, ପାଞ୍ଚଗଡ଼ରେ ଗ୍ରାମ୍ୟଲୋକମାନଙ୍କ ମଧ୍ୟରେ ପଦ୍ମମାଳୀର ଅପହରଣ ସମ୍ବନ୍ଧରେ କଥାବାର୍ତ୍ତା, କପିଳପଦା ରାଜବାଟୀରେ କାର୍ଯ୍ୟାର୍ଥୀ ଏବଂ ବ୍ୟବହାରାର୍ଥୀମାନଙ୍କର ସମାବେଶ ପ୍ରଭୃତି ବିଷୟମାନଙ୍କରେ ଗ୍ରନ୍ଥକାର ଆଶାନୁରୂପ ଅଭିଜ୍ଞତା ଏବଂ କୌଶଳ ଦେଖାଇଅଛନ୍ତି ଏହା ପ୍ରତ୍ୟେକ ପାଠକ ସ୍ୱୀକାର କରିବେ । ଗ୍ରନ୍ଥକାର ସ୍ୱୟଂ ଗଡ଼ଜାତରେ ଭ୍ରମଣ କରିଥିବାରୁ ଏବଂ ବର୍ତ୍ତମାନ ଗଡ଼ଜାତରେ ଅବସ୍ଥାନ କରୁଥିବାରୁ ଗଡ଼ଜାତୀ ରାଜନୀତିରେ ସମ୍ୟକ୍ ଅଭିଜ୍ଞତା ଲାଭ କରିଅଛନ୍ତି ଏବଂ ସେହି ଅଭିଜ୍ଞତା ନିଜ ରଚିତ ଗ୍ରନ୍ଥରେ ପ୍ରତିଫଳିତ କରିବା ବିଷୟରେ କିୟତପରିମାଣରେ କୃତକାର୍ଯ୍ୟ ମଧ୍ୟ ହୋଇଅଛନ୍ତି ।

ଗୁଣର କଥା କହି ଦୋଷର ଉଲ୍ଲେଖ କରିବୁଁ । ଗ୍ରନ୍ଥରେ କେତେଗୁଡ଼ିଏ ଏମନ୍ତ ଦୋଷଅଛି ଯାହା ସେଥିର ଉତ୍କର୍ଷର ବିଶେଷ ବିରୋଧୀ ହୋଇଅଛି । ସର୍ବାଦୌ ଭାଷାଗତ ଦୋଷ—ଏଦୋଷ ଏଗ୍ରନ୍ଥର ଏକ ୨ ସ୍ଥଳରେ ଏତେ ଅଧିକ ଯେ ସେହି ସେହି ଅଂଶର ଭାଷାକୁ ଓଡ଼ିଆ ନ କହି ଅପଭ୍ରଷ୍ଟ ବଙ୍ଗଳା ବୋଲିଯାଇ ପାରେ ।

୨ୟ ରୁଚିଗତଦୋଷ । ଏ ଦୋଷ ପୁସ୍ତକର ଅଧିକାଂଶ ପରିଚ୍ଛେଦରେ ସୁଲଭ । ସର୍ବୋପରି ନାୟକ ନାୟିକାର ପ୍ରଥମମିଳନ ଏବଂ ଅନୁରାଗ ସଞ୍ଚାରର ବର୍ଣ୍ଣନା ଗ୍ରନ୍ଥକାରଙ୍କର ସୁରୁଚିର ସମୁଚିତ ହୋଇନାହିଁ । ଏ ଅଂଶରେ ସମ୍ଭବପରତା ଏବଂ ଅବଳାସୁଲଭ ଶାଳୀନତାକୁ ପଦଦଳିତ କରି ଯେତେବେଳେ ଯାହା ମନକୁ ଆସିଅଛି ଗ୍ରନ୍ଥକାର ସେହିତା ଲିପିବଦ୍ଧ କରିଅଛନ୍ତି । ଏକ ଏକ ସ୍ଥାନରେ ଅସଙ୍ଗତ ଏବଂ ଅପ୍ରାସଙ୍ଗିକ କଥାମଧ୍ୟ ବିସ୍ତର ଦେଖାଯାଏ । ପରନ୍ତୁ ଏହି ଅଂଶମାନଙ୍କରେ ଗ୍ରନ୍ଥକାର ଯେଉଁ ନୀତିଜ୍ଞତା ଦେଖାଇବାପାଇଁ ପ୍ରୟାସୀ ହୋଇଅଛନ୍ତି ତାହା ସର୍ବଜନ ପ୍ରଶସ୍ତ

ପ୍ରଚଳିତ ମାଇପଇଉତର ସମ୍ପୂର୍ଣ୍ଣ ବିରୋଧୀ । ଅନ୍ୟାନ୍ୟ ଉଦାହରଣ ସତ୍ତ୍ୱେ ମହନ୍ତଙ୍କର ଚରିତ୍ର ବର୍ଣ୍ଣନାଦ୍ୱାରା ଆମ୍ଭମାନଙ୍କର ଏହିମତ କେତେଦୂର ସମର୍ଥିତ ହେଉଅଛି ତାହା ବୁଦ୍ଧିମାନ୍ ପାଠକେ ଅବଶ୍ୟ ଜାଣିପାରିବେ ।

ପଦ୍ମମାଳୀ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଆଶାନୁରୂପ ନହେଲେ ସୁଦ୍ଧା ଆମ୍ଭେମାନେ ଏହାକୁ ଭବି ଉତ୍କୃଷ୍ଟତର ଗ୍ରନ୍ଥର ଅଗ୍ରସୂଚକ ରୂପେ ଗ୍ରହଣ କରିବାକୁ କୁଣ୍ଠିତ ହେଉ-ନାହିଁ । ଆମ୍ଭେମାନେ ଗ୍ରନ୍ଥର ଦୋଷ ସମ୍ବନ୍ଧରେ ଯାହା ୨ କହିଲୁଁ ତାହା ଗ୍ରନ୍ଥାକାରଙ୍କୁ ଉତ୍ସାହଭଙ୍ଗ କରିବା ଉଦ୍ଦେଶ୍ୟରେ କହୁନାହୁଁ; କେବଳ ଭବିଷ୍ୟତରେ ତାହାଙ୍କୁ ସତର୍କ କରାଇଦେବାର ଆମ୍ଭମାନଙ୍କର ଏକ ମାତ୍ର ଅଭିପ୍ରାୟ ଅଟେ । ବୋଲିବାର ବାହୁଲ୍ୟ ଯେ ଗ୍ରନ୍ଥକାରଙ୍କପରି କୃତବିଦ୍ୟଯୁବକଙ୍କୁ ସର୍ବଜନ ସାମାନ୍ୟଜୀବିକାର୍ଜ୍ଜନ ଅପେକ୍ଷା ଉତ୍କୃଷ୍ଟତର ବ୍ରତରେ ବ୍ରତୀ ଦେଖି ଆମ୍ଭେମାନେ ଯତ୍‌ପରୋନାସ୍ତି ପ୍ରୀତ ହୋଇଅଛୁଁ ।

## (C) ପଦ୍ମମାଳୀ ।

ଓଡ଼ିଶା ଗଡ଼ଜାତ ମାହାଲର ଏକ ଐତିହାସିକ ଉପନ୍ୟାସ

ବାବୁ ଉମେଶଚନ୍ଦ୍ର ସରକାରଙ୍କ କର୍ତ୍ତୃକ ପ୍ରଣୀତ ଡିମାଇ ବାରପେଜି ଆକାରରେ ୧୨୨ ପୃଷ୍ଠା, କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ । ପୁସ୍ତକର ମୂଲ୍ୟ ଆଠଅଣା ଅଟଇ । ପୁସ୍ତକ ସମ୍ବନ୍ଧୀୟ ମତାମତ ପ୍ରକାଶ କରିବା ପୂର୍ବରୁ ପୁସ୍ତକର ସାର ବିଷୟ ପାଠକ ମାନଙ୍କୁ ଜଣାଉଅଛୁଁ । ଫାଲଗୁନ୍ୟମାସ କୃଷ୍ଣ ଚତୁର୍ଦ୍ଦଶୀଦିନ ମୟୂରଭଞ୍ଜ ଜିଲ୍ଲାର ଦକ୍ଷିଣାଂଶ ସ୍ଥିତ ମାନ୍ଧୀ ନାମକ ଗ୍ରାମର ଶିବ..............ଅଧିକ ଜନତା ହୋଇଥାଏ । ନୀଳଗିରି ରାଜ୍ୟର ପାଞ୍ଚଗଡ ଗ୍ରାମସ୍ଥ ପାଟୁଆରୀ ଜଗବନ୍ଧୁ ପଟ୍ଟନାୟକଙ୍କର ସ୍ତ୍ରୀ ଏବଂ କନ୍ୟା ୧୨୯୪ ସାଲର ଶିବ ଚତୁର୍ଦ୍ଦଶୀ ଉତ୍ସବରେ ଶିବଦର୍ଶନାର୍ଥ ପରିଜନ ସହିତରେ ମାନ୍ଧୀଠାକୁ ଆସିଥିଲେ; ପଟୋୟାରଙ୍କ ବିଷୟ ସମ୍ପତ୍ତି ଯଥେଷ୍ଟ ଥିବାରୁ ତାଙ୍କର ସ୍ତ୍ରୀ କନ୍ୟାମାନେ ସାଲଙ୍କୃତା ହୋଇ ଆପଣାର ସ୍ୱାଭାବିକ ସୌନ୍ଦର୍ଯ୍ୟକୁ ବୃଦ୍ଧି କରୁଥିଲେ, ନୀଳଗିରି ରାଜ ଦେଓ୍ୟାନ ଶିବଚରଣ ପଟ୍ଟନାୟକଙ୍କ ପାଳିତ ଦୁର୍ଯ୍ୟୋଧନ ଦାସ ନାମକ ଜଣେ ଦୁର୍ଦ୍ଦାନ୍ତ ପ୍ରକୃତିର ଲୋକ ସେହି ସ୍ଥାନକୁ ଅନୁଚର ସହିତ ଆସିଥିଲା; ଦୈବାତ୍ ତାର ପାପଦୃଷ୍ଟି ପଟୋୟାରି କନ୍ୟା ପଦ୍ମମାଳୀ ଉପରେ ପତିତ ହେବାରୁ ଦୁର୍ଯୋଧନ ସେହି କନ୍ୟା ପ୍ରାପ୍ତି ନିମିତ୍ତ ଚେଷ୍ଟାକଲା । ଅନ୍ୟାନ୍ୟ ଯାତ୍ରୀମାନଙ୍କ ସହିତ ପଟୋୟାରି କନ୍ୟାଦି ଜାଗର ଜାଳୁଥିଲେ, କ୍ରମରେ ଅଧିକ ରାତ୍ରହେଲା, ମହାଦୀପ ଉଠୁଛି ବୋଲି ଗୋଳ ଉଠିବାରୁ ସମସ୍ତେ ମନ୍ଦିର ଉପରେ ଦୃଷ୍ଟି ନିକ୍ଷେପ କଲେ, ଏହି ସମୟେ ମେଘାଚ୍ଛନ୍ନ ହୋଇ ଅତିଶୟ ବୃଷ୍ଟି ହେବାରୁ ସମସ୍ତେ

ଅସ୍ତବ୍ୟସ୍ତ ହୋଇ ପଳାୟନୋନ୍ମୁଖୀ ହେଲେ, ଏହି ସମୟରେ ଦୁର୍ଯ୍ୟୋଧନର ଆଦେଶକ୍ରମେ ତା'ର ଅନୁଚର ବାଞ୍ଛାନିଧି ବଳବନ୍ତରାୟ ପଦ୍ମମାଳୀକୁ କାନ୍ଧରେ ବସାଇ ଘେନିଗଲା, ସଙ୍ଗରେ ଦୁର୍ଯ୍ୟୋଧନ ଥାଏ, କିଛି ବାଟ ବାହାରି ଗଲାରୁ ବିଜନ ସ୍ଥାନ ମନେକରି ନିଃସଙ୍କ ଚିତ୍ତରେ ବିଶ୍ରାମ କଲେ, ପଦ୍ମମାଳୀ ମୂର୍ଚ୍ଛିତ ହୋଇଥିଲା, ଚେତା ପାଇ ଜଳ ମାଗିଲା ଦୁର୍ଯ୍ୟୋଧନ ଆଜ୍ଞାରେ ବଳବନ୍ତରାୟ .ଜଳ ଆଣିବାକୁ ଗଲା, ଦୁର୍ଯୋଧନ ପଦ୍ମମାଳୀକୁ ଏକାକୀ ପାଇ ତାର ପ୍ରସନ୍ନତା ଲାଭ ନିମିତ୍ତ ଅନୁନୟ ବିନୟ କରି ସିଦ୍ଧକାମ ହୋଇ ନ ପାରି ଆପଣାର ପାପ ପ୍ରବୃତ୍ତି ଚରିତାର୍ଥେଚ୍ଛା ପ୍ରକାଶ କରି ବଳ ପ୍ରୟୋଗ କରିବାକୁ ଲାଗିଲା ।

ଏଣେ ମୟୂରଭଞ୍ଜର ମହାରାଜା ଯଦୁନାଥ ଦେବଭଞ୍ଜଙ୍କର କନିଷ୍ଠଭ୍ରାତା ରାଉତରାୟ ବାବୁ ପୃଥ୍ୱୀନାଥ ଭଞ୍ଜଦେବ ଦୁର୍ଯ୍ୟୋଧନର କନ୍ୟାପହରଣ ଦେଖି ତାର ପଶ୍ଚାଦ୍‌ଗାମୀ ହୋଇଥିଲେ, ବର୍ତ୍ତମାନ ଦୁର୍ଯ୍ୟୋଧନ ବଳ ପ୍ରୟୋଗ କରୁଥିବାର ଦେଖି ଦୁର୍ଯ୍ୟୋଧନର ସମ୍ମୁଖୀନ ହୋଇ ............... ଙ୍କୁ ପତିକରି ପାଇବା ନିମନ୍ତେ ବାଲସୂର୍ଯ୍ୟଙ୍କୁ ସ୍ତୁତି ପ୍ରାର୍ଥନା କରୁଥିଲା ବେଳେ ରାଉତରା ବାବୁ ପଛଆଡ଼ୁ ଯାଇ ଏ କଥା ଶୁଣି ଦେଖାଦେଲେ, ପରସ୍ପରର ମନୋଗତ ଭାବବ୍ୟକ୍ତ କଲେ, ସ୍ମାରକ ମୁଦ୍ରିକା ରାଉତରା ବାବୁ ପଦ୍ମମାଳୀକୁ ଦେଲେ, ରାଉତରା ବାବୁ ସମ୍ବାଦ ଦେଇ ପଦ୍ମମାଳୀ ମାତାକୁ ପଦ୍ମମାଳୀକୁ ଅର୍ପଣ କଲେ, ସେମାନେ ତହିଁ ଆରଦିନ ଘରକୁ ଗଲେ ।

ଦୁର୍ଯୋଧନ ଗଛରେ ବନ୍ଧାହୋଇ ଦାରୁଣ ଯନ୍ତ୍ରଣା ଭୋଗ କରୁଅଛି, କିଛିକ୍ଷଣ ପରେ ବଳବନ୍ତରାୟ ପାଣିଘେନି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଦୁର୍ଯୋଧନକୁ ନ ଦେଖି ଅନେକ ଖୋଜି ନ ପାଇବାରୁ ବିରକ୍ତ ହୋଇ ଜଳପାତ୍ର ଫୋପାଡ଼ି ଦେବାକୁ ଯାଇ ଗ୍ରାମରେ ଗୁପ୍ତଭାବରେ ଥାଇ ରାଉତରା ବାବୁ ଦୁର୍ଯୋଧନର ଅନୁସରଣ କରିଥିବାର ଶୁଣି ଦୁର୍ଯୋଧନ ଧୃତ ହୋଇଥିବାର ଜାଣି ସେ ଗ୍ରାମରେ ରାତ୍ରୀ ଯାପନ କଲା । ପ୍ରଭାତରୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ଅଶ୍ୱପଦର ଚିହ୍ନ ଦେଖି ଏଣେ ତେଣେ ହେଉ ? ଦୁର୍ଯୋଧନକୁ ବନ୍ଧନାବସ୍ଥାରେ ନିଦ୍ରିତ ଥିବାର ଦେଖି ଗଣ୍ଠି ଫିଟାଇ ଦେଲା, ଦୁର୍ଯୋଧନ ମୁକ୍ତ ଲଭିଲା ମାତ୍ରେ ବଳବନ୍ତରାୟ ପାଖରେ ତାର ତତ୍ତ୍ୱନେଇ ନ ଥିବା ହେତୁ ତାକୁ ଦୁଇବିଧା ମାଇଲା, ବଳବନ୍ତରାୟ ଏ ଦଣ୍ଡର କାରଣ ଜାଣି ନ ପାରି ନିରବ ହୋଇ ସ୍ୱବାସ ସ୍ଥାନକୁ ଗଲା ।

ପୁରୁଷୋତ୍ତମ ସେନାପତିର ଘର ପାଞ୍ଚଗଡ଼ରେ, ସେ ପଟ୍ଟୋନାୟକଙ୍କ ପଡ଼ୋଶୀ, ନୀଳଗିରି ରାଜାଙ୍କ ଘରେ ଗୃହକର୍ମ କରି ଲୁହାର ବ୍ୟବସାୟ କରୁଥାଏ, ବାଞ୍ଛାନିଧି ସହିତ ତାର ଆଳାପ ଥାଏ, କିଛିଦିନ ପରେ, ବାଞ୍ଛାନିଧି ତା ପାଖଠାକୁ ଯାଇ କଥା ପ୍ରସଙ୍ଗରେ ଆନୁପୂର୍ବିକ ସମସ୍ତ ଘଟଣା ସେନାପତିକୁ କହିଲା, ଏବଂ ସେ କନ୍ୟା ପଟ୍ଟୋନାୟକଙ୍କ ଝିଅ

ଥିବାର ଶୁଣି ଲଜ୍ଜିତ ହେଲା, ଆଉ ପଦ୍ମମାଳୀ ସହିତରା ବାବୁଙ୍କ କୃପାରୁ ତା ଘରକୁ ଯାଇଥିବାର ଶୁଣି ହର୍ଷହେଲା, ସେନାପତି ତାର ଅନୁଚର ମାନଙ୍କୁ କନ୍ୟାପହରଣ ବୃତ୍ତାନ୍ତ ଗୋପନ ରଖିବାକୁ କହେ, ପହଲ ନାମା ଅନୁଚରର ପେଟରେ କିନ୍ତୁ ସେ କଥା ହଜମ ହେଲନାହିଁ, ସେ ଯାଇ ଆପଣାର ସ୍ତ୍ରୀକୁ ଏ ଘଟଣା କହିଲା, ସ୍ତ୍ରୀ ଶାଶୂକୁ, ଶାଶୂ ଅନ୍ୟ ପଡ଼ୋଶୀକୁ, ପଡ଼ୋଶୀର ଦାସୀ ଆପଣାର ସଖୀକୁ, କ୍ରମରେ ଏହିପରି ସେ ସମ୍ବାଦ ମାଲଗିରି ଗଡ଼ରେ ସମସ୍ତେ ଜାଣିଲେ । ଏଣେ ଦୁର୍ଯୋଧନ ମୟୂରଭଞ୍ଜରୁ ଫେରି ଲଜ୍ଜା ଏବଂ କ୍ରୋଧରେ ଦାଣ୍ଡରେ ମୁହଁ ଦେଖାଇ ନ ପାରି ଗୁପ୍ତଭାବରେ ଘରେ ରହିଲା, ତାର ଦାସମାନେ ଏ ଜନରବ ରଟନା ସମ୍ବାଦ ଦୁର୍ଯ୍ୟୋଧନକୁ ଦେବାରୁ ସେ ଲକ୍ଷ୍ମଣ ପଣ୍ଡା ନାମକ ବ୍ୟକ୍ତି (ମାଲଗିରିର ହେଡଅମିନ)ଙ୍କୁ ଡକାଇଲେ । ସେ ପ୍ରଥମରୁ ଗଡ଼ଜାତ ଧାରଣର ଅନେକ ଭୂମିକା କଲାପରେ ବସ୍ତ୍ର ହୋଇଥିବା କଥା ପ୍ରକାଶ କଲା । ଦୁର୍ଯୋଧନ ଘଟଣାର ଆଂଶିକ ସତ୍ୟତା ସ୍ୱୀକାର କରି ସେ ସ୍ତ୍ରୀକୁ ବିବାହ ହେବା ନିମନ୍ତେ ପଟ୍ଟୋସ୍ୱାମୀଙ୍କ ନିକଟକୁ ପଣ୍ଡାଙ୍କୁ ମଧ୍ୟସ୍ଥ କରି ପଠାଇଲେ ।

ଏଣେ ପଦ୍ମମାଳୀ ମାତାଙ୍କ ସହିତ ଘରକୁ ଫେରିଗଲା, ସେ ଆପଣାର ଉଦ୍ଧାର କର୍ତ୍ତାଙ୍କ ପରିଚୟ ନ ପାଇଥିଲେ ହେଁ ତାଙ୍କୁ ରାଜପୁତ୍ର ବୋଲି ମନେକରି ତାହାଙ୍କ ସହିତ ବିବାହ ଯୋଗ ଘଟିବା ଅସମ୍ଭବ ମଣିଲା, କାଳେ ତାଙ୍କ ସହିତ ବିବାହରୁ ବଞ୍ଚିତ ହେବ ଏହି ଆଶଙ୍କାରେ ରହି କ୍ରମେ ୨ ଖାଦ୍ୟପାନରେ ଅନାଦାର କଲା । "ବୈଦ୍ୟ ବେତାଳ କୁକ୍‌କୁରାଃ" ଆପଣା ୨ ମଧ୍ୟରେ କଲହୋତ୍ପାଦନ କଲେ, ସେମାନେ ପଦ୍ମମାଳୀର ପୀଡ଼ା ନିର୍ଣ୍ଣୟ ନିମନ୍ତ ପରସ୍ପରରେ ତର୍କ ବିତର୍କ ଲଗାଇଲେ । ଲକ୍ଷ୍ମଣ ପଣ୍ଡା ଏଠାକୁ ଆସି ପଦ୍ମମାଳୀର ପୀଡ଼ା ହେତୁ ତାଙ୍କର ପିତାମାତା ବ୍ୟସ୍ତ ଥିବାର ଦେଖି ଦୁର୍ଯ୍ୟୋଧନ ସହିତ ପଦ୍ମମାଳୀର ବିବାହ ପ୍ରସ୍ତାବ କରି ପାରି ପାରିନଥିଲା କିନ୍ତୁ ପଛକୁ କାର୍ଯ୍ୟାନ୍ତଃ ବିବାହ ପ୍ରସ୍ତାବ କରେ, ତହିଁର ଉତ୍ତରରେ ଅବଗତ ହେଲା ଯେ ପଦ୍ମମାଳୀ ଆରୋଗ୍ୟ ପରେ ତହିଁର ବିଚାର ହେବ ।

ପଟ୍ଟୋସ୍ୱାମୀ ଏବଂ ତାଙ୍କ ପତ୍ନୀ ଦୁହିତାର ପୀଡ଼ା ହେତୁ ଅତ୍ୟନ୍ତ ମନୋବେଦନା ଭୋଗୁଥିଲେ, ପଟ୍ଟୋସ୍ୱାମିଙ୍କଠାରୁ ତାଙ୍କ ସ୍ତ୍ରୀ ଦୁର୍ଯୋଧନ ଠାରୁ ମଧ୍ୟସ୍ଥ ଆସିଥିବାର ଶୁଣି ସ୍ୱାମୀଙ୍କୁ କହିଲେ ତାହା ସହିତ ବିବାହ ଦେବାଠାରୁ ଝିଅକୁ ହିଂସ୍ରଜନ୍ତୁ ମୁହଁରେ ଦେବାଭଲ, ଇତ୍ୟାଦି କଥନ ପରେ ପଦ୍ମମାଳୀ ରୋଗୋତ୍ପତ୍ତିର କାରଣାବଧାରଣରେ ପ୍ରବୃତ୍ତ ହୋଇ ଦେଉଳସାସ୍ମୀଠାରେ ପଦ୍ମମାଳୀକୁ ଆଣି ରଖିଥିବା ଯୁବକର ଅଦର୍ଶନ ପଦ୍ମମାଳୀ ରୋଗୋତ୍ପତ୍ତି କାରଣ ବୋଲି ପ୍ରକାଶକରି ଉଭୟଙ୍କୁ ପରିଣୟ ସୂତ୍ରେ ଆବଦ୍ଧ କରିବାର ପ୍ରସ୍ତାବ କଲେ ଏବଂ ଗୃହ ତ୍ୟାଗକରି ସପରିବାରରେ ଦିନାକେତେ ଦେଉଳସାସ୍ମୀ ମଠରେ ଯାଇ ରହିବାର ନିଷ୍ପତ୍ତି କରି ସେଦିନ କ୍ଷଣାଯାପନ କଲେ ।

ମହନ୍ତ ହରିହର ଦାସ ଦେଉଳସାହୀ ମଠକୁ ଯାଇ ପରୀକ୍ଷିତ ସିଂହ (ପଦ୍ମମାଳୀର ଉଦ୍ଧାରକର୍ତ୍ତା) ଙ୍କ ନିକଟରେ ଏକଦା ଉପସ୍ଥିତ ହେଲେ, ତତ୍ପୂର୍ବରୁ ପରୀକ୍ଷିତ ସିଂହ ପଦ୍ମମାଳୀ କଥା ମନେ ୨ ଭାବୁଥିଲେ ବର୍ତ୍ତମାନ ମହନ୍ତଙ୍କ ନିକଟ କଥା ପ୍ରସଙ୍ଗରେ ପଦ୍ମମାଳୀ ଠାରେ ସେ ଆଶକ୍ତ ହୋଇଥିବାର କହିଲେ ଏବଂ ତାଙ୍କ ବଂଶରେ କରଣ କନ୍ୟା ବିବାହ ହେବା ପ୍ରଥା ଚଳିଅଛି କିନା ପ୍ରଶ୍ନ କରି କରଣ କନ୍ୟା ବିବାହ ହେଉ-ଥିବାର ଅବଗତ ହେଲେ । ଏ ପରେ ମହନ୍ତଙ୍କ ଠାରୁ ଦୁର୍ଯ୍ୟୋଧନ ଦାସଙ୍କ ଦ୍ୱାରା ମଧ୍ୟସ୍ଥ ପ୍ରେରଣ ବିଷୟ ଅବଗତ ହୋଇ ଅତ୍ୟନ୍ତ ଗଗାନ୍ୱିତ ହେଲେ, ପଦ୍ମମାଳୀ ଏକପକ୍ଷ ହେଲା ମଠରେ ଆସି ବାସ କରୁଥିବାର ଅବଗତ ହୋଇ ତତ୍ପର ହୋଇ ମଠଠାକୁ ଯିବା ନିମନ୍ତେ ମହନ୍ତ କର୍ତ୍ତୃକ ଆଦିଷ୍ଟ ହୋଇ ମହନ୍ତଙ୍କୁ ବିଦାୟ ଦେଲେ ।

ପଦ୍ମମାଳୀ ମଠଠାକୁ ଆସି ... ... ... ... ... ପାଞ୍ଚଗଡ ପଠାଇଲେ, ପଟ୍ଟୋସ୍ୱାରୀ ଜେଲରେ, ତାଙ୍କର ହଳିଆ ମୂଲିଆ ବଳରେ ଥିଲେ, ଏହି ସମୟରେ ଦୁର୍ଯ୍ୟୋଧନର ଅନୁଚରମାନେ ପାଞ୍ଚଗଡରେ ପହଞ୍ଚି ପଦ୍ମମାଳୀକୁ ହସ୍ତଗତ କରି ଏକ ଚତୁର୍ଦ୍ଦୋଳାରେ ବସାଇ ନୀଳଗିରିକୁ ନେଇଗଲେ । ପୁରୁଷୋତ୍ତମ ସେନାପତି ଏ ଘଟଣା ଖବର ବିମର୍ଷ ଭାବରେ ବସିଥିଲେ ଏହି ସମୟରେ ବାଞ୍ଛାନିଧି ବଳବନ୍ତରାୟ ଆସି ଉପସ୍ଥିତ ହେଲା କଥୋପକଥନ ପରେ ପଦ୍ମମାଳୀ ଯେପରି ଅତ୍ୟାଚାରିତ ନ ହୋଇ କିଛି ଦିନ ରହେ ତହିଁର ଚେଷ୍ଟା ନିମନ୍ତେ ସେନାପତି ଅନୁରୋଧରେ ବଳବନ୍ତରାୟ ସମ୍ମତ ହୋଇ ସେଠାରୁ ଯିବାରୁ ସେନାପତି ପ୍ରତିକାର କରିବା ନିମନ୍ତେ ଏକ ଟାଙ୍ଗଣରେ ବସି ଦେଉଳସାହୀ ମହନ୍ତଙ୍କ ପାଖକୁ ରୱାନା ହେଲା । ସେଠାରେ ମହନ୍ତଙ୍କୁ ସବୁ କହିବାରୁ ମହନ୍ତ ପରୀକ୍ଷିତ ସିଂହଙ୍କ ପାଖକୁ ଜଣେ ଦୂତ ପଠାଇଲେ । ପରୀକ୍ଷିତ ସିଂହ ଏ ସମ୍ବାଦ ଶ୍ରବଣରେ ଅତ୍ୟନ୍ତ ବିରକ୍ତ ହେଲେ, ହରିବାବୁ ପ୍ରଭୃତି କେତେକଙ୍କ ସହିତ ମିଳିତ ହୋଇ ଅନେକ ପାଇକ ସଂଗ୍ରହ କରି ନୀଳଗିରି ଆକ୍ରମଣ କରିବାକୁ ତତ୍ପର ହେଲେ । ଏଣେ ପଦ୍ମମାଳୀ ନୀଳଗିରିରେ ପହଞ୍ଚିଲା, ଦୁର୍ଯ୍ୟୋଧନ ରାମିଆମାନାମ୍ନୀ ଏକ ବୃଦ୍ଧା ଦୂତୀକୁ ଡକାଇ ପଦ୍ମମାଳୀକୁ ତାପ୍ରତି ଆସକ୍ତ କରାଇବା ନିମନ୍ତେ ଅନୁରୋଧ କରି ପଦ୍ମମାଳୀ ରକ୍ଷଣ କାର୍ଯ୍ୟ ତାକୁ ଅର୍ପଣ କଲା ।

ବୃଦ୍ଧା ପଦ୍ମମାଳୀକୁ ନେଇ ଦୁର୍ଯ୍ୟୋଧନର ବଗିଚା ପାଖ କ୍ଷୁଦ୍ର ଗୃହରେ ରଖିଲା, ସେ ଘରେ ଦୁର୍ଯ୍ୟୋଧନର ଜୟନ୍ତୀ ନାମକ ଉପପତ୍ନୀ ବାସ କରେ, ସେଠାକୁ ଦୁର୍ଯ୍ୟୋଧନର ଆତ୍ମୀୟ ବ୍ୟକ୍ତି ଛଡା ଆଉ କେହି ଯିବାର ନିଷେଧ ଥିଲା, ପୂର୍ବୋକ୍ତ ବଳବନ୍ତରାୟ, ଦୁର୍ଯ୍ୟୋଧନଠାରୁ ଉପହାର ପାଇଥିବା ବିଧାର ପ୍ରତ୍ୟୁପହାର ଦେବାକୁ ସୁଯୋଗ ଖୋଜୁଥାଏ ଏଣେ ଦୁର୍ଯ୍ୟୋଧନ ମଧ୍ୟ ମନେ ୨ ଅକାରଣ ଦଣ୍ଡବିଧାନ ହେତୁ ଅନୁଶୋଚନା କରୁଥାଏ । ବଳବନ୍ତରାୟ ସେଦିନ ନିର୍ଦ୍ଦିନରେ ସେଠାରେ

ପହଞ୍ଚି ଜୟନ୍ତୀ ସହିତ ଦେଖାକଲା, ପରସ୍ପରର ଅନ୍ୟାନ୍ୟ ବିଷୟ କଥୋପକଥନ ସମାପନ ହେଲା ଉତ୍ତାରୁ ଦୁର୍ଯ୍ୟୋଧନ ପଦ୍ମମାଳୀକୁ ଆର ଖଞ୍ଜାରେ ରଖିଥିବା କଥା ବଲବନ୍ତରାଏ, ଜୟନ୍ତୀକୁ କହି କହିଲା ଦେଖ ସେ ପିଲାଟିକୁ ଏଠାରୁ ମୁକ୍ତକରି ନିଆ-ଯିବାର ବିଚାର ଲାଗିଅଛି, ଆଉ ୨।୩ ଦିନଯାଏ ଦୁର୍ଯ୍ୟୋଧନ ଏଠାକୁ ଆସିବାର ସମ୍ଭାବନା ନାହିଁ ତୁମ୍ଭେ ସେପର୍ଯ୍ୟନ୍ତ ତାକୁ ହିପାଦସ୍ତ କରିବ । ଜୟନ୍ତୀ ସମ୍ମତ ହେଲା ।

ବୃଦ୍ଧା ପଦ୍ମମାଳୀକୁ ପୂର୍ବୋକ୍ତ ଗୃହରେ ପହଞ୍ଚାଇ ତାକୁ ନାନା ପ୍ରକାର ପ୍ରଲୋଭନ ଦେଖାଇ ଦୁର୍ଯ୍ୟୋଧନ ଅନୁରାଗିଣୀ ହେବାକୁ କହିଲା, କିନ୍ତୁ ସେସବୁ କଥାରେ ପଦ୍ମମାଳୀ ବୃଶ୍ଚିକା ବିଦ୍ଧବତ୍ ଯନ୍ତ୍ରଣା ପାଇ ବଡପାଟି କରି କ୍ରନ୍ଦନ କରି ଆଉ ସେପରି ନ କହିବା ନିମନ୍ତେ ବୃଦ୍ଧାକୁ ପ୍ରାର୍ଥନା କଲା । ପରେ ବୃଦ୍ଧା ଜଳଖିଆ ସେ ଘରେ ରଖି ଖାଇବା ନିମନ୍ତେ କହି ଖଞ୍ଜାରୁ ବାହାରି ଦ୍ୱାର ବନ୍ଦ କରି ଦେଇ ଆପଣା ଘରକୁ ଗଲା । ବୃଦ୍ଧା ଯିବାର କିଛିକ୍ଷଣ ପରେ ଜୟନ୍ତୀ ଏକ ବାତାୟନ ମାର୍ଗ ଦେଇ ପଦ୍ମମାଳୀ ନିକଟରେ ପହଞ୍ଚି ଆପଣାର ... ... ... ସେ ଦୁହେଁ ଦୁଇ ଭଉଣୀ ପରି ରାତି କଟାଇଲେ, ସକାଳୁ ଜୟନ୍ତୀ ଆପଣା ଗୃହକୁ ଗଲା ।

ପଦ୍ମମାଳୀ ଗଡ଼କୁ ଆସିବାର ତୃତୀୟ ଦିନ ଗଡରେ ଖବର ହେଲା ଯେ ହରି-ବାବୁ ସସୈନ୍ୟରେ ନୀଳଗିରି ଦଖଲ କରିବା ନିମନ୍ତେ ବରହମପୁରଠାରେ ଛାଉଣି କରି ସୁଯୋଗ ପ୍ରତୀକ୍ଷା କରୁଅଛନ୍ତି । ରାଣୀ ଏ ସମ୍ବାଦରେ ଭୀତା ହୋଇ ଆପଣାର ପୁତ୍ର ଦ୍ୱୟଙ୍କୁ ନେଇ ବାଲେଶ୍ୱର ପଳାଇଲେ, ଏବଂ ନୀଳଗିରି ରାଜ୍ୟର ଅମାତ୍ୟ ଶିବ ଚରଣ ପଟ୍ଟନାୟକ, ଦୁର୍ଯ୍ୟୋଧନ ଦାସ ମୁଳିକ ପାଇକଙ୍କୁ ତଲବ କଲେ, ହରିବାବୁଙ୍କ ପ୍ରତିରୋଧ କରିବା ଉଦ୍ଦେଶ୍ୟ । ସେହିଦିନ ସନ୍ଧ୍ୟା ସମୟରେ ଦୁର୍ଯ୍ୟୋଧନ ବୃଦ୍ଧାକୁ ନେଇ ପଦ୍ମମାଳୀ ପାଖରେ ପହଞ୍ଚି ତାକୁ ଅନେକ ପ୍ରକାର ଲୋଭ ଦେଖାଇ ଅଙ୍କଶାୟିନୀ ହେବାକୁ କହି ବିଫଳ ମନୋରଥ ହେବାରୁ ବଳତ୍କାର କରିବା ନିମନ୍ତେ ପଦ୍ମମାଳୀକୁ ଓଟାରିଲା ବେଳେ ଜୟନ୍ତୀ ଏକ ତୀକ୍ଷ୍ଣ ଛୁରିକା ହସ୍ତରେ ଧରି ଦୁର୍ଯ୍ୟୋଧନ ସମ୍ମୁଖକୁ ଆସି କହିଲା ।

"ଦୁଷ୍ଟ, ପଦ୍ମମାଳୀର ହାତଛାଡ଼ । ଦୂରରେ ଛିଡ଼ା ହ; ଯେବେ ପଦ୍ମମାଳୀ ପ୍ରତି ବଳ ପ୍ରକାଶ ବା ଅତ୍ୟାଚାର କରିବୁ ତେବେ ଏହି ଛୁରୀକୁ ତୋହର ଛାତିରେ ପୋତିବି । ମୁଁ ଘଣ୍ଟଶୀଳା ଗଡନାୟକର ଝିଅ । ମୋହର ତୁ ସର୍ବନାଶ କରିଅଛୁ କିନ୍ତୁ ମୁଁ ଆଉ ୨ ତୁ ପଦ୍ମମାଳୀର ଅଙ୍ଗର କେଶ ପର୍ଯ୍ୟନ୍ତ ସ୍ପର୍ଶ କରି ପାରିବୁ ନାହିଁ ।

ଜୟନ୍ତୀକୁ ଅକସ୍ମାତ ଏ ଅବସ୍ଥାରେ ଦୁର୍ଯ୍ୟୋଧନ ଦେଖି ଅତି ବିସ୍ମିତ ଓ ଭୀତ ହେଲା ଏବଂ ତାକୁ ସେଠାରୁ ବାହାରି ଯିବାକୁ କହିଲା କିନ୍ତୁ ଜୟନ୍ତୀ ପଦ୍ମମାଳୀ

ରକ୍ଷା ନିମିତ୍ତ ଦ୍ରୁତ ପ୍ରସ୍ତୁତ ହୋଇ ରହିବାରୁ ଦୁର୍ଯ୍ୟୋଧନ କର୍ତ୍ତବ୍ୟାବଧାରଣ କରି ନ ପାରି ଇତସ୍ତତଃ ହେଲା, ଏହି ସମୟରେ ଗୋଲମାଲ ଶୁଣାଗଲା, ଦେଖୁ ୨ ସଶସ୍ତ୍ର ପାଇକ, ପରୀକ୍ଷିତ ସିଂହ ଓ ବଳବନ୍ତରାୟ ସେଠାରେ ପହୁଞ୍ଚି ପଦ୍ମମାଳୀ ପ୍ରଭୃତିଙ୍କୁ ଦେଖିଲେ ପରୀକ୍ଷିତ ସିଂହଙ୍କ ଆଜ୍ଞାନୁସାରେ ଦୁର୍ଯ୍ୟୋଧନ ଶୃଙ୍ଖଳାବଦ୍ଧ ହେଲା, ପଦ୍ମମାଳୀ ପରୀକ୍ଷିତ ସିଂହଙ୍କ ଦର୍ଶନରେ ସକଳ କଷ୍ଟ ଭୁଲିଗଲା, ଏବଂ ଶିବିକାରୋହଣ କରି ତାଙ୍କ ସଙ୍ଗେ ବରହମପୁର ଯାତ୍ରା କଲା, ବଳବାରୁ ପ୍ରଭୃତି ଦୁର୍ଗ ଲୁଣ୍ଠନ କରିବାକୁ ଲାଗିଲେ. ରାତି ନ ପାହୁଣୁ ଏ ଗୋଲମାଲ ବାର୍ତ୍ତା ପାଇ ବାଲେଶ୍ୱରରୁ ଇଂରାଜ ଫୌଜ ମିଳଗିରକୁ ଆସିଲେ । ସେମାନଙ୍କ ପଛେ ୨ ରାଣୀ ଓ ମାଜିଷ୍ଟ୍ରେଟ ସାହେବ ଆସିଲେ, ଫୌଜ ଆଗମନରେ ବିଦ୍ରୋହୀମାନେ ପଳାଇଗଲେ, ଅଚିରାତ୍ ଶାନ୍ତି ସ୍ଥାପିତ ହେଲା । ଏହି ବିଦ୍ରୋହ ଅନୁସନ୍ଧାନରେ ବିଦ୍ରୋହୀମାନଙ୍କୁ ଧରି ଦଣ୍ଡ ପ୍ରଦାନ କଲେ, ଏହି ବିଚାରରେ ପରୀକ୍ଷିତ ସିଂହଙ୍କୁ ଛଅ ମାସ କାରାଦଣ୍ଡ ହୁଏ । ମାତ୍ର ଗବର୍ଣ୍ଣମେଣ୍ଟ ସମସ୍ତ ଦଣ୍ଡ ମଞ୍ଜୁର କରି ପରୀକ୍ଷିତ ସିଂହଙ୍କ ଦଣ୍ଡର ପୁନର୍ବିଚାର ଆଦେଶ ଦେଲେ, ଏହି ଆଦେଶ ଆସି-ଲାରୁ ମହାନ୍ତ ଯାଇ ପରୀକ୍ଷିତ ସିଂହଙ୍କର ଓ ପଦ୍ମମାଳୀର ଉପାଖ୍ୟାନ ସାହେବଙ୍କୁ ଶୁଣାଇଲାରୁ ପରୀକ୍ଷିତଙ୍କ ଦଣ୍ଡାଜ୍ଞା ରହିତ କରି ଉଭୟଙ୍କୁ ବିବାହ କରାଇଦେଲେ । ନବଦମ୍ପତି ମହାସମାରୋହରେ କବାଟିପଦାକୁ ଫେରିଗଲେ, ସେଠାରେ ପ୍ରଜାମାନେ ଅନେକ ଦୀର୍ଘକାଳ ବ୍ୟାପୀ ମହୋତ୍ସବରେ ଉନ୍ମତ୍ତ ହୋଇଥିଲେ, କିଛିଦିନ ପରେ ଜୟନ୍ତ ସହିତ ବଳବନ୍ତରାୟର ଦୁହିତାସ୍ତ ହେଲା । ଦୁର୍ଯ୍ୟୋଧନ କାରାରୁଦ୍ଧ ହୋଇ ମୃତ୍ୟୁ ଲଭିଲା । ଘର ପୋଡିରେ ରାମିଆ ମା' ମରିଯାଇଥିଲା ।

ପଦ୍ମମାଳୀ ଉପନ୍ୟାସଖଣ୍ଡି ଗୋଟିଏ ଗଡଜାତ ରାଜ୍ୟର ଐତିହାସିକ ଘଟଣା ଅବଲମ୍ବନରେ ବାବୁ ଉମେଶ ଚନ୍ଦ୍ର ସରକାରଙ୍କ କର୍ତ୍ତୃକ ବିରଚିତ । । ଆମ୍ଭେମାନେ ପୁସ୍ତକ ଖଣ୍ଡି ଆଦ୍ୟୋପାନ୍ତ ପାଠକରି ପରମ ପ୍ରୀତିଲାଭ କରିଅଛୁଁ । ପୁସ୍ତକର ଭାଷା ଓ ରଚନା ଛଟା ଉତ୍ତମ ଅଟଇ । ଆମ୍ଭେମାନେ ସର୍ବଦା ଯେଉଁ ଉପନ୍ୟାସ ପାଠକରୁ ତାହା କାଳ୍ପନିକ ଓ ଅତିରଞ୍ଜିତ, ସମାଲୋଚିତ ପୁସ୍ତକ ଖଣ୍ଡି ସତ୍ୟ ଘଟଣା ପୂର୍ଣ୍ଣ ହୋଇ ମଧ୍ୟ କାଳ୍ପନିକ ଉପନ୍ୟାସ ଅପେକ୍ଷା ଶ୍ରେଷ୍ଠତା ଲଭିଅଛି । ଲେଖକ ମହାଶୟ ଉପନ୍ୟାସ ଛଳରେ ଗଡ଼ଜାତ ଦୁଷ୍କ୍ରିୟାର ଗୋଟିଏ ଉଜ୍ଜ୍ୱଳ ପ୍ରତିକୃତି ଅଙ୍କନ କରି ତାହା ସୁପାଠ୍ୟ କରିଅଛନ୍ତି । ଗଡଜାତର ଏ ବିବିଧ ଘଟଣା ନେଇ ଉପନ୍ୟାସ ଲେଖିଲେ କଳ୍ପନା ରାଜ୍ୟବିହାରୀ ପ୍ରସିଦ୍ଧ ଔପନ୍ୟାସିକ ମାନଙ୍କ ଲେଖନୀ ସମ୍ଭୂତ ଉପନ୍ୟାସକୁ ନିଷ୍ପ୍ରଭ ଜିଣିଯିବ । ଗଡଜାତର ଅନେକ ଘଟଣା କଳ୍ପନାର ଅତୀତ ଏବଂ କରୁଣ ରସାଶ୍ରିତ । ସରକାର ମହାଶୟ ସେହିପରି ଘଟଣା ଅବଲମ୍ବନରେ ଉପନ୍ୟାସ ରଚନା କରିବାର ପ୍ରଥମ ପଥ ପ୍ରଦର୍ଶକ ହୋଇ ସିଦ୍ଧକାମ ହୋଇଥିବାରୁ ଆମ୍ଭେମାନେ ତାହାଙ୍କୁ ମୁକ୍ତକଣ୍ଠରେ ଧନ୍ୟବାଦ ପ୍ରଦାନ କରୁଅଛୁଁ । ପଦ୍ମମାଳୀର କଥୋପକଥନ ସ୍ତ୍ରୀ ବାକ୍ୟପରି

ଆମ୍ଭମାନଙ୍କୁ ବୋଧ ହେଉନାହିଁ । ଗ୍ରନ୍ଥକାର ଉକ୍ତ ବିଷୟର ଅବତାରଣା କରି କହିଅଛନ୍ତି ଯେ "ସେ ଉତ୍କଳ ସାହିତ୍ୟ ଏବଂ କାବ୍ୟନାଟକାଦି ପାଠ ହେତୁ ବିଶୁଦ୍ଧ ଓ ପ୍ରାଞ୍ଜଳ ରୂପେ କଥୋପକଥନ କରିଥିଲେ" ମାତ୍ର ପଦ୍ମମାଳୀ ସୁଶିକ୍ଷିତା ହୋଇଥିଲେହେଁ, ସେ ଏକେ ବାଳିକା ତହିଁରେ ପୁଣି ଆପଦଗ୍ରସ୍ତ ଆଉ ଅପରିଚିତ ସ୍ଥାନରେ ଅପରିଚିତ ଲୋକ ସହିତ ଥିଲା । ଏପରିସ୍ଥଳେ ତାର ଉକ୍ତି ଗୃହୀତ ସରଳ ଗ୍ରାମ୍ୟଭାଷାରେ ହୋଇଥିଲେ ଉତ୍ତମ ହୋଇଥାନ୍ତା । ଆହୁ ପରୀକ୍ଷିତ ସିଂହ, ପଦ୍ମମାଳୀକୁ ନେଇ ମଠରେ ପହୁଞ୍ଚି ମହନ୍ତଙ୍କ ସହିତ କଥୋପକଥନ ହେଉ, ମହନ୍ତ କହିଲେ ଯେ "ଏ ପିଲାକୁ ଦେଖି ଦୁର୍ଯ୍ୟୋଧନ ପ୍ରଲୋଭିତ ହୋଇଥିଲେ ମୁଁ ତାହାକୁ ଦୋଷୀ କରେନାହିଁ । କାରଣ ମୋହର ଏହି ବୃଦ୍ଧାବସ୍ଥା ହୋଇ ନଥିଲେ ଦୁର୍ଯ୍ୟୋଧନ ପରି ମୁଁ ଏହାକୁ ଚୋରି କରି ଆଣନ୍ତି" ଧାର୍ମିକ ବର ବୃଦ୍ଧ ମହନ୍ତଙ୍କ ମୁଖରୁ ଏପରି କଥା ଶୁଣିବାକୁ ଆମ୍ଭମାନଙ୍କୁ ଭଲ ଲାଗିଲାନାହିଁ । ଯାହାହେଉ ପୁସ୍ତକର ଗୁଣଭାଗ ଦେଖିବାକୁ ଗଲେ ଏହି ତ୍ରୁଟି ଯତ୍ସାମାନ୍ୟ ଅଟଇ । ସ୍ଥୂଳତଃ ଉକ୍ତ ଉପନ୍ୟାସ ଖଣ୍ଡି ଅତ୍ୟନ୍ତ ଶ୍ରଦ୍ଧାର ସହିତ ଗ୍ରହଣ କରି ଲେଖକ ମହାଶୟଙ୍କର ଉଦ୍ୟମ ଓ ଅଧ୍ୟବସାୟର ଭୂୟସୀ ପ୍ରଶଂସା କରୁଅଛୁଁ । ଆମ୍ଭେମାନେ ପ୍ରକୃତ ଘଟଣାଶ୍ରିତ ପୁସ୍ତକକୁ କାଳ୍ପନିକ ରଚିତ ପୁସ୍ତକ ଅପେକ୍ଷା ଅଧିକ ଶ୍ରଦ୍ଧା କରୁଁ । ଏପରି ଗ୍ରନ୍ଥକାର ମାନଙ୍କୁ ସମଧିକ ଉତ୍ସାହିତ କରିବା ଦେଶବାସୀ-ମାନଙ୍କର ଉଚିତ । ପୁସ୍ତକର ମୂଲ୍ୟ ଆଠଅଣା ଅବଧାରିତ ହୋଇଅଛି । ପୁସ୍ତକର ଆକାର ଓ ବିଷୟ ତୁଳନାରେ ଏହି ମୂଲ୍ୟ ସାମାନ୍ୟ ଅଟେ ।

(D) ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ—

ମହାଶୟ !

ଚଳିତ ମାସ ତା ୪ରିଖ ଦୀପିକାରେ ପଦ୍ମମାଳୀର ସମାଲୋଚନା ଦେଖି ଆମ୍ଭେ ଅତିଶୟ ସନ୍ତୁଷ୍ଟ ହେଲୁଁ ଓ ସମାଲୋଚନା ସକାଶେ ଆମ୍ଭେ ଆପଣଙ୍କୁ ହୃଦୟର ସହିତ ଧନ୍ୟବାଦ ଦେଉଅଛୁଁ । ସମାଲୋଚନାରେ ସକଳ ଅଂଶରେ ଆମ୍ଭେ ଆପଣଙ୍କ ସହିତ ଏକ ହୋଇ ନପାରି, ଆମ୍ଭର ମତ ନିମ୍ନରେ ବିବୃତ କଲୁଁ । ଭରସା କରୁଁ ଆପଣଙ୍କର ପତ୍ରିକାରେ ଆମ୍ଭର ଏ ପତ୍ରକୁ ସ୍ଥାନ ଦାନ କରି ବାଧିତ କରିବା ହେବେ ।

ଏ ପୁସ୍ତକକୁ ଆପଣ ଉପନ୍ୟାସ ନାମ ଦେଇଅଛନ୍ତି, ଉତ୍କଳଭାଷାରେ Historical Romanceର ଅନ୍ୟନାମ ନଥିବାରୁ ଆମ୍ଭେ ମଧ୍ୟ ଏହାକୁ ଓଡ଼ିଆରେ ଉପନ୍ୟାସ କହିବାକୁ ବାଧ୍ୟ ହୋଇଅଛୁଁ । ଉପନ୍ୟାସର ଇଂରେଜୀ ନାମ Novel । Novel ଓ Romance ଏକ ନୁହେଁ । Novelରେ ଲେଖକ କେବଳ ପ୍ରକୃତିର ଅବିକଳ ପ୍ରତିକୃତି ଦେବାକୁ ଉଦ୍ଦେଶ୍ୟ କରନ୍ତି କିନ୍ତୁ Romance ରେ (ଆପଣଙ୍କ ଭାଷାରେ)

ଲେଖକଙ୍କର କଳ୍ପନା ନିରଙ୍କୁଶ ହୋଇ ରହେ ନାହିଁ । ଆପଣ ସମାଲୋଚନାବେଳେ ଏ ବିଭିନ୍ନତାକୁ ଦୃଷ୍ଟିରେ ରଖି ନଥିବାରୁ ଆମ୍ଭେ ଏହା କହିବାକୁ ବାଧ୍ୟ ହେଲୁଁ ।

ନୀଳଗିରିର ବର୍ତ୍ତମାନ ରାଜାଙ୍କର ନାବାଳକ ସମୟରେ କେବଳ ଜଣେ ପ୍ରଧାନ ପାଇକର ଗୋଟିଏ ଭଦ୍ରପରିବାର ପ୍ରତି ଏକ ଘୋର ଅତ୍ୟାଚାରକୁ ଅବଲମ୍ବନ କରି ଏ ଗ୍ରନ୍ଥ ରଚନା ହୋଇଅଛି, ତାହା ନୁହେଁ । ହରିବାବୁଙ୍କର ନୀଳଗିରି ଆଗମନ ଅନ୍ୟତର ଘଟଣା । ଏହି ପ୍ରାୟ ସମସାମୟିକ ଘଟଣାଦ୍ୱୟକୁ ଅବଲମ୍ବନ କରି ଆମ୍ଭେ ଏହି ଗ୍ରନ୍ଥ ପ୍ରଣୟନ କରିଅଛୁଁ ।

ଗ୍ରନ୍ଥକାର ସ୍ୱୟଂ ଗଡ଼ଜାତରେ ଭ୍ରମଣ କରିଥିବାର ଆପଣ ଲେଖିଅଛନ୍ତି । ଆମ୍ଭେ ଅବଶ୍ୟ କଟକଠାରୁ ଢେଙ୍କାନାଳ ପର୍ଯ୍ୟନ୍ତ ଭ୍ରମଣ କରିଅଛୁଁ ଓ ଏଠାକୁ ଆସିଲାବେଳେ ଆମ୍ଭେ ଅବଶ୍ୟ ଆଠଗଡ଼ର ଜଙ୍ଗଲ ଅତିକ୍ରମ କରି ଆସିଅଛୁଁ ।

ଆମ୍ଭ ଗ୍ରନ୍ଥଟି ସର୍ବାଙ୍ଗସୁନ୍ଦର ହୋଇଅଛି ଏହା ଆମ୍ଭପକ୍ଷରେ ବୋଲିବାର ଧୃଷ୍ଟତାର କାର୍ଯ୍ୟ ହେବ । ଆପଣ ପ୍ରଧାନତଃ ଯେଉଁ ଦୁଇଗୋଟି ଦୋଷ ଦର୍ଶାଇ ଅଛନ୍ତି ତହିଁର ବିଚାର ଅବଶ୍ୟ ସୁଶିକ୍ଷିତ ଜନସମାଜ କରିବେ । ତେବେ କେବଳ ଆପଣଙ୍କର ଅଭିଯୋଗରେ କାଳେ ସେମାନେ ଆମ୍ଭର ସଫାଇ ନ ନେଇ, ଏକତରଫା ବିଚାରରେ ଆମ୍ଭଙ୍କୁ ଦଣ୍ଡ ଦିଅନ୍ତି. ଏହି ଆଶଙ୍କା କରି ଆମ୍ଭେ ଦୁଇ ଚାରିପଦ ବୋଲିବାକୁ ବାଧ୍ୟ ହେଲୁଁ ।

୧ମ । ଭାଷାଗତ ଦୋଷ ଓଡ଼ିଆ ଆମ୍ଭର ମାତୃଭାଷା ନୁହେଁ, ଉତ୍କଳ ଦେଶର ସହିତ ଆମ୍ଭର ସମ୍ବନ୍ଧ ଦୀର୍ଘକାଳବ୍ୟାପୀ ନୁହେଁ, ଓଡ଼ିଆ ଭାଷାରେ ଏପରି ପୁସ୍ତକମାନ ନାହିଁ ଯାହା ପାଠକରି ବିଦେଶୀୟ କେହି ଓଡ଼ିଆ ଭାଷାରେ ପାରଙ୍ଗମ ହୋଇ ପାରିବେ । ଏପରି ଅବସ୍ଥାରେ, ପୁସ୍ତକ ପ୍ରଚାର କରିବାରୁ ପୂର୍ବ ଆମ୍ଭେ ଆପଣା ଅନଭିଜ୍ଞତାର ପରିଚୟ ଦେଇଅଛୁଁ । "ଏ ଦୋଷ ଏ ଗ୍ରନ୍ଥର ଏକ ଏକ ସ୍ଥଳରେ ଏତେ ଅଧିକ ଯେ ସେହି ୨ ଅଂଶର ଭାଷାକୁ ଓଡ଼ିଆ ନ କହି ଅପଭ୍ରଷ୍ଟ ବଙ୍ଗଳା ବୋଲିଯାଇ ପାରେ ।" ଏହା ହୋଇଥିଲେ, ବିଚିତ୍ର ନୁହେ କିନ୍ତୁ ଉଦାହରଣ ଦ୍ୱାରା ଏପରି "ଅପଭ୍ରଷ୍ଟ ବଙ୍ଗଳାଦ୍ୱାରା" ପୁସ୍ତକର ଭାଷାର ସରଳତା ଓ ପ୍ରାଞ୍ଜଳତାର କି ପରିମାଣରେ ଲାଘବ ହୋଇଅଛି ଏହି ସମାଲୋଚକଙ୍କର ଦର୍ଶାଇ ଦେବାର ଉଚିତ ଥିଲା ।

ଭାଷା ଦୁଇ ପ୍ରକାର । ଜୀବିତ ଓ ମୃତ । ସଂସ୍କୃତ, ଆରବୀ, ଗ୍ରୀକ୍, ଲାଟିନ ଇତ୍ୟାଦି ମୃତଭାଷା । କିନ୍ତୁ ଯେଉଁ ଭାଷାକୁ ମୁଖରେ ଉଚ୍ଚାରଣ କରି ଲୋକମାନେ ଆପଣା ଆପଣାର ଭାବ ଅଭିବ୍ୟକ୍ତ କରନ୍ତି ସେ ଭାଷାକୁ ଜୀବିତ ଭାଷା ବୋଲିଯାଏ । ଯେପରି ବଙ୍ଗଳା, ଓଡ଼ିଆ, ଇଂରାଜୀ, ଫ୍ରେଞ୍ଚ, ଜର୍ମାନ ଇତ୍ୟାଦି । ଜୀବିତ ଭାଷା ଅନ୍ୟାନ୍ୟ ଜୀବିତପଦାର୍ଥଙ୍କ ନ୍ୟାୟ ପରିବର୍ତ୍ତନଶୀଳ । ଚସରଙ୍କର (Chancer) ସମୟଠାରୁ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଇଂରାଜୀ ଭାଷାର ପରିବର୍ତ୍ତନ (Mutability of the English

literature) ଅନୁଶୀଳନ କରିବାକୁ ହେଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ। ଭାଷାର ପ୍ରତ୍ୟେକ ସୋପାନରେ ନୂତନ ଭାବସବୁ ପ୍ରବେଶ କରି ଭାଷାରେ ଉନ୍ନତି ସାଧନ କରିଅଛି। ଯେଉଁ ଭାଷାର ଯେତେ ସୁସ୍ପଷ୍ଟରୂପେ ଭାବସବୁ ବ୍ୟକ୍ତ କରାଯାଇପାରେ ସେ ଭାଷା ତେତେ ଉତ୍କୃଷ୍ଟ। ଏ ବିଷୟରେ ଇଂରାଜୀ ଓ ବଙ୍ଗଳା ଭାଷା ଯେତେ ଉତ୍କର୍ଷସାଧନ କରିଅଛି, ତାହା ଓଡ଼ିଆ ଭାଷା କରିଅଛି, ଏହା ଆପଣ କହିବେ ଠିକ? ଅଭିନବ ପ୍ରଣାଳୀରେ ଭାବବ୍ୟକ୍ତ କରିବାଦ୍ୱାରା ଭାଷାକୁ ମୂଲ୍ୟବାନ୍ କରିବା ଅଭିପ୍ରାୟରେ ଆମ୍ଭେ ଏ ପୁସ୍ତକର ଉଦ୍ୟମ କରିଅଛୁଁ।

୨। ରୁଚିଗତ ଦୋଷ—"ଏ ଦୋଷ ପୁସ୍ତକର ଅଧିକାଂଶ ପରିଚ୍ଛଦରେ ସୁଲଭ।" ('ପରିଚ୍ଛଦ' ଶବ୍ଦ କେଉଁ ଅଭିଧାନରୁ ପ୍ରାପ୍ତ ହେଲେ ତାହା ଆମ୍ଭେ ଜାଣିପାରିଲେ ଆପଣଙ୍କ ଠାରେ ବଡ଼ କୃତଜ୍ଞ ହେବୁଁ) ସମାଲୋଚକ ଏହା କରି ଗୋଟାଏ ଦୃଷ୍ଟାନ୍ତ ଦେଇ ନାହାନ୍ତି। ଉଦାହରଣ ଦେଲେ ଆମ୍ଭେ କାଳିଦାସ ଓ ଶ୍ରୀହର୍ଷଙ୍କୁ ପରିତ୍ୟାଗ କରି ପାଶ୍ଚାତ୍ୟ ସାହିତ୍ୟର ଲେଖକାଗ୍ରଣୀମାନଙ୍କର ଗ୍ରନ୍ଥମାନଙ୍କରୁ ସମାଲୋଚକଙ୍କର ରୁଚିର ଅନୁରୂପ ଉପହାର ଦେବାରେ ତ୍ରୁଟି କରିବୁଁ ନାହିଁ। ଆମ୍ଭେ ଜାଣିବାରେ, କେବଳ ଏକସ୍ଥଳରେ ଦୁର୍ଯ୍ୟୋଧନ ଓ ବୁଢ଼ୀର କଥୋପକଥନ ସୁରୁଚି ସମ୍ମତ ହୋଇନାହିଁ। ତାହାହେଲେ ସୁଦ୍ଧା ଦୁର୍ଯ୍ୟୋଧନର ଚରିତ୍ର ଅସମ୍ପୂର୍ଣ୍ଣ ରହିଯିବ ବୋଲି, ଆମ୍ଭେ ଏଠାରେ ଟିକେ ରୁଚି ଗିଳି ଯାଇଅଛୁଁ।

"ପରନ୍ତୁ ଏହି ଅଂଶମାନଙ୍କରେ ଗ୍ରନ୍ଥକାର ଯେଉଁ ନୀତିଜ୍ଞତା ଦେଖାଇବା ପାଇଁ ପ୍ରୟାସୀ ହୋଇ ଅଛନ୍ତି ତାହା ସର୍ବଜନ ପ୍ରଶସ୍ତ ପ୍ରଚଳିତ ନୀତିପଦ୍ଧତିର ସମ୍ପୂର୍ଣ୍ଣ ବିରୋଧୀ" ଅମ୍ଭେ ନୀତିଜ୍ଞତା ଦେଖାଇବା ପାଇଁ ପ୍ରୟାସୀ ହୋଇନାହୁଁ। ଆମ୍ଭେ ଇତିହାସ ଲେଖକ (Histórian) ନୀତିବିଷୟକ ଲେଖକ (Moralist) ନୋହୁଁ Farce (ବେଲ) ଲେଖକମାନେ ନୀତିଜ୍ଞତା ଦେଖାଇବାକୁ ଓ କୁରୁଚିର ସଂସ୍କାର କରିବାକୁ ଯତ୍ନ କରନ୍ତୁ, କିନ୍ତୁ ତାହା ଆମ୍ଭର କାର୍ଯ୍ୟନୁହେଁ ଆମ୍ଭେ ଯାହା ଦେଖିବୁଁ ତାହା ଲେଖିବୁଁ। ମହନ୍ତଙ୍କର ଚରିତ୍ରକୁ ଆମ୍ଭେ ଯେପରି ଦେଖିଅଛୁଁ ସେହିପରି ଚିତ୍ର କରିଅଛୁଁ। ପାରନେଲର (Hermit) ସନ୍ୟାସିଙ୍କପରି ତାହାଙ୍କୁ ଚିତ୍ର କରିଥିଲେ ସ୍ୱାଭାବିକ ହୋଇଥାନ୍ତା-ଟିକି?

ଢେଙ୍କାନାଳ
ତା ୨୪ ମେ
ସନ ୧୮୮୯ ମସିହା

ଆପଣଙ୍କର
ବଶମ୍ୱଦ
ଉମେଶଚନ୍ଦ୍ର ସରକାର

# ଔପନ୍ୟାସିକ ଉମେଶଚନ୍ଦ୍ର

✱ ଡକ୍ଟର କୃଷ୍ଣଚରଣ ବେହେରା

(୧) ପଦ୍ମମାଳୀ' ଆମ ସାହିତ୍ୟରେ ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ । ୧୮୮୮/୮୯ ମସିହାରେ କଟକ ପ୍ରିଣ୍ଟିଂ କଂପାନୀରୁ ଏହା ପ୍ରକାଶିତ ହୋଇଥିଲା । ଏହାର ଲେଖକ ଶ୍ରୀ ଉମେଶଚନ୍ଦ୍ର ସରକାର ୧୮୫୭ ମସିହାରେ ପୁରୀଠାରେ ଜନ୍ମଗ୍ରହଣ କରିଥିଲେ । ବାଲ୍ୟ କାଳରେ ପିତାଙ୍କୁ ହରାଇ ସେ କଟକ ଚାଲି ଆସିଥିଲେ ଏବଂ କଟକ କାଜିବଜାରସ୍ଥ ବାସଭବନରେ ରହି ଆତ୍ମୀୟ ସ୍ୱଜନମାନଙ୍କ ସହାୟତାରେ ବି. ଏ. ପର୍ଯ୍ୟନ୍ତ ଶିକ୍ଷାଲାଭ କରିଥିଲେ । ଶିକ୍ଷା ସମାପ୍ତି ପରେ କଟକରେ ଓଡ଼ିଶା କମିଶନରଙ୍କ ଅଫିସ୍‌ରେ କିଛିଦିନ କାର୍ଯ୍ୟ କରିଥିଲେ । ତା'ପରେ ତତ୍କାଳୀନ ଗଡ଼ଜାତ ରାଜ୍ୟ ଢେଙ୍କାନାଳର ଆସିଷ୍ଟାଣ୍ଟ୍ ମେନେଜର୍ ରୂପେ ନିଯୁକ୍ତ ହୋଇଥିଲେ । ଏହି ସମୟରେ ପ୍ରାୟ ବତିଶ ବର୍ଷ ବୟସ କାଳରେ ଉମେଶଚନ୍ଦ୍ର "ପଦ୍ମମାଳୀ" ଲେଖି ପ୍ରକାଶ କରିଥିଲେ । ସେତେବେଳେ ଢେଙ୍କାନାଳର ସାଂସ୍କୃତିକ ପରିବେଶ ଏଥିପାଇଁ ସମ୍ପୂର୍ଣ୍ଣ ଅନୁକୂଳ ଥିଲା । ପରବର୍ତ୍ତୀ କାଳରେ ଉମେଶ ଚନ୍ଦ୍ର ତାଳଚେର ଓ କନିକାର ମେନେଜର ରୂପେ କାର୍ଯ୍ୟ କରିଥିଲେ । କନିକାରେ ଥିବା ସମୟରେ ଶାରୀରିକ ଅସୁସ୍ଥତା ହେତୁ ୧୮୯୯ ମସିହାରେ କାର୍ଯ୍ୟରୁ ଅବସର ନେଇ ସେ କଟକରେ ଅବସ୍ଥାନ କଲେ ଏବଂ ନିୟମିତ ସାହିତ୍ୟ ସାଧନାରେ ବ୍ରତୀ ହେଲେ । ଏତିକିବେଳେ ସେ 'ଯତୋ ଧର୍ମ ସ୍ତତୋ ଜୟ' ନାଟକ, 'ଓଡ଼ିଆ ଢଗଢମାଳୀ', 'ମହିମ୍ନ ସ୍ତବ', ଇଂରାଜୀରେ Temple of Truth ପ୍ରଭୃତି ରଚନା କରିଥିଲେ । ଜୀବନର ଶେଷ ଭାଗରେ ଅର୍ଥାଭାବ ଘଟିବାରୁ ତାଙ୍କୁ ପୁଣି ତାଳଚେର ରାଜାଙ୍କ ଅଧୀନରେ ୧୯୧୧ ମସିହାରେ ଅଡିଟର୍ ରୂପେ କାର୍ଯ୍ୟ କରିବାକୁ ପଡ଼ିଥିଲା ।

ସେହି ତାଲଚେରରେ ଥିବା ସମୟରେ ଅମାଶୟ ରୋଗରେ ୧୯୧୪ରେ ତାଙ୍କର ଦେହାବସାନ ହୋଇଥିଲା ।

ଉମେଶଚନ୍ଦ୍ର ତତ୍କାଳୀନ ସାରସ୍ୱତ ପରିସ୍ଥିତି ମଧ୍ୟରେ କାହିଁକି ଉପନ୍ୟାସ ରଚନାରେ ହାତ ଦେଲେ, ତାହାର କୈଫିୟତ ଦେବାକୁ ଯାଇ ଲେଖିଛନ୍ତି :—"ଉତ୍କଳ ସାହିତ୍ୟର ବର୍ତ୍ତମାନ ଅବସ୍ଥାରେ ସ୍ୱକପୋଳକଳ୍ପିତ ଗ୍ରନ୍ଥ ରଚନା କରିବାର ଉଦ୍ୟମକୁ ଅସୀମ ସାହସିକତାର କାର୍ଯ୍ୟ ବୋଲିବାକୁ ହେବ । ଆମ୍ଭେ ଏ ଅସୀମ ସାହସିକତା-କାର୍ଯ୍ୟର ଅନୁଷ୍ଠାନ କରିଅଛୁଁ । ଉତ୍କଳ ଭାଷାନଭିଜ୍ଞ ଆମ୍ଭେ ହାସ୍ୟାସ୍ପଦ ହେବୁ ଜାଣି ସୁଦ୍ଧା ଏ ଅନୁଷ୍ଠାନରେ ବ୍ରତୀ ହୋଇଅଛୁଁ । ବ୍ରତ ସଫଳ ବା ନିଷ୍ଫଳ ହେଉ ଆମ୍ଭେ ଆଉ ପଶ୍ଚାତ୍ପଦ ହୋଇ ନ ପାରୁଁ । ଜନ ସମାଜର ପ୍ରୀତି-ସମ୍ପାଦନ ଓ ଉତ୍କଳ ସାହିତ୍ୟର ଗୌରବ ବର୍ଦ୍ଧନକୁ ଲକ୍ଷ୍ୟ କରି ଅକୃତକାର୍ଯ୍ୟ ହେଲେହେଁ, ଏପରି ମହତ୍ କାର୍ଯ୍ୟର ଅନୁଷ୍ଠାନ କରିଥିଲୁଁ - ଏହା ଆମ୍ଭର ନୈରାଶ୍ୟର ସମୟରେ ଶାନ୍ତି ପ୍ରଦାନ କରିବ ।"—(ପ୍ରଥମ ସଂସ୍କରଣ ଭୂମିକା, ଅକ୍‌ଟୋବର ୧୮୮୮) ଆମ ସାହିତ୍ୟର ଗୌରବ ବୃଦ୍ଧି ତଥା ଆତ୍ମ-ସନ୍ତୋଷ ଉଦ୍ଦେଶ୍ୟରେ ଉପନ୍ୟାସ ରଚନା କଲାବେଳେ ସେ ନିଜର ସଫଳତା ଓ ଗ୍ରନ୍ଥ-ଆଦୃତି ବିଷୟରେ ସଂଶୟ ପ୍ରକାଶ କରିଥିବାର ଏଥିରୁ ସ୍ପଷ୍ଟ ସୂଚିତ ହୁଏ । କିନ୍ତୁ ତାଙ୍କର ସଂଶୟ ଅଚିରେ ଦୂରୀଭୂତ ହୋଇଥିଲା; 'ପଦ୍ମମାଳୀ' ପାଠକ ସମାଜର ସମାଦାର ଲାଭ କରିଥିଲା । ୧୮୮୯ ମସିହା ମଇ ମାସ ୨ ତାରିଖ ସଂଖ୍ୟାରେ ବାଲେଶ୍ୱର 'ସମ୍ବାଦ ବାହିକା' ଏ ସମ୍ପର୍କରେ ମନ୍ତବ୍ୟ ପ୍ରଦାନ-କରି ଲେଖିଥିଲେ—"ପ୍ରକୃତ ଘଟଣା ସଂବଳିତ କୌଣସି ଉପନ୍ୟାସ ଅବଧି ଓଡ଼ିଆ ଭାଷାରେ ପ୍ରଚାରିତ ହୋଇ ନ ଥିବାରୁ ଉମେଶ ବାବୁଙ୍କ ଏହି ପ୍ରଥମ ଉଦ୍ୟମଟି ବିଶେଷ ପ୍ରଂଶଂସନୀୟ । ଏହି ଖଣ୍ଡିକୁ ଓଡ଼ିଶାର ପ୍ରଥମ Novel କହିଲେ ଅତ୍ୟୁକ୍ତି ହେବ ନାହିଁ ।" ଫଳତଃ ଉମେଶଚନ୍ଦ୍ର ଉତ୍ସାହିତ ହୋଇ 'କେନ୍ଦୁଝର ବିଦ୍ରୋହ' ନାମକ ଅନ୍ୟ ଏକ ଉପନ୍ୟାସ ରଚନା ଆରମ୍ଭ କରିଥିଲେ (ପରେ ପରେ ଆଲୋଚନା କରାଯାଉଛି) । ପୁଣି ତାଙ୍କର ଜୀବିତା-ବସ୍ଥାରେ ୧୯୧୨ ମସିହାରେ 'ପଦ୍ମମାଳୀ'ର ଦ୍ୱିତୀୟ ସଂସ୍କରଣ (ସଂଶୋଧିତ ଓ ପରିବର୍ଦ୍ଧିତ) ପ୍ରକାଶିତ ହୋଇଥିଲା ।

(୨) 'ପଦ୍ମମାଳୀ'ର ବିଷୟବସ୍ତୁ ଐତିହାସିକ । ୧୮୩୫ ମସିହାରେ * ସଂଘଟିତ ଗଡ଼ଜାତ ରାଜ୍ୟ ମାଳଗିରର ଘଟଣା ଅବଲମ୍ବନରେ ଏହା ରଚିତ

* ଶ୍ରୀ ହରେକୃଷ୍ଣ ମହତାବଙ୍କ ମତାନୁଯାୟୀ ୧୮୩୨ ମସିହାରେ ଏହା ସଂଘଟିତ ହୋଇଥିଲା । ଦ୍ରଷ୍ଟବ୍ୟ :—ଓଡ଼ିଶା ଇତିହାସ—କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର (୧୯୪୮)——ପୃଷ୍ଠା ୩୭୪,

ହୋଇଛି । ସ୍ୱୟଂ ଲେଖକଙ୍କ ଭାଷାରେ — "ଐତିହାସିକ ଘଟନାବଲମ୍ବିତ ହୋଇ କୌଣସି ଉପନ୍ୟାସ ଉତ୍କଳ ଭାଷାରେ ରଚିତ ହୋଇଥିବାର ଆମ୍ଭଙ୍କୁ ଜଣା ନାହିଁ । ଉତ୍କଳ ଦେଶର ଇତିହାସ ପର୍ଯ୍ୟାଲୋଚନା କଲେ ଭାବୁକ ଯୁବକ ଐତିହାସିକ ଉପନ୍ୟାସ ଲେଖିବାକୁ ଉପକରଣର ଅଭାବ ଦେଖିବେ ନାହିଁ । ଆମ୍ଭେ କେବଳ ଏହି କ୍ଷୁଦ୍ର ଆୟତନ ଓ ଅପେକ୍ଷାକୃତ ଅଖ୍ୟାତନାମା ରାଜ୍ୟର ସ୍ୱଳ୍ପବ୍ୟାପୀ ଘଟନାକୁ ଅବଲମ୍ବନ କରି ଏ ଗ୍ରନ୍ଥ ରଚନା କରିଅଛୁଁ" ଇତ୍ୟାଦି (ପ୍ରଥମ ସଂସ୍କରଣ ଭୂମିକା ଅକ୍ଟୋବର ୧୮୮୮) । ପୁଣି — "ଦୁଇଗୋଟି ସମସାମୟିକ ଐତିହାସିକ ଘଟନାର ସମନ୍ୱୟରେ ପଦ୍ମମାଳୀ ରଚିତ ହୋଇଅଛି । ନୀଳଗିରି ରାଜ୍ୟର କର୍ମଚାରୀମାନଙ୍କ ଦ୍ୱାରା ପାଞ୍ଚଗଡ଼ର ଆକ୍ରମଣ···ଏକ ଗୋଟି, ଅପରଟି ହରିହର ଭ୍ରମରବର ରାଜାଙ୍କ ଦ୍ୱାରା ନୀଳଗିରି ଆକ୍ରମଣ । ପୁରାତତ୍ତ୍ୱ ଅନୁସନ୍ଧିତ୍ସୁ ପାଠକ ସ୍ୱଳ୍ପ ଆୟାସ ବ୍ୟୟ କଲେ, ଏହି ଐତିହାସିକ ଘଟଣାଦ୍ୱୟର ମୌଳିକତା ଅବଗତ ହୋଇପାରିବେ । କ୍ରମେ ଅନ୍ୟାନ୍ୟ ଇତିବୃତ୍ତ ଗ୍ରନ୍ଥ ମଧ୍ୟରେ ସନ୍ନିବେଶିତ ହୋଇଅଛି, ଯଥା ନୀଳଗିରି ରାଜ୍ୟର ଇତିହାସ, ପାଞ୍ଚଗଡ ନୀଳଗିରିର ଅଧିକାରରୁ ଚ୍ୟୁତ ହୋଇ ଗଭର୍ଣ୍ମେଣ୍ଟଙ୍କର ଖାସମାହାଲଭୁକ୍ତ ହେବା, ପାଞ୍ଚଗଡ ଲୁଣ୍ଠନକାରୀଙ୍କର ଓ ନୀଳଗିରି ଆକ୍ରମଣକାରୀଙ୍କର ବାଲେଶ୍ୱରର ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ହେନେରି ରିକେଟସଙ୍କ ଦ୍ୱାରା ବିଚାର ଇତ୍ୟାଦି । ଏ ସକଳ ବର୍ଣ୍ଣନାରେ ଏକ ପକ୍ଷରେ ଯେପରି ଇତିହାସର ଏକ ବର୍ଣ୍ଣର ଅପଲାପ କରି ନାହୁଁ, ଅନ୍ୟ ପକ୍ଷରେ ପାଠକଙ୍କର ଚିତ୍ତରଞ୍ଜନ କରିବାକୁ ସମଧିକ ଯତ୍ନବାନ୍ ହୋଇଅଛୁଁ ।" ଇତ୍ୟାଦି (ଦ୍ୱିତୀୟ ସଂସ୍କରଣ ଭୂମିକା — ନଭେମ୍ବର ୧୯୧୨)

ଜାତୀୟ ଇତିହାସର ସାହିତ୍ୟିକ ଉପଯୋଗିତା ଆଧୁନିକ ଯୁଗର ଲେଖକମାନେ ଭଲ ଭାବରେ ହୃଦୟଙ୍ଗମ କରିଥିଲେ । ଇଂରାଜୀ ତଥା ବଙ୍ଗଳା ସାହିତ୍ୟରେ ସେତେବେଳେ ଇତିହାସରୁ କାହାଣୀ ବା ଉପାଦାନ ଗ୍ରହଣ କରାଯାଇ ଉପନ୍ୟାସମାନ ରଚିତ ହେଉଥିଲା । ଉମେଶଚନ୍ଦ୍ର ସାହିତ୍ୟ-ସାଧନାରେ ସେହି ପନ୍ଥା ଅନୁସରଣ କଲେ । ଓଡ଼ିଶା କମିଶନରଙ୍କ ଅଫିସ୍‌ର କର୍ମଚାରୀ ହିସାବରେ ସେ ସରକାରୀ ରେକର୍ଡ଼ପତ୍ରରୁ ନୀଳଗିରିର ଉକ୍ତ ଐତିହାସିକ ଘଟଣା ସଂଗ୍ରହ କରିଥିବେ, କିମ୍ବା ନିଜେ ହୁଏତ ସରକାରୀ ଗସ୍ତରେ ନୀଳଗିରି ପର୍ଯ୍ୟଟନ କରିଥିବେ । ସେତେବେଳେ ଏହି 'ଅନ୍ଧାରୀ ମୁଲକ' ଗଡଜାତ ସମୂହର ବିଭିନ୍ନ ଖବରାଖବର ପତ୍ରପତ୍ରିକା ପୃଷ୍ଠାରେ ନିୟମିତ ପ୍ରକାଶ ପାଉଥିଲା । ଉମେଶଚନ୍ଦ୍ର ତହିଁରୁ ମଧ୍ୟ ଉପନ୍ୟାସର କଥାବସ୍ତୁ ଆହରଣ କରିଥିବେ । 'ପଦ୍ମମାଳୀ'ରେ ବର୍ଣ୍ଣିତ ବିଭିନ୍ନ ସ୍ଥାନ ଓ ଘଟଣା ଗୁଡ଼ିକ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ବା ଅଭିଜ୍ଞତା ଥିବାର ସ୍ପଷ୍ଟ ଜଣାପଡ଼େ । ତାହା ନ ହୋଇଥିଲେ, ଉପନ୍ୟାସରେ ସ୍ଥାନ ଓ ପରିବେଶର ଏପରି ନିର୍ଦ୍ଦିଷ୍ଟ ତଥା ନିର୍ଭୁଲ ଚିତ୍ର ସେ ଦେଇପାରି ନ ଥାନ୍ତେ ।

ପ୍ରକୃତରେ, ଉମେଶଚନ୍ଦ୍ର ଉପନ୍ୟାସରେ ନୀଳଗିରିର ଇତିହାସକୁ ପଦେ ପଦେ ଅନୁସରଣ କରିଛନ୍ତି । ନୀଳଗିରି ରାଜ୍ୟର ଆୟତନ ୨୮୪ ବର୍ଗମାଇଲ: ଲୋକସଂଖ୍ୟା ପ୍ରାୟ ୭୦ ହଜାର । ମୁଗୁନି ପଥର ଲାଗି ଯଦିଓ ଓଡ଼ିଶାରେ ଖ୍ୟାତି ଲାଭ କରିଛି, ତଥାପି ଲେଖକଙ୍କ ଭାଷାରେ ଏହା କ୍ଷୁଦ୍ର ଆୟତନ-ବିଶିଷ୍ଟ ଏକ ଖ୍ୟାତନାମା ରାଜ୍ୟ । ୧୮୬୫ ମସିହା ଫେବୃଆରୀଠାରୁ ଜୁଲାଇ ମାସ ମଧ୍ୟରେ ଘଟିଥିବା ଏହି ରାଜ୍ୟର 'ସ୍ୱଳ୍ପବ୍ୟାପୀ ଘଟଣା' ଉପନ୍ୟାସଟିରେ ଚିତ୍ରିତ ହୋଇଛି । ରାଜା ନାବାଳକ ଥିବା ଅବସ୍ଥାରେ ରାଜ୍ୟ ରାଣୀଙ୍କ ଦ୍ୱାରା ଶାସିତ ହେଲେ, ପାର୍ଶ୍ୱଚର ବା ରାଜକର୍ମଚାରୀମାନେ କପରି କ୍ଷମତାର ଅପବ୍ୟବହାର କରି ଶାସନଗତ ବିଶୃଙ୍ଖଳା ସୃଷ୍ଟି କରି ଆଆନ୍ତି—ତାହା ଗଡ଼ଜାତ ରାଜ୍ୟମାନଙ୍କରେ ଏକ ପରିଚିତ ଘଟଣା । ନୀଳଗିରି ରାଜ୍ୟର ଅନୁରୂପ ଘଟଣାରେ ନାଟକୀୟତା ଓ ଗଳ୍ପ-ଗୁମ୍ଫନ କରିବାର ଉପାଦାନ ରହିଥିବାରୁ ଉମେଶଚନ୍ଦ୍ର ଏହାକୁ ନିଜ ଉପନ୍ୟାସର କଥାବସ୍ତୁ ରୂପେ ଗ୍ରହଣ କରିଛନ୍ତି ।

ତଥାପି 'ପଦ୍ମମାଳୀ'ରେ ଇତିହାସ ଅବିମିଶ୍ର ନୁହେଁ ! 'ଇତିହାସର ଏକ ବର୍ଷର ଅପଳାପ' ନ କରିବା ସଙ୍ଗେ ସଙ୍ଗେ ଲେଖକଙ୍କୁ 'ପାଠକଙ୍କର ଚିତ୍ତରଞ୍ଜନ କରିବାକୁ ସମଧ୍ୟ ଯତ୍ନବାନ୍' ହେବା ପାଇଁ ପଡ଼ିଛି । ସେଥିପାଇଁ ଉପନ୍ୟାସରେ ଇତିହାସକୁ ଅବିମିଶ୍ର ଭାବରେ ପରିବେଷଣ କରିବା ଅତ୍ୟନ୍ତ କଷ୍ଟକର ହୋଇଛି । ଘଟଣା ବର୍ଣ୍ଣନା ଓ ଚରିତ୍ର-ସମାବେଶରେ ଉମେଶଚନ୍ଦ୍ର କେତେକ ପରିମାଣରେ ସ୍ୱକଳ୍ପନା ବା ଜନଶ୍ରୁତି ଉପରେ ନିର୍ଭର କରିଥିବା ଜଣାପଡ଼େ । ଜୟନ୍ତୀ ଓ ବାଞ୍ଛାନିଧି ବଳବନ୍ତ ରାୟଙ୍କ ଉପାଖ୍ୟାନଟି କାଳ୍ପନିକ ବୋଲି ମନେ ହୁଏ । ରମିଷ୍ଠା ମା, ଲକ୍ଷ୍ମଣ ପଣ୍ଡା, ପୁରୁଷୋତ୍ତମ ସେନାପତି ପ୍ରଭୃତି ଚରିତ୍ର ଯେ ଐତିହାସିକ ନୁହନ୍ତି, ଉପନ୍ୟାସ-ପାଠରୁ ତାହା ସ୍ପଷ୍ଟ ଜଣାପଡ଼େ । ଏପରିକି ପଦ୍ମମାଳୀ, ଦୁର୍ଯ୍ୟୋଧନ ଦାସ ଓ ମହନ୍ତ ହରିହର ରାମାନୁଜ ଦାସ ଚରିତ୍ରର ଐତିହାସିକତା ସମ୍ପର୍କରେ ସଂଶୟ ଜନ୍ମେ । ଉପନ୍ୟାସର ମହତ୍ତ୍ୱ ଓ ଚମତ୍କାରିତା ସୃଷ୍ଟି ଉଦ୍ଦେଶ୍ୟରେ ଲେଖକ ଖୁବ୍ ସମ୍ଭବ ଉକ୍ତ ଚରିତ୍ର ଗୁଡ଼ିକ ସ୍ୱକଳ୍ପନା କିମ୍ବା ଜନଶ୍ରୁତିରୁ ଗ୍ରହଣ କରିଛନ୍ତି । ମୋଟାମୋଟି ଉପନ୍ୟାସରେ ମୁଖ୍ୟ ଐତିହାସିକ ଘଟଣା ଓ ଚରିତ୍ର ଅକ୍ଷୁଣ୍ଣ ବା ଅପରିବର୍ତ୍ତିତ ରହିଛି । ଯେଉଁଠି ଯାହା ଖଣ୍ଡନ-ମଣ୍ଡନ କରାଯାଇଛି, ତାହା ଉପନ୍ୟାସଟିକୁ ରସୋତ୍ତୀର୍ଣ୍ଣ କରିବା ଉଦ୍ଦେଶ୍ୟରେ ହିଁ କରାଯାଇଛି । ମନେ ରଖିବାକୁ ହେବ—ସାହିତ୍ୟ, ଇତିହାସ ନୁହେଁ । ଉପନ୍ୟାସ ମଧ୍ୟରୁ ଶୁଷ୍କ ଇତିହାସ ନୁହେଁ, କେବଳ ମାତ୍ର ଇତିହାସ-ରସ ଆମର ଅନୁସନ୍ଧେୟ । ବୋଲିବା ବାହୁଲ୍ୟ ଯେ—'ପଦ୍ମମାଳୀ'ରେ ଉମେଶଚନ୍ଦ୍ର ସେହି ଇତିହାସ-ରସ ପରିବେଷଣ କରିବାରେ ସମର୍ଥ ହୋଇଛନ୍ତି ।

(ଗ) 'ପଦ୍ମମାଳୀ'ର କାହାଣୀ ଜଟିଳ ବା ବହୁମୁଖୀ ନୁହେଁ । ପାଞ୍ଚଗଡର ପଟୋୟାରୀ (ଅମିନ) ଜଗବନ୍ଧୁ ପଟ୍ଟନାୟକଙ୍କ କନ୍ୟା ପଦ୍ମମାଳୀ ନିଜ ଜନନୀଙ୍କ ସହିତ ମାଣିନୀର ପ୍ରସିଦ୍ଧ କଖାରୁଆ ବୈଦ୍ୟନାଥଙ୍କ ଜାଗର ଯାତ୍ରା ଦେଖିବାକୁ ଯାଇଥିଲା । ମୟୂରଭଞ୍ଜର ଦକ୍ଷିଣାଂଶରେ ଅବସ୍ଥିତ ମାଣିନୀ, ନୀଳଗିରି ଗଡ଼ଠାରୁ ପ୍ରାୟ ବାର ମାଇଲ୍ ଦୂର । ଏଠାରେ ବହୁ ପ୍ରାଚୀନ କାଳରୁ କୁଣ୍ଡୀ ଜଳାଶୟ ମଧ୍ୟରେ ମହାଦେବ କଖାରୁଆ ବୈଦ୍ୟନାଥଙ୍କ ମନ୍ଦିର ବିରାଜମାନ । ପ୍ରତିବର୍ଷ ସପ୍ତାହବ୍ୟାପୀ ଜାଗର ଯାତ୍ରାରେ ଏଠାରେ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଯାତ୍ରୀ-ସମାବେଶ ହୋଇଥାଏ । ୧୨୪୨ ସାଲରେ (୧୮୫୩ ମସୀହା) ସେହି ଯାତ୍ରା ସ୍ଥଳରୁ ଦୁରାତ୍ମା ଦୁର୍ଯ୍ୟୋଧନ ଦାସ, ବାଞ୍ଛାନିଧି ଦଳବଳସହ ସହାୟତାରେ ପଦ୍ମମାଳୀକୁ ଅପହରଣ କରି ନେଇଗଲେ । ସେତିକବେଳେ ସେଠାରେ କପ୍ତିପଦାର ରାଜା ପଣ୍ଡିତ ସିଂହ ଉପସ୍ଥିତ ଥାଇ ଦୁର୍ଯ୍ୟୋଧନଙ୍କ ଗତିବିଧି ଲକ୍ଷ୍ୟ କରୁଥିଲେ । ନୀଳଗିରି ଗଡଠାରୁ କପ୍ତିପଦା ପ୍ରାୟ ସତର ମାଇଲ୍ ଦୂର । କପ୍ତିପଦା ସେତେବେଳେ ଏକ ସ୍ୱତନ୍ତ୍ର ରାଜ୍ୟ ଥିଲା ଏବଂ ଏହାର ରାଜା 'ଭୁଜଙ୍ଗ ମାନ୍ଧାତା ବିରାଟ ବସନ୍ତହରିଚନ୍ଦନ' ଉପାଧିରେ ଭୂଷିତ ହୋଇଥିଲେ । ନୀଳଗିରି-ସିଂହାସନ ପ୍ରତ୍ୟାଶୀ ରାଜବଂଶୀୟ ହରିହର ଭ୍ରମରବର (ପଣ୍ଡିତ ସିଂହଙ୍କ ଭଗିନୀପତି) ✤ ସେହି ସମୟରେ ବିଦ୍ରୋହ-ଅଭିଯାନ ଲାଗି କପ୍ତିପଦାର ସାହାଯ୍ୟ ଲୋଡ଼ୁଥିଲେ । ଏଣେ ରାଜା-ଗୋବିନ୍ଦଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ପରଲୋକ ପରେ ନୀଳଗିରି ଶାସନ-ଦାୟିତ୍ୱ ସେତେବେଳେ କନିଷ୍ଠା ରାଣୀ ଚନ୍ଦ୍ରା ଦେବୀଙ୍କ ଉପରେ ନ୍ୟସ୍ତ ଥିଲା । ରାଣୀଙ୍କ ଭ୍ରାତା ଶିବଚରଣ ପଟ୍ଟନାୟକ ଦେଓ୍ୱାନ୍ ପଦରେ ରହି ରାଣୀଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । କିନ୍ତୁ ଦୁର୍ଯ୍ୟୋଧନ ଦାସ, ଦେଓ୍ୱାନ ଶିବଚରଣ ପଟ୍ଟନାୟକଙ୍କର ପିଉସୀ-ପୁଅ ଭାଇ ହିସାବରେ ଖୁବ୍ ପ୍ରତିପତ୍ତିଶାଳୀ ହୋଇ ଉଠିଥିଲେ ଏବଂ ରାଜ୍ୟର ସମସ୍ତ ଶାସନ-କାର୍ଯ୍ୟ ବୁଝାଶୁଝା କରୁଥିଲେ । ତାହାଙ୍କ ଶାସନରେ ପାଇକ ଓ ପ୍ରଜାମାନେ ଉତ୍ପୀଡ଼ିତ ହୋଇଥିଲେ । ଯାହାହେଉ, ମାଣିନୀ ଜାଗରଯାତ୍ରାରୁ ପଦ୍ମ-ମାଳୀକୁ ହରଣ କରି ଦୁର୍ଯ୍ୟୋଧନ କଂସାରି (କଇଁସାରି) ଆଡ଼କୁ ନେଇ ଯାଉଥିଲା ବେଳେ ବାଟରେ ପଣ୍ଡିତ ସିଂହ ପଦ୍ମମାଳୀକୁ ଉଦ୍ଧାର କରି ଦେଉଳ ସାହି (ଦେଉଳିଆ) ମଠରେ ମହନ୍ତ ହରିହର ରାମାନୁଜ ଦାସଙ୍କ ତତ୍ତ୍ୱାବଧାନରେ ଆଣି ଛାଡ଼ିଥିଲେ । ପଦ୍ମମାଳୀ ଓ ପଣ୍ଡିତ ସିଂହ ପରସ୍ପର ପ୍ରତି ପ୍ରେମାସକ୍ତ ହେଲେ । ଏମାନଙ୍କର ବିବାହ ନିର୍ବନ୍ଧ ହୋଇସିବାର ଶୁଣି ପ୍ରତିପତ୍ତିଶାଳୀ ଦୁର୍ଯ୍ୟୋଧନ ଦାସ, କୌଶଳକ୍ରମେ ରାଣୀ ଚନ୍ଦ୍ରାଦେବୀଙ୍କ ଅନୁମତି ନେଇ ଜଗବନ୍ଧୁ ପଟ୍ଟନାୟକଙ୍କୁ

---

✤ ଓଡ଼ିଶା ଇତିହାସ-ଶ୍ରୀ ହରେକୃଷ୍ଣ ମହତାବ, ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ (୧୯୪୮)—ପୃଷ୍ଠା ୩୬୪

ବନ୍ଦୀ କରିବା ସଙ୍ଗେ ସଙ୍ଗେ ପଦ୍ମମାଳୀକୁ ପୁଣି ବଳାତ୍କାରରେ ହରଣ କରି ଆଣିଲେ । ଘଣ୍ଟଶିଳା ପାଇକମାନେ ବିଦ୍ରୋହୀ ହୋଇ ହରିହର ଭ୍ରମରବରଙ୍କ ସହିତ ମିଳିତ ହେବା ଅଭିଯୋଗରେ ଏଣେ ଘଣ୍ଟଶିଳାର ଗଡ଼ନାୟକ ଲମ୍ବୋଦର ଗଜେନ୍ଦ୍ରଙ୍କୁ ଦୁର୍ଯ୍ୟୋଧନ ଦାସ ବନ୍ଦୀ କଲେ ଏବଂ ତାଙ୍କର କନ୍ୟା ଜୟନ୍ତୀଙ୍କୁ ମଧ୍ୟ ଅପହରଣ କଲେ । ଅପହୃତ ଜୟନ୍ତୀ ଓ ପଦ୍ମମାଳୀ, ଦୁର୍ଯ୍ୟୋଧନଙ୍କ କାମଲାଳସାର ଚରିତାର୍ଥ ଲାଗି ଉଦ୍ୟାନବାଟିକାରେ ଗୋପନରେ ଆବଦ୍ଧ ହୋଇ ରହିଲେ । ତା'ପରେ ପରୀକ୍ଷିତ ସିଂହ ଓ ହରିହର ଭ୍ରମରବର ଦୁହେଁ ମିଳି ସସୈନ୍ୟ ନୀଳଗିରି ଆକ୍ରମଣ କଲେ । ଏଥିରେ ଭୟଭୀତ ହୋଇ ରାଣୀ ଚନ୍ଦ୍ରା ଦେବୀ ଆପଣା ନାବାଳକ ପୁତ୍ରଙ୍କୁ ଘେନି ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ଆଶ୍ରୟ ନେବା ଉଦ୍ଦେଶ୍ୟରେ ବାଲେଶ୍ୱର ପଳାୟନ କଲେ । ସେତେବେଳେ ବ୍ରିଟିଶ୍ ସରକାର ଲୋଡ଼ା ପଡ଼ିଲେ ଗଡ଼ଜାତ ରାଜ୍ୟମାନଙ୍କର ଶାସନ କାର୍ଯ୍ୟରେ ହସ୍ତକ୍ଷେପ କରୁଥିଲେ ଏବଂ ସୁଶାସନ, ମେଳି-ଦମନ ଆଦି କାର୍ଯ୍ୟରେ ଶାସକମାନଙ୍କର ସହାୟକ ହେଉଥିଲେ । * ପରୀକ୍ଷିତ ସିଂହ ଗଡ଼ ଦଖଲ କରି ଦୁର୍ଯ୍ୟୋଧନ ଦାସଙ୍କୁ ବନ୍ଦୀ କଲେ ଏବଂ ପଦ୍ମମାଳୀ ଓ ଜୟନ୍ତୀଙ୍କୁ ଉଦ୍ଧାର କଲେ । ପରେ ପରେ ବାଲେଶ୍ୱର କଲେକ୍ଟର ଫୌଜ ଘେନି ଆସି ଗଡ଼ଠାରେ ପହଞ୍ଚି ଯିବାରୁ ବିଦ୍ରୋହୀମାନେ ନିଜର ପ୍ରଧାନ ଘାଟୀ ବରହମପୁରକୁ (ନୀଳଗିରି ଗଡ଼ଠାରୁ ପ୍ରାୟ ଆଠ ମାଇଲ୍ ଦୂର) ପଳାଇ ଗଲେ ।

ନୀଳଗିରିରେ ଶାନ୍ତି ସ୍ଥାପିତ ହେଲା । ବିଚାରରେ ବିଦ୍ରୋହୀମାନଙ୍କ ପ୍ରତି ଦଣ୍ଡ ବିଧାନ କରାଗଲା । ଶେଷରେ ପଦ୍ମମାଳୀ ଓ ପରୀକ୍ଷିତ ସିଂହଙ୍କର ମଙ୍ଗଳକୃତ୍ୟ ସମ୍ପନ୍ନ ହେଲା । ପୂର୍ବରୁ ଜୟନ୍ତୀ ଓ ବାଞ୍ଛାନିଧି ବଳବନ୍ତରାୟ ପରସ୍ପର ପ୍ରତି ଆକୃଷ୍ଟ ହୋଇଥିଲେ । ପଦ୍ମମାଳୀର ଚେଷ୍ଟାରେ ସେମାନଙ୍କର ମଧ୍ୟ ବିବାହ ହୋଇଗଲା । ଦୁରାତ୍ମା ଦୁର୍ଯ୍ୟୋଧନ ଦାସ କପ୍ତିପଦା କାରାଗାର ମଧ୍ୟରେ ଅତିଶୟ ମାନସିକ ଓ ଶାରୀରିକ କଷ୍ଟରେ ପ୍ରାଣ ତ୍ୟାଗ କଲେ ।

(୪) 'ପଦ୍ମମାଳୀ' ଘଟଣାପ୍ରଧାନ ଉପନ୍ୟାସ, ଚରିତ୍ର ପ୍ରଧାନ ନୁହେଁ । ନୀଳଗିରିର ଐତିହାସିକ ଘଟଣା ସହିତ ପଦ୍ମମାଳୀ ଓ ଜୟନ୍ତୀର ପ୍ରଣୟ-ଉପାଖ୍ୟାନ ସଂଯୋଜିତ କରି ଲେଖକ ଏହାକୁ ରୋମାନ୍ସର ରୂପ ପ୍ରଦାନ କରିଛନ୍ତି । 'An Historical Romance of the Orissa Tributary Mehals' ଅଥବା 'ଓଡ଼ିଶା ଗଡ଼ଜାତ ମାହାଲର ଏକ ଐତିହାସିକ ଉପନ୍ୟାସ' ନାମରେ ମଧ୍ୟ ଏହାକୁ ଅଭିହିତ କରାଯାଇଛି । ରୋମାନ୍ସ ଓ ଉପନ୍ୟାସ ଦୁହେଁ ଏକ ଜାତୀୟ

---

* Foundations of British Orissa—Dr. B. C. Ray, New students Store, Cuttack (1960)—Page 91.

ହେଲେ ହେଁ ଦୁଇଟି ମଧ୍ୟରେ ସୂକ୍ଷ୍ମ ପାର୍ଥକ୍ୟ ବିଦ୍ୟମାନ । ରୋମାନ୍ସ, ଉପନ୍ୟାସର ଆବାହକ ବା ପଥପ୍ରଦର୍ଶକ । ଏହା ଉପନ୍ୟାସର ମୂଳଦୁଆ ସ୍ଥାପନ କରିଛି । * ବିଶ୍ୱର ବିଭିନ୍ନ ସାହିତ୍ୟରେ ଉପନ୍ୟାସର ବିକାଶ ପୂର୍ବରୁ ବହୁ ସଂଖ୍ୟକ ରୋମାନ୍ସ ରଚିତ ହୋଇଥିବାର ପରିଲକ୍ଷିତ ହୁଏ । ଓଡ଼ିଆ ସାହିତ୍ୟରେ ମଧ୍ୟ ଏହାର ବ୍ୟତିକ୍ରମ ଘଟି ନାହିଁ । ପ୍ରକୃତ ଉପନ୍ୟାସ-ପଦବାଚ୍ୟ 'ଛ ମାଣ ଆଠଗୁଣ୍ଠ' ରଚିତ ହେବା ପୂର୍ବରୁ 'ସୌଦାମିନୀ', 'ଅନାଥିନୀ', 'ପଦ୍ମମାଳୀ', 'ବିବାସିନୀ' ଇତ୍ୟାଦି ରୋମାନ୍ସମାନ ସୃଷ୍ଟି ହୋଇଛି ।

ବାସ୍ତବତାର ଆପେକ୍ଷିକ ପ୍ରାଧାନ୍ୟ ଘେନ ରୋମାନ୍ସ ଓ ଉପନ୍ୟାସ ମଧ୍ୟରେ ପାର୍ଥକ୍ୟ । † ବାସ୍ତବତା ଉପନ୍ୟାସର ପ୍ରାଣ, କିନ୍ତୁ ରୋମାନ୍ସରେ ବାସ୍ତବତା ବଡ଼ କଥା ନୁହେଁ । ଏଥିରେ ବିଶେଷ ଭାବରେ ଅସାଧାରଣତ୍ୱ, କଳ୍ପନାପ୍ରବଣତା ଓ ଜୀବନର ବର୍ଣ୍ଣବହୁଳତା ସ୍ଥାନ ପାଇଥାଏ । "ସେଥିପାଇଁ ସୂର୍ଯ୍ୟାଲୋକ-ଦୀପ୍ତ ଅତି ପରିଚିତ ବର୍ତ୍ତମାନ ଅପେକ୍ଷା କୁହେଳିକାଚ୍ଛନ୍ନ ଅପରିଚିତ ଅତୀତ ଆଡ଼କୁ ଏହାର ସ୍ୱାଭାବିକ ପ୍ରବଣତା" । ତଥାପି ରୋମାନ୍ସ ବାସ୍ତବ ଜୀବନ ସହିତ ଯୋଗସୂତ୍ର ହରାଇ ନ ଥାଏ । ନୋହିଲେ ଏହା ସମ୍ପୂର୍ଣ୍ଣ ଅସମ୍ଭବ ରୂପକଥା ବା ପରୀ-ଗଳ୍ପରେ ପରିଣତ ହୋଇ-ଯିବାର ସମ୍ଭାବନା । ରୋମାନ୍ସରେ ସାଧାରଣତଃ ଦୁଃସାହସିକ ଅଡ଼ଭେଞ୍ଚର, ବୀରତ୍ୱପୂର୍ଣ୍ଣ କାର୍ଯ୍ୟ, ରୋମାଞ୍ଚକର ଘଟଣା ଏବଂ ଅଭିଜାତ ଶ୍ରେଣୀର ପ୍ରେମୋପାଖ୍ୟାନ ସମାବେଶ କରାଯାଇଥାଏ । ମୋଟାମୋଟି ରୋମାନ୍ସର କାହାଣୀ, ଘଟଣା, ଚରିତ୍ର ଓ ପରିବେଶ ସମସ୍ତ ଊଣାଧିକେ ରହସ୍ୟମୟ, କୁହେଳିକାଚ୍ଛନ୍ନ ହୋଇଥାଏ । 'ପଦ୍ମମାଳୀ'ରେ ଏହି ରୋମାନ୍ସ-ଧର୍ମ ସମ୍ପୂର୍ଣ୍ଣ ରୂପେ ବିଦ୍ୟମାନ । ଏଥିରେ ଦୁର୍ଯ୍ୟୋଧନ ଦାସଙ୍କର ଦୁଇଥର ପଦ୍ମମାଳୀ ହରଣ, ଘଣ୍ଟଶିଳାରୁ କସ୍ତୁରୀ-ଅପହରଣ, ପରୀକ୍ଷିତ ସିଂହ ଓ ଦୁର୍ଯ୍ୟୋଧନ ଦାସଙ୍କ ମଧ୍ୟରେ ମଲ୍ଲଯୁଦ୍ଧ, ଦେଉଳସାହି ମଠ ମହନ୍ତଙ୍କର କାର୍ଯ୍ୟକଳାପ, ପଦ୍ମମାଳୀ-ପରୀକ୍ଷିତ ସିଂହଙ୍କର ପ୍ରେମୋପାଖ୍ୟାନ, ହରିହର ଭ୍ରମରବର ଓ ପରୀକ୍ଷିତ ସିଂହଙ୍କର ମିଳିତ ଭାବରେ ମାଲିଗିରି ଆକ୍ରମଣ ଓ ଗଡ଼ ଲୁଣ୍ଠନ ପ୍ରଭୃତି ଚିତ୍ର ଏକାନ୍ତ ଭାବରେ ରୋମାନ୍ସ-ସୁଲଭ ।

---

* "Romance lays the foundation of modern prose fiction in such a fashion that the mere working out and building up of certain features leads to, and in fact involves the whole structure of the modern novel."
—Encyclopaedia Britanica, 14th edition—Vol. 19

† ବଙ୍ଗ ସାହିତ୍ୟେ ଉପନ୍ୟାସେର ଧାରା—ଶ୍ରୀକୁମାର ବନ୍ଦ୍ୟୋପାଧ୍ୟାୟ, ମଡାର୍ଣ୍ଣ ବୁକ୍ ଏଜେନ୍ସି, କଲିକତା (୧୯୪୮)—ପୃଷ୍ଠା ୫୨।୫୩

(୫) ଉପନ୍ୟାସ ନାମକରଣରେ ଉମେଶଚନ୍ଦ୍ର ଆମର ପ୍ରାଚୀନ ସାହିତ୍ୟର ନାମକରଣ ରୀତି ଅନୁସରଣ କରିଛନ୍ତି । ସାଧାରଣତଃ ନାୟକ-ନାୟିକାଙ୍କର ନାମ ଅଥବା ରୂପ-ଗୁଣକୁ ଭିତ୍ତି କରି ପ୍ରାଚୀନ କାବ୍ୟର ନାମ ସ୍ଥିରୀକୃତ ହେଉଥିଲା । ଉଦାହରଣ—କଳ୍ପଲତା (ଅର୍ଜୁନ ଦାସ), ରସ ଇଚ୍ଛାବତୀ (ବନମାଳୀ ଦାସ), ଶଶିସେଣା (ପ୍ରତାପ ରାୟ), ମଦନମଞ୍ଜରୀ, ଅନଙ୍ଗରେଖା (ଧନଞ୍ଜୟ ଭଞ୍ଜ), ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡସୁନ୍ଦରୀ (ଉପେନ୍ଦ୍ର ଭଞ୍ଜ) ପ୍ରଭୃତି । ଏହି ପରଂପରା ଅନୁସରଣରେ ସେତେବେଳେ ଆମର ଅଧିକାଂଶ ଉପନ୍ୟାସର ନାମକରଣ ସ୍ଥିରୀକୃତ ହୋଇଥିଲା । ସୌଦାମିନୀ, ଅନାଥିନୀଠାରୁ ଆରମ୍ଭ କରି ଫକୀରମୋହନଙ୍କର ମାମୁଁ, ଲଛମା ପର୍ଯ୍ୟନ୍ତ ଉପନ୍ୟାସର ନାମକରଣ ଏହାର ଦୃଷ୍ଟାନ୍ତ ।

'ପଦ୍ମମାଳୀ' ନାମଟି ଖୁବ୍ ଲୌକିକ ଏବଂ ଆମ ସମାଜରେ ସୁପରିଚିତ ଥିବାର ଜଣାପଡ଼େ । ଏହି ନାମ ମଧ୍ୟରେ ଯେତେ ପରିମାଣରେ ଜାତୀୟତା ପରିସ୍ଫୁଟ ହୋଇଛି, 'ସୌଦାମିନୀ', 'ବିବାସିନୀ' ନାମଗୁଡ଼ିକ ମଧ୍ୟରେ ସେତେ ପ୍ରକଟିତ ହୋଇ ନାହିଁ । ଉପନ୍ୟାସର ମୁଖ୍ୟ ନାରୀ ଚରିତ୍ର ହିସାବରେ ପଦ୍ମମାଳୀ ପାଠକ ନିକଟରେ ଆଶାନୁରୂପ ଭାବରେ ଉଦ୍‌ଘାଟିତ ହୋଇପାରି ନାହିଁ । ପ୍ରାଚୀନ କାବ୍ୟର ପାରମ୍ପରିକ 'ନାୟିକା' ରୂପରେ ପଦ୍ମମାଳୀକୁ ଲେଖକ ରୂପ-ଗୁଣସମ୍ପନ୍ନା କରି ଅଙ୍କନ କରିଛନ୍ତି । ତାଙ୍କଭାଷାରେ—"ଦଶମ ବର୍ଷ ଉତ୍ତୀର୍ଣ୍ଣ ହେଲା ପୂର୍ବରୁ ପଦ୍ମମାଳୀ କୋଇଲି, ଗୋପୀଭାଷା, ଭାରତ, ଭାଗବତ ଇତ୍ୟାଦି ଗ୍ରନ୍ଥ ସମାପ୍ତ କରିଥିଲା । ତାହାର ବୁଦ୍ଧିର ବିଚକ୍ଷଣତା ଦେଖି X X ପଣ୍ଡିଆରୀ ପଦ୍ମମାଳୀକୁ କୌମୁଦୀ, ଅମର, କାବ୍ୟ ନାଟକ ପ୍ରଭୃତି ପଠନ କରାଇଥିଲେ । ଏତଦ୍ ବ୍ୟତିରେକେ ଲାବଣ୍ୟବତୀ, ରସକଲ୍ଲୋଳ, ପ୍ରେମ ସୁଧାନିଧି, ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପୁସ୍ତକ ପଦ୍ମମାଳୀ ପାଠ କରିଥିଲା ଓ ପଦ୍ମମାଳୀ ଜଣେ 'ଗୀତାର୍ଥୀ' ବୋଲି ପଣ୍ଡିଆରୀ ସର୍ବଦା ଶ୍ଳାଘା କରୁଥିଲେ ।"—(ତୃତୀୟ ପରିଚ୍ଛେଦ) ଗଭୀର ଅନ୍ଧକାର ରାତିରେ ଅପହୃତା ହୋଇ ଷୋଡ଼ଶୀ ପଦ୍ମମାଳୀ ଯେଉଁପରି ଧୈର୍ଯ୍ୟ ଓ ନିର୍ଭୀକତାର ସହିତ ଦୁର୍ଯ୍ୟୋଧନ ଦାସଙ୍କ ସହିତ କଥାବାର୍ତ୍ତା କରିଛି (ଯଥା—"ଆପଣଙ୍କ ବ୍ୟବହାରରେ ଆମ୍ଭେ ଆପଣଙ୍କ ପ୍ରତି ଅନୁରାଗିଣୀ ହୋଇ ପାରିଲୁ ନାହିଁ ।"), ତହିଁରୁ ତାହାର ସ୍ପଷ୍ଟବାଦିତା ଓ ସାହସିକତାର ପରିଚୟ ମିଳେ । ଦ୍ୱିତୀୟ ଥର ତାକୁ ଯେତେବେଳେ ହରଣ କରାଯାଇ ରାଜ୍ଞୀକ ଗୋପନ ପ୍ରକୋଷ୍ଠ ମଧ୍ୟରେ ବନ୍ଦିନୀ କରାଯାଇଛି, ସେହି ଦୁଃଖ-ବିପଦକୁ ସେ ଖୁବ୍ ଧୈର୍ଯ୍ୟ ଧରି ସହ୍ୟ କରିଛି—ସକଳ ଅନ୍ୟାୟ ଅତ୍ୟାଚାରର ସମ୍ମୁଖୀନ ହୋଇଛି । ତାହାର ଚରିତ୍ରବଳ ଓ ନୈତିକ ସାହସ ଆଶାନୁରୂପ ଥିବାର ଜଣାପଡ଼େ । ସେଇଥିପାଇଁ ହୁଏତ ସେ ପରୀକ୍ଷିତ ସିଂହଙ୍କର ଶୌର୍ଯ୍ୟ, ବୀର୍ଯ୍ୟ, ଉନ୍ନତ ପୁରୁଷକାରକୁ ବରଣ କରିଛି—ଦୁର୍ଯ୍ୟୋଧନ ଦାସଙ୍କର ଲଂପଟ-ସୁଲଭ ପଶୁ ବଳ, କାପୁରୁଷତାକୁ ନୁହେଁ । ସେ

ଧୈର୍ଯ୍ୟଶୀଳିକା ରୂପେ ପ୍ରତିଭାତ, ବିଉଶୀଳ୍‌କା ବା ପ୍ରତିପତ୍ତିଶୀଳ୍‌କା ରୂପେ ନୁହେଁ । ପଦ୍ମମାଳା ରସିକା, ପ୍ରେମିକା ମଧ୍ୟ । ଆପଣା ବୟସ ଓ ଅନୁକୂଳ ପରିବେଶ ମଧ୍ୟରେ ସେ ପ୍ରଥମ ସାକ୍ଷାତରେ ପରୀକ୍ଷିତ ସିଂହଙ୍କୁ ସୁଖ ପାଇ ବସିଛି । ରୀତି ଯୁଗର କାବ୍ୟ-ନାୟିକାଙ୍କ ଭଳି ନିଜ ମନର ମଣିଷଙ୍କ ସହ ମିଳିତ ହେବାର ସ୍ୱପ୍ନ ଦେଖିଛି (ପଞ୍ଚମ ପରିଚ୍ଛେଦ) । ତା'ପରେ ପରୀକ୍ଷିତ ସିଂହଙ୍କର ପଦମର୍ଯ୍ୟାଦା ସେମାନଙ୍କ ମିଳନ-ପଥରେ ପ୍ରତିବନ୍ଧକ ହେବ ନାହିଁ ବୋଲି ଯେତେବେଳେ ଜାଣିଛି, ସେ ବିନା ଦ୍ୱିଧା ଓ ସଙ୍କୋଚରେ ଆପଣା ପ୍ରେମିକଙ୍କଠାରେ ନିଜକୁ ନିବେଦନ କରି ଦେଇଛି । ପଦ୍ମମାଳୀର ଏହି ପ୍ରେମ କେତେ ଗଭୀର ଓ ନିଷ୍ଠାପର ତାହା ତାହାର ବିଚ୍ଛେଦକାଳୀନ ଚିନ୍ତା ଓ ଅସୁସ୍ଥତାରୁ ସ୍ପଷ୍ଟ ଜଣାପଡ଼େ ( ତ୍ରୟୋଦଶ ପରିଚ୍ଛେଦ ) । ପୁଣି ଏ ପ୍ରେମ ସଂକୀର୍ଣ୍ଣ, ସ୍ୱାର୍ଥ-ସର୍ବସ୍ୱ ନୁହେଁ—ଅପରର ସୁଖ କାମନାରେ ମହତ୍ ଓ ଉଦାର । ଉପନ୍ୟାସର ଉପସଂହାରରେ ପରୀକ୍ଷିତଙ୍କ ସହ ମିଳିତ ହେବା ପରେ, ଜୟନ୍ତୀ ଓ ବାଞ୍ଛାନିଧି ବଳବନ୍ତ ରାୟଙ୍କର ମିଳନ ସଂଘଟିତ କରାଇବା ଲାଗି ପଦ୍ମମାଳୀର ପରୀକ୍ଷିତ ସିଂହଙ୍କୁ ଅନୁରୋଧ ଏହାର ପ୍ରମାଣ ।

ଜୟନ୍ତୀ, ପଦ୍ମମାଳୀର ଏକ ସମାନ୍ତରାଳ ଚରିତ୍ର । ପଦ୍ମମାଳୀ ପରୀକ୍ଷିତ ସିଂହଙ୍କ ପ୍ରଣୟକୁ ସୁପରିସ୍ଫୁଟ କରିବା ଲାଗି ଲେଖକ ଉପନ୍ୟାସ ମଧ୍ୟରେ ଜୟନ୍ତୀ-ବଳବନ୍ତ ରାୟଙ୍କ ପ୍ରଣୟ-ଚିତ୍ର ଅଙ୍କନ କରିଥିବାର ମନେ ହୁଏ । ଜୟନ୍ତୀ, ପଦ୍ମମାଳୀର ପ୍ରକୃତ ବାନ୍ଧବୀ ରୂପେ ସୁଖ-ଦୁଃଖରେ ସହାନୁଭୂତି ଜଣାଇଛି—ବିପଦ ଆପଦରେ ସହାୟତା କରିଛି । ପଦ୍ମମାଳୀ ସଦୃଶ ସେ ସାହସିନୀ ଓ ଧୈର୍ଯ୍ୟଶୀଳା । ନିର୍ଜନ ଉଦ୍ୟାନ-ଗୃହରେ ଦୁର୍ଯ୍ୟୋଧନ ଦାସ, ପଦ୍ମମାଳୀ ଉପରେ ଅତ୍ୟାଚାର କରିବାକୁ ଅଗ୍ରସର ହେଲାବେଳେ ସେ ତୀକ୍ଷ୍ଣଧାର କଟାରୀ ହସ୍ତରେ ତାଙ୍କୁ ବାଧା ଦେଇଛି (ଏକତ୍ରିଂଶ ପରିଚ୍ଛେଦ) ।

ନାରୀ ଚରିତ୍ରଗୁଡ଼ିକ ମଧ୍ୟରେ ସବୁଠାରୁ ଉଲ୍ଲେଖଯୋଗ୍ୟ ହେଉଛି--ବୃଦ୍ଧା ରମିସ୍ତା ମା ଚରିତ୍ର । ଲେଖକଙ୍କ ଭାଷାରେ—'ବୃଦ୍ଧା ବାରାଙ୍ଗନା ନୁହେଁ । ସେ ଏକକାଳେ କୁଳବଧୂ ଥିଲା । କିନ୍ତୁ ଅକାଳେ ବୈଧବ୍ୟ ଯନ୍ତ୍ରଣା ସହ୍ୟ କରି ନ ପାରି ସେ ଏକ ପ୍ରତିବେଶୀର ଆଶ୍ୱାସ ପାଇ ଶ୍ୱଶୁରାଳୟ ପରିତ୍ୟାଗ କଲା । ଯାହା ଉପରେ ନିର୍ଭର କରି ସେ ଗୃହରୁ ବାହାର ହୋଇଥିଲା, କୁଳଟାକୁ ସଂରକ୍ଷଣ କରିବାର ତାହାର ଉପଯୁକ୍ତ ସଙ୍ଗତି ନ ଥିଲା । କୁଳଧା ଶୀଘ୍ର ସହାୟହୀନା ହେଲା । ଗ୍ରାସାଚ୍ଛାଦନର ଅନ୍ୟ ଉପାୟ ନ ଦେଖି କୁଳଟା ଦୁଷ୍କ୍ରିୟାଶୀଳ କାମାନ୍ଧ ଯୁବକଙ୍କୁ ତାହାର ଯୌବନ ବିକ୍ରୟ କରିବାକୁ ଆରମ୍ଭ କଲା । କୁଳଟାର ଯୌବନ ସମ୍ପତ୍ତି ଅତିଶୀଘ୍ର ନିଃଶେଷିତ ହେଲା । ଉପାୟବିହୀନା ହୋଇ, ଯେଉଁ

ଯୁବକମାନେ ଏକ ସମୟରେ ତାହାର ଯୌବନରେ ଉନ୍ମତ୍ତ ଥିଲେ, ତାହାକୁ ସେମାନଙ୍କର ଆଶ୍ରୟ ଗ୍ରହଣ କରିବାର ଆବଶ୍ୟକ ହେଲା । ଦୁର୍ଯ୍ୟୋଧନ ସେ ଯୁବକଙ୍କ ମଧ୍ୟରୁ ଏକ ଜଣ । ବୁଢ଼ୀ ଦୁର୍ଯ୍ୟୋଧନର ଦୁଷ୍ପ୍ରବୃତ୍ତି ଚରିତାର୍ଥ ସକାଶେ ଅନେକ ରୂପବତୀ କୁଳ କାମିନୀର ସର୍ବନାଶ କରିଥିଲା ଓ ତଦ୍ଦ୍ୱାରା ଦୁର୍ଯ୍ୟୋଧନଙ୍କୁ ସନ୍ତୁଷ୍ଟ କରି ତାହାର ଏକ ପ୍ରକାର ଜୀବିକା ନିର୍ବାହ ହେଉଥିଲା ।"—(ବିଂଶ ପରିଚ୍ଛେଦ) ତେଣୁ 'ପୋଷା ତାହୁକ' ଭଳି ରମିସ୍ୱା ମା ଦୁର୍ଯ୍ୟୋଧନ ଦାସଙ୍କ ପାଖରେ ରହି ତାଙ୍କର ଲାମ୍ପଟ୍ୟ ଓ କାମୁକତାକୁ ନିୟମିତ ଇନ୍ଧନ ଯୋଗାଉଥିଲା । ସେହି ବୁଢ଼ୀ ହିଁ ପ୍ରଥମେ ଦାସଙ୍କୁ କଜ୍ଜ୍ୱଳୀର ସନ୍ଧାନ ଦେଇଥିଲା ଏବଂ ଦାସଙ୍କ ଉଦ୍ୟାନ-ଗୃହର ରକ୍ଷିକା ରୂପେ ଅତି ସତର୍କତାର ସହିତ ସଦ୍ୟଧୃତା 'ତାହୁକମାନଙ୍କୁ' ପୋଷ ମନାଉଥିଲା । ଆମ ସମାଜରେ ଏପରି କୁଟ୍ଟଣୀ ଜାତୀୟା ଚରିତ୍ରର ଅଭାବ ନାହିଁ । 'ରସବିନୋଦ'ର କାମମନ୍ତ୍ରୀ ମାଲୁଣୀ କିମ୍ବା ହର୍ଷମତୀ କେଳୁଣୀ ସହ ରମିସ୍ୱା ମା' ଚରିତ୍ରର କେତେକ ସାଦୃଶ୍ୟ ପରିଦୃଷ୍ଟ ହୁଏ । ପରବର୍ତ୍ତୀ କାଳରେ ଫକୀରମୋହନ ଏହି ଚରିତ୍ରରୁ ପ୍ରେରଣା ଲାଭ କରି ଚମ୍ପା, ଚନ୍ଦକଳା ଆଦି ଚରିତ୍ର ସୃଷ୍ଟି କରିଥିବା ସମ୍ଭବ । ରମିସ୍ୱା ମା' ବ୍ୟତୀତ ଚନ୍ଦ୍ରଲେଖା (ପଦ୍ମମାଳୀର ମା') ମୟନା (ଲୌହ-କାର ପୁରୁଷୋତ୍ତମ ସେନାପତିଙ୍କ ସହକାରୀ ପହଲ ଗୋସ୍ୱାଏତର ସ୍ତ୍ରୀ) ରାଣୀ ଚନ୍ଦ୍ରାଦେବୀ ପ୍ରଭୃତି ଆହୁରି ଅଳ୍ପ କେତେ ଗୋଟି ନାରୀ ଚରିତ୍ର ଉପନ୍ୟାସରେ ସନ୍ନିବେଶିତ ହୋଇଛି । ଗଳ୍ପାଂଶ ମଧ୍ୟରେ ସାମାଜିକ ପରିବେଶ ସୃଷ୍ଟି କରିବା ବ୍ୟତୀତ ଏଗୁଡ଼ିକର ଅନ୍ୟ କୌଣସି ବିଶେଷତ୍ୱ ପରିଲକ୍ଷିତ ହୁଏ ନାହିଁ ।

ପରୀକ୍ଷିତ ସିଂହଙ୍କର ସାହସ, ବୀରତ୍ୱ ଓ କ୍ଷାତ୍ର ଶକ୍ତି ଉପନ୍ୟାସରେ ପ୍ରକଟିତ ହୋଇଥିଲେ ହେଁ ତାଙ୍କର ଚରିତ୍ର-ଚିତ୍ରଣ ପ୍ରଭାବଶାଳୀ ହୋଇ ପାରି ନାହିଁ । ଆମ ଲୋକ-କଥାର ବିଜୟୀ ରାଜପୁତ୍ର କିମ୍ବା ମଧ୍ୟଯୁଗୀୟ ମଲ୍ଲବୀର ସଦୃଶ ପରୀକ୍ଷିତ ସିଂହ ପାଠକମାନଙ୍କ ନିକଟରେ ପ୍ରତିଭାତ ହୁଅନ୍ତି । ରାଜା ବା ଶାସକର ବିଭିନ୍ନ ଗୁଣରେ ସେ ଭୂଷିତ (ସପ୍ତଦଶ ପରିଚ୍ଛେଦ) । ଦୁଃସାହସିକ ଅଭିଯାନ, ଦୁଷ୍ଟ-ଦୁରାତ୍ମାମାନଙ୍କ ପ୍ରତି ଶାସ୍ତି ପ୍ରଦାନ, ନାରୀ ଜାତି ପ୍ରତି ସମ୍ମାନବୋଧ ତାଙ୍କଠାରେ ପରିଲକ୍ଷିତ ହୁଏ । ମାଳଗିରିର ଅପଶାସନ ବିରୁଦ୍ଧରେ ଅଭିଯାନ କରିବା ଲାଗି ସେ ପ୍ରଥମେ ପଶ୍ଚାତ୍‌ପଦ ହୋଇଥିଲେ । ପରେ ପଦ୍ମମାଳୀକୁ ଲାଭ କରିବା ଉଦ୍ଦେଶ୍ୟରେ ସେ ହରିହର ଭ୍ରମରବରଙ୍କ ସହିତ ମିଳିତ ହୋଇ ମାଳଗିରି ଆକ୍ରମଣ କରିଛନ୍ତି । (ପଞ୍ଚବିଂଶ ପରିଚ୍ଛେଦ) । କିନ୍ତୁ ପଦ୍ମମାଳୀର ପ୍ରେମିକ ହିସାବରେ ତାଙ୍କ ଚରିତ୍ରରେ କୌଣସି ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ ନାହିଁ ।

ଦୁର୍ଯ୍ୟୋଧନ ଦାସ ଚରିତ୍ର ଚିତ୍ରଣରେ ଲେଖକ କେତେକ ପରିମାଣରେ ନିପୁଣତା ପ୍ରଦର୍ଶନ କରିଛନ୍ତି । ଉପନ୍ୟାସର ଏକାଦଶ ପରିଚ୍ଛେଦରେ ଦାସଙ୍କର

ଯେଉଁ ଜନ୍ମ ବୃତ୍ତାନ୍ତ ଉଲ୍ଲେଖ କରା ଯାଇଛି, ତହିଁରୁ ତାଙ୍କର ପରବର୍ତ୍ତୀ ଉଚ୍ଛୃଙ୍ଖଳ ଜୀବନର ସୂଚନା ମିଳିଥାଏ । ଯୌବନ, ଧନ-ସମ୍ପତ୍ତି, ପ୍ରଭୁତ୍ୱ ଓ ଅବିବେକତା—ଏହି ଚାରିଗୋଟିଯାକ ତାଙ୍କଠାରେ ଏକତ୍ର ହୋଇଥିଲା । ଫଳତଃ ତାଙ୍କର ଦୁର୍ଦ୍ଧର୍ଷତା ସମଗ୍ର ମାଳଗିରି ରାଜ୍ୟରେ ଆତଙ୍କ ସୃଷ୍ଟି କରିଥିଲା । ପ୍ରଜାପୀଡ଼ନ ଓ ନାରୀ ହରଣରେ ସେ ଉନ୍ମତ୍ତ ହୋଇ ଉଠିଥିଲେ । ପଦ୍ମମାଳୀ ଓ ଜୟନ୍ତୀକୁ ଲାଭ କରିବା ପାଇଁ ତାଙ୍କର ଚକ୍ରାନ୍ତ ବା ଷଡ଼ଯନ୍ତ୍ର ପାଠକମାନଙ୍କୁ ଚମତ୍କୃତ କରେ । ତାଙ୍କର ନିଜ ଭାଷାରେ—"ଯହିଁରେ ମୋହର ଶ୍ରଦ୍ଧା ହୁଏ, ତାହା ମୁଁ ଯେଉଁ ପ୍ରକାରେ ହେଉ ଅବଶ୍ୟ ପ୍ରାପ୍ତ ହେବି"—( ଦ୍ୱାଦଶ ପରିଚ୍ଛେଦ ) । ଉଦ୍ଦେଶ୍ୟ ସିଦ୍ଧି ଲାଗି ସେ ସେଥିପାଇଁ ଛଳ, ବଳ, କୌଶଳ ସମସ୍ତ ପ୍ରୟୋଗ କରିଛନ୍ତି—ଜଗବନ୍ଧୁ ପଟ୍ଟୁଆରିଙ୍କ ନିକଟକୁ ଲକ୍ଷ୍ମଣ ପଣ୍ଡାଙ୍କୁ ମଧ୍ୟସ୍ଥ ରୂପରେ ପଠାଇଛନ୍ତି—ରାଣୀ ଚନ୍ଦ୍ରାଦେବୀଙ୍କୁ ମିଥ୍ୟା କଥା କହି ପଦ୍ମମାଳୀ ପିତା ଜଗବନ୍ଧୁ ପଟ୍ଟୁଆରି ଏବଂ ଜୟନ୍ତୀ-ପିତା ଗଡନାୟକ ଲମ୍ବୋଦର ଗଜେନ୍ଦ୍ରଙ୍କୁ ବାନ୍ଧି ଆଣିବାର ଅନୁମତି ଲାଭ କରିଛନ୍ତି—କୁଟ୍ଟଣୀ ରମିୟା ମା' ସହାୟତାରେ ଯୁବତୀ ଦୁହିଁଙ୍କର ଚିତ୍ତ ଜୟ କରିବାକୁ ପ୍ରୟାସୀ ହୋଇଛନ୍ତି । କିନ୍ତୁ ନିଜର ଧୈର୍ଯ୍ୟହୀନତା ଓ ଉଦଗ୍ର ଯୌନଲାଳସା ହେତୁ ସେ ଉଦ୍ଦେଶ୍ୟ ହାସଲ କରି ପାରି ନାହାନ୍ତି । ଉପନ୍ୟାସର ଦୁଷ୍ଟ ଚରିତ୍ର ହିସାବରେ ଦୁର୍ଯ୍ୟୋଧନ ଦାସଙ୍କୁ ଲେଖକ ଜୀବନ୍ତ ଓ ବଳିଷ୍ଠ କରି ଚିତ୍ରଣ କରିବାରେ ସମର୍ଥ ହୋଇଛନ୍ତି ।

ଲକ୍ଷ୍ମଣ ପଣ୍ଡା, ବିଶେଷ କରି ବାଞ୍ଛାନିଧି ବଳଭଦ୍ରରାୟ ଚରିତ୍ର ଦୁର୍ଯ୍ୟୋଧନ ଦାସଙ୍କ ଚରିତ୍ର ରୂପାୟନରେ ସହାୟକ ହୋଇଛି । ବଳଭଦ୍ରରାୟ, ଦାସଙ୍କର ବନ୍ଧୁରୂପେ ପ୍ରଥମେ ତାଙ୍କର ସମସ୍ତ ଦୁଷ୍କୃତିରେ ଅଂଶଗ୍ରହଣ କରିଥିଲା । ପରେ ଦାସଙ୍କର ଔଦ୍ଧତ୍ୟ, ସ୍ୱାର୍ଥପରତା ଏବଂ ପର ଝିଅବୋହୂଙ୍କ ଇଜ୍ଜତ-ନାଶ ମନୋବୃତ୍ତି ଦେଖି ସେ ବାଟ ଭାଙ୍ଗି ଆସିଲା । ଦାସଙ୍କର ଜନମତ ବା ଲୋକନିନ୍ଦା ପ୍ରତି ଭୟ ନ ଥିଲା, କିନ୍ତୁ ବଳଭଦ୍ର ରାୟର ଥିଲା । ଆପଣା ପ୍ରଣୟିନୀ ଜୟନ୍ତୀ ପ୍ରତି ଦାସଙ୍କର ଲୋଲୁପ ଦୃଷ୍ଟି ମଧ୍ୟ ତାକୁ ଶଙ୍କାକୁଳ କରି ପକାଇଥିଲା । ସେଥିପାଇଁ ସେ ନିଜର ପୂର୍ବକୃତ ପାପର ପ୍ରାୟଶ୍ଚିତ୍ତ କରିବାକୁ ଯାଇ ପଦ୍ମମାଳୀ-ଜୟନ୍ତୀ ଉଦ୍ଧାର କାର୍ଯ୍ୟରେ ପରୀକ୍ଷିତ ସିଂହଙ୍କୁ ସାହାଯ୍ୟ କରିଛି ।

ମହନ୍ତ ହରିହର ରାମାନୁଜ ଦାସ ଉପନ୍ୟାସର ଆଉ ଏକ ଉଲ୍ଲେଖଯୋଗ୍ୟ ଚରିତ୍ର । ଏକଦା ମହାରାଷ୍ଟ୍ରୀୟ ବ୍ରାହ୍ମଣ ବାଜିରାଓ ସାହେବ ମରହଟ୍ଟା ସରକାରଙ୍କ ଶାସନ ବିଭାଗୀୟ କର୍ମଚାରୀ ଥିଲେ—ପତ୍ନୀପୁତ୍ର ଘେନି ସଂସାର କରିଥିଲେ, କିନ୍ତୁ ପରେ ସବୁ ହରାଇ ସଂସାର ବିରାଗୀ ହୋଇ ବୈଷ୍ଣବଧର୍ମାବଲମ୍ବୀ ମହନ୍ତ ରୂପେ ଦେଖାଦେଲ

ସାହୁ ମଠ ସ୍ଥାପନ କଲେ । ଲେଖକଙ୍କ ଭାଷାରେ—"ମହନ୍ତ ମଠାଧିକାରୀ ହୋଇ ନାନାବିଧ ହିତାନୁଷ୍ଠାନ ଓ ପରୋପକାର ଦ୍ୱାରା ଅତି ଅଳ୍ପକାଳ ମଧ୍ୟରେ ପ୍ରଜାବର୍ଗର ଅନୁରାଗ-ଭାଜନ ହେଲେ । ପ୍ରତିଦିନ ସନ୍ଧ୍ୟା ହିଁରୁ ନିକଟସ୍ଥ ଗ୍ରାମମାନଙ୍କରେ ପ୍ରଜାବର୍ଗ ମହନ୍ତଙ୍କ ଚଉପାଢୀରେ ସମବେତ ହୁଅନ୍ତି । ସେଠାରେ ପ୍ରଜାମାନଙ୍କ ମଧ୍ୟରେ କୌଣସି ବିବାଦ କଳହ ଉପସ୍ଥିତ ହୋଇଥିଲେ, ତାହା ମହନ୍ତଙ୍କ ବିଚାର ନିମନ୍ତେ ଆଣୀତ ହୁଏ । ମହନ୍ତ ଯାହା ନିଷ୍ପତ୍ତି କରନ୍ତି ତାହା ଚୂଡ଼ାନ୍ତ ।" —(ସପ୍ତମ ପରିଚ୍ଛେଦ) ଏଇଥିରୁ ମହନ୍ତଙ୍କ ବ୍ୟକ୍ତିତ୍ୱ ଓ ସୃଜନାତ୍ମକ ମହିମା ସୂଚିତ ହୁଏ । ନିଜର ଶାନ୍ତ-ମୈତ୍ରୀ-ପରିପୂର୍ଣ୍ଣ ମଠରେ ସେ କେବଳ ପଦ୍ମମାଲୀ-ଜୟନ୍ତୀଙ୍କୁ ସାମୟିକ ଆଶ୍ରୟ ପ୍ରଦାନ କରି ନାହାନ୍ତି, ପଦ୍ମମାଲୀ-ପରୀକ୍ଷିତ ଫିହଙ୍କ ମିଳନରେ ସୂତ୍ରଧର ହୋଇଛନ୍ତି । ସେ ଶୌର୍ଯ୍ୟ, ବୀର୍ଯ୍ୟ, ସୌନ୍ଦର୍ଯ୍ୟର ଉପାସକ—ରସିକତା, ମହାନୁଭବତାରେ ମଧ୍ୟ ଊଣା ନୁହନ୍ତି । ପରୀକ୍ଷିତ ଫିହଙ୍କଠାରୁ ପଦ୍ମମାଲୀ ହରଣ ଘଟଣା ଶୁଣି ସେ କହିଥିଲେ —"ଏ ପିଲାକୁ ଦେଖି ଦୁର୍ଯ୍ୟୋଧନ ପ୍ରଲୋଭିତ ହୋଇଥିଲେ, ମୁଁ ତାହାଙ୍କୁ ଦୋଷୀ କରେ ନାହିଁ । କାରଣ ମୋହର ଏହି ବୃଦ୍ଧାବସ୍ଥା ହୋଇ ନ ଥିଲେ, ଦୁର୍ଯ୍ୟୋଧନ ପରି ମୁଁ ଏହାକୁ ଚୋରି କରିଥାନ୍ତି ।" (ପଞ୍ଚମ ପରିଚ୍ଛେଦ) ମୋଟାମୋଟି, ସମଗ୍ର ଗଳ୍ପାଂଶରେ ମହନ୍ତ ସର୍ବନିୟନ୍ତା କର୍ଣ୍ଣଧାର ରୂପେ ଆବିର୍ଭୂତ ହୋଇଛନ୍ତି । ତତ୍କାଳୀନ ବଙ୍ଗଳା ଓ ଓଡ଼ିଆ ଉପନ୍ୟାସମାନଙ୍କରେ ଅନେକଟି ଅନୁରୂପ ସନ୍ନ୍ୟାସୀ-ଜାତୀୟ ଚରିତ୍ର ଦୃଷ୍ଟି ପଥାରୂଢ଼ ହୋଇଥାଏ । ପ୍ରାଚୀନ 'ରୁଦ୍ର ସୁଧାନିଧି' ଗ୍ରନ୍ଥରେ ମଧ୍ୟ ପ୍ରବୃତ୍ତି ମାର୍ଗର ସାଧକ ଐନ୍ଦ୍ରଜାଲିକ ଯୋଗୀ କାମାନନ୍ଦ ଚରିତ୍ର ପ୍ରତ୍ୟକ୍ଷ କରିଯାଏ ।

ଏହା ବ୍ୟତୀତ ପୁରୁଷୋତ୍ତମ ସେନାପତି, ପହଲ ଗୋସ୍ୱାମୀ, ଜଗବନ୍ଧୁ ପଟ୍ଟଯୋଷୀ, ହରିହର ଭ୍ରମରବର, ଘଣ୍ଟଶିଳା ଗଡନାୟକ, ଭଜହରି ଦାସ, ରାଜବୈଦ୍ୟ ପ୍ରମୁଖ ଅନ୍ୟାନ୍ୟ ଗୌଣ ଚରିତ୍ର ଉପନ୍ୟାସରେ ସନ୍ନିବେଶିତ ହୋଇଛି । ଗଳ୍ପାଂଶ ମଧ୍ୟରେ ସାମାଜିକତା ସୃଷ୍ଟି, ମୁଖ୍ୟ ଚରିତ୍ର ଗୁଡ଼ିକର ପରିସ୍ଫୁଟନରେ ଏଗୁଡ଼ିକ ସହାୟକ ହୋଇଛନ୍ତି ।

( ୭ ) ଉପନ୍ୟାସଟିର ବର୍ଣ୍ଣନା-ବିଭବ ଉଚ୍ଚକୋଟୀର । ଏ ଦିଗରେ ଉମେଶ-ଚନ୍ଦ୍ର ଆମର ପରମ୍ପରା ସଫଳତା ସହକାରେ ବଜାୟ ରଖିଛନ୍ତି । ଦୃଶ୍ୟ, ଘଟଣା ବା ସମାଜ-ଚିତ୍ର ଅଙ୍କନରେ ସେ ଆପଣା ,ଉଙ୍ଗାଳୀବିତ୍ୱର ପରିଚୟ ଦେଇଛନ୍ତି । ପ୍ରାୟ ଦେଢ଼ଶହ ବର୍ଷ ତଳର ଉତ୍କଳୀୟ ସମାଜ-ଚିତ୍ରର କେତେକ ନମୁନା ଉପନ୍ୟାସରେ ପରିଲକ୍ଷିତ ହୁଏ । ସେତେବେଳେ ଜାତିଭେଦ କିପରି ଖରତର ଥିଲା, ତାହା ମହାନ୍ତ

ଝିଅ' ଅପବାଦରେ ରାଣୀ ଚନ୍ଦ୍ରାଦେବୀଙ୍କ କୋପରୁ ଜଣାପଡେ । ଆପଣା କୁଳରେ ମହାନ୍ତି କନ୍ୟା ବିବାହ ପ୍ରଚଳିତ ଅଛି କି ନା—ସଂଶୟରେ ପଡ଼ି ପ୍ରଥମେ ପରୀକ୍ଷିତ ସିଂହ ପଦ୍ମମାଳୀକୁ ବିବାହ କରି ପାରିବେ ନାହିଁ ଭାବି ବ୍ୟାକୁଳ ହୋଇ ପଡ଼ିଛନ୍ତି । ଜନଶ୍ରୁତି କିପରି କ୍ଷିପ୍ର ଗତିରେ ପ୍ରସାର ଲାଭ କରେ, ତାହାର ଏକ ସୁନ୍ଦର ସ୍ୱାଭାବିକ ଚିତ୍ର ଲେଖକ ନବମ ଓ ଦଶମ ପରିଚ୍ଛେଦରେ ପ୍ରଦାନ କରନ୍ତି । ଗଡଜାତ ରାଜ୍ୟମାନଙ୍କରେ ସେତେବେଳେ ଯେଉଁ 'ଗଣ୍ଡି' ଦ୍ୱାରା ପାଇକ ସଂଗ୍ରହ କରିବା ପ୍ରଥା ପ୍ରଚଳିତ ଥିଲା, ତାହାର ବର୍ଣ୍ଣନା ଦେଇ ଉମେଶଚନ୍ଦ୍ର ଲେଖିଛନ୍ତି—"ଶୀଘ୍ର ସୈନ୍ୟ ସମାବେଶ କରିବାର ଆବଶ୍ୟକ ହେଲେ, 'ଗଣ୍ଡି' ଚାଳିତ କରିବାର ରୀତି ପ୍ରଚଳିତ ଥିଲା । ଏକ ଖଣ୍ଡ ସିନ୍ଦୁରି ନଳିର ଏକ ଅଗ୍ରରେ ଅଙ୍ଗାର ବନ୍ଧ ଥାଏ । ତାହାକୁ 'ଗଣ୍ଡି' ବୋଲିଯାଏ । x x ସ୍କଟଲ୍ୟାଣ୍ଡର ହାଇଲ୍ୟାଣ୍ଡରେ ପ୍ରଚଳିତ Firebrandପ୍ରଜ୍ୱଳିତ କାଷ୍ଠ ଖଣ୍ଡ ଯାହା, ଆମ୍ଭମାନଙ୍କର 'ଗଣ୍ଡି' ତାହା, ତାହାକୁ ଅମାନ୍ୟ କରିବାର କ୍ଷମତା କାହାର ନାହିଁ । ସିନ୍ଦୁରି ନଳିରେ ଆବଦ୍ଧ ଅଙ୍ଗାରରୁ ବୁଝିବାକୁ ହେବ ଯେ ଯେଉଁ ବ୍ୟକ୍ତି ଗଣ୍ଡିକୁ ଅମାନ୍ୟ କରିବ ତାହାର ଗୃହ ଭସ୍ମସାତ୍ କରାଯିବ ଓ ତାହାର ସମୁଚିତ ଦଣ୍ଡ ହେବ ।" — ( ପଞ୍ଚବିଂଶ ପରିଚ୍ଛେଦ ) ସେହିପରି ଦ୍ରୁତଗାମୀ ଚୌକିଦାର 'ଛଅାଣ ଢୁଆଁ ବାଘ' ବିଷୟ ଉଲ୍ଲେଖ କରା ଯାଇଛି—"ଛଅାଣ ଢୁଆଁ ବାଘ ଏକ ଦୀର୍ଘ ବାଂଶ ଯଷ୍ଟି ଉପରେ ପ୍ରତ୍ୟେକ ପଦ ବିକ୍ଷେପ ନିର୍ଭର କରି ଲଂଫ ପ୍ରଦାନ ଦ୍ୱାରା ମାର୍ଗ ଅତିକ୍ରମ କରି ଚାଲିଲା । ପାଣମାନଙ୍କ ମଧ୍ୟରେ ଏପରି ଯଷ୍ଟି ଉପରେ ନିର୍ଭର କରି ବାଟ ଚାଲିବାରେ ଅଭ୍ୟସ୍ତ ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନେ ଏକ ରାତ୍ରି ମଧ୍ୟରେ ଅବଲୀଳା କ୍ରମେ ଦଶ କୋଶ ଦୂରସ୍ଥ ଗ୍ରାମରେ ଚୋରି ସିନ୍ଧ ଆଦି କରି ରାତ୍ରି ଶେଷ ହେବା ପୂର୍ବରୁ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ପାରନ୍ତି ।"— (ଷଡ଼ବିଂଶ ପରିଚ୍ଛେଦ)

ସେତେବେଳକୁ ଏ ଦେଶରେ ଇଂରାଜ ଶାସନର ପ୍ରାୟ ତିରିଶ ବର୍ଷ ଅତୀତ ହୋଇଥିଲା । ଉପନ୍ୟାସର ବର୍ଣ୍ଣନା ଅନୁଯାୟୀ—'ଫିରିଙ୍ଗି ଅମଲ' କିନ୍ତୁ ଗଡ଼ଜାତରେ ବିଶେଷ ଚାଲି ନ ଥିଲା । ତଥାପି ଇଂରାଜ ଶାସକଙ୍କ ପ୍ରତି ଗଡ଼ଜାତ ରାଜା ଓ ଜନ-ସାଧାରଣଙ୍କର ଯଥେଷ୍ଟ ଭୟ ଥିଲା ବୋଲି ଜଣାପଡ଼େ (ସପ୍ତଦଶ ପରିଚ୍ଛେଦ) ଲୋକେ ନିଜର ପାରଂପରିକ ଆଚାର-ବ୍ୟବହାର ଛାଡ଼ି ନବାଗତ ପାଶ୍ଚାତ୍ୟ ରୀତିନୀତି ସହସା ଗ୍ରହଣ କରିବାକୁ ସେତେବେଳେ ପଶ୍ଚାତ୍‌ପଦ ହେଉଥିଲେ । ତେଣୁ ଇଂରାଜୀ ଶିକ୍ଷା ପ୍ରାପ୍ତ ଯୁବକମାନେ 'କୁଳ-ଧର୍ମ-ଭ୍ରଷ୍ଟ' ହୋଇ ନିଜ ନିଜର ପିତା-ପିତାମହଙ୍କୁ ମୂର୍ଖ ବୋଲି ଘୋଷଣା କରୁଥିବା ବିଷୟ ଉପନ୍ୟାସରେ ସୂଚିତ ହୋଇଛି (ସପ୍ତମ ପରିଚ୍ଛେଦ ) । ଶଯ୍ୟାଗତା ପଦ୍ମମାଳୀର ଚିକିତ୍ସା ଲାଗି ବାଲେଶ୍ୱର ସିଭିଲ୍ ସାର୍ଜନ୍‌ଙ୍କୁ ଅଣାଇବା ପ୍ରସ୍ତାବ ନାକଚ ହୋଇ ଯାଇଛି—"ଗୋ ଶୂକର-ଖାଦକ ମ୍ଳେଚ୍ଛ

ସାହେବ ଚର୍ମପାଦୁକା ସହିତ ହିନ୍ଦୁ ଗୃହସ୍ଥର ପବିତ୍ର ଅନ୍ତଃପୁର ମଧ୍ୟରେ ପ୍ରବେଶ କରି କୁଳକନ୍ୟାକୁ ତାହାର ବିଳାତି ଚକ୍ଷୁରେ ଦେଖି ମଦ୍ୟ ଓ ମାଂସର ବ୍ୟବସ୍ଥା ଦେବ, ଏହା କି କେବେହେଁ ମଞ୍ଜୁର କରି ଯାଇପାରେ ?"—(ତ୍ରୟୋଦଶ ପରିଚ୍ଛେଦ)

ପଦ୍ମମାଳୀ ରୂପ ବର୍ଣ୍ଣନାରେ ଲେଖକ ମଧ୍ୟ-ଯୁଗର ପରଂପରା ଅନୁସରଣ କରିଥିବାର ଦେଖାଯାଏ । ଏହି ପ୍ରସଙ୍ଗରେ କାଳିଦାସଙ୍କ ଶ୍ଳୋକ ଉଦ୍ଧାର କରି ସେ ଲେଖିଛନ୍ତି--"ପଦ୍ମମାଳୀ ଷୋଡ଼ଶ ବର୍ଷ ବୟସ୍କା । ସମ୍ପୂର୍ଣ୍ଣତା-ପ୍ରାପ୍ତ କମଳ କଳିକାର ନ୍ୟାୟ ତାହାର ଯୌବନ ବିକାଶୋନ୍ମୁଖ ହୋଇଥିଲା । ମୁଖରେ ଲାବଣ୍ୟପ୍ରଭା ଢଳ ଢଳ କରୁଥିଲା । x x ଚିତ୍ରକର ତୁଳିକାଙ୍କିତର ନ୍ୟାୟ ଈଷତ୍ ବକ୍ର ଭ୍ରୂଯୁଗଳର ନିମ୍ନେ ନୀଳୋତ୍ପଳନିଭ ବିଶାଳ ନେତ୍ର-ଯୁଗଳ ବାରେ ବାରେ କଟାକ୍ଷ ନିକ୍ଷେପ କରି ଦର୍ଶକର ଅନ୍ତରତମ ପ୍ରଦେଶ ପର୍ଯ୍ୟନ୍ତ ବିଲୋଡ଼ିତ କରୁଥିଲା । ଚକ୍ଷୁରୁ ଏକ ସ୍ନିଗ୍ଧ ଜ୍ୟୋତି ପ୍ରକାଶ ପାଉଥିଲା । ପଦ୍ମମାଳୀର ସୁନ୍ଦର ଲଲାଟ, ବିଶାଳ ନେତ୍ର, ଋଜୁ ନାସିକା, ବିମ୍ବାଧରୋଷ୍ଠ, ହାସ୍ୟକାଳେ ଗୁରୁ ତରଙ୍ଗିତ କପୋଳ ଓ ସୁସ୍ପଷ୍ଟ ମୁଖାକୃତି ଗ୍ରୀକ୍‌ଦେଶୀୟ ଶିଳ୍ପକାରର ରମଣୀ ସୌନ୍ଦର୍ଯ୍ୟର ଆଦର୍ଶ ହୋଇପାରେ ।"—(ପ୍ରଥମ ପରିଚ୍ଛେଦ) ପୁନଶ୍ଚ—"ସଦ୍ୟସ୍ନାତ ପଦ୍ମମାଳୀର ଅଙ୍ଗମାର୍ଜିତ ଅଙ୍ଗର ଉଜ୍ଜ୍ୱଳ ହେମଦ୍ୟୁତି ନୀଳବର୍ଣ୍ଣ ଶାଢୀରେ ଆବୃତ ଥିଲା । ସୁଗନ୍ଧ-ଚର୍ଚ୍ଚିତ ଉନ୍ମୁକ୍ତ କବରୀର, ନିବିଡ଼ କୃଷ୍ଣ କେଶପାଶ ସ୍ନିଗ୍ଧ ସୌରଭ ବିସ୍ତାର କରି ପୃଷ୍ଠୋପରି ବିଲମ୍ବିତ ଥିଲା । ଚିନ୍ତାଶୀଳ ପଦ୍ମମାଳୀର ପଦ୍ମମୁଖ ଗମ୍ଭୀର ଭାବ ଧାରଣ କରିଥିଲା । ବିଶାଳ ନେତ୍ରଯୁଗଳ ସ୍ତିମିତ । ସୁନ୍ଦର ଲଲାଟୋପରି ଏକ ଏକ ଗୁଚ୍ଛ ଅଳକା ଦାମ ପ୍ରାତଃ ସମୀରଣର 'ମନ୍ଦ ମନ୍ଦ କଲ୍ଲୋଳେ ବିକମ୍ପିତ ହେଉଥିଲା । ଅଙ୍ଗରେ ବିଶେଷ ଅଳଙ୍କାର ନ ଥିଲା । x x ହସ୍ତଦ୍ୱୟରେ ରତ୍ନଖଚିତ କଙ୍କଣ, କଣ୍ଠରେ ହୀରକ ଓ ମାଣିକ-ଜଡ଼ିତ ଗୃପସରି ଓ ଗୃରକହାର, ନାସିକାରେ ଏକ ହୀରକର ନାକମୟୂର, ଅନାମିକାରେ ହୀରକ ଅଙ୍ଗୁରୀୟ ଓ ନିତମ୍ବରେ ସ୍ୱର୍ଣ୍ଣ କାଞ୍ଚୀ । ସେ ଯେଉଁଠାରେ ଥିଲା, ସେ ସ୍ଥାନମାନଙ୍କର ସମ୍ୟକ୍ ଶୋଭା ବର୍ଦ୍ଧନ କରୁଥିଲା ।"—(ଷଷ୍ଠ ପରିଚ୍ଛେଦ) ଉଷାକାଳ, ପଟୁଆସୀଙ୍କ ଚତୁଷ୍ପାଠୀ, ପଣ୍ଡିତ ସିଂହଙ୍କ ରାଜବାଟୀ ଆଦି ବର୍ଣ୍ଣନାରେ ମଧ୍ୟ ଲେଖକଙ୍କର କଳା-କୌଶଳ ପ୍ରକଟିତ ହୋଇଛି । ଗୋଟିଏ ଉଦାହରଣ—"ଉଦ୍ୟାନରେ ନାନା ଜାତି ବସନ୍ତ ପୁଷ୍ପ ପ୍ରସ୍ଫୁଟିତ ହୋଇ ମନ୍ଦ ମନ୍ଦ ଦକ୍ଷିଣାନିଳରେ ସେମାନଙ୍କର ସୌରଭକୁ ସଂଯୁକ୍ତ କରିଥିଲା । ପୁଷ୍ପ ବୃକ୍ଷମାନଙ୍କ ମଧ୍ୟରେ ସ୍ଥାନେ ସ୍ଥାନେ କୁସୁମିତ ଲତାଗୁଳ୍ମ ଉଦ୍ୟାନର ଶୋଭା ପରିବର୍ଦ୍ଧିତ କରିଥିଲା । ଉଦ୍ୟାନ ମଧ୍ୟ-ସ୍ଥଳରେ ଏକ ଉଚ୍ଚ ପ୍ରସ୍ତର-ନିବଦ୍ଧ ଅଷ୍ଟ କୋଣ ମଣ୍ଡପ ବା ବୃନ୍ଦନୀ । ଏହି ବୃନ୍ଦନୀ ସମ୍ମୁଖରେ ଏକ କୃତ୍ରିମ ଉତ୍ସର ଶୀକର ବାୟୁ

ଦ୍ୱାରା ବାହିତ ହୋଇ କୁସୁମ ସୁରଭିରେ ମିଳିତ ହେଉଥିଲା । ଏହି ସ୍ଥଳରେ ବିଚିତ୍ର କାରୁକାର୍ଯ୍ୟ ଖଚିତ ବାରାଣସୀ ଶଯ୍ୟାପରି ସୁକୋମଳ ଉପାଧାନରେ ପୃଷ୍ଠ ରକ୍ଷିତ କରି ରାଜା ପରୀକ୍ଷିତ ସିଂହଭୁଜଙ୍ଗ ମାନ୍ଧାତା ବରାଟ ବସନ୍ତ ହରିଚନ୍ଦନ ସାୟଂକାଳିକ ବସନ୍ତ ଅନିଳ ମନ୍ଦ ମନ୍ଦ ହିଲ୍ଲୋଳ ଉପଭୋଗ କରୁଥିଲେ ।"—(ସପ୍ତଦଶ ପରିଚ୍ଛେଦ)

ସେତେବେଳକୁ ଆମ ସାହିତ୍ୟରେ ଶ୍ଳୀଳତା-ଅଶ୍ଳୀଳତାର ଘୋର ବାଦ-ବିସମ୍ବାଦ ଆରମ୍ଭ ହୋଇ ଯାଇଥାଏ (ଆରମ୍ଭ କାଳ—୧୮୭୯) । * ସେଥିପାଇଁ ଉମେଶଚନ୍ଦ୍ର ନାରୀ ରୂପ ବର୍ଣ୍ଣନା କିମ୍ବା ପ୍ରେମ ବ୍ୟାପାର ଚିତ୍ରଣ ବେଳେ ଯଥାସମ୍ଭବ ସତର୍କତା ଅବଲମ୍ବନ କରିଥିବାର ଦେଖାଯାଏ । ଦେଉଳ ସାହି ମଠର ନିର୍ଜନ ଉଦ୍ୟାନରେ ପରୀକ୍ଷିତ ସିଂହ. ପଦ୍ମମାଳୀର "ବିମ୍ବାଧରରେ ସ୍ୱୀୟ ଅଧରୋଷ୍ଠ ସଂସ୍ଥାପନ କରି ଏକ ଚୁମ୍ବନ ଉପଭୋଗ କରିଥିବା ହେତୁ" ପାଠକ-ପାଠିକାଙ୍କୁ ଦୋଷ ନ ଧରିବା ପାଇଁ ଲେଖକ ଅନୁରୋଧ କରିଛନ୍ତି । —(ଷଷ୍ଠ ପରିଚ୍ଛେଦ) ପୁଣି ପଦ୍ମମାଳୀର ରୂପ ବର୍ଣ୍ଣନା ବେଳେ ପ୍ରଥମେ ସତର୍କ ହୋଇ ଲେଖିଛନ୍ତି—"ଚକ୍ଷୁରେ ପାପ ଓ ପୁଣ୍ୟ ଉଭୟ ନିହିତ ଅଛନ୍ତି । ପୁଣ୍ୟ ଚକ୍ଷୁରେ ସନ୍ଦର୍ଶନ କର, ସମୁଦାୟ ଜଗତ୍ ପବିତ୍ର—ଅଦ୍ଭୁତ ଶିଳ୍ପୀ ଜଗତ୍ ସ୍ରଷ୍ଟାଙ୍କର ସୃଷ୍ଟି ପଦାର୍ଥ ସମୁଦାୟ ପବିତ୍ର । କିନ୍ତୁ ପାପ ଚକ୍ଷୁରେ ଦେଖ—ସମୁଦାୟ ନାରକୀୟ ଓ ସୟତାନର ସୃଷ୍ଟି । ଆମ୍ଭମାନଙ୍କ ସମ୍ମୁଖରେ ବିଦ୍ୟମାନ ଦୃଶ୍ୟ ପୁଣ୍ୟବାନ୍ ପୁଣ୍ୟ ଚକ୍ଷୁରେ ଦେଖୁଥିଲେ ଓ ପାପାସକ୍ତ ଦୁରାତ୍ମା ପାପ ଚକ୍ଷୁରେ ଦେଖୁଥିଲା ।"—(ପ୍ରଥମ ପରିଚ୍ଛେଦ)

(୭) ଉପନ୍ୟାସରେ ଲେଖକ ନୈତିକତା, ଆଦର୍ଶବାଦ ଓ ଈଶ୍ୱର ବିଶ୍ୱାସର ପରାକାଷ୍ଠା ପ୍ରତିପାଦନ କରିଥିବାର ଜଣାପଡ଼େ । ମାଣିକୀ ମେଳାରୁ ଅପହୃତା ପଦ୍ମମାଳୀ, ଦୁର୍ଯ୍ୟୋଧନ ଦାସଙ୍କ କବଳରୁ ଉଦ୍ଧାର ପାଇବା ଲାଗି ବାବା ବୈଦ୍ୟନାଥଙ୍କୁ (ଯାହାଙ୍କ ବ୍ରତ ସେ ସେଦିନ ପାଳନ କରିଥିଲା) ସ୍ମରଣ କରିଛି— ମା' ମଙ୍ଗଳାଙ୍କୁ ଷୋଡ଼ଶୋପଚାରରେ ପୂଜା ଦେବାପାଇଁ ମାନସିକ କରିଛି । ପୁଣି ନିଜର ଉଦ୍ଧାରକର୍ତ୍ତା ପରୀକ୍ଷିତ ସିଂହଙ୍କୁ ପାଇବା ପାଇଁ ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କରିଛି । ଦୁର୍ଯ୍ୟୋଧନ ଦାସଙ୍କ ଅନ୍ୟାୟ, ଅତ୍ୟାଚାର ଓ ନୈତିକ ଅଧୋଗତିର ପରିଣାମ ଯେ ଭଲ ହେବ ନାହିଁ, ତାହା ଲେଖକ ବାରଂବାର ସୂଚାଇ ଦେଇଛନ୍ତି । ଦ୍ୱିତୀୟ ଥର ପଦ୍ମମାଳୀକୁ ହରଣ କରାଗଲା ବେଳେ ପୁରୁଷୋତ୍ତମ ସେନାପତି କହୁଛନ୍ତି—"ତୁମ୍ଭେମାନେ ଯେ ଅତ୍ୟାଚାର କଲଣି, ତାହାର ପ୍ରତିଫଳ ଅବଶ୍ୟ ପାଇବ । ପଦ୍ମମାଳୀ ସହାୟ ଭଗବାନ । x x ଭଗବାନ ତାହାକୁ ରକ୍ଷା କରିବେ ।" ସେହିପରି ଘଣ୍ଟଶିଳା ଗଡ଼ନାୟକ

---

* ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତିଭୂମି—ଡକ୍ଟର ନଟବର ସାମନ୍ତରାୟ, ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ (୧୯୬୪)—ପୃଷ୍ଠା ୭୫ । ୭୬

କରିଛନ୍ତି । ଗୋଟିଏ ଉଦାହରଣ—"ସେ ସ୍ୱପ୍ନରେ ଦେଖିଲା ଯେ ଏକ ସୁରମ୍ୟ ଉପବନରେ ସେ ଓ ଯୁବକ ପରିଭ୍ରମଣ କରୁ ଅଛନ୍ତି; ଚତୁର୍ଦ୍ଦିଗରେ ଅରଣ୍ୟାନୀର ଶୋଭା ଚକ୍ଷୁ ବିନୋଦନ କରୁଅଛି, ଅରଣ୍ୟ ମାଳତୀ ଓ ନବ ମଲ୍ଲିକାର ସୌରଭ ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇ ଘ୍ରାଣେନ୍ଦ୍ରିୟର ତୃପ୍ତି ସମ୍ପାଦନ କରୁଅଛି; ମୃଦୁମନ୍ଦ ଦକ୍ଷିଣାନିଳ ମୃଦୁ ତରଙ୍ଗ ଦ୍ୱାରା ଶରୀରକୁ ଶୀତଳ କରୁଅଛି ଓ ଯୁବକଙ୍କର ସୁମିଷ୍ଟ ପ୍ରେମୋକ୍ତିରେ ତାହାର କର୍ଣ୍ଣକୁହର ଓ ହୃଦୟର ଅନ୍ତଃସ୍ଥଳ ଆପ୍ୟାୟିତ ହେଉଅଛି । ଏହିପରି ବାହ୍ୟିକ ଓ ଆନ୍ତରିକ ସୁଖରେ ମୁଗ୍ଧ ଥିବା ସମୟେ ସହସା ଆକାଶ ମେଘାଚ୍ଛନ୍ନ ହେଲା । ଯେଉଁ ଅରଣ୍ୟାନୀ ଚକ୍ଷୁ ରଞ୍ଜନ କରୁଥିଲା, ସେ ଭୀଷଣ ଆକାର ଧାରଣ କଲା; ମନ୍ଦ ସମୀରଣ ଝଟିକା ବେଗେ ବହି ଅରଣ୍ୟ କୁସୁମର ସୌରଭକୁ ଘ୍ରାଣେନ୍ଦ୍ରିୟ-ପଥର ଅଗୋଚର କଲା ଓ ଦୁର୍ଯ୍ୟୋଧନର ବିକଟ ମୂର୍ତ୍ତି ଅନ୍ତରୀକ୍ଷେ ଉଦିତ ଦେଖି ପଦ୍ମମାଳୀ ଚିତ୍କାର କରି ଆପଣା ଭୟ ପ୍ରକାଶ କଲା ।"—(ପଞ୍ଚମ ପରିଚ୍ଛେଦ) ଉପନ୍ୟାସର ପ୍ରଥମ ଓ ଷୋଡ଼ଶ ପରିଚ୍ଛେଦରେ ଲେଖକ ଦୁଇଟି ସଂସ୍କୃତ ଶ୍ଳୋକ ମଧ୍ୟ ବ୍ୟବହାର କରିଛନ୍ତି । ବୁଦ୍ଧ ସୁଧାକର ଓ ଚତୁର ବିନୋଦରେ ଏହିପରି ସଂସ୍କୃତ ଶ୍ଳୋକ ଓ ସଂସ୍କୃତାନୁଗ ଭାଷା ବ୍ୟବହୃତ ହୋଇଥିବାର ଅନ୍ୟତ୍ର ପରିଲକ୍ଷିତ ହୋଇଛି ( ପ୍ରଥମ ଭାଗ—୭୯, ୮୭ ଓ ୮୯ ଅନୁଚ୍ଛେଦ ଦ୍ରଷ୍ଟବ୍ୟ ) । ତଥାପି ଉପନ୍ୟାସର ସ୍ଥଳ-ବିଶେଷରେ ଉମେଶଚନ୍ଦ୍ର ସଫଳତା ସହକାରେ କଥିତ ଗ୍ରାମ୍ୟ ଭାଷା ପ୍ରୟୋଗ କରିଛନ୍ତି । ଗୋଟିଏ ଉଦାହରଣ :—

"ଜୟି ମା'—କି ପହିଲ ମା', ଆଜି ବହୁତ ଦିନରେ ଏଆଡେ ମାଡ଼ିଲ !

ପହିଲ ମା'—କଣ କହିବି ଭଉଣୀ, ଆଜିକାଲିକି ଆସିବାର ଫୁରସତ ଅଛି ? ଟୋକାଟା ତ ରୋଜଗାର କାମ କରିବାକୁ ଯାଇ ବାହାରେ ଥାଏ; ଆଜିକାଲି ଯେଉଁ ସମୟ ହେଲାଣି, ଏଥିରେ କି ଭୁଆସୁଣୀ ବୋହୂକୁ ଛାଡି କେଉଁଠାକୁ ଯାଇପାରେ ?

ଜୟି ମା'—କାହିଁକି, ଆଜିକାଲି କଣ ହୋଇଛି ?

ପହିଲ ମା'—ବଡ ବଡ ଘରେ ଯେଉଁ କାରଖାନା ହେଉଛି, ଆମ୍ଭେ ଗରିବଗୁରୁବା ଶୁଣି ବଡ ଅସ୍ତବ୍ୟସ୍ତ ହେଲୁଣି ।"—(ଦଶମ ପରିଚ୍ଛେଦ)

ଉପନ୍ୟାସର ଭାଷା ବିନ୍ୟାସରେ କେତେକ ପରିମାଣରେ ବଙ୍ଗୀୟ ପ୍ରଭାବ ପରିଲକ୍ଷିତ ହୁଏ । ଏକେବାରେ, ଏକଶେଷ, ତତ୍ପନ୍ୟ, କଲି, ଏକଜଣ, ଆମ୍ଭେ, ବାକ୍ୟବ୍ୟୟ, ସେସବନେଇ ପ୍ରଭୃତି ଶବ୍ଦ ଏବଂ 'କଥିତ ମିଷ୍ଟାନ୍ନ ମୁଖରେ ଦେଇ

ଶଯ୍ୟାରେ ଶୟନ କଲି', 'ଆଜ ବଡ଼ ଆଶ୍ଚର୍ଯ୍ୟ ଦେଖାଗଲା', 'ଏହା ତ ବଡ଼ ଭଲ ଖବର ନୁହେଁ', 'ବିଷମ ବ୍ୟାପାର ଉପସ୍ଥିତ' ପ୍ରଭୃତି ବାକ୍ୟଗଠନ-ରୀତି ଏହାର ପ୍ରମାଣ । ଲେଖକଙ୍କର ମାତୃଭାଷା ଓଡ଼ିଆ ନ ଥିଲା; ପ୍ରଥମ ସଂସ୍କରଣ ଭୂମିକାରେ ମଧ୍ୟ ସେ 'ଉତ୍କଳ ଭାଷାନଭିଜ୍ଞ' ଥିବାର ଉଲ୍ଲେଖ କରିଛନ୍ତି । ସେହି ଦୃଷ୍ଟିରୁ ତାଙ୍କ ଉପନ୍ୟାସରେ ଏହି ବଙ୍ଗୀୟ ପ୍ରଭାବ ଏକାନ୍ତ ସ୍ୱାଭାବିକ । ତଥାପି ଭାଷା ତଥା ଭାବ ଦିଗରୁ ପଦ୍ମମାଳୀକୁ ବଙ୍ଗୀୟ ଉପନ୍ୟାସ ପ୍ରଭାବର ଫଳ ବୋଲି କହିବା ଭୁଲ୍ ହେବ । ଏହା ମଧ୍ୟ କୌଣସି ଇଂରାଜୀ ଉପନ୍ୟାସ ନିକଟରେ ପ୍ରତ୍ୟକ୍ଷ ଭାବରେ ଋଣୀ ନୁହେଁ । ଉମେଶଚନ୍ଦ୍ର ତତ୍କାଳୀନ ବଙ୍ଗଳା ତଥା ଇଂରାଜୀ ଉପନ୍ୟାସ ପାଠ କରିଥିବା ସମ୍ଭବ । ଉପନ୍ୟାସର ଶିଳ୍ପ-ରୀତି ସହିତ ସେ ପରିଚିତ ହୋଇଥିବା ନିଶ୍ଚିତ । କିନ୍ତୁ ପଦ୍ମମାଳୀର ଆତ୍ମିକ ତଥା ଆଙ୍ଗିକରେ ସେ ମୁଖ୍ୟତଃ ଆମ ପ୍ରାଚୀନ କଥାସାହିତ୍ୟର ପରମ୍ପରା ଅନୁସରଣ କରିଥିବାର ଦେଖାଯାଏ । ଉପନ୍ୟାସର ଗଳ୍ପାଂଶ, ଚରିତ୍ର ରୂପାୟନ, ସମାଜ ଚିତ୍ର, ମର୍ମବାଣୀ ଓ ରଚନା ଶୈଳୀ—ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ସ୍ୱଦେଶୀୟ ଦୃଷ୍ଟିକୋଣ ପରିସ୍ଫୁଟ ହୋଇଛି, ଉପରୋକ୍ତ ଆଲୋଚନାରୁ ଏହା ହିଁ ପ୍ରତିପନ୍ନ ହୁଏ । ତେଣୁ ଆମର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ ଆମରି ମାଟି ଓ ଜଳବାୟୁର ଫସଲ ବୋଲି ବିନା ଦ୍ୱିଧାରେ ମତ ପ୍ରଦାନ କରାଯାଇପାରେ ।

## 'କେନ୍ଦୁଝର ବିଦ୍ରୋହ'

(୧୦) ଉମେଶଚନ୍ଦ୍ର ସରକାର 'ଉଦାସୀ' ଛଦ୍ମନାମରେ 'କେନ୍ଦୁଝର ବିଦ୍ରୋହ' ଶୀର୍ଷକ ଆଉ ଏକ ଐତିହାସିକ ଉପନ୍ୟାସ ଲେଖୁଥିଲେ । 'ମୁକୁର' ପତ୍ରିକାର ୨ୟ ଭାଗ, ୮ମ ସଂଖ୍ୟା—ମାର୍ଗଶୀର, ୧୩୧୫ ସାଲ (୧୯୦୭ ମସିହା) ଠାରୁ ଆରମ୍ଭ ହୋଇ ଉପନ୍ୟାସଟିର ସାତଗୋଟି ପରିଚ୍ଛେଦ ୩ୟ ଭାଗ ୪ର୍ଥ ସଂଖ୍ୟା ମଧ୍ୟରେ ପ୍ରକାଶିତ ହୋଇଛି । ତା'ପରେ କୌଣସି ଅଜ୍ଞାତ କାରଣରୁ ଉପନ୍ୟାସ-ପ୍ରକାଶ ବନ୍ଦ ହୋଇଯାଇଛି । ସେ ସମୟରେ ଉମେଶଚନ୍ଦ୍ର କୌଣସି ଚାକିରି ନ କରି କଟକରେ ଥାଇ ଲେଖାଲେଖିରେ ମନୋନିବେଶ କରିଥିଲେ । ଚାହିଁଥିଲେ, ସେ ଉପନ୍ୟାସଟି ସମ୍ପୂର୍ଣ୍ଣ ଲେଖି ଦେଇ ପାରି ଥାଆନ୍ତେ ଏବଂ ଧାରାବାହିକ ଭାବରେ ପତ୍ରିକାରେ ପ୍ରକାଶ ନ କଲେ ମଧ୍ୟ ପୁସ୍ତକାକାରରେ ଉପନ୍ୟାସ ବାହାର କରି ପାରି ଥାଆନ୍ତେ ! ଦୁଃଖର କଥା, ତାହା ହୋଇ ପାରିଲା ନାହିଁ ଏବଂ ଆମ କଥା-ସାହିତ୍ୟର ଏକ ଉଜ୍ଜ୍ୱଳ ସମ୍ଭାବନା ଖଣ୍ଡିତ, ବିଡ଼ମ୍ବିତ ହୋଇ ରହିଗଲା ।

ଉମେଶଚନ୍ଦ୍ର ବିଶେଷ ଇତିହାସ-ସଚେତନ ଥିବାର ଜଣାପଡ଼େ । ଏ ଦେଶର ଇତିହାସରୁ ଗଳ୍ପାଂଶ ଆହରଣ କରି ସାର୍ଥକ ଉପନ୍ୟାସ ଲେଖିବାର

କଳାକୌଶଳ ଯେ ସେ ଆୟତ୍ତ କରିଥିଲେ, 'ପଦ୍ମମାଳୀ' ଏବଂ 'କେନ୍ଦୁଝର ବିଦ୍ରୋହ'ରୁ ତାହା ପ୍ରତୀୟମାନ ହୁଏ । ଏଥିରୁ ମଧ୍ୟ ତାଙ୍କର ସ୍ୱଦେଶ ପ୍ରେମ ଏବଂ ଜାତୀୟ ଐତିହ୍ୟ ପ୍ରତି ସମ୍ମାନବୋଧର ପ୍ରମାଣ ମିଳେ ।

(୧୧) ୧୮୬୮ ମସୀହାରେ ସଂଘଟିତ କେନ୍ଦୁଝର ଗଡ଼ଜାତ ରାଜ୍ୟର ଏକ ସଂଘର୍ଷମୟ ଘଟଣା 'କେନ୍ଦୁଝର ବିଦ୍ରୋହ' ଉପନ୍ୟାସରେ ରୂପାୟିତ ହୋଇଛି । ଘଟଣାଟି ଦେଶୀ, ବିଦେଶୀ ବିଭିନ୍ନ ଲେଖକ ଓ ଐତିହାସିକ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରି ଯାଇଛନ୍ତି । * ମହାରାଜା ଗଦାଧର ନାରାୟଣ ଭଞ୍ଜଙ୍କର ମୃତ୍ୟୁ (୧୮୬୧) ପରେ କେନ୍ଦୁଝର-ସିଂହାସନର ଉତ୍ତରାଧିକାର ନେଇ ଗୋଳଯୋଗ ଉପସ୍ଥିତ ହୋଇଥିଲା । ପାଟରାଣୀ ବିଷ୍ଣୁପ୍ରିୟା ଦେବୀ ସନ୍ତାନହୀନା ଥିଲେ ଏବଂ ମୟୂରଭଞ୍ଜର ଛୋଟରାଏ ବୃନ୍ଦାବନଚନ୍ଦ୍ର ଭଞ୍ଜଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରି ରାଜଗାଦୀରେ ବସାଇବା ଲାଗି ଉଦ୍ୟମ କରିଥିଲେ । ଏଣେ ରାଜାଙ୍କ ଫୁଲବିବାହିତ ପତ୍ନୀ, ସାନରାଣୀଙ୍କ ଗର୍ଭଜାତ ସନ୍ତାନ ଧନୁର୍ଜୟ ନାରାୟଣଭଞ୍ଜ ରାଜଗାଦୀରେ ଆପଣା ଦାବୀ ଉପସ୍ଥାପନ କଲେ । ଉଭୟ ତରଫରୁ ଆଇନ୍ ଅଦାଲତରେ ମୋକଦ୍ଦମା ଦାଏର କରାଗଲା, ଶେଷରେ ଧନର୍ଜୟ ନାରାୟଣ ଭଞ୍ଜଙ୍କ ଉତ୍ତରାଧିକାରିତ୍ୱ ସାବ୍ୟସ୍ତ ହେଲା (୧୮୬୮) । ତହୁଁ ପାଟରାଣୀଙ୍କ ପରାମର୍ଶରେ ରାଜ୍ୟର ଭୂୟାଁ ଓ ଜୁଆଙ୍ଗମାନେ ବିଦ୍ରୋହ ଆରମ୍ଭ କରିଦେଲେ । ଏହି ବିଦ୍ରୋହର ପ୍ରଧାନ ନେତା ଥିଲେ ରତ୍ନା ନାୟକ ( ରତ୍ନାକର ସିଂହ ରୂପେ ଉପନ୍ୟାସରେ କଥିତ ) । ବ୍ରିଟିଶ ସରକାର ବହୁ ଆୟାସରେ ଏ ବିଦ୍ରୋହ ଦମନ କରିଥିଲେ । ପାଟରାଣୀ ତଥା ଭୂୟାଁମାନଙ୍କୁ ବାଧ୍ୟ ହୋଇ ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ 'ରାଜା' ବୋଲି ସ୍ୱୀକାର କରିବା ପାଇଁ ପଡ଼ିଥିଲା ।

ଉପନ୍ୟାସର ପ୍ରକାଶିତ ସାତଟି ପରିଚ୍ଛେଦରୁ ଜଣା ପଡ଼େ ଯେ ଲେଖକ ଏହି ଐତିହାସିକ ତଥ୍ୟାବସ୍ତୁକୁ ପ୍ରାୟ ଅବିକଳ ଭାବରେ ଗ୍ରହଣ କରିଛନ୍ତି । ଅବଶ୍ୟ

---

* କେନ୍ଦୁଝର—ଶ୍ରୀ କ୍ଷେତ୍ରମୋହନ ମିଶ୍ର, ଶାଳପତ୍ର (୧୯୩୨)—ପୃଷ୍ଠା ୪୧/୪୩
ଓଡ଼ିଶା ଇତିହାସ—ଶ୍ରୀ ହରେକୃଷ୍ଣ ମହତାବ, ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ —୧୯୪୮, ପୃଷ୍ଠା ୩୭୫

Feudatory States of Orissa by L.E.B. Cobden-Ramsay, Bengal Gazetteers, Howrah (1950)—Page 215
Bengal Under Lieutenant-Governors, Vol. I by C. E Buckland, S. K. Lahiri & Co, Calcutta (1901) Page 420/21,

ଉପନ୍ୟାସ ଶେଷାଂଶ ସେ କି ଭାବରେ ଚିତ୍ରଣ କରି ଥାଆନ୍ତେ, ତାହା ବୁଝିବା କଷ୍ଟକର । କିନ୍ତୁ ସପ୍ତମ ପରିଚ୍ଛେଦ ପର୍ଯ୍ୟନ୍ତ ସେ ବିଶ୍ୱସ୍ତ ଭାବରେ ଇତିହାସକୁ ଅନୁସରଣ କରିଛନ୍ତି । ଏହି ପରିଚ୍ଛେଦରେ ଜୟନ୍ତୀଗଡ଼ର (ଜୟନ୍ତିଆ ଗଡ଼—ଚଂପୁଆର ଅନତି ଦୂରରେ ଅବସ୍ଥିତ; ବର୍ତ୍ତମାନ ବିହାର ରାଜ୍ୟର ଅନ୍ତର୍ଭୁକ୍ତ) ସର୍ଦ୍ଦାର ରତ୍ନାକର ସିଂହ, ଭୂୟାଁ ସର୍ଦ୍ଦାର ନଟବର ବୈଶ୍ୱଚରଣ ଭୂୟାଁ ମହାପାତ୍ର ପ୍ରମୁଖ ରାଣୀ ବିଷ୍ଣୁପ୍ରିୟା ପାଟ ମହାଦେଈଙ୍କ ସହିତ ପରାମର୍ଶ କରିଛନ୍ତି । ରତ୍ନାକର ସିଂହ, ମହାରାଜା ସ୍ୱର୍ଗୀୟ ଗଦାଧରଙ୍କ ଆଦେଶ ସମସ୍ତ ପୀଢ଼ ଓ ଦଣ୍ଡପାଟର ଭୂୟାଁ—ସାନ୍ତାଳ ପ୍ରଜାମାନଙ୍କୁ ଶୁଣାଇ ଦେଇଛନ୍ତି । ଦେବତ୍ତୀ ଚନ୍ଦ୍ରଶେଖର ଧଳ, ଧନୁର୍ଜୟ ନାରାୟଣ ଭଞ୍ଜଙ୍କ ସଙ୍ଗରେ ଘେନ କଟକ ଯାଇଥିବାରୁ ସମସ୍ତଙ୍କ ମନରେ ଆଶଙ୍କା ପ୍ରକାଶ ପାଇଛି । କାରଣ ତତ୍କାଳୀନ ନିୟମ ଅନୁଯାୟୀ କଟକରେ ଥିବା ଗଡ଼ଜାତ ମହାଲର ସୁପରିନ୍ଟେଣ୍ଡେଣ୍ଟ୍ ହିଁ ରାଜ୍ୟର ଏହିଭଳି ଉତ୍ତରାଧିକାର ପ୍ରଶ୍ନର ସମାଧାନ କରୁଥିଲେ । † ଧନୁର୍ଜୟଙ୍କୁ ରାଜଗାଦିରେ ବସାଇ ନ ଦେବା ଲାଗି ପ୍ରଜାମାନେ ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ଗ୍ରହଣ କରିଛନ୍ତି ଏବଂ ନିଜ ନିଜର ଅସ୍ତ୍ର ଛୁଇଁ ଏହି ସିଦ୍ଧାନ୍ତରେ ଅଟଳ ରହିବା ପାଇଁ ଶପଥ ନେଇଛନ୍ତି । ତତ୍ପରେ ରାଣୀ ବିଷ୍ଣୁପ୍ରିୟା, ଶ୍ରେଷ୍ଠରାଏ ବୃନ୍ଦାବନଚନ୍ଦ୍ର ଭଞ୍ଜଙ୍କୁ କେନ୍ଦୁଝର ଆଣିବା ଲାଗି ଓକିଲ ପ୍ରମୁଖଙ୍କୁ ବାରିପଦା ପଠାଇଛନ୍ତି । ଏହିତକ କଥାବସ୍ତୁ ମଧ୍ୟରେ ଧନୁର୍ଜୟ ଓ ରତ୍ନାକର ସିଂହଙ୍କ କନ୍ୟା ଚିତ୍ରଲେଖାଙ୍କର ମଧୁର ପ୍ରଣୟ-ଚିତ୍ର ଖୁବ୍ ସମ୍ଭବ ଲେଖକଙ୍କର କପୋଳ-କଳ୍ପିତ, ନୋହିଲେ କିମ୍ବଦନ୍ତୀ-ମୂଳକ (ଚତୁର୍ଥ ପରିଚ୍ଛେଦ) । ଅନ୍ୟାନ୍ୟ ଘଟଣା ଯଥା—ଦେବତ୍ତୀଙ୍କର ଜାଲ୍ ଉଇଲ୍ ତିଆରି (ପଞ୍ଚମ ପରିଚ୍ଛେଦ), ଗଡ଼ଜାତ ମହାଲର ସୁପରିଣ୍ଟେଣ୍ଡେଣ୍ଟଙ୍କ ସିରସ୍ତାଦାର ବାବୁ ହରମୋହନ ମିତ୍ରଙ୍କ ସହିତ ଦେବତ୍ତୀଙ୍କର ଗୁପ୍ତ ମନ୍ତ୍ରଣା (ଷଷ୍ଠ ପରିଚ୍ଛେଦ) ପ୍ରଭୃତି ଇତିହାସ-ସମ୍ମତ ।

'ପଦ୍ମମାଳୀ' ଓ 'କେନ୍ଦୁଝର ବିଦ୍ରୋହ'ର ଘଟଣା-ବିନ୍ୟାସ ବା ଗଳ୍ପ-ଗୁମ୍ଫନ ମଧ୍ୟରେ କେତେକ ସାଦୃଶ୍ୟ ପରିଲକ୍ଷିତ ହୁଏ । ଉଭୟରେ କୂଟଚକ୍ରାନ୍ତ, ମେଳି ଓ ବିଦ୍ରୋହର ଚିତ୍ର ପରିସ୍ଫୁଟ— ଅବଶ୍ୟ ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ । ଉଭୟର ରୋମାଞ୍ଚକର ପରିବେଶ, ଦୁଃସାହସିକ ଚରିତ୍ରପୂର୍ଣ୍ଣ କାର୍ଯ୍ୟାବଳୀ ସନ୍ନିବେଶିତ କରାଯାଇଛି । ଏହି ପରିପ୍ରେକ୍ଷିତରେ ଉଭୟ ଉପନ୍ୟାସରେ ଅଭିଜାତ ଶ୍ରେଣୀର ପ୍ରେମୋପାଖ୍ୟାନ ସୃଷ୍ଟି କରାଯାଇଛି । ବସ୍ତୁତଃ 'ପଦ୍ମମାଳୀ' ସଦୃଶ 'କେନ୍ଦୁଝର ବିଦ୍ରୋହ' ମଧ୍ୟ 'An Historical Romance of the Orissa

---

† Foundations of British Orissa—Dr. B. C. Ray, New Students Store, Cuttack (1960), Page 87.

Tributary Mehals' ଅଥବା 'ଓଡ଼ିଶା ଗଡ଼ଜାତ ମାହାଲର ଏକ ଐତିହାସିକ ଉପନ୍ୟାସ' ।

(୧) ପ୍ରକାଶିତ ସାତ ଗୋଟି ପରିଚ୍ଛେଦ ମଧ୍ୟରେ ଚିତ୍ରିତ ଦୁଇଟି ଚରିତ୍ର ଉଲ୍ଲେଖଯୋଗ୍ୟ । ବେବର୍ତ୍ତା ଚନ୍ଦ୍ରଶେଖର ଧଳ ରାଜ୍ୟ ମଧ୍ୟରେ ଧୂର୍ତ୍ତ ଓ କୌଶଳୀ ବ୍ୟକ୍ତି ଥିଲେ । ମହାରାଜା ଗଦାଧରଙ୍କ ପରଲୋକ ପରେ କ୍ଷମତାଲୋଭୀ ହୋଇ ସେ ନିଜେ ରାଜଗାଦୀରେ ନ ବସି ମଧ୍ୟ ଶାସନ କାର୍ଯ୍ୟରେ କପଟ ପୂର୍ଣ୍ଣ କର୍ତ୍ତୃତ୍ୱ ଓ ପ୍ରତିପତ୍ତି ଜାହିର୍ କରିବେ, ସେଥିପାଇଁ ଚକ୍ରାନ୍ତ କରିଛନ୍ତି । ଜମ୍ବୁଲୀଗଡ଼ରୁ ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ ଆଣି ଗାଦୀରେ ବସାଇବାର ସମସ୍ତ ବ୍ୟବସ୍ଥା କରିଛନ୍ତି; ମହାରାଜା ସ୍ୱର୍ଗୀୟ ଗଦାଧରଙ୍କ ନାମରେ ଏକ ଜାଲ୍ ଉଇଲ୍ ପ୍ରସ୍ତୁତ କରି କଟକ ଯାଇ ସେରସ୍ତାଦାର ବାବୁ ହରମୋହନ ମିଶ୍ରଙ୍କ ସହିତ ଗୁପ୍ତ ମନ୍ତ୍ରଣା ଚଲାଇଛନ୍ତି । ଐତିହାସିକ ମତାନୁଯାୟୀ— ବେବର୍ତ୍ତା ବାସ୍ତବିକ୍ ରାଜ୍ୟର ଜଣେ ପ୍ରଭାବଶାଳୀ, ବିଶ୍ୱସ୍ତ କର୍ମଚାରୀ ଥିଲେ । କେନ୍ଦୁଝରର ପ୍ରଥମ ବନ୍ଦୋବସ୍ତ କାର୍ଯ୍ୟରେ ସେ ବିଶେଷ ପାରଦର୍ଶିତା ଦେଖାଇ ଥିଲେ । ସେଥିପାଇଁ ମହାରାଜା ତଥା ବ୍ରିଟିଶ ସରକାରଙ୍କ ତରଫରୁ ତାଙ୍କୁ ସମ୍ମାନିତ ଓ ପୁରସ୍କୃତ କରା ଯାଇଥିଲା । * ତାଙ୍କର ଉଦ୍ୟମ ଓ କୌଶଳ ଯୋଗୁ ହୁଏତ ଧନୁର୍ଜୟ ନାରାୟଣ ଭଞ୍ଜଙ୍କ ପକ୍ଷରେ କେନ୍ଦୁଝର ଗାଦୀ-ଲାଭ ସମ୍ଭବ ହୋଇଥିଲା । ଏହି ବିଦ୍ରୋହରେ ଉକ୍ତ ବିଦ୍ରୋହୀମାନେ ବେବର୍ତ୍ତାଙ୍କୁ ଧରି ହତ୍ୟା କରିଥିଲେ । ଅନ୍ୟ ଏକ ଚରିତ୍ର—କଟକର ବାବୁ ଶ୍ରୀ ହରମୋହନ ମିଶ୍ର, ଗଡ଼ଜାତ ମାହାଲର ସୁପରିନ୍‌ଟେଣ୍ଡେଣ୍ଟ୍ ସାହେବଙ୍କ ଦେଓ୍ୱାନ୍ ବା ସେରସ୍ତାଦାର । ଲେଖକ ତାଙ୍କୁ ଜଣେ ଲାଞ୍ଚଖୋର, ଦୁର୍ନୀତିଗ୍ରସ୍ତ କର୍ମଚାରୀ ରୂପେ ଚିତ୍ରଣ କରିଛନ୍ତି । ତାଙ୍କର ବୈଠକଖାନା ଓ ଖିଆ-ପିଅର ହାସ୍ୟକର ବର୍ଣ୍ଣନା ଷଷ୍ଠ ପରିଚ୍ଛେଦରେ ପ୍ରଦତ୍ତ ହୋଇଛି । ଗଡ଼ଜାତ ରାଜାଙ୍କ ମଧ୍ୟରେ ତାଙ୍କର ପ୍ରତିପତ୍ତି ଥିଲା । ଅସାଧୁ ଉପାୟରେ ସେ ବହୁ ଅର୍ଥ ରୋଜଗାର କରିଥିଲେ । ଦେଶ ସେତେବେଳେ ଦୁର୍ଭିକ୍ଷ-ପ୍ରପୀଡ଼ିତ (ନଅଙ୍କ ଦୁର୍ଭିକ୍ଷ —୧୮୬୬-୬୭) ହୋଇଥିବାରୁ ତାଙ୍କର ଅର୍ଥାଗମ-ସ୍ରୋତ· ଭଟ୍ଟା ପଡ଼ି ଆସିଥିଲା । ଅହିଫେନ ସେବନ କରି ସେ ତନ୍ଦ୍ରାଳସ ସୁଖ ଉପଭୋଗ କରୁଥିବା ବେଳେ ବେବର୍ତ୍ତା ଚନ୍ଦ୍ରଶେଖରଙ୍କ ଭଳି ଗୋଟାଏ ବଡ଼ ଶିକାର ତାଙ୍କୁ ଜୁଟି ଯାଇଥିଲା । ପ୍ରଥମେ ବେବର୍ତ୍ତାଙ୍କଠାରୁ ହଜାରେ ଟଙ୍କାର ଥଳି ଭେଟି ଗ୍ରହଣ କରି ସେ କେନ୍ଦୁଝର ଗାଦୀ ସମ୍ପର୍କରେ ବିଚାର-ଆଲୋଚନା କରିଥିଲେ । ଏପରି ଏକ ଗୋଳମାଳିଆ କେସ୍‌ରେ ହାତ ଦେବା ଲାଗି ବେବର୍ତ୍ତାଙ୍କଠାରୁ ସେ ଏକ ଲକ୍ଷ ଟଙ୍କା (ତନ୍ମଧ୍ୟରୁ ଅଗ୍ରୀମ ଦଶହଜାର

---

* କେନ୍ଦୁଝର—ଶ୍ରୀ କ୍ଷେତ୍ରମୋହନ ମିଶ୍ର, ଶାଳପତ୍ର ( ୧୯୩୧ ) — ପୃଷ୍ଠା ୩୬।୩୭

ଦେବାକୁ ହେବ ) ତାହା କରିଥିଲେ । ତତ୍କାଳୀନ ରାଜକର୍ମଚାରୀଙ୍କ ଅସାଧୁ କାର୍ଯ୍ୟକଳାପର ଏକ ବାସ୍ତବ ଚିତ୍ର ଲେଖକ ଏହି ଚରିତ୍ର ଜରିଆରେ ଉପସ୍ଥାପନ କରିଛନ୍ତି ।

(୧୩) 'ପଦ୍ମମାଳୀ' ଉପନ୍ୟାସର ବର୍ଣ୍ଣନା-ଚାତୁରୀ ଲେଖକ 'କେନ୍ଦୁଝର ବିଦ୍ରୋହ'ରେ ବଜାୟ ରଖି ପାରିଛନ୍ତି । ତୃତୀୟ ପରିଚ୍ଛେଦରେ କସ୍ତୁରୀ ଗଡ ଚୌପାଢୀର ସାନ୍ଧ୍ୟ ବୈଠକ ବର୍ଣ୍ଣନା ପ୍ରସଙ୍ଗରେ ଲେଖିଛନ୍ତି— "ଦୁର୍ଗ ସ୍ୱାମୀ ସାନ୍ଧ୍ୟ ବନ୍ଦନାଦି ସମାପନ କରି ଚୌପାଢୀରେ ଆସୀନ । ନିକଟରେ କୂଳ ପୁରୋହିତ ପୁରୁଷୋତ୍ତମ ପଞ୍ଚଯୋଷୀ ବସି ଅଛନ୍ତି ଏବଂ ଦୁର୍ଗସ୍ଥ ଅନେକ ଭଦ୍ର ବ୍ୟକ୍ତି ମଣ୍ଡଳୀ ହୋଇ ବସି ନାନା ବିଷୟ ସମାଲୋଚନା କରୁଅଛନ୍ତି । କେତେକ ଦିବସ ହେଲା ସନ୍ଧ୍ୟା ସମୟରେ ମଧ୍ୟ-ଆକାଶରେ ଗୋଟିଏ ଧୂମକେତୁ ଦୃଷ୍ଟ ହେଉଅଛି । ତାହା ଆଜିକା ସଭାର ପ୍ରସଙ୍ଗ । ବୋଲିବା ବାହୁଲ୍ୟ ଯେ ସୌର ଜଗତର ପୃଥିବୀ କେନ୍ଦ୍ର ସ୍ଥଳ ଏବଂ ସୂର୍ଯ୍ୟଦେବ ଏକଚକ୍ର ରଥରେ ସାତ ଘୋଡ଼ା ଦ୍ୱାରା ଟଣା ହୋଇ ପୃଥିବୀକୁ ପ୍ରତିଦିନ ପ୍ରଦକ୍ଷିଣ କରୁଅଛନ୍ତି; ଏହି ମତାବଲମ୍ବୀ ସଭ୍ୟମାନେ ଥିଲେ । ସୁବିଖ୍ୟାତ ଗ୍ୟାଲିଲିଓ ଏହି ମତର ପ୍ରଥମ ପ୍ରତିବାଦ କରି କାରାଗାରେ ନିକ୍ଷିପ୍ତ ହୋଇଥିଲେ । ସଭ୍ୟମାନେ ଗ୍ୟାଲିଲିଓଙ୍କୁ ପାଇଲେ କଣ କରନ୍ତେ, ଏହା ଗୋଟିଏ କୌତୂହଳୋଦ୍ଦୀପକ ବିଷୟ ଅଟେ । ସଭ୍ୟମାନଙ୍କ ମଧ୍ୟରେ ଶ୍ରୀମ ଜେନା ବୁଦ୍ଧିମାନ୍ ବୋଲି ଖ୍ୟାତି ଲାଭ କରିଥିଲେ । ସେ ଜାଣନ୍ତି ଯେ ଅଖଣ୍ଡମଣ୍ଡଳାକାର ଜଗତର ସୂର୍ଯ୍ୟ ଅନ୍ତଃସୀମା, ତଦୁପରି କିପରି ପ୍ରାଚୀର ଦ୍ୱାରା ଜଗତ୍ ମଣ୍ଡିତ, ଆମ୍ଭମାନଙ୍କର କୌତୂହଳ ଚରିତାର୍ଥ କରିବା ସକାଶେ ଜେନା ମଜକୁର ଲିପିବଦ୍ଧ କରି ଯାଇ ନାହାନ୍ତି । ସେ କହିଲେ—"ଆଚ୍ଛା, ଏ ତ ବଡ ବିଷମ କଥା । ଲଙ୍କୁଡ଼ିଆ ତାରାଟା ସୂର୍ଯ୍ୟଦେବଙ୍କର ରଥ ଯିବା ବାଟରେ ପଡ଼ିଅଛି । ତେବେ ରଥର ଓ ତହାର ସଂଘର୍ଷ ହେଉ ନାହିଁ କିପରି ?" ପଞ୍ଚଯୋଷୀ କହିଲେ –"ଅରୁଣ କି ଯେ ସେ ସାରଥି । ବିଷ୍ଣୁଙ୍କର ଦାରୁକ, ଇନ୍ଦ୍ରଙ୍କର ମାତଲୀ ଏବଂ ସୂର୍ଯ୍ୟଙ୍କର ଅରୁଣର ତୁଳନା ନାହିଁ । ଲଙ୍କୁଡ଼ିଆ ତାରା ଓ ସୂର୍ଯ୍ୟଙ୍କର ସଂଘଟ୍ଟ ହେଲେ, ମହାପ୍ରଳୟ ହେବ । ପ୍ରତି ୭୦ କି ୭୫ ବର୍ଷରେ ଥରେ ଲେଖାଏଁ ଗୋଟିଏ ଧୂମକେତୁ ଦେଖାଯାଏ, ତାହା ହେଲେ ପ୍ରତ୍ୟେକ ୭୦।୭୫ ବର୍ଷରେ ମହାପ୍ରଳୟ ହେଉଥାନ୍ତା ।" ସେହିପରି ଚତୁର୍ଥ ପରିଚ୍ଛେଦରେ ଲେଖକ ସନ୍ଧ୍ୟାକାଳୀନ ପ୍ରକୃତିର ରସୋତ୍ତୀର୍ଣ୍ଣ ବର୍ଣ୍ଣନା ଦେଇଛନ୍ତି –"ପ୍ରକୃତି ଅପୂର୍ବ ଶୋଭା ଧାରଣ କରିଅଛି । ଉଭୟ ପାର୍ଶ୍ୱରେ ଶୁଭ୍ର ସୈକତରାଶି ମଧ୍ୟ ଦେଇ ଗଳିତ ରଜତ ଧାରା ପରି ବୈତରଣୀ ପ୍ରବାହିତା । ଅସ୍ତମୁଖ ସୂର୍ଯ୍ୟଙ୍କର ମୟୂଖ ସ୍ୱଚ୍ଛ ବାରି ଉପରେ ଝିକ୍ ଝିକ୍ କରୁଅଛି । ଅପର ପାର୍ଶ୍ୱରେ ପର୍ବତ ଓ ଅରଣ୍ୟାନୀ ଚକ୍ଷୁ-ପ୍ରୀତିକର ରମଣୀୟ ମୂର୍ତ୍ତି ଧାରଣ କରିଅଛି । ପର୍ବତ ଶିଖର ପଶ୍ଚାତରେ ଜବା କୁସୁମସଙ୍କାଶ ସୂର୍ଯ୍ୟଦେବ

ଧୀରେ ଧୀରେ ବିଲୁପ୍ତ ହେଉଅଛନ୍ତି । ପକ୍ଷୀମାନେ ଦୂରରୁ ସମାଗତ ହୋଇ କୁଳାୟଂ ଆଶ୍ରୟ କରି, ତଟସ୍ଥ ବୃକ୍ଷ ସବୁ ସଜୀବ କରୁ ଅଛନ୍ତି । ଆଜି ପୌର୍ଣ୍ଣମାସୀ । ପଶ୍ଚିମାକାଶରେ ସୂର୍ଯ୍ୟଦେବ ଅସ୍ତ ନ ହେଉଣୁ ପୂର୍ବଦିକ୍ ଉଜ୍ଜ୍ୱଳ କରି ଚନ୍ଦ୍ରମା ସ୍ନିଗ୍ଧ କିରଣଜାଲ ଦ୍ୱାରା ପୃଥିବୀକୁ ରଜତ ବସନରେ ମଣ୍ଡିତ କଲେ ।” ଏହି ପ୍ରାକୃତିକ ପୃଷ୍ଠଭୂମି ଉପରେ ଉମେଶଚନ୍ଦ୍ର ଅତି ମନୋଜ୍ଞ ଭାବରେ ଚନ୍ଦ୍ରଲେଖା ଧନୁର୍ଜୟ-ନାରାୟଣଙ୍କର ପ୍ରଣୟ ଚିତ୍ର ଅଙ୍କନ କରିଛନ୍ତି । ସେହି ପ୍ରସଙ୍ଗରେ “ନାରାୟଣ ଭଞ୍ଜ ଚନ୍ଦ୍ରଲେଖାକୁ ବାହୁ ବନ୍ଧନରେ ଛନ୍ଦି ଓ ଦୃଢ଼ ଆଲିଙ୍ଗନ କରି ତାହାର ଅନାଘ୍ରାତ ମୁଖାରବିନ୍ଦକୁ ସତୃଷ୍ଣ ନିରୀକ୍ଷଣ କରି ( ଛି ଛି ନାରାୟଣ ଭଞ୍ଜ, ଅନୂଢ଼ା ବାଳିକା ପ୍ରତି ଏ କି ବ୍ୟବହାର କରୁଅଛ ) ବିମ୍ବାଧରୀର ବିମ୍ବୋଷ୍ଠରେ ସ୍ୱୀୟ ଅଧରୋଷ୍ଠ ସ୍ଥାପନ କରି ଚୁମ୍ବନ କଲେ ।”—ପ୍ରଭୃତି ବର୍ଣ୍ଣନା ‘ପଦ୍ମମାଳୀ’ ଷଷ୍ଠ ପରିଚ୍ଛେଦସ୍ଥ ଅନୁରୂପ ବ୍ୟଞ୍ଜନାତ୍ମକ ବର୍ଣ୍ଣନା ସ୍ମରଣ କରାଇ ଦିଏ ।

(୧୪) ‘ପଦ୍ମମାଳୀ’ ଲେଖିବାର ପ୍ରାୟ କୋଡ଼ିଏ ବର୍ଷ ପରେ ଉମେଶଚନ୍ଦ୍ର ‘କେନ୍ଦୁଝର ବିଦ୍ରୋହ’ ରଚନା କରିଥିଲେ । ତଥାପି ଏହି କୋଡ଼ିଏ ବର୍ଷ କାଳ ମଧ୍ୟରେ ତାଙ୍କର ଉପନ୍ୟାସ ରଚନାଶୈଳୀରେ କୌଣସି ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଲକ୍ଷିତ ହୁଏ ନା । ବର୍ଣ୍ଣନା-ରୀତି, ସଂଳାପ-ସମାବେଶ, ଭାଷା ବିନ୍ୟାସ ଆଦି କ୍ଷେତ୍ରରେ ‘ପଦ୍ମମାଳୀ’ ଓ ‘କେନ୍ଦୁଝର ବିଦ୍ରୋହ’ ମଧ୍ୟରେ ଯଥେଷ୍ଟ ସାମଞ୍ଜସ୍ୟ ଥିବାର ଦେଖାଯାଏ । ଗୋଟିଏ ସଂଳାପର ଉଦାହରଣ—“ଚନ୍ଦ୍ରା ଦେଈ (ରତ୍ନାକର ସିଂହଙ୍କର ଭ୍ରାତୃଜାୟା) ଉପହାସ ଛଳରେ ବାଳିକାକୁ ( ଚନ୍ଦ୍ରଲେଖା ) କହନ୍ତି ଯେ ନାରାୟଣ (ଧନୁର୍ଜୟ ନାରାୟଣ ଭଞ୍ଜ) ତାହାର ବର । ବାଳିକା ତଦୁତ୍ତରରେ କହେ-ବଡ଼ ମା’, ବର କଣ ?

ଚନ୍ଦ୍ରା ଦେଈ—ତୋର ବାପା ତୋ ମାଆର ବର ।

ଚନ୍ଦ୍ରଲେଖା—ସେ ତ ବେଶ୍ ! (ନାରାୟଣ ପ୍ରତି) ନନା, ତୁ ମୋର ବର ହେଲେ ମତେ ମାରିବୁ ନାହିଁଟି ?

ନାରାୟଣ—ଦୂର ବାୟାଣି, ବର କଣ କନିଆଁକୁ ମାରେ ? ସେ ଗେଲ କରେ । ତୋର ମୋର ବିଭା ହୋଇ ପାଲିଙ୍କିରେ ବସି, ବାଜା ବଜାଇ, ରୋସନେଇ କରି ଯିବା, ଲୋକମାନେ ସବୁ ଦେଖିଥିବେ ।

ଚନ୍ଦ୍ରଲେଖା—ବାଃ, ସେ ତ ଭାରି ମଜା ହେବ । ବଡ଼ ମା’, ଆମ୍ଭମାନଙ୍କର ବିଭା କେବେ ହେବ ?” —ଇତ୍ୟାଦି (ଚତୁର୍ଥ ପରିଚ୍ଛେଦ)

ଏହି ଫଳାପର ସାରଲ୍ୟ ଓ ସାବଲୀଳତା ସ୍ୱୀକାର କରିବା ସଙ୍ଗେ ସଙ୍ଗେ 'ସେ ତ ବେଶ !', 'ସେସବେଇ' ଆଦି ଭାଷା-ବିନ୍ୟାସ ପ୍ରତି ଲକ୍ଷ୍ୟ ଦେବାକୁ ହେବ । ପୁଣି ଶାସନ ବିଭାଗୀୟ କର୍ମଚାରୀ ହିସାବରେ ଉମେଶଚନ୍ଦ୍ର ଯେ ସରକାରୀ କାଗଜପତ୍ର, ଦଲିଲ୍-ଦସ୍ତାବିଜ୍‌ର ବ୍ୟବହାରିକ ଭାଷା ସହିତ ସୁପରିଚିତ ଥିଲେ, ତାହାର ପ୍ରମାଣ ପଞ୍ଚମ ପରିଚ୍ଛେଦର ଜାଲ୍ ଉଇଲ୍‌ରୁ ମିଳିଥାଏ । ସ୍ଥଳ ବିଶେଷରେ ବାଟ ଛୁଡ଼ିଥିଲେ ମଧ୍ୟ ବର୍ଣ୍ଣନାର ବାସ୍ତବତା ତଥା ଭାଷା ବିନ୍ୟାସର ସ୍ୱାଭାବିକତା ପ୍ରତି ସେ କଡ଼ା ନଜର ଦେଇଛନ୍ତି । ପୂର୍ବୋକ୍ତ ଉଇଲ୍‌ଟିର ଉଦ୍ଧୃତ — "ଲେଖିତଂ ଶ୍ରୀରାଜେ ଗଦାଧର ଭଞ୍ଜ ଜମିଦାର କିଲ୍ଲେ କେନ୍ଦୁଝର ଗେଡ଼ ଓଡ଼ିଶା ଏହି କି ଆମ୍ଭେ ବର୍ତ୍ତମାନ ତୀର୍ଥାଟନକୁ ଯିବା ମନସ୍ଥ କରିଅଛୁଁ । ଶ୍ରୀଭଗବାନ ନ କରନ୍ତୁ, ଯଦି ବିଦେଶରେ ଆମ୍ଭର କୌଣସି ଅନିଷ୍ଟ ଘଟଣା ହୁଏ, ତାହା ହେଲେ ଆମ୍ଭର ଔରସଜାତ ପୁତ୍ର ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ ଆମ୍ଭର ଉତ୍ତରାଧିକାରୀ ମନୋନୀତ କରି ଆଜ୍ଞା କରୁଅଛୁଁ ଯେ ଉକ୍ତ ଧନୁର୍ଜୟ ନାରାୟଣ ଭଞ୍ଜ, ଆମ୍ଭ ଅନ୍ତେ ଆମ୍ଭର ଉତ୍ତରାଧିକାରସ୍ୱରୂପ କେନ୍ଦୁଝର ଗଡ଼କୁ ପ୍ରାପ୍ତ ହେବେ । ଏତଦର୍ଥେ ଧୀର ମନେ, ସ୍ଥିର ଚିତ୍ତେ ସବଳ କାୟେ ସୁସ୍ଥ ଶରୀରେ ବିନା ଶିକ୍ଷାରେ ଆପଣା ଇଚ୍ଛାରେ ନିଜ ଗଡ଼ ମୁକାମରେ ଏହି ଆଜ୍ଞାପତ୍ର ଲେଖି ଅଦେଶ କରୁଅଛୁଁ କି ଏହା ଦରକାର ବେଳେ କର୍ମକୁ ଆସିବ । ଇତି । ତୁଳା ଦି୧୦ନ ସନ ୧୨୭୨ ସାଲ୍ ନିଜ ଗଡ଼, କେନ୍ଦୁଝର ।

ରାଜେ ଶ୍ରୀ ଗଦାଧର ଭଞ୍ଜଙ୍କର ଏ ପ୍ରମାଣ ।
। ଇ । ଶ୍ରୀ ଚନ୍ଦ୍ରଶେଖର ଧଳ ବେବର୍ତ୍ତା ।
। ଇ । ଶ୍ରୀ ସତ୍ୟବାଦୀ ରାମ ପଟ୍ଟନାୟକ ।"

ଓଡ଼ିଆ ବିଭାଗ,
ରେଭେନ୍ସା ମହାବିଦ୍ୟାଳୟ,
କଟକ—୩

# ॥ ଓଡ଼ିଆ ସାହିତ୍ୟରେ ଐତିହାସିକ ଉପନ୍ୟାସର ବିକାଶ: ପଦ୍ମମାଳୀ ॥

ଅଧ୍ୟାପକ ଯତୀନ୍ଦ୍ର କୁମାର ନାୟକ,
ଡକ୍ଟର ମଧୁସୂଦନ ପତି ॥

ପ୍ରଥମ ଓଡ଼ିଆ ଉପନ୍ୟାସ 'ପଦ୍ମମାଳୀ' ର ବିଭିନ୍ନ ସଂସ୍କରଣ ଭୂମିକାରେ ଔପନ୍ୟାସିକ ଉମେଶଚଂନ୍ଦ୍ର ସରକାର ଜଣେ ପଥ- ପ୍ରଦର୍ଶକର ଅନୁଭବକୁ ବ୍ୟକ୍ତ କରିଛନ୍ତି । ଓଡ଼ିଆ ସାହିତ୍ୟରେ ପ୍ରକୃତ ଗଦ୍ୟ କାହାଣୀର ଅଭାବ ଓ ଏ ଦିଗରେ ତାଙ୍କର ପଦକ୍ଷେପ ଏକ 'ଅଭିଯାନ' ରୂପେ ଆଖ୍ୟାୟିତ । ଓଡ଼ିଶାର ଇତିହାସ କାଳ୍ପନିକ ଗଦ୍ୟ କାହଣୀର ଆକର ବୋଲି ସେ ପ୍ରଥମ ସଂସ୍କରଣ ଭୂମିକାରେ କହିଛନ୍ତି । ସଂପୃକ୍ତ ଉପନ୍ୟାସର ଦ୍ୱିତୀୟ ସଂସ୍କରଣ ଭୂମିକାରେ ଐତିହାସିକ ରୋମାନସ୍‌ର କାହାଣୀ ଓ ଇତିହାସ ଭିତରେ ଥିବା ସଂପର୍କ ପ୍ରସଂଗ ଉତ୍‌ଥାପିତ । ଇତିହାସ କେତେକ ଘଟଣାର ସମଷ୍ଟି । ଐତିହାସିକ ଉପନ୍ୟାସରେ ଏହି ଘଟଣାର ଯଥାଯଥ ଉପସ୍ଥାପନ ଏକାନ୍ତ କାମ୍ୟ—ଏଥିନେଇ ଉମେଶଚଂନ୍ଦ୍ରଂକ ମତାମତ ସ୍ପଷ୍ଟ ଓ ଦୃଢ଼ । ଔପନ୍ୟାସିକଙ୍କର କର୍ତ୍ତବ୍ୟ ହେଲା ଇତିହାସର ବ୍ୟତିକ୍ରମ ନକରି ବା ଘଟଣାର ଐତିହାସିକ ଯଥାଯଥତା ଓ ପରିପୂର୍ତ୍ତିତାକୁ ଖଣ୍ଡିତ ନ କରି ପାଠକଙ୍କୁ ଆନନ୍ଦ ଦେବା । ଘଟଣାର ଯଥାଯଥତା ଉପରେ ଏହି ଗୁରୁତ୍ୱ ଆରୋପ ହେତୁ 'ପଦ୍ମମାଳୀ' ହୋଇଛି ଉମେଶଚଂନ୍ଦ୍ରଙ୍କ ଦୃଷ୍ଟିରେ ଓଡ଼ିଆ ସାହିତ୍ୟର ଏକମାତ୍ର ଐତିହାସିକ ରୋମାନ୍‌ସ ।

'ପଦ୍ମମାଳୀ'ର ଭୂମିକା ଦୁଇଟି— ଉପନ୍ୟାସ ଶିଳ୍ପ ପ୍ରତି ଲେଖକଙ୍କର ଦୃଷ୍ଟିଭଙ୍ଗୀ -ର ଦୁଇଟି ଦିଗ ସଂପର୍କରେ ସଚେତନ କରେ । ସମକାଳର ଅନ୍ୟାନ୍ୟ ଲେଖକଙ୍କ ଭଳି ଓଡ଼ିଆ ସାହିତ୍ୟସେବାକୁ ସେ ଏକ ଜାତୀୟ କର୍ତ୍ତବ୍ୟ ରୂପେ ଗ୍ରହଣ କରିଛନ୍ତି । ଐତିହାସିକ-ଉପନ୍ୟାସ ବାସ୍ତବ ଐତିହାସିକ ଘଟଣା ସହ କାଳ୍ପନିକ କାହାଣୀ ବା ଘଟଣାର ଯୌଗିକ ମିଶ୍ରଣ । ଓଡ଼ିଶା ଇତିହାସ ସଂପର୍କରେ ତାଂକର ଔତ୍ସୁକ୍ୟ ଅଧିକ ଆଲୋଚନାର ଅପେକ୍ଷା ରଖେ । ତାଙ୍କର ଏହି ଔତ୍ସୁକ୍ୟ, ସମକାଳର ପ୍ରବୃତ୍ତି ଅନୁସରଣ କରି, ମୁଖ୍ୟତଃ ଦେଶପ୍ରେମ–ସଂଜାତ । ତା' ସହ ଇତିହାସକୁ ସେ ଦେଖିଛନ୍ତି ବହୁ ସାହିତ୍ୟିକ ସମ୍ଭାବନାର ଗନ୍ତାଘର ରୂପେ । ତାଂକର ଆଲୋଚିତ ଉପନ୍ୟାସରେ ଗ୍ରନ୍ଥିତ । ହୋଇଥିବା ଘଟଣା ଗୁଡିକର ବିଶ୍ଳେଷଣରୁ ଜଣାଯାଏ ଯେ ଇତିହାସ ତାଂକ ଦୃଷ୍ଟିରେ

ନାଟକୀୟ ଗୁଣ ସଂପନ୍ନ—ଦୁଇଟି ରାଜ୍ୟ ମଧ୍ୟରେ ସଂଘର୍ଷ, ମନ୍ତ୍ରଣା ଇତ୍ୟାଦି ଏହାର ଉପାଦାନ । ଇତିହାସ ପ୍ରତି ଉମେଶ ଚନ୍ଦ୍ରଙ୍କର ସୃଷ୍ଟିଶୀଳ ଆକର୍ଷଣ ସତ୍ତ୍ୱେ, ଇତିହାସ ଓ କାହାଣୀ ମଧ୍ୟରେ କାଂକ୍ଷିତ ସମନ୍ୱୟ ଏହି ଉପନ୍ୟାସରେ ଆଣିବା ତାଂକ ପକ୍ଷେ ସମ୍ଭବ ହୋଇନାହିଁ ।

ଲେଖକ 'ପଦ୍ମମାଳୀ'କୁ 'ଗଡ଼ଜାତ ମାହାଲର ଏକ ଐତିହାସିକ ରୋମାନ୍ସ' ରୂପେ ଆଖ୍ୟାୟିତ କରିଛନ୍ତି । ଉପନ୍ୟାସଟିକୁ ଟିକେ ଗଭୀର ଭାବେ ଅଧ୍ୟୟନ କଲେ ଦେଖାଯାଏ ଯେ ପ୍ରେମ, ବିରହ ଓ ପୁନର୍ମିଳନର ଏକ ସରଳ ରୋମାଣ୍ଟିକ୍ ପ୍ରେମ କାହାଣୀ ଏଠାରେ କେତୋଟି ସାମାଜିକ ଆଲୋଚନା ଓ ଐତିହାସିକ ଘଟଣାର ଅଭ୍ୟାଗମରେ ବୈଚିତ୍ର୍ୟମୟ ହୋଇଛି । କାଳ୍ପନିକ କାହାଣୀର ସରଳ ରୈଖିକ ସଂରଚନାସ୍ଥିତ ଐତିହାସିକ ଘଟଣା ଓ ସାମାଜିକ ବାସ୍ତବତାର ଅଭିଘାତରେ ଜଟିଳରୂପ ଗ୍ରହଣ କରିଛି । ସମ୍ଭବତଃ, ଏହିକାରଣରୁ ଉପନ୍ୟାସସ୍ଥ ଐତିହାସିକ ଘଟଣା ଉପନ୍ୟାସ ବିଷୟବସ୍ତୁର ଅଂଗୀଭୂତ ହୋଇପାରି ନାହିଁ । କଥାବସ୍ତୁର ଗତିଶୀଳତା ପାଇଁ ଐତିହାସିକ ଘଟଣା ଏକ ସୀମାନ୍ତବର୍ତ୍ତୀ ଉପାଦାନ । 'ପଦ୍ମମାଳୀ'ର ବୈଶିଷ୍ଟ୍ୟ ହେଉଛି, ପ୍ରଥମ ଉପନ୍ୟାସ ହେଲେ ବି, ପ୍ରାୟତଃ ଅବିଶ୍ୱାସ୍ୟ ଘଟଣାକୁ ବାସ୍ତବାନୁଗ ଓ ଦୃଢ଼ ପ୍ରତ୍ୟୟୋତ୍ପାଦକ କରାଯିବାର ସଚେତନ ପ୍ରଚେଷ୍ଟା । ଗୋଟିଏ ଦିଗରେ ରୋମାନ୍ସ ଓ ଉପଦେଶାତ୍ମକ କାହାଣୀର ଦେଶୀୟ ରୂପ, ଅପରଦିଗରେ ପାଶ୍ଚାତ୍ୟରେ ପ୍ରାତ୍ୟହିକ ବାସ୍ତବତା ପ୍ରତିଫଳିତ କରି ବସ୍ତୁନିଷ୍ଠ ଓ ସତ୍ୟ-ପ୍ରତିମ କରିବାପାଇଁ ନବ ଆବଶ୍ୟକତାର ରୂପ—ଏହି ଦୁଇ ରୂପ ଦ୍ୱାରା 'ପଦ୍ମମାଳୀ'ର ଗଠନରୀତି ସ୍ୱାଭାବିକ ଭାବେ ପ୍ରଭାବିତ । ଦ୍ୱିତୀୟ ସଂସ୍କରଣ ଭୂମିକାରେ ଉମେଶଚନ୍ଦ୍ରଙ୍କ ଦୃଢ଼ୋକ୍ତି "ଏ ସକଳ ବର୍ଣ୍ଣନାରେ… ଇତିହାସର ଏକ ବର୍ଣ୍ଣର ଅପଲାପ କରିନାହୁଁ" —ମଧ୍ୟରେ ବସ୍ତୁନିଷ୍ଠ କଥାଶିଳ୍ପୀ ଭାବରେ ଔପନ୍ୟାସିକଙ୍କ ଦାୟିତ୍ୱ ସୂଚିତ । ପାଠକର ମନୋରଞ୍ଜନ ତାଙ୍କର ଅନ୍ୟତମ ଉଦ୍ଦେଶ୍ୟ ହୋଇଥିବାରୁ ତାଙ୍କୁ କାଳ୍ପନିକ ଓ ମନୋରଞ୍ଜକ କାହାଣୀର ଗଠନ ଉଦ୍ଭାବନ କରିବାକୁ ହୋଇଛି, ଯାହା ଇତିହାସ ପ୍ରତି ବିଶ୍ୱସ୍ତ ନୁହେଁ । କାଳ୍ପନିକ କାହାଣୀ ଓ ଐତିହାସିକ ଘଟଣା — ଏହି ଉଭୟ ଉପାଦାନ ମଧ୍ୟରେ ସେ ଏକ ସନ୍ତୋଷଜନକ ସମନ୍ୱୟ ଆଣିପାରି ନାହାନ୍ତି । ଉପନ୍ୟାସରେ ଏହି ଦୁଇ ଉପାଦାନ ଅବିଭକ୍ତ ଓ ଅଦ୍ୱୈତ ପର୍ଯ୍ୟାୟରେ ପରିଣତ ନ ହୋଇ ଅବସ୍ଥାନ କରିଛି । କିନ୍ତୁ ବାସ୍ତବାନୁଗ ରୀତି ସହ ରୋମାନ୍ସ ଗଠନର ଏହି ପ୍ରକାର ସହାବସ୍ଥାନ କେବଳ ଉମେଶଚନ୍ଦ୍ରଙ୍କ କ୍ଷେତ୍ରରେ ଘଟିନାହିଁ । ସରକାରଙ୍କ ପରେ ଲିଖିତ ବହୁ ଓଡ଼ିଆ ଉପନ୍ୟାସରେ ଏହି ଧାରା ଅବ୍ୟାହତ ଥିବାର ଦେଖିବାକୁ ମିଳେ ।

ଗୋଟିଏ ରାଜନୈତିକ ଓ ଅପରଟି ପ୍ରଣୟ ଘଟିତ, ମୁଖ୍ୟତଃ, ଏହି ଦୁଇଟି ଦ୍ୱନ୍ଦ୍ୱକୁ ଭିତ୍ତିକରି 'ପଦ୍ମମାଳୀର' ଗଠଣ ପ୍ରସ୍ତୁତ । ଊନବିଂଶ ଶତକର ଆଦ୍ୟ ଦଶକରେ ଓଡ଼ିଶାର ଦୁଇଟି କ୍ଷୁଦ୍ର ରାଜ୍ୟ ମଧ୍ୟରେ ଥିବା ବିବାଦ ଉପନ୍ୟାସର ରାଜନୈତିକ ଦ୍ୱନ୍ଦ୍ୱ ସହ ସମ୍ପୃକ୍ତ । ମାଳଗିରି ରାଜ ସିଂହାସନ ଲାଗି ବିଧବା ରାଣୀମାତା ଓ ମୃତ ରାଜାଙ୍କ ସାନଭାଇଙ୍କ ମଧ୍ୟରେ ଲାଗିଥିବା ବିବାଦ, ମୂଳ ଦ୍ୱନ୍ଦ୍ୱ ସହ ଗ୍ରଥିତ କରାଯାଇଛି । ଏହି ରାଜନୈତିକ ଦ୍ୱନ୍ଦ୍ୱ ଉପନ୍ୟାସର ବିଷୟବସ୍ତୁ ପାଇଁ କେନ୍ଦ୍ରିକ ଦ୍ୱନ୍ଦ୍ୱ ନୁହେଁ, ସୀମାନ୍ତବର୍ତ୍ତୀ । ମାଳଗିରିର ପଞ୍ଚୁଆରି ଜଗୁ ପଟ୍ଟନାୟକଙ୍କ ଝିଅ ପଦ୍ମମାଳୀ ଓ କାର୍ତ୍ତିପଦାର ରାଜା ପରୀକ୍ଷିତ ସିଂହଙ୍କୁ ଭିତ୍ତିକରି ଗଢି ଉଠିଥିବା ପ୍ରଣୟ କାହାଣୀ ଉପନ୍ୟାସର କେନ୍ଦ୍ରିକ ଦ୍ୱନ୍ଦ୍ୱ । ରାଜନୈତିକ ଦ୍ୱନ୍ଦ୍ୱ, ଏହି ପ୍ରେମ ପ୍ରଣୟ ଘଟିତ ଦ୍ୱନ୍ଦ୍ୱ ସହ ଏକାକାର ହୋଇଛି । ଯେତେବେଳେ ଦ୍ୱିତୀୟ ପ୍ରକାର ଦ୍ୱନ୍ଦ୍ୱ ଏକ ଜଟିଳ ଅବସ୍ଥାରେ ପହଞ୍ଚିଛି : ପଦ୍ମମାଳୀ ଦୁର୍ଯ୍ୟୋଧନଙ୍କ ଦ୍ୱାରା ଅପହୃତା ହୋଇ ମାଳଗିରି ରାଜାଙ୍କର ଉଦ୍ୟାନଗୃହରେ ବନ୍ଦିନୀ, ତାଙ୍କ ଉଦ୍ଧାର କରିବା ପାଇଁ ମାଳଗିରି ରାଜଗାଦି ନିମନ୍ତେ ଆଶାୟୀ ହରିହର ଭ୍ରମରବର ଦେବଙ୍କ ସହଯୋଗରେ କାର୍ତ୍ତିପଦାର ରାଜା ମାଳଗିରି ଆକ୍ରମଣ କରିଛନ୍ତି । ବ୍ରିଟିଶ ପଲିଟିକାଲ୍ ଏଜେଣ୍ଟଙ୍କ ହସ୍ତକ୍ଷେପ ଫଳରେ ଏହି ବିବାଦର ସମାଧାନ ହୋଇଛି । ଖଳ ନାୟକ ଓ କେତେଜଣ ବିଦ୍ରୋହୀ ଦଣ୍ଡିତ ହୋଇଅଛନ୍ତି । ନାୟକ ଓ ନାୟିକାଙ୍କର ବିବାହ ଓ ମଧୁର ମିଳନରେ ଉପନ୍ୟାସର ପରିସମାପ୍ତି ଘଟିଛି ।

ଉପନ୍ୟାସର ଗଠଣ ସନ୍ଦର୍ଭ ଶେଷରେ ପ୍ରେମ, ବିରହ ଓ ମିଳନର ଧରାବନ୍ଧା ସରଳ ରୋମାନ୍ସରେ ପରିଣତ; ତଥାପି ଉପରେ ଉପସ୍ଥାପିତ କାହାଣୀ କେତେକ ଜଟିଳତା ଓ ବୈଚିତ୍ର୍ୟମୟ ଗଠଣ ଦୃଷ୍ଟିରୁ ଔପନ୍ୟାସିକଙ୍କ ଚେଷ୍ଟା ପ୍ରତି ନ୍ୟାୟ ବିଚାର କରେ ନାହିଁ । ଉପନ୍ୟାସର ଘଟଣା ପ୍ରବାହ ଏହିଭଳି ସମତଳ ଓ ସରଳ ରୈଖିକ ସ୍ରୋତରେ ଅଗ୍ରଗତି କରିନାହିଁ । କାହାଣୀ ମଧ୍ୟରେ ଟିପ୍ପଣୀ ପ୍ରଦାନ, ସାଧାରଣ ଜୀବନର ପରିସ୍ଥିତି, ଚରିତ୍ରମାନଙ୍କର ପୂର୍ବାବସ୍ଥା ଅନୁକୂଳ ଓ ବାସ୍ତବାନୁଗ ପରିବେଶର ସୂଚନା ଇତ୍ୟାଦି ନାନାପ୍ରକାର ଶୈଳ୍ପିକ ସ୍ରୋତ ପ୍ରୟୋଗ କରି 'ପଦ୍ମମାଳୀ'କୁ ସାଧାରଣ ରୋମାନ୍ସଠାରୁ ଭିନ୍ନ କରିବା ପାଇଁ ଔପନ୍ୟାସିକ ଚେଷ୍ଟା କରିଛନ୍ତି । ଔପନ୍ୟାସିକ ଏକ ସରଳ କାହାଣୀ କହୁନାହାନ୍ତି, ଅନେକ ଘଟଣା ପ୍ରବାହକୁ ଏକ ଗଠଣ ଭିତରକୁ ଆଣି ସେ ସବୁକୁ ଏକ ଯୁକ୍ତିସମ୍ମତ ସନ୍ତୋଷଜନକ ପରିଣତି ଦେବାକୁ ଚାହୁଁଛନ୍ତି, କଥାବସ୍ତୁର ଏକ ସଂକ୍ଷିପ୍ତ ଉପସ୍ଥାପନରୁ ଏଭଳି ଧାରଣା ସ୍ପଷ୍ଟ ହୁଏ । ଫକୀରମୋହନ ପ୍ରମୁଖ ପରବର୍ତ୍ତୀ ଔପନ୍ୟାସିକମାନଙ୍କ ଉପନ୍ୟାସରେ ପରିଦୃଷ୍ଟ ଜଟିଳ ଓ ପରିଣତ ସଂରଚନା-ବୋଧ 'ପଦ୍ମମାଳୀ'ରେ

ଅନୁସୃତ ହୋଇନାହିଁ ସତ୍ୟ; କିନ୍ତୁ ଉମେଶଚନ୍ଦ୍ର ପଦ୍ମମାଳୀରେ ଏ ଦିଗରେ କରିଥିବା ପ୍ରଚେଷ୍ଟାର ଓଡ଼ିଆ ପାଠକମାନଙ୍କ ପାଇଁ ଏକ ଐତିହାସିକ ଗୁରୁତ୍ୱ ରହିଛି, ତାହା ବିସ୍ମୃତ ହେଲେ ଚଳିବ ନାହିଁ ।

ଶିବରାତ୍ରିର ଏକ ଅଳସ ବର୍ଣ୍ଣନାରୁ ଉପନ୍ୟାସର ଆରମ୍ଭ । ଘଟଣା ପ୍ରବାହର ଭିତ୍ତିରୂପେ କାର୍ଯ୍ୟ କରିଥିବା ପରିବେଶ ଓ ସମୟ ସମ୍ପର୍କିତ ସଚେତନତା ଔପନ୍ୟାସିକ ସୃଷ୍ଟି କରିଅଛନ୍ତି । ଉତ୍ସବର ଦୃଶ୍ୟ, ପଣ୍ଡାମାନଙ୍କର ବ୍ୟସ୍ତତା ଓ ଭକ୍ତମାନଙ୍କର କାର୍ଯ୍ୟକଳାପ ତଥା ମାନସିକ ପ୍ରକ୍ରିୟା ଉପରେ ନୈତିକ ମନ୍ତବ୍ୟ ଦେବା ଅବସରରେ ସେ କୌଶଳ କ୍ରମେ ଉପନ୍ୟାସର ମୁଖ୍ୟ ପାତ୍ରପାତ୍ରୀଙ୍କ ସହ ପାଠକମାନଙ୍କ ପରିଚୟ କରାଇଛନ୍ତି । ତାପରେ ହଠାତ୍ ଏହି ବର୍ଣ୍ଣନା ଏକ ରୋମାଞ୍ଚକର ଅନୁକାହାଣୀ ଭିତରକୁ ନିକ୍ଷିପ୍ତ ହୋଇଛି । କଳିଙ୍ଗ ରାଣୀମାନଙ୍କର ଦୂର-ସମ୍ପର୍କୀୟ ତଥା ଅତ୍ୟାଚାରୀ ଓ ଲମ୍ପଟ ରାଜକର୍ମଚାରୀ ଦୁର୍ଯ୍ୟୋଧନ ଦାସ ମା' ସହିତ ଆସିଥିବା ପଦ୍ମମାଳୀକି ଅପହରଣ କରିନେଇଛି । ପରବର୍ତ୍ତୀ ଅଧ୍ୟାୟ ଗୁଡ଼ିକରେ କାଞ୍ଚିପଦାର ରାଜା ନରସିଂହ କର୍ତ୍ତୃକ ପଦ୍ମମାଳୀର ଉଦ୍ଧାର ଓ ଉଭୟଙ୍କ ମଧ୍ୟରେ ପ୍ରେମ ବର୍ଣ୍ଣିତ । ଦୁର୍ଯ୍ୟୋଧନ ଓ ତାର ସହକାରୀ ବାଞ୍ଛାନିଧି ମଧ୍ୟରେ ଶତ୍ରୁତାର ବୀଜ କଥାବସ୍ତୁର ଏହି ପ୍ରାଥମିକ ଅବସ୍ଥାରେ ହିଁ ବପନ କରାଯାଇଛି; ଉପନ୍ୟାସର ଶେଷରେ ଦ୍ୱନ୍ଦ୍ୱର ସମାଧାନ ପାଇଁ ଯାହା ଔପନ୍ୟାସିକଙ୍କୁ ସାହାଯ୍ୟ କରିବ । ଦୁର୍ଯ୍ୟୋଧନ ଦାସ ଦ୍ୱାରା ବାଞ୍ଛାନିଧିର ଅପମାନ ଓ ବାଞ୍ଛାନିଧିର ପ୍ରତିଶୋଧ ନେବାର ପ୍ରତିଜ୍ଞା ଯେଉଁଭଳି ସରଳ ସ୍ୱାଭାବିକ ଭାବରେ କାହାଣୀ ସହିତ ଗ୍ରଥିତ କରାଯାଇଛି, ସେଥିରୁ ମନେହୁଏ ସେ ପ୍ରଥମରୁ ଉମେଶଚନ୍ଦ୍ର ତାଙ୍କ କଥାବସ୍ତୁକୁ କିଭଳି ବ୍ୟବହାର କରିବେ, ସେହି ସମ୍ପର୍କରେ ସେ ଯଥେଷ୍ଟ ସଚେତନ ।

ପଞ୍ଚାନନ ସିଂହଙ୍କ ଦ୍ୱାରା ଉଦ୍ଧାର ପାଇଲା ପରେ, ପଦ୍ମମାଳୀ ଏକ ମଠରେ ଆଶ୍ରୟ ନେଇଛି । ତାପରେ ପଦ୍ମମାଳୀ ଓ କାଞ୍ଚିପଦାର ରାଜାଙ୍କ ଭିତରେ ସୃଷ୍ଟି ହୋଇଥିବା ପ୍ରଣୟ-ସମ୍ପର୍କ ଉପରେ ଔପନ୍ୟାସିକଙ୍କ ଦୃଷ୍ଟି ନିବଦ୍ଧ । ବିଦ୍ରୋହୀ ନେତା ହରିହର ଭ୍ରମରବର ଦେବଙ୍କ ଅନୁଗତ ଘଣ୍ଟାଶିଳାର ଗଡ଼ନାୟକଙ୍କ ଝିଅ ଜୟନ୍ତୀ ଓ ବାଞ୍ଛାନିଧି ସହ ତାର ପ୍ରେମ-ପ୍ରସଙ୍ଗ, ଏହି ଅବସ୍ଥାରେ, ଉପନ୍ୟାସ କଥାବସ୍ତୁରେ ଭିନ୍ନଧାରା ସୃଷ୍ଟି କରିଛି । ସମ୍ଭବତଃ ଏକ ଗୁରୁତର ଓ ପ୍ରଚଣ୍ଡ ସଂଘାତ ପାଇଁ ବାତାବରଣ ସୃଷ୍ଟି କରି ଔପନ୍ୟାସିକ ଜାଲଗିରିର ଇତିହାସ ଉପରେ ବିହଙ୍ଗମ ଦୃଷ୍ଟି ନିକ୍ଷେପ କରିଛନ୍ତି । ତଥ୍ୟର ଏହା ଏକ ଶୁଷ୍କ ବିବରଣୀ ଅପେକ୍ଷା ଅଧିକ କିଛି ନୁହେଁ । ଏହିଭଳି ଏକ କଳ୍ପନାଶକ୍ତି ବିବର୍ଜିତ ଭାବରେ ଐତିହାସିକ ତଥ୍ୟର ଅବତାରଣା ଉପନ୍ୟାସରେ କଳାଗତ ବିପର୍ଯ୍ୟୟ

ଆଣିବାକୁ ବାଧ୍ୟ । ସଙ୍କଳିତ ତଥ୍ୟାବଳୀ ଓ ନାୟକଙ୍କ ପାଇଁ ଏ ସବୁର ଗୁରୁତ୍ୱ— ଏହି ଦୁଇ ଆବଶ୍ୟକତା ମଧ୍ୟରେ ଅର୍ଥବହ ସମ୍ପର୍କ ପ୍ରତିଷ୍ଠା କରିବାରେ ଲେଖକଙ୍କ ଦୁର୍ବଳତା ବିପର୍ଯ୍ୟୟର କାରଣ । ସେଇଥିପାଇଁ ନୀଳଗିରି ଇତିହାସର ଏହି ସଂକ୍ଷିପ୍ତ ବିବରଣୀ ଉପନ୍ୟାସର ଶିଳ୍ପଗତ ସହ ଆତ୍ମୀକୃତ ହୋଇପାରି ନାହିଁ । କିନ୍ତୁ ଏହା ମଧ୍ୟ ସ୍ମରଣୀୟ ଯେ ମୁଖ୍ୟ ଚରିତ୍ରମାନଙ୍କୁ ପାଠକମାନଙ୍କ ସହ ପରିଚିତ କରାଇ ଆଲୋଚ୍ୟ ଇତିହାସ-ପ୍ରସଙ୍ଗର ଅବତାରଣା । ଇତିହାସର ଏହି ଅବତାରଣା, ଏହାର ସଂକ୍ଷିପ୍ତ ଓ କଳାତ୍ମକ ଅଭିବ୍ୟକ୍ତି ମଧ୍ୟରେ ଔପନ୍ୟାସିକଂକ ଚମତ୍କାର ସଂରଚନା ରୀତି ଓ କଳାତ୍ମକ ନିୟନ୍ତ୍ରଣର ଇଙ୍ଗିତ ବିଦ୍ୟମାନ । ଇତିହାସର ରୋମାଞ୍ଚକର ବିଭବ ପ୍ରତି ଔପନ୍ୟାସିକର ଆକର୍ଷଣ ମୁଖ୍ୟ ନୁହେଁ, ବରଂ ଏକ ଅତିନାଟକୀୟ କାହାଣୀର ଐତିହାସିକ ପ୍ରେକ୍ଷାପଟ ପ୍ରସ୍ତୁତ କରିବାରେ ସେ ଅଧିକ ମନୋଯୋଗ ଦେଇଥିବା ମନେହୁଏ । ଭିନ୍ନ ଶବ୍ଦ ପ୍ରୟୋଗ କରି କୁହାଯାଇପାରେ, ଉମେଶଚନ୍ଦ୍ର ମୁଖ୍ୟତଃ ଏକ ରୋମାଣ୍ଟିକ୍ କାହାଣୀକୁ ଇତିହାସର ନିର୍ଦ୍ଦିଷ୍ଟ ତଥ୍ୟ ସହ ସଂପୃକ୍ତ କରି ତାହାକୁ ବିଶ୍ୱାସଯୋଗ୍ୟ କରିବାକୁ ଓ ବାସ୍ତବତାର ଚେହେରା ଦେବାକୁ ଚେଷ୍ଟା କରିଛନ୍ତି ।

ନୀଳଗିରି ଇତିହାସ-ସମ୍ପୃକ୍ତ ପରିଚ୍ଛେଦଗୁଡ଼ିକ ପରେ ପରୀକ୍ଷିତ ସିଂହଂଙ୍କ ହାତରେ ଦୁର୍ଯ୍ୟୋଧନର ନିଗ୍ରହକୁ ନେଇ ଜନରବ କିଭଳି ପ୍ରସାରିତ ହୋଇଛି ତାହାର ବର୍ଣ୍ଣନା ଦିଆଯାଇଛି । ନୀଳଗିରିରେ ଏହି ଜନରବର ବ୍ୟାପକତା ଦୁର୍ଯ୍ୟୋଧନକୁ ଭୟଂକର କରିଛି । ପଦ୍ମମାଳୀକୁ ବିବାହ କରିବା ପାଇଁ ନାନା କୌଶଳ ଉଦ୍ଭାବନରେ ସେ ବ୍ୟସ୍ତ ହୋଇ ପଡ଼ିଛି । ପଦ୍ମମାଳୀକୁ ବିବାହ କରିବାର ପ୍ରସ୍ତାବ ଦେଇ ଯେ ଦୂତ ପ୍ରେରଣ କରିଛି । ଏହାପରେ କାହାଣୀର ଦୃଶ୍ୟ ପରିବର୍ତ୍ତନ ଘଟିଛି ଓ ଉପନ୍ୟାସର ପରବର୍ତ୍ତୀ ତିନୋଟି ପରିଚ୍ଛେଦରେ ପଦ୍ମମାଳୀର ରହସ୍ୟମୟ ଅସୁସ୍ଥତା ବର୍ଣ୍ଣିତ । ଏହି ଅସୁସ୍ଥତା ବର୍ଣ୍ଣନା ପାରମ୍ପରିକ ସାହିତ୍ୟରେ ବର୍ଣ୍ଣିତ ପ୍ରେମ ରୋଗ ଠାରୁ ବିଶେଷ ଦୂରବର୍ତ୍ତୀ ନୁହେଁ । ରୋଗର ଉପଶମ ପାଇଁ ତାକୁ (ପଦ୍ମମାଳୀକୁ) ପୂର୍ବବର୍ଣ୍ଣିତ ମଠକୁ ନିଆଯାଇଛି ଓ ଏକ ଗୌଣ ଦ୍ୱନ୍ଦର ଅବତାରଣା କରାଯାଇଛି । ରାଜା ପରୀକ୍ଷିତ ପରିବାରର ସମ୍ମାନ ଓ ପ୍ରେମ— ଉଭୟର ସଂଘାତ ଫଳରେ ପୀଡ଼ିତ । ବୃଦ୍ଧ ମହନ୍ତଂକ ହସ୍ତକ୍ଷେପ ଫଳରେ ପରୀକ୍ଷିତ ସିଂହ ଏହି ମାନସିକ ସଂଘର୍ଷରୁ ମୁକ୍ତ ପାଇଛନ୍ତି । ମଠରେ ନାୟକ-ନାୟିକାଂକ ମଧ୍ୟରେ ବିବାହ ଗୁପ୍ତରେ ସ୍ଥିର ହୋଇଛି । ଉପନ୍ୟାସର କାହାଣୀ ଏଇଠି ଥିଲାବେଳେ, ଦୁର୍ଯ୍ୟୋଧନର ଷଡ଼ଯନ୍ତ୍ର, ଘଟଣାକୁ ବିପରୀତ ଦିଗରେ କ୍ଷିପ୍ର ଗତିରେ ଅବରୋହଣ କରାଇଛି । ମିଥ୍ୟା ଓ କଳ୍ପିତ ଅପରାଧରେ ସେ ପଦ୍ମମାଳୀର ପିତାଙ୍କୁ ବନ୍ଦୀ କରିଛି ଓ ଦ୍ୱିତୀୟ ଥର ପାଇଁ ପଦ୍ମମାଳୀକୁ

ଅପହରଣ କରିଛି । ବିଦ୍ରୋହୀଙ୍କ ସହ ସହଯୋଗ କରିଥିବା ଅପରାଧରେ ସେ ଜୟନ୍ତୀର ପିତାଙ୍କୁ ବନ୍ଦୀକରି ଜୟନ୍ତୀକୁ ମଧ୍ୟ ଅପହରଣ କରିଛି । ପଦ୍ମମାଳୀ ଓ ଜୟନ୍ତୀ, ଉଭୟଙ୍କୁ ଗୋପନରେ ଦୂରରେ ଏକ ଉଦ୍ୟାନ ଗୃହରେ ବନ୍ଦୀ କରି, ଏକ ବୃଦ୍ଧାବେଶ୍ୟା ନଜରରେ ରଖାଯାଇଛି । ଏହି ସଂକଟ ପରୀକ୍ଷିତ ସିଂହ ଓ ହରିହର ଭ୍ରମରବର ଦେବ, ପରସ୍ପରକୁ ନିକଟସ୍ଥ କରି ଆଣିଛି । ଉପନ୍ୟାସର ପ୍ରଥମରୁ ଜଣାଯାଏ ଯେ, ପରୀକ୍ଷିତ ସିଂହ ହରିହର ଭ୍ରମରବର ଦେବଙ୍କୁ ନୀଳଗିରି ରାଜ ସିଂହାସନ ପାଇବା ପାଇଁ ଯୁଦ୍ଧରେ ସାହାଯ୍ୟ କରିବାକୁ ଅନିଚ୍ଛୁକ ଥିଲେ; ବର୍ତ୍ତମାନ ସେମାନେ ନୀଳଗିରି ଆକ୍ରମଣ କରିବା ପାଇଁ ହାତ ମିଳାଇଲେ । ବାଞ୍ଛାନିଧି ଜୟନ୍ତୀ ଓ ପଦ୍ମମାଳୀକୁ ନିଭୃତରେ ସାକ୍ଷାତ କରିଛି ଓ ସେମାନଙ୍କ ଉଦ୍ଧାର କରିବା ପାଇଁ ପରୀକ୍ଷିତ ସିଂହଙ୍କ ପାଖକୁ ସମ୍ବାଦ ନେଇ ଯାଇଛି । ପରୀକ୍ଷିତ ସିଂହ, ଦୁର୍ଯ୍ୟୋଧନ ପଦ୍ମମାଳୀ ଉପରେ ଅତ୍ୟାଚାର କରିବାକୁ ଗଲାବେଳେ ପହଂଚଛନ୍ତି । ଉପସଂହାରରେ ଔପନ୍ୟାସିକ, ବ୍ରିଟିଶ ପଲିଟିକାଲ ଏଜେଣ୍ଟଙ୍କ ହସ୍ତକ୍ଷେପ, ବିଦ୍ରୋହୀମାନଙ୍କର ଦଣ୍ଡ ଓ ପ୍ରେମିକ-ପ୍ରେମିକାଙ୍କର ମିଳନ ବାର୍ତ୍ତା ପ୍ରସଙ୍ଗ ଆଣି, ଉପନ୍ୟାସକୁ ଶେଷ କରିଛନ୍ତି ।

ଉମେଶଚନ୍ଦ୍ର 'ପଦ୍ମମାଳୀ'ରେ ବିବିଧ ଉପାଦାନର ଆତ୍ମୀକରଣ ପାଇଁ ଚେଷ୍ଟାକରିଛନ୍ତି । କିନ୍ତୁ ଅନୁକାହାଣୀକୁ ସେ ଏକ ସରଳ ରୈଖିକ ପଥରେ ସଂଗଠିତ କରିନାହାନ୍ତି : ଉପନ୍ୟାସର ଉପରୋକ୍ତ କଥାବସ୍ତୁ ସାରାଂଶରୁ ତାହା ସ୍ପଷ୍ଟ । ରୋମାନ୍ସର ଜଗତ ସ୍ୱୟଂ-ପ୍ରତିପାଦିତ ହେଲାବେଳେ ଉପନ୍ୟାସର ଗଠଣ ଅନୁକାହାଣୀ ଗୁଡ଼ିକର ସହଜ ଓ ଅଭିବିତ ସମ୍ପର୍କ ଉପରେ ନିର୍ଭରଶୀଳ । ପ୍ରଥମ ଦେଖାରେ ପ୍ରେମ, ନାୟକଙ୍କର ବୀରତ୍ୱ, ଲମ୍ପଟ ଖଳ ନାୟକର ଉପସ୍ଥିତି ଓ ତା ଦ୍ୱାରା ନାୟିକାର ଅପହରଣ, ମାରାତ୍ମକ ବୃଦ୍ଧା ଓ ପ୍ରେମିକ-ପ୍ରେମିକାଙ୍କର ମିଳନ—ଦରବାରୀ ରୋମାନସ୍ର ଏହି ସମସ୍ତ ଜାଲକୁ ଉମେଶଚନ୍ଦ୍ର ଯଦିଓ ବ୍ୟବହାର କରିଛନ୍ତି, ତଥାପି ବିବିଧ ଘଟଣା ଭିତରେ ସହଜ ସମ୍ପର୍କ ଓ ବିଶ୍ୱାସ-ଯୋଗ୍ୟତା ଉପନ୍ୟାସରେ ସମ୍ପୂର୍ଣ୍ଣ ଅବର୍ତ୍ତମାନ ନୁହେଁ । ଅନୁକାହାଣୀ ଗୁଡ଼ିକର ବିଶ୍ୱାସ-ଯୋଗ୍ୟତା ଓ ସେଗୁଡ଼ିକ ମଧ୍ୟରେ ସହଜ ସମ୍ପର୍କ ବାସ୍ତବବାଦୀ ଉପନ୍ୟାସର ଗଢ଼ଣପାଇଁ ଅତ୍ୟନ୍ତ ଜରୁରୀ । ପଦ୍ମମାଳୀର ବାସ୍ତବତା ଦୁଇଟି ବିଭାଗ ମଧ୍ୟରେ ପରିଦୃଷ୍ଟ : ପ୍ରଥମତଃ, ସାମାଜିକ ଓ ଐତିହାସିକ ବାସ୍ତବତାର ମୂର୍ତ୍ତ ଭିତ୍ତିଭୂମିରେ ରୋମାଣ୍ଟିକ୍ କାହାଣୀକୁ ଅବସ୍ଥାପିତ କରିବାର ଚେଷ୍ଟା; ଦ୍ୱିତୀୟତଃ, ଘଟଣା ଓ ମନୋବୃତ୍ତିର କାର୍ଯ୍ୟକାରଣ ସମ୍ପର୍କ ପ୍ରତିଷ୍ଠା କରିବା ପାଇଁ ନିଷ୍ଠା । ଔପନ୍ୟାସିକଙ୍କର ପ୍ରଥମ ପଦକ୍ଷେପର ବିଶେଷତ୍ୱ ପରେ ଆଲୋଚିତ ହେବ । ଦ୍ୱିତୀୟ ପ୍ରଚେଷ୍ଟା ସମ୍ପର୍କରେ କୁହାଯାଇପାରେ ଯେ ତାହା ରୋମାନ୍ସର ସରଳ ଜଗତକୁ

ଜଟିଳ କରିଛି । ଦୃଷ୍ଟାନ୍ତ ସ୍ୱରୂପ ଉପନ୍ୟାସର ପ୍ରାରମ୍ଭରେ ଦୁର୍ଯ୍ୟୋଧନ ଦାସ ହାତରେ ବାଞ୍ଛାନିଧିର ନିଗ୍ରହ, ଉପନ୍ୟାସରେ ଉପସଂହାରରେ ତାକୁ ନାୟିକାର ରକ୍ଷକ ଭୂମିକାରେ ଅବତୀର୍ଣ୍ଣ କରାଇଛି । ସେହିଭଳି ଦୁର୍ଯ୍ୟୋଧନର ଅପମାନ ସମ୍ପର୍କରେ ଜନରବ ଦୁର୍ଯ୍ୟୋଧନକୁ ପଦ୍ମମାଳୀର ବିବାହ ନିମନ୍ତେ ଷଡ଼ଯନ୍ତ୍ର କରିବା ପାଇଁ ବାଧ୍ୟ କରିଛି । ବସ୍ତୁତଃ ସାମୟିକ ସ୍ପର୍ଶ ଆକାରରେ ଉପନ୍ୟାସରେ ବାସ୍ତବତାର ସୃଷ୍ଟି । ଏକ ରୋମାଣ୍ଟିକ୍ କାହାଣୀକୁ ବିବୃତ କରିବା ହୋଇଛି ଔପନ୍ୟାସିକଂକର କୈଂଦ୍ରିକ ଉଦ୍ଦେଶ୍ୟ । କଥାବସ୍ତୁ ମଧ୍ୟରେ ଦୁଇଟି ଦ୍ୱଂଦ୍ୱର ଯେଉଁ ସମାଧାନ ସେ ଆଣିଛନ୍ତି, ସେଥିରୁ ଏହା ସ୍ପଷ୍ଟ । ପଦ୍ମମାଳୀ ପ୍ରତି ପ୍ରେମର ମୁକ୍ତ ସ୍ୱୀକୃତି ପରେ ବି ପରୀକ୍ଷିତ ସିଂହ ପରିବାରର ସମ୍ମାନ ଓ ଆକାଙ୍‌କ୍ଷା—ଉଭୟର ବାଧବାଧକତା ଭିତରେ ଆଂଦୋଳିତ ହୋଇଛନ୍ତି । ପଦ୍ମମାଳୀ ମଧ୍ୟ ଆପଣାର ଭବିଷ୍ୟତ ନେଇ ଘୋର ଅନିଶ୍ଚିତତାରେ ପୀଡ଼ିତା ହୋଇପଡ଼ିଛି । ଅନ୍ୟ ଦ୍ୱଂଦ୍ୱଟି, ଅନ୍ୟ ଜଣକ ସହ ବିବାହ ସ୍ଥିରୀକୃତ ହୋଇଯିବା ଫଳରେ ଜୟନ୍ତୀର ତା'ର ପ୍ରେମିକ ବାଞ୍ଛାନିଧିକୁ ବିବାହ କରିବାରେ ଅସାମର୍ଥ୍ୟତାକୁ ନେଇ ଗଢ଼ି ଉଠିଛି । ଗଡ଼ଜାତ ରାଜ ପରିବାରର ପ୍ରଚଳିତ ଚଳଣି ଅନୁସାରେ ପଦ୍ମମାଳୀକୁ ବିବାହ କରିବାରେ ତାଙ୍କର କୌଣସି ଅସୁବିଧା ନାହିଁ—ଏହା ମହନ୍ତ ପରୀକ୍ଷିତ ସିଂହଙ୍କୁ ସ୍ପଷ୍ଟ କରିଦେବାରୁ ପ୍ରଥମ ଦ୍ୱନ୍ଦ୍ୱର ସମାଧାନ ହୋଇଛି । ଆକସ୍ମିକତା ଦ୍ୱିତୀୟ ଦ୍ୱନ୍ଦ୍ୱର ସମାଧାନ କରିଛି, ଯେତେବେଳେ ଗୋବିନ୍ଦ ସରଦାର ବ୍ରିଟିଶ ଫୌଜ ସହ ଯୁଦ୍ଧରେ ଏକ ଗୁଳି ଆଘାତରେ ପ୍ରାଣତ୍ୟାଗ କରିଛି । ଦ୍ୱନ୍ଦ୍ୱ ଦୁଇଟିର ଏହି ସମାଧାନ ରୋମାନ୍‌ସର ବୈଶିଷ୍ଟ୍ୟ ସୂଚକ ।

ଚରିତ୍ର ଚିତ୍ରଣ କ୍ଷେତ୍ରରେ ମଧ୍ୟ ରୋମାନ୍‌ସ ତଥା ବାସ୍ତବତାର ଆବଶ୍ୟକତା ମଧ୍ୟରେ ସାଲିସ୍ ଆଣିବାକୁ ଉମେଶଚନ୍ଦ୍ର ଚେଷ୍ଟା କରିଛନ୍ତି । କେତେକ ଚରିତ୍ର ରୋମାନ୍‌ସ ଜଗତର ବାସିନ୍ଦା ହେଉଥିବେଳେ ଅନ୍ୟ କେତେକ ଚରିତ୍ର ସାଧାରଣ ପ୍ରାତ୍ୟହିକ ଜଗତରୁ ନିର୍ବାଚିତ । ରୋମାନ୍‌ସ ଚରିତ୍ର ଗୁଡ଼ିକୁ ବାସ୍ତବ ଓ ଜୀବନ ଅନୁରୂପ କରିବାର ପ୍ରଚେଷ୍ଟା ଉମେଶଚନ୍ଦ୍ରଙ୍କ ଚରିତ୍ର ଚିତ୍ରଣର ଏକ ବିଶିଷ୍ଟ ଢଗ । ତାଙ୍କର ରୋମାନ୍‌ସ ଚରିତ୍ର ଗୁଡ଼ିକୁ ଜୀବନ୍ତ ଓ ବିଶ୍ୱାସଯୋଗ୍ୟ ତଥା ଆଧୁନିକ ଯୁଗର ସନ୍ଦେହ-ପ୍ରବଣ ପାଠକମାନଙ୍କପାଇଁ ଗ୍ରହଣଯୋଗ୍ୟ କରିବାପାଇଁ ଚରିତ୍ର ଚିତ୍ରଣରେ ସେ ଦୁଇଟି ଶିଳ୍ପ ରୀତିର ପ୍ରୟୋଗ କରିଛନ୍ତି । ପ୍ରଥମତଃ ସେ ରୋମାନ୍‌ସ ଚରିତ୍ର ଗୁଡ଼ିକ ଯଥାର୍ଥ ଐତିହାସିକ ପ୍ରେକ୍ଷିତରେ ଅବସ୍ଥାପିତ କରିଛନ୍ତି । ବିଭିନ୍ନ ଚରିତ୍ରର ଭିତ୍ତି ଓ ପୂର୍ବ ପରିଚୟକୁ ସେ ବିସ୍ତାରିତ ଭାବେ ଉପସ୍ଥାପନ କରିଛନ୍ତି ; ଯଦ୍ଦ୍ୱାରା ମନେ ହେବ, ଐତିହାସିକ ବାସ୍ତବତା ସେମାନଙ୍କର ଭିତ୍ତି । ରୋମାଣ୍ଟିକ୍ କାହାଣୀର ପରିସମାପ୍ତିରେ ଅଂଶ ଗ୍ରହଣ କରିବା କେତେକ ଚରିତ୍ର

ପ୍ରକୃତ ଐତିହାସିକ ବ୍ୟକ୍ତି । ଫଳରେ ସେମାନଙ୍କର ଉପସ୍ଥିତି କାହାଣୀକୁ ଅନେକ ପରିମାଣରେ ଆଣିଦେଇଛି ନିର୍ଭରଯୋଗ୍ୟତା ଓ ଐତିହାସିକ ପ୍ରାମାଣିକତା । ଅନ୍ୟ ଶିଳ୍ପରୀତି ହେଲା : ରୋମାନ୍‌ସ ଚରିତ୍ର ଗୁଡ଼ିକୁ ନିର୍ଦ୍ଦିଷ୍ଟ ଓ ଗମ୍ଭୀର ମାନସିକ ସଙ୍ଘର୍ଷ ଅନୁଭବ କରାଇ ସେମାନଙ୍କୁ ମାନବୀକ ଗମ୍ଭୀରତା ଓ ବୈଚିତ୍ର୍ୟ ପ୍ରଦାନ କରିବା । ବାସ୍ତବମୁଖୀ ଉପସ୍ଥାପନର ଏହି ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଲେଖକଙ୍କର ମୂଳ ଲକ୍ଷ୍ୟ ହେଉଛି ରୋମାଣ୍ଟିକ କାହାଣୀର ବିବୃତି । ଚରିତ୍ରଗୁଡ଼ିକର ଆଦର୍ଶାୟନ ଓ ଅସାଧାରଣତ୍ୱ ଏହି ଲକ୍ଷ୍ୟର ପରିଣତି । ପାଠକ ମନରେ ଉପନ୍ୟାସର ଏହି ଗଠନ କିମ୍ଭୂତକିମାକାର ମିଶ୍ରିତ ଅନୁଭବ ସୃଷ୍ଟି କରେ — ବାସ୍ତବତାର ବୋଧ ତା ଭିତରୁ ପୂରାପୂରି ଲୋପ ପାଏନାହିଁ, ପୁଣି ରୋମାନ୍‌ସର ପରିବ୍ୟାପ୍ତ ସ୍ପର୍ଶ କେତେବେଳେ ବି ଅମିଶ୍ର ଓ ଚରମ ମନେ ହୁଏନାହିଁ ।

ପ୍ରଥମ ପରିଚ୍ଛେଦରେ ପଦ୍ମମାଳୀ ଅଙ୍ଗଶୋଭାର ଏକ ବିଶଦ ବର୍ଣ୍ଣନା ଔପନ୍ୟାସିକ ଦେଇଛନ୍ତି । ତାର ଯୌବନଭରା ଅଙ୍ଗଲାବଣ୍ୟର ପରିପୂର୍ଣ୍ଣତା ପ୍ରମାଣ ପାଇଁ ଲେଖକ ଗୋଟାଏ ଅନୁଚ୍ଛେଦ ବ୍ୟୟ କରିଛନ୍ତି । ମଧ୍ୟଯୁଗୀୟ ରୀତି କାବ୍ୟରେ ଯେଉଁଭଳି ନାୟିକାର ଆଦର୍ଶାୟିତ ପ୍ରତିକୃତିର ରୂପାୟନ ପାଇଁ ଉତ୍କର୍ଷମୟ ଓ ଅଳଂକୃତ ଭାଷା ତଥା ଉପମା ଓ ରୂପକ ବ୍ୟବହୃତ ହୋଇଥାଏ; ଏଥିରେ ମଧ୍ୟ ଔପନ୍ୟାସିକ ସଂବେଗମୂଳକ ବର୍ଣ୍ଣନା ସହ ଅନୁରୂପ ରୂପାୟନଶୈଳୀର ସାହାଯ୍ୟ ନେଇଛନ୍ତି । ପକ୍ଷୀକ୍ଷିତ ସିଂହଙ୍କର ମଧ୍ୟ ସମଧର୍ମୀ ବର୍ଣ୍ଣନା ପଞ୍ଚମ ପରିଚ୍ଛେଦରେ ଦିଆଯାଇଛି । ତାଙ୍କର ମହନୀୟ ଶାରୀରିକ ସୌନ୍ଦର୍ଯ୍ୟ, ବୀରତ୍ୱ ଓ ବ୍ୟକ୍ତିଗତ ସାହସ ମଧ୍ୟଯୁଗୀୟ ପାରମ୍ପରିକ ରୋମାନ୍‌ସଧର୍ମୀ ଦରବାରୀ କାବ୍ୟର ଅଳଂକୃତ ଭାଷାରେ ବର୍ଣ୍ଣିତ । ଦୁର୍ଯ୍ୟୋଧନ ଦାସ ଓ ରାମିଆ ମା' ଭଳି ଖଳ ଚରିତ୍ର ଗୁଡ଼ିକ ଅସତ୍‌ର ପରିପୂର୍ଣ୍ଣ ପ୍ରତୀକ ଭାବରେ, ରୋମାନ୍‌ସ ଧର୍ମ ନେଇ ଆବିର୍ଭୂତ ହୋଇଛନ୍ତି । ସେମାନେ ଅମଙ୍ଗଳର ଅମୂର୍ତ୍ତି ରୂପ । ଗୋଟାଏ ପଟରେ ପକ୍ଷୀକ୍ଷିତ ସିଂହ ସତ୍ୟ, ଶିବ ଓ ସୌନ୍ଦର୍ଯ୍ୟର ପରିପୂର୍ଣ୍ଣ ସଙ୍କେତ ହେଲାବେଳେ, ଅପର ପକ୍ଷରେ ରାମିଆ ମା' ଓ ଦୁର୍ଯ୍ୟୋଧନ ଦାସ ନିରୋଳା ଅମଙ୍ଗଳର ପ୍ରତୀକ ଭାବରେ ଆବିର୍ଭୂତ ହୋଇଛନ୍ତି । ରୋମାନ୍‌ସର ଅତି ପରିଚିତ ଲମ୍ପଟ ଖଳ ନାୟକର ସେ ପ୍ରତିନିଧିତ୍ୱ କରିଛି । ରାମିଆ ମା ଓଡ଼ିଆ ଲୋକକାହାଣୀର 'ମୋହିନୀ' ଚରିତ୍ରକୁ ମନେ ପକାଇଦିଏ । ସେ ଅନୂଢ଼ା ଓ ନିରୀହ ଯୁବତୀଙ୍କୁ ଆକର୍ଷିତ କରି ବ୍ୟଭିଚାରର ବାହୁବନ୍ଧନ ମଧ୍ୟରେ ଛାଡ଼ିଦିଏ । ଏହିଭଳି ଅତି ନାଟକୀୟ, କଳା ଓ ଧଳାର ଆଦର୍ଶ-ଗଠନ ( Patterning ) ରୋମାନ୍‌ସ ପରମ୍ପରାର ବାହକ —ବାସ୍ତବବାଦୀ କାହାଣୀ ପରମ୍ପରାଠାରୁ ତାହା ଭିନ୍ନ ।

ସେ ଯାହା ହେଉ ଲେଖକଙ୍କର ଆତ୍ମ—ସଚେତନତା ବିଭିନ୍ନ ରୂପରେ ପରିଷ୍କାର ଭାବେ ପରିସ୍ଫୁଟ । ସାଂପ୍ରତିକ ଜୀବନ ସମ୍ପର୍କରେ ବିଦ୍ରୂପାତ୍ମକ ପ୍ରସଙ୍ଗ ଥିବା ବିଭିନ୍ନ ଅନୁଚ୍ଛେଦ ଓ ଚରିତ୍ରମାନଙ୍କର ବିଭିନ୍ନ କ୍ରିୟା ଓ ବ୍ୟବହାରକୁ ଲେଖକଙ୍କର ସମର୍ଥନ କରିବା ପ୍ରଚେଷ୍ଟା ମଧ୍ୟରେ ଏହି ସଚେତନତା ସ୍ପଷ୍ଟ । ଉପନ୍ୟାସର ଭିନ୍ନ ଭିନ୍ନ ସ୍ଥାନରେ ସାଂପ୍ରତିକ ବାସ୍ତବତା ସମ୍ପର୍କିତ ଅଗଣିତ ପ୍ରସଙ୍ଗର ଅବତାରଣା କରି ଔପନ୍ୟାସିକ ପାଠକମାନଙ୍କୁ ବୁଝାଇବାକୁ ଚାହିଁଛନ୍ତି । ଯେ ଉପନ୍ୟାସର ଚରିତ୍ର ଗୁଡ଼ିକ ଐତିହାସିକ କାଳର । ତେଣୁ ଭିନ୍ନ ପରିପ୍ରେକ୍ଷିତରେ ସେମାନେ ଅବସ୍ଥାପିତ । ସମକାଳୀନ ସମାଜ ଜୀବନର ମାନଦଣ୍ଡରେ ସେମାନଙ୍କୁ ବିଚାର କରାଯାଇ ପାରିବ ନାହିଁ । ସମକାଳୀନ ବାସ୍ତବତା ସମ୍ପର୍କରେ ଔପନ୍ୟାସିକଙ୍କର ସମସ୍ତ ବିଦ୍ରୂପାତ୍ମକ ମନ୍ତବ୍ୟ ଶିଳ୍ପଗତିର ଆବଶ୍ୟକତା ହେତୁ ଉପନ୍ୟାସରେ ସଚେତନ ଭାବେ ସନ୍ନିବିଷ୍ଟ—ଏହା କୁହାଯାଇ ପାରିବନାହିଁ । ଅନେକ ସମୟରେ ଔପନ୍ୟାସିକଙ୍କ ଆତ୍ମପ୍ରକାଶ ଅପ୍ରାସଙ୍ଗିକ ଓ ଅବାନ୍ତର । କିନ୍ତୁ, ମଜାର ବିଷୟ ହେଉଛି, ଯେଉଁଠି କୌଣସି ଚରିତ୍ରର କ୍ରିୟା ଓ ବ୍ୟବହାର ଅତ୍ୟନ୍ତ ଅପ୍ରାକୃତିକ, ଔପନ୍ୟାସିକ ସେଠାରେ ତାକୁ ଯଥାର୍ଥ ବୋଲି ପ୍ରତିପାଦନ କରିବା ପାଇଁ ଅଣ୍ଟା ଭିଡ଼ି ବାହାରିଛନ୍ତି । ଦ୍ୱିତୀୟ ପରିଚ୍ଛେଦରେ ପଦ୍ମମାଳୀ ଓ ଦୁର୍ଯ୍ୟୋଧନ ପରସ୍ପର ସମ୍ମୁଖୀନ ହେବା ଘଟଣାକୁ ଔପନ୍ୟାସିକ ଯେଭଳି ନାଟକୀୟ କରିଛନ୍ତି, ସଂପୃକ୍ତ ପ୍ରବୃତ୍ତିର ତାହା ଏକ ଦୃଷ୍ଟାନ୍ତ । ପଦ୍ମମାଳୀ ବ୍ୟବହାର କରିଥିବା ସଂଳାପ ସବୁକୁ ଲକ୍ଷ୍ୟ କଲେ ଜଣାଯାଏ ପଦ୍ମାବଳୀ ତାହାର ବୟସ ଅପେକ୍ଷା ଅଧିକ ପରିଣତ ଓ ଜଗତର ସମସ୍ୟା ସମ୍ପର୍କରେ ବେଶ୍ ସଚେତନ । କୈଶୋର ଅତିକ୍ରମ କରି ନଥିବା ପଦ୍ମମାଳୀ ସାଂସାରିକ ଜ୍ଞାନ-ପକ୍ୱ ମହିଳାର ଦୃଢ଼ତା ଓ ସ୍ପଷ୍ଟତା ନେଇ ତଥା ଆପଣା ବୈଠକଖାନାର ସୁରକ୍ଷିତ ପରିବେଶରେ ଥାଇ ନଥାବାର୍ତ୍ତା କଲାଭଳି ଦୁର୍ଯ୍ୟୋଧନକୁ ଉତ୍ତର ଦେଇଛି । ତାହାର ବାକ୍ୟ ଓ କଣ୍ଠସ୍ୱର ଘଟଣାର ପରିପ୍ରେକ୍ଷୀରେ ବିଚାର କଲେ ସଂପୂର୍ଣ୍ଣ ଅସ୍ୱାଭାବିକ ମନେ ହୁଏ । ଉମେଶଚନ୍ଦ୍ର ଭୁଲିଯାଇଛନ୍ତି ପଦ୍ମମାଳୀ ଗୋଟିଏ ବାଳିକା କେବଳ ନୁହେଁ, ଏକ ଭୟଙ୍କର ସଙ୍କଟର ସେ ବର୍ତ୍ତମାନ ସମ୍ମୁଖୀନ । ପଦ୍ମମାଳୀର ଚରିତ୍ର ଚିତ୍ରଣରେ ଅସ୍ୱାଭାବିକତା ସମ୍ପର୍କରେ ମଧ୍ୟ ଉମେଶଚନ୍ଦ୍ର ସଚେତନ- ଏହାହିଁ ଆଶ୍ଚର୍ଯ୍ୟର ବିଷୟ । ଠିକ ପରବର୍ତ୍ତୀ ଅନୁଚ୍ଛେଦରେ ସେ ପାଠକକୁ କଷ୍ଟ କରି ବୁଝାଇବାକୁ ଚେଷ୍ଟା କରିଛନ୍ତି ଯେ ପଦ୍ମମାଳୀର ବ୍ୟକ୍ତିତ୍ୱର ଏହି ଚିତ୍ରଣ ସଂପୂର୍ଣ୍ଣ ବାସ୍ତବ । ଅଳ୍ପ ବୟସରୁ ବିଭିନ୍ନ କାବ୍ୟ ଓ ଧର୍ମଶାସ୍ତ୍ର ଅଧ୍ୟୟନ କରିଥିବା ପଦ୍ମମାଳୀ ଅସାଧାରଣ ବୁଦ୍ଧିମତୀ ବାଳିକା । ତେଣୁ ତାହାର ଅସାଧାରଣ ଧୈର୍ଯ୍ୟ ଓ ସୁଚିନ୍ତିତ ବକ୍ତବ୍ୟକୁ ସାଧାରଣ ଓ ସରଳ ଭାବରେ ଗ୍ରହଣ କରିବା ପାଇଁ ପାଠକମାନଙ୍କୁ ସେ

ଆମନ୍ତ୍ରଣ କରିଛନ୍ତି ।

ଉପନ୍ୟାସର ବିଭିନ୍ନ ପରିସ୍ଥିତିରେ ଭିନ୍ନ ଭିନ୍ନ ଚରିତ୍ର ପ୍ରକାଶ କରିଥିବା ପ୍ରତିକ୍ରିୟାର ସତତା ପ୍ରତିପାଦନ କରିବା ଦିଗରେ ଉମେଶଚନ୍ଦ୍ର ପ୍ରଚେଷ୍ଟା କରିଛନ୍ତି । ସଂପୃକ୍ତ ପ୍ରତିକ୍ରିୟା ରୋମାନ୍ସ ସୁଲଭ ଚରିତ୍ର ଗୁଡ଼ିକର ସ୍ଥିର ଓ ଅପରିବର୍ତ୍ତନୀୟ ପ୍ରଲକ୍ଷଣରୁ ଉତ୍ସାରିତ । ପରୀକ୍ଷିତ ସିଂହ ସବୁ ସମୟରେ ବୀରତ୍ୱରେ ମହୀୟାନ, ଦୁର୍ଯ୍ୟୋଧନ ଦାସ ସବୁ ସମୟରେ ଅସୂୟାପୂର୍ଣ୍ଣ ଓ ପ୍ରତିହିଂସା ପରାୟଣ । ପଦ୍ମମାଲୀ ମଧୁରତା, କମନୀୟତା ଓ ସୌନ୍ଦର୍ଯ୍ୟର ଆକାର । ଜୟନ୍ତୀର ପିତା ସାହସୀ ଓ ମୃତ୍ୟୁ-ଭୟ-ଶୂନ୍ୟ । ରମିଆ ମା ସ୍ୱାର୍ଥପୂର୍ଣ୍ଣ ଦୁଷ୍ଟ । ଅନ୍ୟ ଚରିତ୍ର ଓ ପରିସ୍ଥିତି ସମ୍ପର୍କରେ ଏ ଚରିତ୍ର ଗୁଡ଼ିକ ଯେତେବେଳେ ଆସିଛନ୍ତି, ସେତେବେଳେ ସେମାନଙ୍କର ଚରିତ୍ରରେ ଏହି ପ୍ରଲକ୍ଷଣ ସମୂହ ଗୁରୁତ୍ୱ ପାଇଛି । ସଂପୃକ୍ତ ଚରିତ୍ର ଗୁଡ଼ିକର ପରିବର୍ତ୍ତନ ବା ବିକାଶ ନାହିଁ । ଅଳ୍ପ କେତେକ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଚରିତ୍ରର ବିଶେଷ ପରିସ୍ଥିତି, ବାଲ୍ୟକାଳ ଓ ପାରିବାରିକ ଜୀବନ, ଅତୀତ ଅଭିଜ୍ଞତା ଭିତରୁ ସେମାନଙ୍କ ବ୍ୟକ୍ତି ସ୍ୱଭାବ ସନ୍ଧାନ କରି ଔପନ୍ୟାସିକ ସଂପୃକ୍ତ ଚରିତ୍ରକୁ କିଛିଟା ବ୍ୟକ୍ତିତ୍ୱ ପ୍ରଦାନ କରି-ଛନ୍ତି । ଜଣେ ଜାରଜର ସ୍ୱାଭାବିକ ମନସ୍ତାତ୍ତ୍ୱିକ ବିକୃତି ପ୍ରସଙ୍ଗରେ ଦୁର୍ଯ୍ୟୋଧନର ଖଳ ପ୍ରକୃତିକୁ ବିଶ୍ଳେଷଣ କରାଯାଇଛି । ସେହିଭଳି ବଂଶ ପରିଚ୍ଛେଦରେ, କେଉଁ ପରିବେଶରେ ରମିଆ ମା ବେଶ୍ୟା ହେବାକୁ ବାଧ୍ୟ ହେଲା ଓ ବୃଦ୍ଧା ବୟସରେ ଅମଙ୍ଗଳର ଆୟୁଧ ରୂପରେ ବ୍ୟବହୃତ ହୋଇଛି, ତାର ବର୍ଣ୍ଣନା ଦିଆଯାଇଛି । ସମଗ୍ର ଉପନ୍ୟାସ ଭିତରେ କେବଳ ବାଞ୍ଛାନିଧି ଚରିତ୍ରର ପରିବର୍ତ୍ତନ ପାଇଁ ସୁଯୋଗ ଔପନ୍ୟାସିକ ସୃଷ୍ଟି କରିଛନ୍ତି । ଉପନ୍ୟାସର ପ୍ରାରମ୍ଭରେ ଦୁର୍ଯ୍ୟୋଧନର ଜଣେ ଦୃଢ଼ ସମର୍ଥକ ଥିଲାବେଳେ ଉପନ୍ୟାସର ଶେଷରେ ପଦ୍ମମାଳୀ ଓ ଜୟନ୍ତୀର ରକ୍ଷାକର୍ତ୍ତାରେ ସେ ପରିବର୍ତ୍ତିତ ହୋଇଛି । ବାଞ୍ଛାନିଧିର ଏହି ପରିବର୍ତ୍ତନକୁ ଏକ ଅପ୍ରାକୃତିକ ରୂପାନ୍ତର ବୋଲି ମଧ୍ୟ କୁହାଯାଇପାରିବନାହିଁ । ଦୁର୍ଯ୍ୟୋଧନ ଦ୍ୱାରା ଲାଞ୍ଛିତ ହେଲାପରେ ସେ ଦୁର୍ଯୋଧନ ବିରୁଦ୍ଧରେ ପ୍ରତିଶୋଧ ନେବାକୁ ନିଷ୍ପତ୍ତି ନେଇଛି । ଔପନ୍ୟାସିକ, କଥାବସ୍ତୁର ପରିଣତି ପାଇଁ, ବୁଦ୍ଧିମନ୍ତର ସହ ତାହାର ନିଷ୍ପତ୍ତିକୁ ବ୍ୟବହାର କରିଛନ୍ତି ।

ଐତିହାସିକ ପ୍ରେକ୍ଷାପଟରେ ଅବତୀର୍ଣ୍ଣ ଏହି ରୋମାନ୍ସ-ସୁଲଭ ଚରିତ୍ର ଗୁଡ଼ିକ ବାଦ ଦେଲାପରେ, ପ୍ରାତ୍ୟହିକ ଜୀବନରୁ ନିର୍ବାଚିତ ହୋଇ ଉପ-ନ୍ୟାସରେ ସ୍ଥାନିତ ହୋଇଥିବା ବହୁ ଗୌଣ ଚରିତ୍ରର ସାକ୍ଷାତ ମିଳେ । ଏହି ଚରିତ୍ର ଗୁଡ଼ିକର ରୂପାୟନରେ ଔପନ୍ୟାସିକ ଅପୂର୍ବ ବାସ୍ତବ ଦୃଷ୍ଟିର

ପରିଚୟ ଦେଇଛନ୍ତି । ଦୈନନ୍ଦିନ ଜୀବନର ଅତି ସାଧାରଣ ଧନ୍ଦାରେ ସେମାନେ ବ୍ୟସ୍ତ ଓ ସେମାନଙ୍କ ଜୀବନ ଅଲଂକୃତ ଭାଷାରେ ଅବାସ୍ତବ ଉପମା ରୂପକ ସାହାଯ୍ୟରେ ବର୍ଣ୍ଣିତ ହୋଇନାହିଁ । ରୋମାଣ୍ଟିକ କଥାବସ୍ତୁର ବିକାଶ ପ୍ରତି ଉମେଶ ଚନ୍ଦ୍ରଙ୍କ ଧ୍ୟାନ ପ୍ରଥମରୁ ମୁଖ୍ୟ ହୋଇଥିବାରୁ ଉପନ୍ୟାସର ଏହି ଲୌକିକ ଦିଗର ବିକାଶ ଆବଶ୍ୟକ ମତେ ସାଧିତ ହୋଇନାହିଁ । ତାହା ସତ୍ତ୍ୱେ ସାଧାରଣ ଜୀବନର ଚିତ୍ରକଳ୍ପ କେତେକ କ୍ଷେତ୍ରରେ ଅପୂର୍ବ ଉଜ୍ଜ୍ୱଳତା ନେଇ ପ୍ରକାଶିତ । ଦଶମ ପରିଚ୍ଛେଦରେ, ପଦ୍ମମାଳୀର ଅପହରଣ ନେଇ ଗୋଟିଏ ସାଧାରଣ ଦମ୍ପତିର କଥୋପକଥନର ଏକ ଚମତ୍କାର ବିବରଣୀ ଉପସ୍ଥାପିତ । ଖୋଲା ମେଲା ଭାଷା, ଗ୍ରାମ୍ୟ ଜୀବନର ବାସ୍ତବତା ଏହି ଚରିତ୍ର ଗୁଡ଼ିକୁ ଜୀବନ୍ତ କରିଛି । କିନ୍ତୁ ଏଭଳି ଦୃଶ୍ୟ ଓ ବର୍ଣ୍ଣନା ଉପନ୍ୟାସରେ କ୍ୱଚିତ ସ୍ଥାନିତ । ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାରର ଇଙ୍ଗିତ ବିଭିନ୍ନ ଚରିତ୍ର ମାଧ୍ୟମରେ ଦିଆଯାଇଥିଲେ ମଧ୍ୟ ତାହାର ଘଟଣା ସମନ୍ୱିତ ଉପସ୍ଥାପନା ଉପନ୍ୟାସରେ ନାହିଁ । ସପ୍ତବିଂଶ ପରିଚ୍ଛେଦରେ ସାଧାରଣ ଲୋକଙ୍କର ଦୁର୍ଦ୍ଦଶାର ଏକ ଅଲଂକୃତ ବର୍ଣ୍ଣନା ଭିତର ଦେଇ ଜୟନ୍ତୀ ବାପାଙ୍କର ଏକ ଅନୁପ୍ରେରିତ ସଂଗ୍ରାମ ବର୍ଣ୍ଣିତ କିନ୍ତୁ ଏହାକୁ ସଂପୃକ୍ତ ବିଷୟର ସଜୀବ ଚିତ୍ରଣ ବୋଲି କୁହାଯାଇ ପାରିବନାହିଁ ।

ଆଡମ୍ବର, ଉଚ୍ଚ ଗମ୍ଭୀର, ଆଲଂକାରିକ, ସମାବେଶ-ପୂର୍ଣ୍ଣ ଓ ଭାବପ୍ରବଣ-ଉଦ୍ରେକ-କାରୀ ସ୍ୱର ତଥା ହାଲୁକା-ଆବେଗ ସମ୍ପନ୍ନ, ଭସା ଭସା ହାସ୍ୟରସ ପୂର୍ଣ୍ଣ ଓ ପାର୍ଥିବ ସ୍ୱର—ଏହି ଦୁଇପ୍ରକାର ବିରୋଧୀ ବର୍ଣ୍ଣନା ରୀତି ଔପନ୍ୟାସିକ ସମକାଳରେ ବ୍ୟବହାର କରିଛନ୍ତି । ବାସ୍ତବତା ପ୍ରଧାନ ଉପନ୍ୟାସର ଆବଶ୍ୟକୀୟ ଅନ୍ତରଙ୍ଗତା ଓ ରୋମାନ୍ସ-ସୁଲଭ ଦୂରତ୍ୱ ଉଭୟର ସଂଶ୍ଳେଷଣ ଉପନ୍ୟାସରେ ହୋଇନାହିଁ ସତ, କିନ୍ତୁ ଉଭୟର ଉପସ୍ଥିତି ରହିଛି । କୌଣସି ରୋମାଣ୍ଟିକ୍ ପରିବେଶ ଓ ଆଦର୍ଶାୟିତ ଚରିତ୍ର ବା ଜୀବନ ସମ୍ପର୍କରେ ନୈତିକ ମନ୍ତବ୍ୟ ଦେଲାବେଳେ ଔପନ୍ୟାସିକ ଆଲଙ୍କାରିକ ଓ ଆଡମ୍ବର ପୂର୍ଣ୍ଣ ରୀତିର ସାହାଯ୍ୟ ନେଇଛନ୍ତି । ଇତିହାସର ଗଣ୍ଡିବଦ୍ଧ ଉପାଦାନର ବ୍ୟବହାର ବେଳେ ତଥା ରୋମାନ୍ସ ଓ ବାସ୍ତବତା ମଧ୍ୟରେ ସାଲିସ୍ ଆଣିଲାବେଳେ ଲେଖକ ସମ୍ମୁଖୀନ ହେଉଥିବା ଅସହଜ ଅବସ୍ଥା, ଉପନ୍ୟାସରେ ସ୍ଥାନିତ ଲେଖକଙ୍କର କୈଫିୟତମୂଳକ ବକ୍ତବ୍ୟରୁ ସ୍ପଷ୍ଟ ହୋଇପଡେ । ଇତିହାସ ଓ କାବ୍ୟିକ ନ୍ୟାୟ ମଧ୍ୟରେ ଥିବା ବୈଭିନ୍ନ୍ୟକୁ ଅତିକ୍ରମ କରିବାରେ ତାଙ୍କର ସମସ୍ୟାକୁ ସେ ତ୍ରୟୋବିଂଶ ପରିଚ୍ଛେଦରେ ପାଠକଙ୍କୁ ନିଜର ବିଶ୍ୱାସ ଭିତରକୁ ଆଣି ବୁଝେଇବାକୁ ଚାହିଁଛନ୍ତି । ଇତିହାସ, ରୋମାନ୍ସର ଇଚ୍ଛାପୂରଣଗତ ଗୁଣକୁ ପ୍ରତିହତ ନ କରି

ତାହା ଉପରେ ଆରୋପିତ କେତେକ ଘଟଣାର ସମଷ୍ଟି ଭାବରେ, ଏଠାରେ ଚିତ୍ରିତ । ଇତିହାସର ପ୍ରକୃତ ହେଲା କଠୋର କ୍ରମାଗ୍ରସରଣ—ଏହାର ଅସ୍ପଷ୍ଟ ସୂଚନା ଔପନ୍ୟାସିକ ଦେଇଥିଲେ ବି, ଏହି ଧାରଣାର ବିକାଶ ଉପନ୍ୟାସ ଭିତରେ ଘଟିନାହିଁ । ପ୍ରାତ୍ୟହିକ ଜୀବନର ବାସ୍ତବ ପରିସ୍ଥିତି ଓ ଅତୀତ ସହ ବର୍ତ୍ତମାନର ବିରୋଧ ଚିତ୍ରଣ କଲାବେଳେ ବି ଲେଖକ ବିଦ୍ରୂପାତ୍ମକ ଖୋଲାମେଲା ବର୍ଣ୍ଣନା-ରୀତି ବ୍ୟବହାର କରିଛନ୍ତି । ସରକାରଙ୍କ ଏଭଳି ସମାଜ-ସମ୍ପର୍କିତ ସମାଲୋଚନା ବେଳେ ବେଳେ ବର୍ଣ୍ଣନୀୟ କାହାଣୀ କେନ୍ଦ୍ରରୁ ପାଠକର ଧ୍ୟାନକୁ ଅନ୍ୟ ଆଡକୁ ଫେରାଇ ଆଣିଥାଏ । ଉଦାହରଣ ସ୍ୱରୂପ, ମହନ୍ତ ରାମାନୁଜ ଦାସଙ୍କ ସମ୍ପର୍କରେ କହିଲାବେଳେ ସେ ବାଟହୁଡ଼ା ନିଜ ପରମ୍ପରାକୁ ନାକ ଟେକୁଥିବା ଇଂରାଜୀ ଶିକ୍ଷିତ ନୂଆ ବଂଶଧରମାନଙ୍କ ଦୁର୍ଗୁଣ ଦୀର୍ଘ ସମୟ ଧରି ବଖାଣି ବସିଛନ୍ତି । ଅନ୍ୟ କେତେକ ସ୍ଥାନରେ ହାସ୍ୟରସ ସୃଷ୍ଟି ପାଇଁ ଏଇ ରୀତି ବ୍ୟବହୃତ । ଗୁଜବ କିଭଳି ପ୍ରସାରିତ ହୁଏ, ସରକାର ତାର ଏକ ରସୋତ୍ତୀର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି । ତ୍ରୟୋଦଶ ପରିଚ୍ଛେଦରେ ପଦ୍ମମାଳୀର ଅସୁସ୍ଥତା କାରଣ ନେଇ ରାଜବୈଦ୍ୟମାନଙ୍କ ମଧ୍ୟରେ ତର୍କ ଓ ବିବାଦ ହାସ୍ୟୋଦ୍ଦୀପକ ପରିବେଶ ସୃଷ୍ଟି କରିଛି ।

ସାମନ୍ତ-ଶାସକଙ୍କ ଦ୍ୱାରା ସାଧାରଣ ପ୍ରଜାଙ୍କର ପୀଡ଼ନ, ଯୁଦ୍ଧ, ବ୍ରିଟିଶ ପଲିଟିକାଲ ଏଜେଣ୍ଟଙ୍କର ହସ୍ତକ୍ଷେପ ଓ ଦୁଷ୍ଟମାନଙ୍କର ଦଣ୍ଡକୁ ନେଇ ଗୋଟ ଏ ପଟରେ ଇତିହାସର ପରିସର; ଜଣେ ସାଧାରଣ କର୍ମଚାରୀଙ୍କ କନ୍ୟା ଓ କାପ୍ତିପଦାର ରାଜାଙ୍କ ମଧ୍ୟରେ ପ୍ରେମକୁ ଭିତ୍ତିକରି ଅନ୍ୟ ପଟରେ ରୋମାନ୍ସର ପରିସର— ପଦ୍ମମାଳୀ', ପରସ୍ପର ବିଚ୍ଛିନ୍ନ ଓ ପରସ୍ପର ଠାରୁ ଦୂରବର୍ତ୍ତୀ ଏହି ଦୁଇ ପରିସରକୁ ଆପଣାର କରିବାକୁ ଚେଷ୍ଟା କରିଛି । ଏହିଭଳି ଅବସ୍ଥାରେ ଲେଖକ ଇତିହାସ ତଥ୍ୟର ବିଶୁଦ୍ଧ ଉପସ୍ଥାପନ ପାଇଁ ମଧ୍ୟ ଚେଷ୍ଟିତ । ଇତିହାସର ତଥ୍ୟ ପ୍ରତି ତାଙ୍କର ସ୍ୱୀକୃତ ଦାୟିତ୍ୱବୋଧ ଉପନ୍ୟାସରେ ଦୁଇଥର ବିଘୋଷିତ । ଐତିହାସିକ ତଥ୍ୟରେ ବ୍ୟତିକ୍ରମ ନ ଆସିବାକୁ ମଧ୍ୟ ସେ ଯଥୋଚିତ ଚେଷ୍ଟା କରିଛନ୍ତି । ପୂର୍ବରୁ କୁହାଯାଇଛି, ଇତିହାସ ତାଙ୍କ ଦୃଷ୍ଟିରେ କେତେକ ଘଟଣାରେ ସୀମାବଦ୍ଧ । ଉପନ୍ୟାସରେ ବୃହତ୍ ଅଂଶ ଅଳ୍ପ କେତେକ ଚରିତ୍ରର ରୋମାଣ୍ଟିକ ପ୍ରେମ କାହାଣୀକୁ ନେଇ ବିବୃତ । ଏହି ରୋମାଣ୍ଟିକ୍ କାହାଣୀ ସହିତ ସଂପୃକ୍ତ ଚରିତ୍ରମାନେ ଆକସ୍ମିକ ଭାବେ ଇତିହାସ ସହ ଜଡ଼ିତ । କିନ୍ତୁ ଇତିହାସ ସେମାନଙ୍କର ଚରିତ୍ର ଓ ବ୍ୟକ୍ତିତ୍ୱକୁ ଗଠନ କରିନାହିଁ । ତ୍ରୟୋବିଂଶ ଅଧ୍ୟାୟର ପ୍ରାରମ୍ଭରେ ଥିବା ଲେଖକଙ୍କର ବକ୍ତବ୍ୟରୁ ମନେ ହୋଇପାରେ ଯେ ଇତିହାସର ଗଠନକାରୀ କ୍ରମାଗ୍ରସରଣ-ପ୍ରକ୍ରିୟା ସମ୍ପର୍କରେ ସେ ସଚେତନ । ସୂଚିତ ସ୍ଥାନରେ ସେ ପାଠକ-

ମାନଙ୍କର ନୈତିକ ପ୍ରତ୍ୟାଶା ଓ ଇତିହାସର କଠିନ ତଥ୍ୟ ସହ ଏହି ପ୍ରତ୍ୟାଶାର ବିରୋଧ ଓ ତଜ୍ଜନିତ ଅନଭିଳଷିତ ଯନ୍ତ୍ରଣା ପ୍ରସଙ୍ଗ ଅବତାରଣା କରିଛନ୍ତି । ମନେ ହୁଏ, ବ୍ୟାପକ ଅର୍ଥରେ ନୀତିଶିକ୍ଷା ପ୍ରଦାନ ପାଇଁ ଔପନ୍ୟାସିକ ଇତିହାସକୁ ଏକ ମାଧ୍ୟମ ଆକାରରେ ବ୍ୟବହାର କରିଛନ୍ତି । ଇତିହାସର କ୍ରମାଗ୍ରସରଣ ପ୍ରକ୍ରିୟା ସମ୍ପର୍କରେ ଗଭୀରତର ଅବବୋଧରୁ ଏହି ନୀତିବୋଧ ଉଦ୍‌ଭାବିତ ନୁହେଁ —ରୋମାନ୍‌ସର ଏକ ପୃଷ୍ଠଭୂମି ରୂପେ ଏହାର ଆବଶ୍ୟକତା ଓ ସ୍ଥିତି । ଚରିତ୍ରମାନଙ୍କର ଜୀବନପଞ୍ଜି ଠାରୁ ଭିନ୍ନ ଭାବରେ ଉପନ୍ୟାସ କାହାଣୀରେ ଏକ ବିଶେଷ ସ୍ଥାନ ଅଧିକାର କରିବା ପାଇଁ ଇତିହାସ ଏଠାରେ ଆବିର୍ଭୂତ ହୋଇନାହିଁ ।

ସମକାଳୀନ ବାସ୍ତବତାର ସଂପୃକ୍ତ ଔପନ୍ୟାସିକଙ୍କ ଉପରେ ଯେଉଁ ବର୍ଦ୍ଧିଷ୍ଣୁ ଛାପ ପକାଇଛି, ରୋମାନ୍‌ସ ପରିସରରେ ତାହା ସ୍ପଷ୍ଟ । ବିଭିନ୍ନ ଚରିତ୍ରର କାର୍ଯ୍ୟକଳାପ, ବ୍ୟବହାର ସମ୍ପର୍କରେ ଆତ୍ମ ସଚେତନ ସ୍ପଷ୍ଟୀକରଣ ଓ ସାମାଜିକ ବାସ୍ତବତା ପ୍ରସଙ୍ଗରେ ବିଦ୍ରୂପାତ୍ମକ ମନ୍ତବ୍ୟ ମଧ୍ୟରେ ଏହି ଛାପର ଉପସ୍ଥିତି ସ୍ପଷ୍ଟ । ଦେଶ ଓ କାଳ ଦ୍ୱାରା ଚିହ୍ନିତ ଅତୀତରେ, ରୋମାଣ୍ଟିକ୍ ଚରିତ୍ର ମାନଙ୍କୁ ଅବସ୍ଥାପିତ କରି ସେମାନଙ୍କର ସତ୍ତା ଓ ବିଶ୍ୱାସଯୋଗ୍ୟତା ପ୍ରତିଷ୍ଠା କରିବା ଉଦ୍ୟମରୁ, ଲେଖକଙ୍କର ବାସ୍ତବ-ସଚେତନତା ପ୍ରମାଣିତ । ପ୍ରଥମ ଓଡ଼ିଆ ଉପନ୍ୟାସରେ ବାସ୍ତବ ଓ ରୋମାନ୍‌ସର ଏହି ପରିବ୍ୟାପ୍ତତା ଏକ ସ୍ମରଣୀୟ ବିଭାଗ । ଫକୀରମୋହନ ଡାଙ୍କର 'ଛ ମାଣ ଆଠଗୁଣ୍ଠ' ରଚନା କଲାବେଳକୁ ଓଡ଼ିଆ ଉପନ୍ୟାସ ଯେ ଏକ ପରିଚିତ ବାସ୍ତବ ପ୍ରେକ୍ଷିତ ସୃଷ୍ଟି କରିସାରିଥିଲା 'ପଦ୍ମମାଳୀ'ର ଆଲୋଚନା ତାହାର ସ୍ପଷ୍ଟ ନିର୍ଦ୍ଦେଶ ଦିଏ ।

(ଲେଖକ ଦ୍ୱାରାଙ୍କର 'The Historical Novel in Oriya ପୁସ୍ତକର Evolution of the Historical Novel in Oriya Literature : Padmamali ଅଂଶର ଓଡ଼ିଆ ରୂପାନ୍ତର । ଆବଶ୍ୟକସ୍ଥଳେ ଅର୍ଥବୋଧ ପାଇଁ ଭାବାନୁବାଦ କରାଯାଇଛି । —ସମ୍ପାଦକ)

ଇଂରାଜୀ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ,
ଜ୍ୟୋତିବିହାର,ବୁର୍ଲା
ସମ୍ବଲପୁର ।

# ପଦ୍ମମାଳୀ :
# ଏକ ସମାଜ-ତାତ୍ତ୍ୱିକ ଅଧ୍ୟୟନ ।

ଡକ୍ଟର ବିଜୟ କୁମାର ସାହୁ

ଉପନ୍ୟାସ ରଚନାର କେତେକ ପ୍ରାଥମିକ ପ୍ରୟାସ ଗୁଡ଼ିକ ଦେଲାପରେ ଉମେଶଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ' ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଉପନ୍ୟାସ ଭାବରେ ସ୍ୱୀକୃତ । ସେ କାଳରେ ଏ ଉପନ୍ୟାସ ସମ୍ପର୍କରେ ଅଭିମତ ହେଲା "ଏହି ଗ୍ରନ୍ଥକୁ ଓଡ଼ିଶାର ପ୍ରଥମ Novel କହିଲେ ଅଯୁକ୍ତ ହେବନାହିଁ" । (୧) ଉମେଶଚନ୍ଦ୍ର ଏହାର ଭୂମିକାରେ କହିଛନ୍ତି "ଐତିହାସିକ ଘଟନାବଲମ୍ବିତ ହୋଇ କୌଣସି ଉପନ୍ୟାସ ଉତ୍କଳଭାଷାରେ ରଚିତ ହୋଇଥିବାର ଆମ୍ଭଙ୍କୁ ଜଣା ନାହିଁ । ଉତ୍କଳ ଦେଶର ଇତିହାସ ପର୍ଯ୍ୟାଲୋଚନା କଲେ ଭାବୁକ ଯୁବକ ଐତିହାସିକ ଉପନ୍ୟାସ ଲେଖିବାକୁ ଉପକରଣର ଅଭାବ ଦେଖିବେ ନାହିଁ ।" (୨)

'ପଦ୍ମମାଳୀ'ର କଥାବସ୍ତୁ ମୟୂରଭଞ୍ଜ ତଥା ନୀଳଗିରି ଇତିହାସ ଉପରେ ଆଧାରିତ । ୧୮୩୫ ମସିହା ଫାଲଗୁନ ମାସ ଶିବ ଚତୁର୍ଦ୍ଦଶୀ ଠାରୁ ଜୁଲାଇ ମାସ ଶେଷ ଯାଏ ବାଲେଶ୍ୱରର ତତ୍‌କାଳୀନ ମାଜିଷ୍ଟ୍ରେଟଙ୍କ ଦ୍ୱାରା ନୀଳଗିରି ବିଦ୍ରୋହ ଦମନ ପର୍ଯ୍ୟନ୍ତ ଗ୍ରୀଷ୍ମମାସର କଥାବସ୍ତୁ ଏହି ଉପନ୍ୟାସରେ ବର୍ଣ୍ଣିତ । "ଦୁଇଗୋଟି ସମସାମୟିକ ଐତିହାସିକ ଘଟଣାର ସମନ୍ୱୟରେ ପଦ୍ମମାଳୀ ରଚିତ ହୋଇଅଛି । ନୀଳଗିରି ରାଜ୍ୟର କର୍ମଚାରୀମାନଙ୍କ ଦ୍ୱାରା ପାଞ୍ଚଗଡ଼ର ଆକ୍ରମଣ ଏକଗୋଟି, ଅପରଟି ହରିହର ଭ୍ରମର ବାବୁଙ୍କ ଦ୍ୱାରା ନୀଳଗିରି ଆକ୍ରମଣ x x x ଏ ସକଳ ବର୍ଣ୍ଣନାରେ ଏକ ପକ୍ଷରେ ଯେପରି ଇତିହାସର ଏକ ବର୍ଣ୍ଣର ଅପଲାପ କରିନାହୁଁ, ଅନ୍ୟପକ୍ଷରେ, ପାଠକଙ୍କର ଚିତ୍ତ ରଞ୍ଜନ କରିବାରେ ସମଧିକ ଯତ୍ନବାନ ହୋଇଅଛୁଁ । (୩) ଦ୍ୱିତୀୟ ସଂସ୍କରଣର ଭୂମିକାରେ ସ୍ୱୟଂ ଉମେଶ ଚନ୍ଦ୍ରଙ୍କ ଏହି ସ୍ୱୀକାରୋକ୍ତିରୁ ପଦ୍ମମାଳୀ ଉପନ୍ୟାସର କଥାବସ୍ତୁର ପ୍ରକୃତି ଓ ଆଭିମୁଖ୍ୟ ସ୍ପଷ୍ଟ ।

ନୀଳଗିରିର ପାଞ୍ଚଗଡ଼ ନିବାସୀ ପଣ୍ଟୁ ଆସ୍ତ ଜଗବନ୍ଧୁ ପଟ୍ଟନାୟକଙ୍କ ପତ୍ନୀ ନିଜର ରୂପବତୀ ତଥା ଗୁଣବତୀ କନ୍ୟା ପଦ୍ମମାଳୀକୁ ସାଙ୍ଗରେ ଧରି ମୟୂରଭଞ୍ଜ 'ମାଣିକୀ' ର ଜାଗର ଯାତ୍ରା ଦେଖିବାକୁ ଯାଇଥିଲେ । ସେହି ଯାତ୍ରା ସ୍ଥଳରୁ ଦୁରାତ୍ମା ଦୁର୍ଯ୍ୟୋଧନ ଦାସ ବାଂଶୁନିଧି ବଳବନ୍ତରାୟଙ୍କ ସହାୟତାରେ ପଦ୍ମମାଳୀକୁ ଅପହରଣ କରି ନେଇଛି । ସୌଭାଗ୍ୟକ୍ରମେ ନିର୍ଜନ ସ୍ଥାନରେ କାମୁକ ଦୁର୍ଯ୍ୟୋଧନ ଦାସ ନିଜର କୁତ୍ସିତ ସମ୍ଭୋଗ

ନେଳସାକୁ ତଣତାର୍ଥ ଭଣବାକୁ ଚେଷ୍ଟା କରୁଥିଲାବେଳେ କାସ୍ତିପଦାର ସାହାସୀ ଓ ମହାନୁଭବ ରଜା ପରୀକ୍ଷିତ ସିଂହ ପଦ୍ମମାଳୀକୁ ଦୁର୍ଯୋଧନ ଦାସ କବଳରୁ ଉଦ୍ଧାର କରି ତାକୁ ମହନ୍ତ ହରିହର ରାମାନୁଜ ଦାସଙ୍କ ମଠରେ ରଖାଇଛନ୍ତି । ସେଠାରେ ରୂପ ଗୁଣ ମୁଗ୍ଧ ପରୀକ୍ଷିତ ଓ ପଦ୍ମମାଳୀ ପରସ୍ପର ପ୍ରତି ଆକୃଷ୍ଟ ହୋଇ ପ୍ରଣୟ ପାଶରେ ଆବଦ୍ଧ ହୁଅନ୍ତି । ଦୁର୍ଯୋଧନ ଦାସ ତାର ପାପର ଫଳ ଭୋଗ କରୁଥିବା ବେଳେ ବାଞ୍ଛାନିଧି ବଳବନ୍ତରାୟଙ୍କ ଦ୍ଵାରା ଉଦ୍ଧାର ପାଇ ପରୀକ୍ଷିତ ଓ ପଦ୍ମମାଳୀ ଉପରେ ପ୍ରତିଶୋଧ ନେବବୋଲି ସ୍ଥିର କରିଛି । ନିଜର ଅନ୍ୟଜଣେ ସହଚର ତଥା ନୀଳଗିରିର ହେଡ ଅମିନ ଲକ୍ଷ୍ମଣ ପଣ୍ଡାକୁ ସେ ପାଞ୍ଚଗଡ ପ୍ରେରଣ କରିଛି, ବିବାହ ପ୍ରସ୍ତାବ ଦେଇ । ପଦ୍ମମାଳୀ ସହିତ ବିବାହ ପ୍ରସ୍ତାବରେ ଜଗୁ ପଟ୍ଟନାୟକ ନୀରବ ରହିଛନ୍ତି । କାରଣ ସେ ଜାଣନ୍ତି ଦୁର୍ଯୋଧନ କପରି ଅନିଷ୍ଟ କରିପାରେ । ଏହି ସମୟରେ ପଦ୍ମମାଳୀ ପୀଡ଼ିତା ହୋଇ ଶଯ୍ୟାଶାୟୀ ହୋଇଛି । କୌଣସି କବିରାଜଙ୍କ ଦ୍ଵାରା ପଦ୍ମମାଳୀ ଭଲ ନହେବାରୁ ପିତାମାତାଙ୍କ ସମ୍ମତିକ୍ରମେ ସେ ମହନ୍ତ ରାମାନୁଜ ଦାସଙ୍କ ମଠକୁ ଯାଏ । ସେଠାରେ ପରୀକ୍ଷିତଙ୍କ ସହିତ ପଦ୍ମମାଳୀର ନିର୍ବନ୍ଧ ସମାପ୍ତ ହୁଏ । ଏ ଖବର ଦୁର୍ଯୋଧନ ଦାସ ପାଇଲାପରେ ପଦ୍ମମାଳୀକୁ ଅପହରଣ କରି ବନ୍ଦୀ କରେ ଏବଂ ଘଣ୍ଟଶିଳାର ଗଡନାୟକଙ୍କ ଝିଅକୁ ମଧ୍ୟ ବନ୍ଦୀକରେ । ଏହି ସମ୍ବାଦ କ୍ରମେ କାସ୍ତିପଦା ରାଜା ପରୀକ୍ଷିତ ସିଂହ ପାଆନ୍ତି । ନୀଳଗିରି ରାଜଗାଦିର ଅନ୍ୟତମ ଦାବିଦାର ହରିବାବୁ ମଧ୍ୟ ପରୀକ୍ଷିତ ସିଂହଙ୍କ ସହିତ ଯୋଗଦିଅନ୍ତି । ବାଞ୍ଛାନିଧି ବଳବନ୍ତ ରାୟ ମଧ୍ୟ ପୂର୍ବ ପାପର ପ୍ରାୟଶ୍ଚିତ ପାଇଁ ପଦ୍ମମାଳୀର ଉଦ୍ଧାରରେ ଲାଗିପଡେ । ନୀଳଗିରି ରାଣୀ ରାଜ୍ୟଚ୍ୟୁତ ନିଜ ମାନଙ୍କ ପୁଅ ସହିତ ବାଲେଶ୍ଵର ଚାଲିଯାଆନ୍ତି । ଦୁର୍ଯୋଧନ ଦାସ ଓ ନୀଳଗିରିର ପାଇକମାନଙ୍କ ଶତଚେଷ୍ଟା ସତ୍ତ୍ଵେ ରାଜା ପରୀକ୍ଷିତ ସିଂହ ପଦ୍ମମାଳୀକୁ ଉଦ୍ଧାର କରି ଦୁର୍ଯୋଧନ ଦାସକୁ ନିଜ ରାଜ୍ୟକୁ ବାନ୍ଧି ନିଅନ୍ତି । ବାଲେଶ୍ଵରର ସାହେବ ବିଦ୍ରୋହୀମାନଙ୍କୁ ଦମନ କରିବାକୁ ଯାଇ ପରୀକ୍ଷିତ ସିଂହଙ୍କୁ ଦଣ୍ଡପ୍ରଦାନ କରନ୍ତି କିନ୍ତୁ ମାଜିଷ୍ଟ୍ରେଟ ସାହେବ ହରିହର ରାମାନୁଜ ଦାସଙ୍କ ଦ୍ଵାରା ପ୍ରଭାବିତ ହୋଇ ପରୀକ୍ଷିତ ସିଂହଙ୍କ ଦୋଷ କ୍ଷମା କରନ୍ତି । ପରେ ରାଜାପରୀକ୍ଷିତ ସିଂହଙ୍କ ସହିତ ପଦ୍ମମାଳୀର ବିବାହ ସମ୍ପନ୍ନ ହୁଏ । କାସ୍ତିପଦାର କାରାଗାରରେ ଦୁର୍ଯୋଧନ ଦାସର ମାନସିକ ଯନ୍ତ୍ରଣା ଯୋଗୁ ମୃତ୍ୟୁ ଘଟେ । ଏଭଳି ନାରୀ ଅପହରଣ, ପ୍ରେମ, ଯୁଦ୍ଧ ଭିତର ଦେଇ ପଦ୍ମମାଳୀ ଉପନ୍ୟାସ ଗଢି କରିଛି ।

'ପଦ୍ମମାଳୀ' ଉପନ୍ୟାସରେ ବର୍ଣ୍ଣିତ ସ୍ଥାନ ଓ ବିଷୟ ଉମେଶ ଚନ୍ଦ୍ରଙ୍କ ପ୍ରତ୍ୟକ୍ଷ ଅଭିଜ୍ଞତା ଉପରେ ଆଧାରିତ । ତେଣୁ ପଦ୍ମମାଳୀରୁ ଊନବିଂଶ ଶତାବ୍ଦୀ ପ୍ରଥମାର୍ଦ୍ଧର ଉତ୍ତର ଓଡ଼ିଶାର ସାମାଜିକ ଜୀବନର ପରିଚୟ ମିଳେ । 'ପଦ୍ମମାଳୀ' ଉପନ୍ୟାସ, ରଜା ରାଣୀ, ରାଜ ଅନ୍ତଃପୁର, କ୍ଷମତାମତ୍ତ ରାଜକର୍ମଚାରୀ, ମୂର୍ଖ କବିରାଜ ଓ ଉଦାର ସନ୍ନ୍ୟାସୀଙ୍କ

ଜୀବନକୁ ଆଧାରକରି ଗଢ଼ି ଉଠିଛି । ସେମାନଙ୍କ ଜୀବନର ଓ ସେମାନଙ୍କୁ କେନ୍ଦ୍ରକରି ଗଢ଼ି ଉଠିଥିବା ସମାଜର, ଖଣ୍ଡିତ ଚିତ୍ର ପଦ୍ମମାଳୀ ଉପନ୍ୟାସରୁ ମିଳେ ।

ପଦ୍ମମାଳୀ ଉପନ୍ୟାସର ସମାଜ ଏକ ସାମନ୍ତବାଦୀ ସମାଜ । ଶାସକମାନେ ଏଠାରେ ମୁଖ୍ୟଶକ୍ତିରୂପେ ବିବେଚିତ । ସେମାନେ ପ୍ରେମ କରି ଜାଣନ୍ତି । ରାଣୀ ଚନ୍ଦ୍ରାଦେବୀ, ଦେବାନ ଶିବଚରଣ ପଟ୍ଟନାୟକ, ଦୁର୍ଯ୍ୟୋଧନ ଦାସ, ଜଗବନ୍ଧୁ ପଟ୍ଟନାୟକ ପରୀକ୍ଷିତ ସିଂହ ସମସ୍ତେ ସମାଜର ଉଚ୍ଚଶ୍ରେଣୀର ଜୀବ । ଉମେଶ ଚନ୍ଦ୍ରଙ୍କ ଦୃଷ୍ଟି ସମାଜରେ ପ୍ରଚଳିତ ନିଷ୍ଠୁର ବାସ୍ତବ ପ୍ରତି ଉନ୍ମୁଖ ନହୋଇ ତାର ଉପର ସ୍ତରରେ ଘୁରି ବୁଲିଛି । ସମାଜର ଅନ୍ତଃସ୍ଥଳକୁ ସ୍ପର୍ଶକରିବାକୁ ସେ ଇଚ୍ଛାକରି ନାହାନ୍ତି ।

ଏହିପରି ଏକ ସାମନ୍ତବାଦୀ ସର୍ବସ୍ୱ-ସମାଜ ଯେଉଁଠି ପରିକଳ୍ପିତ ହୁଏ ସେଠାରେ ବ୍ୟକ୍ତିର ଅନ୍ତର୍ନିହିତ ମାନବିକ ମୂଲ୍ୟବୋଧ ଏକ ବାୟବୀୟ ଆଦର୍ଶବାଦର ଦୂର ଚକ୍ରବାଳରେ ସ୍ତିମିତ ଆଲୋକରେଖା ଭଳି ଉଦ୍‌ଭାସିତ ହୁଏ । ପଦ୍ମମାଳୀ ଉପନ୍ୟାସରେ ରାଣୀ ଚନ୍ଦ୍ରାଦେବୀ, ଦୁର୍ଯ୍ୟୋଧନ ଦାସ, ପରୀକ୍ଷିତ ସିଂହ ପ୍ରମୁଖ ସମସ୍ତ ଚରିତ୍ର ବ୍ୟକ୍ତି ହିସାବରେ ମୁଖ୍ୟ ନୁହନ୍ତି । କେତୋଟି ରୋମାନ୍‌ସ ଧର୍ମର ବାହକ ହିସାବରେ ସେମାନଙ୍କର ଆବିର୍ଭାବ । ଉପନ୍ୟାସରେ ବ୍ୟକ୍ତିର ବ୍ୟକ୍ତି ହିସାବରେ ମୂଲ୍ୟ ନାହିଁ । ଆଭିଜାତ୍ୟର ଗୁଣାଗୁଣ ନେଇ ସମାଜରେ ତାର ସ୍ଥାନ ନିରୂପିତ । ଏଠାରେ ମଣିଷର ସାମାଜିକ ପ୍ରକୃତି ସାମନ୍ତବାଦର ଧର୍ମଦ୍ୱାରା ନିୟନ୍ତ୍ରିତ । ରୋମାନ୍‌ସ ମଧ୍ୟଯୁଗର ସୃଷ୍ଟି । ସେଠାରେ ନାରୀ ଅପହରଣ, ଯୁଦ୍ଧ ଓ ମଣିଷ ହତ୍ୟା ଅପରାଧ ନୁହେଁ, ତାର ବୀରତ୍ୱପୂର୍ଣ୍ଣ କାହାଣୀର ଅଂଶ ବିଶେଷ । ପଦ୍ମମାଳୀ ଉପନ୍ୟାସରେ ପରୀକ୍ଷିତ ସିଂହ ରାଜା, ରୂପବାନ ଓ ଗୁଣବାନ । ପଦ୍ମମାଳୀକୁ ଉଦ୍ଧାର କରି ବୀରତ୍ୱର ଯେପରି ସେ ପରିଚୟ ପ୍ରଦାନ କରନ୍ତି, ପଦ୍ମମାଳୀ ପ୍ରତି ପ୍ରଣୟାସକ୍ତ ହୋଇ ନିଜର ପ୍ରେମିକ ହୃଦୟର ପରିଚୟ ମଧ୍ୟ ସେହିଭଳି ସେ ଦିଅନ୍ତି । ଏହି ସାମନ୍ତତାନ୍ତ୍ରିକ ସମାଜରେ ମଣିଷର ସାମାଜିକ ପ୍ରକୃତି ରାଜା ବା ସାମନ୍ତମାନଙ୍କ ମର୍ଜି ଦ୍ୱାରା ନିୟନ୍ତ୍ରିତ । ସମାଜରେ ଇଂରାଜୀ ଶିକ୍ଷାର ପ୍ରଭାବ ଓ ଇଂରେଜମାନଙ୍କ ବ୍ୟବସାୟ ବୃଦ୍ଧିକୁ ବହୁଳଭାବରେ ସାହାଯ୍ୟ କରୁଥିଲା ସାମନ୍ତ ରାଜାମାନଙ୍କ ମଧ୍ୟରେ ଥିବା ପରସ୍ପର ଦ୍ୱନ୍ଦ୍ୱ ତଥା ସଂଘର୍ଷ ।

ସମକାଳୀନ ସାମାଜିକ ଜୀବନ ବିପର୍ଯ୍ୟସ୍ତ ହେଉଥିଲା ଦୁର୍ଯ୍ୟୋଧନ ଦାସ ଭଳି ପାପାତ୍ମା ମାନଙ୍କ ଦ୍ୱାରା । ସମାଜରେ ଶୋଷଣ ଲୁଣ୍ଠନ ଓ ଅତ୍ୟାଚାର ଲାଗି ରହିଥିଲା । ପରିବାର ଗଠନରେ ଅଧିକାଂଶ ସ୍ଥଳରେ ଏକାନ୍ନବର୍ତ୍ତୀ ପରିବାର ଲକ୍ଷ୍ୟ କରାଯାଇପାରେ । ରାଜପରିବାର କଥା ସ୍ୱତନ୍ତ୍ର । ତେବେ ପଟ୍ଟନାୟକ ତଥା ଦଳବେହେରା ପ୍ରଭୃତି କ୍ଷତ୍ରିୟ ବୀରମାନଙ୍କ ପରିବାର ଗୁଡ଼ିକ ସ୍ୱୟଂ ସମ୍ପୂର୍ଣ୍ଣ ତଥା ଉଚ୍ଚକୋଟୀର ଥିଲା । ରାଜ ପରିବାରରେ ବିଳାସ ବ୍ୟସନର ଚିତ୍ର ଦେଖିବାକୁ ମିଳୁଥିଲା । ନୀଳଗିରି ରାଜ

ଅନ୍ତଃପୁରରେ ରାଣୀ ଚନ୍ଦ୍ରାଦେବୀଙ୍କ ଆଳସ୍ୟମୟ ଜୀବନ, କାନ୍ତିପଦାର ରାଜା ପରୀକ୍ଷିତ ସିଂହଙ୍କ ଆଡମ୍ବରପୂର୍ଣ୍ଣ ଜୀବନ ତଥା ଶୌର୍ଯ୍ୟପୂର୍ଣ୍ଣ ଜୀବନର ଚିତ୍ର ଦେଖିବାକୁ ମିଳେ । ଜଗବନ୍ଧୁ ପଟ୍ଟନାୟକ ବା ଘଣ୍ଟଶିଳା ଗଡ଼ନାୟକଙ୍କର ପରିବାର ସୁସ୍ଥ ସାମାଜିକ ଜୀବନର ପରିଚୟ ପ୍ରଦାନ କରେ । ପରିବାରର ପ୍ରକୃତ ସୁସ୍ଥ ସାମାଜିକ ଜୀବନର ପ୍ରକାଶ ପାଇଁ ଗଠିତ । ସମାଜରେ ସମସ୍ତେ ପରିବାରର କୌଳିକ ବୃତ୍ତି ଅବଲମ୍ବନ କରୁଥିଲେ । ବିବାହର ଯେଉଁ ବର୍ଣ୍ଣନା ପଦ୍ମମାଳୀ ଉପନ୍ୟାସରେ ଦିଆଯାଇଛି ସେଥିରୁ ଜଣାପଡ଼େ, ସମାଜରେ ବୈଦିକ ରୀତି ଦ୍ୱାରା ସମସ୍ତ ସାମାଜିକ ନିୟମ ଅନୁଷ୍ଠିତ ହେଉଥିଲା । ବିବାହ ପୂର୍ବରୁ ଉଭୟ ପକ୍ଷ ପ୍ରସ୍ତାବରେ ସମ୍ମତି ପ୍ରଦାନ କରୁଥିଲେ । ତା' ପରେ ନିର୍ବନ୍ଧ ଓ ଶେଷରେ ବୈଦିକ ରୀତିରେ ବିବାହ ଅନୁଷ୍ଠିତ ହେଉଥିଲା । ସେଥିପାଇଁ ପଦ୍ମମାଳୀ ପାଇଁ ଦୁର୍ଯ୍ୟୋଧନ ଦାସ ମଧ୍ୟସ୍ଥି ହାତରେ ପ୍ରସ୍ତାବ ପଠାଇଛି । ପ୍ରେମ ବିବାହ ପାଇଁ କୌଣସି ବାଧା ନଥିଲା ତଥାପି ପିତାମାତାଙ୍କ ସମ୍ମତିରେ ଏହା ଅନୁଷ୍ଠିତ ହେଉଥିଲା । ଏସବୁ ମାଙ୍ଗଳିକ କାର୍ଯ୍ୟରେ ବର କନ୍ୟାଙ୍କ ମତାମତ ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଉଥିଲା ।

ସମାଜ ମୁଖ୍ୟତଃ ପୁରୁଷ ପ୍ରଧାନ । ନାରୀର ସ୍ଥାନ କଥା ଚିନ୍ତା କଲାବେଳେ ଦେଖୁ ଯେ ନାରୀର ସ୍ୱତନ୍ତ୍ର ସ୍ଥାନ ସମାଜ ଦ୍ୱାରା ସ୍ୱୀକୃତ ନଥିଲା । କାରଣ ଦୁର୍ଯ୍ୟୋଧନ ଦାସ ପଦ୍ମମାଳୀକୁ ଅପହରଣ କଲାବେଳେ ଓ ବଳ ପ୍ରୟୋଗ ବେଳେ, ପଦ୍ମମାଳୀ ସହିତ କଥୋପକଥନରୁ ତାହା ଜଣାପଡ଼େ । ନାରୀ ଅବଳା ଓ ତାର ସୁରକ୍ଷା ମଧ୍ୟ ବେଳେ ବେଳେ ବ୍ୟାହତ ହେଉଥିଲା । "ଦେଖ ଆମ୍ଭେ ଦୁର୍ଯ୍ୟୋଧନ ଦାସ । ନୀଳଗିରି ରାଜ୍ୟରେ ଏପରି କୌଣସି ରମଣୀ ନାହିଁ, ଯେ ଆମ୍ଭର କୃପାରେ ପ୍ରାର୍ଥିନୀ ନୁହେଁ । ତୁମ୍ଭର ପଦାନତ ହୋଇ ଅମ୍ଭେ ତୁମ୍ଭର କୃପା ପ୍ରାର୍ଥନା କରୁଁ । ଆମ୍ଭର ବାସନା ପୂର୍ଣ୍ଣ କରି ଥିଲେ ତୁମ୍ଭେ ନୀଳଗିରି ରାଜ୍ୟର ରାଣୀର ସମ୍ପଦ ଉପଭୋଗ କରନ୍ତ; କିନ୍ତୁ ତାହା ତୁମ୍ଭେ କଲ ନାହିଁ । ବରଂ ତୁମ୍ଭର ଆଚରଣ ଦ୍ୱାରା ଆମ୍ଭର କ୍ରୋଧ ଜାତ କଲ । ତୁମ୍ଭେ ଆମ୍ଭର ହସ୍ତଗତ । କଳରେ ହେଉ ବା କୌଶଳରେ ହେଉ ବା ବଳରେ ହେଉ ତୁମ୍ଭଙ୍କୁ ହସ୍ତଗତ କରିଅଛୁ । ଆମ୍ଭର ଇଚ୍ଛାସାଧନ କରିବା, ଦେଖିବା ଏଥିରେ କିଏ ପ୍ରତିବନ୍ଧକ ହେବ" । (୪)

ଉପରୋକ୍ତ ଉକ୍ତିରୁ ଜଣାପଡ଼େ ଯେ ନାରୀ ପୁରୁଷର ଶୌର୍ଯ୍ୟ ପ୍ରକାଶ ପାଇଁ ଏକ ମାଧ୍ୟମ । ନାରୀର ସୌନ୍ଦର୍ଯ୍ୟ ବା ଲାଳିତ୍ୟର ପ୍ରକାଶ ନାରୀ ପାଇଁ ଥିଲା ଶ୍ରେଷ୍ଠ ନିୟାମକ । ନାରୀ ସୌନ୍ଦର୍ଯ୍ୟବତୀ ତଥା ଗୁଣବତୀ ହେଲେ ତାର ଚର୍ଚ୍ଚା ଘରଆଡ଼େ ହେଉଥିଲା ।

ସମାଜରେ ବିଭିନ୍ନ ଧର୍ମାନୁଷ୍ଠାନ ଓ ବିଶ୍ବାସର ଚିତ୍ର ପଦ୍ମମାଳୀରେ ପ୍ରତିଫଳିତ । ସମାଜରେ ମହାନ୍ତ ରାମାନୁଜ ଦାସଙ୍କ ପରି ଉଦାର, ସ୍ବାଧୀନଚେତା, ପରୋପକାରୀ ବ୍ୟକ୍ତିମାନଙ୍କଦ୍ବାରା ଧର୍ମଚର୍ଚ୍ଚା ଓ ଲୋକଙ୍କର ଧର୍ମ ପ୍ରତି ଅନୁରକ୍ତି ପଦ୍ମମାଳୀ ଉପନ୍ୟାସରୁ ସୂଚିତ ହୁଏ । ଶିବରାତ୍ରୀ ଦିନର ତାତ୍ପର୍ଯ୍ୟ, ଶିବ ଉପାସନାର ମହତ୍ତ୍ବ ଓ ଶିବ ଦର୍ଶନ ପାଇଁ ବିପୁଳ ଜନ ସମାଗମ ଓ ସାମାଜିକ ଜୀବନରେ ବିଭିନ୍ନ ପର୍ବ ପର୍ବାଣୀ ଓ ବ୍ରତ ପ୍ରତି ଲୋକଙ୍କର ଆଗ୍ରହ ପଦ୍ମମାଳୀ ଉପନ୍ୟାସରୁ ଜଣାପଡ଼େ । ସମାଜରେ ପ୍ରଚଳିତ ଚାଲିଚଳଣି, ଖାଦ୍ୟ ପଦାର୍ଥ ପୋଷାକ ପରିଚ୍ଛେଦ, ଆସ୍ତର ବ୍ୟବହାରରେ ସେ ସମୟର ସମାଜର ପ୍ରକୃତ ସାମାଜିକ ଓ ସାଂସ୍କୃତିକ ଜୀବନର ଚିତ୍ର ମଧ୍ୟ ମିଳିଥାଏ ।

ଯୁଦ୍ଧ ସମୟରେ ବ୍ୟବହୃତ ଅସ୍ତ୍ର ଶସ୍ତ୍ର ଓ ଗଣ୍ଟିଦ୍ବାରା ସମ୍ବାଦ ପ୍ରେରଣ ବାର୍ତ୍ତା ତତ୍‌କାଳୀନ ସମାଜ ଓ ସାଂସ୍କୃତିକ ଜୀବନ ବିଷୟରେ ସୂଚନା ପ୍ରଦାନ କରେ ।

ପଦ୍ମମାଳୀ ଉପନ୍ୟାସ ବାଲେଶ୍ବର, ମୟୂରଭଞ୍ଜ ତଥା କେଉଁଝର — ଏଇ ତିନୋଟି ଜିଲ୍ଲାର ଘଟଣାରେ ପରିପୂର୍ଣ୍ଣ ହେଲେହେଁ, ଏଥିରେ ବର୍ଣ୍ଣିତ ସମାଜ ସମଗ୍ର ଓଡ଼ିଶାର ସମାଜ ଓ ସାଂସ୍କୃତିକ ପରଂପରାର ଏକ ସଫଳ ରୂପାୟନ । ପଦ୍ମମାଳୀ ଉପନ୍ୟାସରେ ବ୍ୟକ୍ତି ଓ ସମାଜ ଗୌଣ । ସାମନ୍ତମାନଙ୍କର ପ୍ରେମ ଓ ବୀରତ୍ବ ଗାଥା ଏଥିରେ ମୁଖ୍ୟ ଉପଜୀବ୍ୟ । ସେଥିପାଇଁ ତାହା ଉପନ୍ୟାସ ଧର୍ମ କେତେକାଂଶରେ ବିସର୍ଜନ କରି ରୋମାନ୍‌ସର ଅଧିକ ନିକଟବର୍ତ୍ତୀ ହୋଇଛି ।

## ପାଦଟୀକା :

(୧) ବାଲେଶ୍ବର ସମ୍ବାଦ ବାହିକା—ତା ୨।୫।୧୮୮୯
(୨) ଉମେଶ ଚନ୍ଦ୍ର ସରକାର—ପଦ୍ମମାଳୀ-ଭୂମିକା - ପ୍ରଥମ ସଂସ୍କରଣ
(୩) ଏଜ୍ନ—ଦ୍ବିତୀୟ ସଂସ୍କରଣରର ଭୂମିକା
(୪) ଉମେଶ ଚନ୍ଦ୍ର ସରକାର—ପଦ୍ମମାଳୀ—ପୃ. ୧୫

ଅଧ୍ୟାପକ, ଓଡ଼ିଆ ବିଭାଗ,
ଗଙ୍ଗାଧର ମେହେର ମହାବିଦ୍ୟାଳୟ, ସମ୍ବଲପୁର

# କେନ୍ଦୁଝର ବିଦ୍ରୋହ ।

ରମେଶଚନ୍ଦ୍ର ସରକାର

## ପ୍ରଥମ ପରିଚ୍ଛେଦ ।

### ସୂଚନା ।

ପଠାଣ ଓ ମୋଗଲଙ୍କ ଦ୍ୱାରା ଅଧିକୃତ ହେବା ପୂର୍ବରେ ଓଡ଼ିଶା ହିନ୍ଦୁ ରାଜାଙ୍କର ଅଧୀନରେ ଥିଲା । କେଶରୀ ଓ ଗଜପତିବଂଶୀୟ ନୃପତିମାନେ ପ୍ରଭୂତ ପ୍ରତାପଶାଳୀ ଥିଲେ, ଏହା ସୁପ୍ରସିଦ୍ଧ— "ବୀର ଶ୍ରୀ ଗଜପତିଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱର ବୀରାଧିବୀରବର"—ଅଭିଧାନରୁ ସ୍ପଷ୍ଟ ପ୍ରତୀୟମାନ ହେବ । ଏଥିରୁ ଜଣା-ଯାଏ ଯେ ଗଜପତିବଂଶୀୟ ରାଜାମାନଙ୍କ ସମୟରେ ଅଧୁନାତନ ମାନ୍ଦ୍ରାଜ ଗବର୍ଣ୍ଣର ଓ ବଙ୍ଗଳାର ଲେପ୍ଟେନେଣ୍ଟ ଗବର୍ଣ୍ଣରଙ୍କର ଅଧିକୃତ ଅଧିକାଂଶ ପ୍ରଦେଶ ଓଡ଼ିଶା ରାଜାଙ୍କର କରଗତ ଥିଲା । ହିନ୍ଦୁ ରାଜାମାନଙ୍କ କୀର୍ତ୍ତିକଳାପ ବର୍ତ୍ତମାନ ସୁଦ୍ଧା ଅନେକ ସ୍ଥଳରେ ବିଦ୍ୟମାନ ଥିଲେ ହେଁ ପୁରୁଷୋତ୍ତମ ଓ ଭୁବନେଶ୍ୱରରେ ପ୍ରଧାନ ରହି-ଅଛି । ରାଜଧାନୀ ପୁରୀରୁ ସ୍ଥାନାନ୍ତରିତ ହୋଇ କିଯ୍ଦିବସ ପରେ କଟକରେ ଅବସ୍ଥାପିତ ହୋଇଥିଲା । ତହିଁର ନିଦର୍ଶନ-ସ୍ୱରୂପ ବାରବାଟୀ ଦୁର୍ଗର ଭଗ୍ନାବଶେଷ ରାଜପୁରୁଷମାନଙ୍କର ବିଳାସ ଓ କ୍ରୀଡ଼ାର ନିକେତନ ହୋଇ ମହାନଦୀ କୂଳରେ ବିରାଜିତ । ଓଡ଼ିଶାର ରାଜାମାନେ ଏହିଠାରେ ରହି ସମଗ୍ର ଉତ୍କଳ-ଖଣ୍ଡକୁ ସୁଶାସିତ କରୁଥିଲେ । ଗଡ଼ଜାତର ରାଜାମାନେ ପୁରୀ ରାଜାଙ୍କର ଅଧୀନସ୍ଥ ଥିଲେ । ପୁରୀର ରାଜା ସମସ୍ତ ଗଡ଼ଜାତ ଓ ମୋଗଲବନ୍ଦୀ ଅଞ୍ଚଳ ସହ ଜଗନ୍ନାଥ ଦେବଙ୍କ ରାଜା ବୋଲି ସମଗ୍ର ଭାରତ ଖଣ୍ଡରେ ପୂଜିତ ଥିଲେ ।

ଗଡ଼ଜାତ ରାଜାମାନଙ୍କର ପୁରୀ ରାଜାଙ୍କର ନଜରରେ ଖଟଣି ଥିବାର ପ୍ରବାଦ ପ୍ରଚଳିତ ଅଛି । କିନ୍ତୁ ସେମାନେ ଯେ ସ୍ୱୀୟ ରାଜ୍ୟ ମଧ୍ୟରେ ସ୍ୱାଧୀନ ଭାବରେ ପ୍ରଜା ଶାସନ କରୁଥିଲେ, ଏଥିରେ ଦ୍ୱିରୁକ୍ତି ନାହିଁ । ମୟୂରଭଞ୍ଜ ଓ କେନ୍ଦୁଝର ପୂର୍ବରେ ଏକ ରାଜାର

ଅଧୀନରେ ଥିଲା, କିନ୍ତୁ କେନ୍ଦୁଝରର ଭୂୟାଁମାନଙ୍କର ବାଣପଦା ଯାଇ ରାଜାଙ୍କ ଦର୍ଶନ ଲାଭ ବଡ଼ କ୍ଳେଶ ଦାୟକ ଥିବାରୁ ସେମାନେ ମୟୂରଭଞ୍ଜ ରାଜାଙ୍କର ଏକ ଗୋଟି ପୁତ୍ରକୁ ନେଇ କେନ୍ଦୁଝର ଗଡରେ ସ୍ଥାପିତ କଲେ; ତଦବଧି କେନ୍ଦୁଝର ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ସ୍ୱରୂପ ପରିଗଣିତ ହୋଇ ଆସୁଅଛୁ । ଆୟତନରେ ଏହା ମୟୂରଭଞ୍ଜର ଦ୍ୱିତୀୟ ସ୍ଥାନୀୟ । ଉଭୟ ରାଜ୍ୟର ସମଷ୍ଟି ବର୍ଗଫଳ ସମଗ୍ର ଉତ୍କଳର ଅର୍ଦ୍ଧାଂଶରୁ ଅଧିକ ।

ପଠାଣ ଓ ମୋଗଲ୍ ମାନଙ୍କ ସମୟରେ ଗଡଜାତ ରାଜାଙ୍କ ରାଜ୍ୟ ଶାସନ କ୍ଷମତା ଅପ୍ରତିହତ ଥିଲା । ମୋଗଲଙ୍କର ପତନ ହେବାରୁ ମହାରାଷ୍ଟ୍ରୀୟଙ୍କର ଅଭ୍ୟୁତ୍‌ଥାନ ହେଲାରୁ ସେମାନେ କେବଳ ଦେଶଲୁଣ୍ଠନ କାର୍ଯ୍ୟରେ ବ୍ୟାପୃତ ଏବଂ ରାଜ୍ୟ ଶାସନ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଉଦାସୀନ ଥିଲେ । କାଳନେମୀର ପରିବର୍ତ୍ତନରେ ମରହଟ୍ଟାଙ୍କ ହସ୍ତରୁ ଯାଇ ଓଡ଼ିଶା ଇଂରେଜ ବଣିକଙ୍କର ଅଧୀନ ହେଲା । ଏହି କ୍ଷୁଦ୍ର ରାଜାମାନଙ୍କ ସହିତ ବଣିକ ସମ୍ପ୍ରଦାୟ, ଦେଶର ଆଭ୍ୟନ୍ତରିକ ଶାସନ ସମ୍ବନ୍ଧରେ କୌଣସି ଚୁକ୍ତି କରିନଥିଲେ । ଉଭୟ ପକ୍ଷଙ୍କ ମଧ୍ୟରେ ଯେଉଁ ସନ୍ଧିପତ୍ର ସ୍ୱାକ୍ଷରିତ ହୋଇଥିଲା, ତହିଁରୁ ସ୍ପଷ୍ଟ ଜଣାଯାଏ ଯେ, ଏହି ରାଜାମାନଙ୍କୁ ଇଂରେଜମାନେ ବହିରାକ୍ରମଣରୁ ରକ୍ଷା କରିବେ ଓ ତଦ୍‌ବିନିମୟରେ ରାଜାମାନେ ଯଥାକଥିତ କର ପ୍ରଦାନ କରି ରକ୍ଷାଦାତାଙ୍କର ଆଧିପତ୍ୟ ସ୍ୱୀକାର କରିବେ ଏବଂ ଏତଦ୍‌ବ୍ୟତୀତ ଇଂରେଜ ଫୌଜ ଏ ରାଜାମାନଙ୍କ ରାଜ୍ୟ ମଧ୍ୟ ଦେଇ ଗତାୟାତ ସମୟରେ ରାଜାମାନେ ଉପଯୁକ୍ତ ରସଦ ଆଦି ଯୋଗାଇବାକୁ ବାଧ୍ୟ ହେବେ । ସନ ୧୮୦୩ ଖ୍ରୀ:ରେ ଓଡ଼ିଶା ଇଂରେଜାଧିକୃତ ହେଲା ଦିବସରୁ, ବଙ୍ଗଳାର ଡେପୁଟୀ ଗବର୍ଣ୍ଣରଙ୍କର ଅଧୀନରେ ଗଡ଼ଜାତ ମହାଲର ସୁପରିଣ୍ଟେଣ୍ଡେଣ୍ଟଙ୍କ ପରାମର୍ଶରେ ରାଜାମାନେ ପୂର୍ବବତ୍ ସ୍ୱକୀୟ ରାଜ୍ୟ ମଧ୍ୟରେ ଶାସନ କ୍ଷମତା ଅକ୍ଷୁର୍ଣ୍ଣ ଭାବରେ ପରିଚାଳନ କରୁଥିଲେ । ଅଶିକ୍ଷିତ ରାଜାମାନଙ୍କ ହସ୍ତରେ ପ୍ରଜାବର୍ଗଙ୍କର ଜୀବନ ଓ ସମ୍ପତ୍ତି ନ୍ୟସ୍ତ ଥିବାରୁ, ଅନେକ ସମୟରେ ସେମାନେ କ୍ଷମତାର ଅପବ୍ୟବହାର କରୁଥିଲେ, ଏଥିରେ ସନ୍ଦେହ ନାହିଁ । ସନ ୧୮୧୦ ଖ୍ରୀ:ଅ :ରେ ନୟାଗଡ଼ର ଏକ ରାଜା ଏକ ଜଣ ଚୋରକୁ ଏକ ତରଫା ବିଚାର କରି ଫାଶିକାଠରେ ଝୁଲାଇ ଦେଲେ । ସନ ୧୮୩୮ ଖ୍ରୀ : ଅ : ରେ କଣ୍ଟିଲାଙ୍କର ଏକ ରାଜା ଏକଗୋଟି ବ୍ରାହ୍ମଣ ପରିବାରକୁ ଅତି ନିଷ୍ଠୁର ଭାବରେ ସବଂଶରେ ନିହତ କରି, ରାଜଚ୍ୟୁତ ହେଲେ ଏବଂ କଣ୍ଟିଲା ବାକି ଇଂରେଜଙ୍କର ଅଧିକାରଭୁକ୍ତ ହେଲା । ଏହି ଘଟନାର ଦଶ ବର୍ଷ ଅତୀତ ନ ହେଉଣୁ ଅନୁଗୁଳର ରାଜା ସୋମନାଥ ସିଂହ ବୀରବରମର୍ଦ୍ଦରାଜ ଜଗଦେବ ବିଦ୍ରୋହୀ ହୋଇ ସିଂହାସନ ଚ୍ୟୁତ ହେଲେ ଏବଂ ଅନୁଗୁଳ ବାକିପରି ଇଂରେଜ ଖାସ ମହାଲରେ ପରିଣତ ହେଲା । ଏହି ସମୟରେ ବୌଦର ରାଜା ତାଙ୍କର ଅଧିନସ୍ଥ କନ୍ଧମାଳର କନ୍ଧମାନଙ୍କୁ

ଦମନ କରିବାକୁ ଅକ୍ଷମ ହୋଇ କନ୍ଧମାଳକୁ ଇଂରେଜଙ୍କ ହସ୍ତରେ ସମର୍ପଣ କଲେ । ଏହି ଘଟଣାର ଅବ୍ୟବହିତ ପରେ କେନ୍ଦୁଝରର ରାଜା ତୀର୍ଥାଟନରେ ଯାତ୍ରା କରି ପରଲୋକଗତ ହେଲାରୁ ଇଂରେଜ ଗବର୍ଣ୍ଣମେଣ୍ଟ ତାଙ୍କର ପୃଷ୍ଠ ବିବାହିତା ସ୍ତ୍ରୀଙ୍କର ଗର୍ଭଜାତ ପୁତ୍ରଙ୍କୁ ଗାଦିରେ ବସାଇବାରେ, କେନ୍ଦୁଝରସ୍ଥ ଭୂୟାଁମାନେ ଯେଉଁ ବିଦ୍ରୋହାଗ୍ନି ପ୍ରଜ୍ଜ୍ୱଳିତ କରିଥିଲେ ତାହା ଆମ୍ଭମାନଙ୍କର ଏହି କ୍ଷୁଦ୍ର ଆଖ୍ୟାୟିକାର ଚରିତ ଅଟେ ।

## ଦ୍ୱିତୀୟ ପରିଚ୍ଛେଦ ।

## ସରଦାର ରତ୍ନାକର ସିଂହ ଗଡ଼ନାୟକ ।

ବୈତରଣୀ ନଦୀତୀରରେ ଏକଗୋଟି ପ୍ରାଚୀର ଓ ପରିଖାବେଷ୍ଟିତ ଦୁର୍ଗ ଲକ୍ଷିତ ହୁଏ । ଏ ଦୁର୍ଗଟି ସାଧାରଣରେ ଜୟନ୍ତୀଗଡ଼ ନାମରେ ପରିଚିତ । ଗଡ଼ଟି ଏକଗୋଟି ନାତିଦୀର୍ଘ ନଗର ବିଶେଷ । ଦୁର୍ଗ ସ୍ୱାମୀଙ୍କର ନିବାସ ... ... ... ... — ... ବହିର୍ଦ୍ୱାରରୁ ନିବାସ ବା ଉଦ୍ୟାନର ସିଂହଦ୍ୱାର ପର୍ଯ୍ୟନ୍ତ ଏକ ସୁଦୀର୍ଘ ରାଜପଥବିସ୍ତୃତ । ରାଜପଥର ଉଭୟ ପାର୍ଶ୍ୱରେ ବ୍ରାହ୍ମଣ ପ୍ରମୁଖ ନାନା ବର୍ଣ୍ଣର ଲୋକଙ୍କର ବସତି ଓ ପଣ୍ୟବୀଥିକା । ଦୁର୍ଗର ଦକ୍ଷିଣ ଓ ପଶ୍ଚିମ ବେଷ୍ଟନ କରି ପୁଣ୍ୟତୋୟା ବୈତରଣୀ ପ୍ରବାହିତା ଏବଂ ଉତ୍ତର ଦିଗରେ ପର୍ବତ ଓ ଅରଣ୍ୟାନୀ । ସରଦାର ରତ୍ନାକର ସିଂହ ଗଡ଼ନାୟକ, ସମଗ୍ର ଓଡ଼ିଶା ମଣ୍ଡଳରେ ରତନ ଗଡ଼ନାୟକ ନାମରେ ବିଖ୍ୟାତ, ଏ ଦୁର୍ଗର ସ୍ୱାମୀ । ସେ କ୍ଷତ୍ରିୟ ବଂଶଜ ଜଣେ ତେଜସ୍ୱୀ ପୁରୁଷ । ତାଙ୍କର ବର୍ଣ୍ଣ ଉଜ୍ଜ୍ୱଳ ଶ୍ୟାମ, ବ୍ୟୂଢ଼ୋରସ୍କୋବୃଷସ୍କନ୍ଧଃ, ଶାଳପ୍ରାଂଶୁର୍ମହାଭୁଜଃ, ଆୟତ ରକ୍ତିମଲୋଚନ ଓ ସୁନ୍ଦର ମୁଖଶ୍ରୀ ବୀରତ୍ୱର ପରିଚୟ ଦେଉଥିଲା । ସେ ଧୃତ ହେଲା ଉତ୍ତାରୁ କର୍ଣ୍ଣେଲ ଡାଲ୍‌ଟନ ଏବଂ ରେଭନ୍‌ସା (Col Dolton & T.E. Ravenshaw) ସାହେବମାନେ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ରିପୋର୍ଟ ପ୍ରେରଣ କରିଥିଲେ, ତହିଁରେ ସ୍ପଷ୍ଟ ଉଲ୍ଲେଖ କରିଥିଲେ ଯେ, ରତ୍ନାକର ଗଡ଼ନାୟକଙ୍କୁ ଦେଖିଲେ ସେ ଜଣେ ବୀରପୁରୁଷ ଓ ଲୋକମାନଙ୍କ ଉପରେ ପ୍ରଭୁତ୍ୱ କରିବା ସକାଶେ ଜନ୍ମଗ୍ରହଣ କରିଥିବାର ପ୍ରତୀୟମାନ ହେଉଥିଲା । ତାଙ୍କର ବୟସ ଚତ୍ୱାରିଂଶତ୍ ଅତିକ୍ରମ କରିଥିଲେ ହେଁ ଅଙ୍ଗପ୍ରତ୍ୟଙ୍ଗ ସବୁ କ୍ଷିପ୍ରକାରିତା ଶୂନ୍ୟ ହୋଇ ନଥିଲା । କୁଳରେ, ଶୀଳରେ ଓ ବିଦ୍ୟା ବୁଦ୍ଧିରେ ସେ ରାଜାଙ୍କର ଦ୍ୱିତୀୟ ସ୍ଥାନୀୟ ଏବଂ ସମଗ୍ର ରାଜ୍ୟର ପ୍ରଜାବର୍ଗଙ୍କର ବିଶେଷ ସମ୍ମାନାର୍ହ ଥିଲେ । ଏପରି ବ୍ୟକ୍ତିଙ୍କ ସ୍କନ୍ଧରେ ରାଜା ସେନା ନାୟକତ୍ୱ ଅର୍ପଣ କରି ନିଶ୍ଚିନ୍ତ ଥିଲେ । ଗଡ଼ନାୟକ ସାହିତ୍ୟ ଦର୍ଶନାଦି ପାଠକରି ପ୍ରଭୂତ ଜ୍ଞାନାର୍ଜ୍ଜନ କରିଥିଲେ । ପ୍ରତ୍ୟହ ବୈତରଣୀରେ ପ୍ରାତଃସ୍ନାନାଦି ସମାପନ କରି, ଦେବାର୍ଚ୍ଚନ ଉତ୍ତାରୁ ସେ ନିୟମିତ ରୂପେ ଶ୍ରୀମଦ୍‌ଭାଗବତ ଓ ଗୀତା ପାଠ କରନ୍ତି । ସେ ଏପରି ନିଷ୍ଠାବାନ

ସୁରୁଷ ଯେ ଅତିଶୟ କାର୍ଯ୍ୟବ୍ୟଗ୍ର ଥିଲେହେଁ ଶ୍ଳୋକଂ ବା ଶ୍ଳୋକାର୍ଦ୍ଧଂ ବା ପାଠ ନ କରି ଜଳଗ୍ରହଣ କରନ୍ତି ନାହିଁ । ଦେବାର୍ଚ୍ଚନ କାର୍ଯ୍ୟ ଶେଷ ହେଲେ, ମଧ୍ୟାହ୍ନ ଭୋଜନର ପୂର୍ବରେ ସେ ... ... ... ମୋଚନ କରନ୍ତି । ପୀଡ଼ିତ ବ୍ୟକ୍ତିର ଉତ୍ତମ ଚିକିତ୍ସା ଓ ଶୁଶ୍ରୂଷାର ବ୍ୟବସ୍ଥା କରନ୍ତି । କାହାର ଖାଦ୍ୟ ବା ବସ୍ତ୍ରର ଅଭାବ ଥିଲେ ତାହା ପୂରଣ କରନ୍ତି । କୌଣସି ବ୍ୟକ୍ତି କୁପଥଗାମୀ ବା ଅଳସ ହେଉଥିଲେ ; ତାହାଙ୍କୁ ସଦୁପଦେଶ ଦେଇ ସତପଥକୁ ଆନୟନ କରନ୍ତି । ଏପରି ବ୍ୟକ୍ତିଙ୍କୁ ଯେ ଦୁର୍ଗବାସିମାନେ ଦେବତା ତୁଲ୍ୟ ଭକ୍ତି ଓ ସମ୍ମାନ କରିବେ, ବୋଲିବା ବାହୁଲ୍ୟ । ଦୁର୍ଗସ୍ୱାମୀ ଦୁର୍ଗର ଅନ୍ୟାନ୍ୟ ସ୍ଥାନ ପରିଦର୍ଶନ କରି ଏକ ବୃଦ୍ଧା ବ୍ରାହ୍ମଣୀର ଆବାସରୁ ନିକଟସ୍ଥ ହେଲେ । ଏହିବିଷୟ ସମ୍ବନ୍ଧରେ ଦୁଇ ଏକ କଥା ବୋଲିବାର ଆବଶ୍ୟକ । ବୃଦ୍ଧାର ସ୍ୱାମୀଙ୍କର ଶାସନ ମହାଜନଙ୍କ ମଧ୍ୟରେ ଏକଗୋଟି ଭାଗ ଥିଲା । ସେହି ବୃତ୍ତିର ଉପସତ୍ୱ ଏବଂ ବ୍ରାହ୍ମଣୋଚିତ ଭିକ୍ଷାଦ୍ୱାରା ସେ ଯେନତେନ ପ୍ରକାରେଣ ସଂସାର ଯାତ୍ରା ନିର୍ବାହ କରୁଥିଲା । ଏକ ଗୋଟି କନ୍ୟା ଓ ଶିଶୁପୁତ୍ର ରଖି ସେ ଅକାଲ କାଳଗ୍ରାସରେ ପତିତ ହେଲେ । ବ୍ରାହ୍ମଣକୁଳ ରୀତି ଅନୁସାରେ କନ୍ୟାଟିକୁ ଅତି ବାଲ୍ୟାବସ୍ଥାରେ ବିବାହ ଦେଇ କନ୍ୟା ଦକ୍ଷିଣା ସ୍ୱରୂପ କିଞ୍ଚିତ ଅର୍ଥଲାଭ କରିଥିଲେ, କିନ୍ତୁ ହତଭାଗିନୀ କୁଲ ସ୍ୱାମୀଗୃହ ଦର୍ଶନ କରିବା ପୂର୍ବରେ ବିଧବା ହେବାରୁ ପିତ୍ରାଳୟରେ ମାତୃସେବାରେ ଜୀବନ ଅତିବାହିତ କରୁଅଛି । ବ୍ରାହ୍ମଣୀ ନିଜର ଓ କନ୍ୟାର ବୈଧବ୍ୟକୁ ଉପେକ୍ଷା କରି, ଶିଶୁସନ୍ତାନଟିକୁ ଜୀବନର ପ୍ରଦୀପ ସ୍ୱରୂପ ଲାଳନ ପାଳନ କରୁଥିଲା । କିନ୍ତୁ ଦୈବଦୁର୍ବିପାକବଶତଃ ପାଞ୍ଚବର୍ଷ ବୟସ ସମୟରେ ଶିଶୁ ଶଶିଭୂଷଣ ନିରୁଦ୍ଦେଶ ହେଲା । ସାଧାରଣଙ୍କର ବିଶ୍ୱାସ ଯେ ଭୂୟାଁମାନେ ମେଣିଆ ଦେବା ସକାଶେ, ବୃଦ୍ଧାର ପୁଅକୁ ଅପହରଣ କରିଥିଲେ । ଉପର୍ଯ୍ୟୁପରି ଏତେଗୁଡ଼ିଏ ଦୁର୍ଘଟଣା ମୁଣ୍ଡ ଉପରେ ପଡ଼ିଲାରୁ ବ୍ରାହ୍ମଣୀର ମତି ଭ୍ରଷ୍ଟହେଲା, କିନ୍ତୁ ତାହାର ଉନ୍ମତ୍ତତାର ଏତିକି ବିଶେଷତ୍ୱ ଯେ ତାହାର ଧ୍ରୁବବିଶ୍ୱାସ ଅଛି ତାହାର ପୁଅ ଏକ ଦିନ ଗୃହକୁ ପ୍ରତ୍ୟାଗମନ କରିବ । ଏହି ବିଶ୍ୱାସକୁ ସେ ବିଂଶତି ବର୍ଷ ହେଲା ପୋଷଣ କରୁଅଛି । ଦୁର୍ଗସ୍ଥ ଦୁଷ୍ଟ ବାଳକବାଳିକା ତାହାକୁ 'ବାୟାଣୀ' ବୋଲି ଡାକନ୍ତି ଓ ଏପରି ଡାକିଲେ ସେ ଅତିଶୟ କୁପିତା ହୁଏ । ଦୂରରୁ ଦୁର୍ଗସ୍ୱାମୀଙ୍କ ଆସିବାର ଦେଖି ବୃଦ୍ଧା ଆହ୍ଲାଦରେ ସମୀପବର୍ତ୍ତୀ ... ... ...

"ମୋ ବାପ ରତ୍ନାକର ଆସିଛି । ମୋ ବାପକୁ ଦେଖିଲେ, କାଠ ପାଷାଣ ସୁଧା ତରଳି ଯାଏ । ବାପା, ସତ କହିଲ, ମୁଁ କି ବାୟାଣୀ ; ମତେ ଅଲାଜୁକିଆମାନେ କହୁଅଛନ୍ତି ବାୟାଣୀ । ମୁଁ କାହିଁକି ବାୟାଣୀ ହେବି ; ତାଙ୍କର ମା ମାଉସୀମାନେ ବାୟାଣୀ ହେଉନ୍ତୁ ।"

ରତ୍ନାକର କହିଲେ :— "ନା ନା, କିଏ ଏପରି କହେ ? ଯେ କହେ ସେ ଦୁଷ୍ଟ । ତମେ ବାୟାଣୀ ହେଲେ ଆଉ ରକ୍ଷା ଅଛି ?"

ବୃଦ୍ଧା କହିଲା— "ବାପା ତୁ କୋଟି ପରମାୟୁ ହୋଇ ବଞ୍ଚିଥା । ମୋ ବାପ ଶଶୀଭୂଷଣ—ମୋ ଚନ୍ଦ୍ରମା କେଉଁଠି ଅଛୁ—ମୋ ଧନ କେଉଁ ବାଟ ଗୃହିଁ ବସି ରହିଅଛୁ, ତୁ କାହିଁକି ବିଳମ୍ବ କରୁଅଛୁ । ଏହିତ ମୋ ବାପ ହସୁଛି—ମୁଁ ଦେଖୁଛି—ଆ ଆ ମୋ ବାପ; ଆଉ ମତେ କଷ୍ଟ ଦେ ନା । ରତ୍ନାକର ବାପ, ସତେକି ମୋ ବାପ ଆଉ ଆସିବ ନାହିଁ ।

ରତ୍ନାକର— "ହଁ ମା ତମେ ସ୍ଥିର ହୁଅ, ଶଶୀ ଶୀଘ୍ର ଆସିବ ।

ବୃଦ୍ଧା—"ତୁହି ଖାଲି ଏପରି କଥା କହୁ ; ଆଉ ସମସ୍ତେ ମତେ ଥଟ୍ଟା କରନ୍ତି ।"

ଦୁର୍ଗସ୍ୱାମୀ ବସ୍ତ୍ରାଞ୍ଚଳରୁ ଏକଫେଣା ସୁପକ୍ୱ ଅମୃତପାଣି କଦଳୀ ବାହାର କରି ବୃଦ୍ଧାର ସମ୍ମୁଖରେ ସ୍ଥାପନ କଲେ । ବୃଦ୍ଧା ତଦ୍ଦୃଷ୍ଟେ ଆନନ୍ଦରେ ପ୍ରଫୁଲ୍ଲ ହୋଇ କହିଲା— "ପୋଡ଼ା ମୁହିଁ କୁନ୍ଦ କୁଆଡ଼େ ଗଲା । ଆଲୋ ! କୁନ୍ଦ ପୋଡ଼ାମୁହିଁ ଧାଇଁ ଆ ଦେଖ, ରତ୍ନାକର ବାପ କଣ ଆଣିଛି ?"

କିନ୍ତୁ କୁନ୍ଦ ଆସିବା ପୂର୍ବରେ ଦୁର୍ଗସ୍ୱାମୀ ବୃଦ୍ଧାକୁ ପ୍ରଣାମ କରି ସେଠାରୁ ନିଷ୍କ୍ରାନ୍ତ ହେଲେ ।

## ତୃତୀୟ ପରିଚ୍ଛେଦ

### (ବିପ୍ଳବ ଆରମ୍ଭ)

ସନ୍ଧ୍ୟା ଅତୀତ ହୋଇଅଛି । ଦୁର୍ଗସ୍ୱାମୀ ସାନ୍ଧ୍ୟବନ୍ଦନାଦି ସମାପନ କରି ଚୌପାଢ଼ୀରେ ଆସୀନ । ନିକଟରେ କୁଳ ପୁରୋହିତ ପୁରୁଷୋତ୍ତମ ପଞ୍ଚକୋଷୀ ବସିଅଛନ୍ତି ଏବଂ ଦୁର୍ଗସ୍ଥ ଅନେକ ଭଦ୍ରବ୍ୟକ୍ତି ମଣ୍ଡଳୀ ହୋଇ ବସି ନାନାବିଷୟ ସମାଲୋଚନା କରୁଅଛନ୍ତି । କେତେକ ଦିବସ ହେଲା, ସନ୍ଧ୍ୟା ସମୟରେ ମଧ୍ୟ ଆକାଶରେ ଗୋଟିଏ ଧୂମକେତୁ ଦୃଷ୍ଟ ହେଉଅଛି । ତାହା ଆଜିକା ସଭାର ପ୍ରସଙ୍ଗ । ବୋଲିବା ବାହୁଲ୍ୟ ଯେ ସୌରଜଗତର ପୃଥିବୀ କେନ୍ଦ୍ରସ୍ଥଳ ଏବଂ ସୂର୍ଯ୍ୟଦେବ ଏକଚକ୍ରରଥରେ ସାତଘୋଡ଼ା ଦ୍ୱାରା ଟଣା ହୋଇ ପୃଥିବୀକୁ ପ୍ରତିଦିନ ପ୍ରଦକ୍ଷିଣ କରୁଅଛନ୍ତି; ଏହି ମତାବଲମ୍ବୀ ସଭ୍ୟମାନେ ଥିଲେ । ସୁବିଖ୍ୟାତ ଗ୍ୟାଲିଲିଓ ଏହି ମତର ପ୍ରଥମ ପ୍ରତିବାଦ କରି କାରାଗାରରେ ନିକ୍ଷିପ୍ତ ହୋଇଥିଲେ । ସଭ୍ୟମାନେ ଗାଲିଲିଓଙ୍କୁ ପାଇଲେ କଣ କରନ୍ତେ ଏହା ଗୋଟିଏ କୌତୂହଳୋଦ୍ଦୀପକ ବିଷୟ ଅଟେ । ସଭ୍ୟମାନଙ୍କ ମଧ୍ୟରେ ଖ୍ରୀମ ଜେନା ବୁଦ୍ଧିମାନ ବୋଲି ଖ୍ୟାତି ଲାଭ କରିଥିଲେ । ସେ ଜାଣେ ଯେ ଅଖଣ୍ଡମଣ୍ଡଳାକାର ଜଗତରେ ସୂର୍ଯ୍ୟ ଅନ୍ତଃସୀମା ଚତୁର୍ଦ୍ଦିଗରୁ କିପରି ପ୍ରାଚୀର ଦ୍ୱାରା ଜଗତ ମଣ୍ଡିତ,

ଆମ୍ଭମାନଙ୍କର କୌତୂହଳ ଚରିତାର୍ଥ କରିବା ସକାଶେ ଜେନା ମଜଲୁରି ଲିପିବଦ୍ଧ କରି ଭର ଯାଇ ନାହାନ୍ତି । ସେ କହିଲେ :—

"ଆଚ୍ଛା ଏତ ବଡ ବିଷମ କଥା । ଲାଙ୍ଗୁଡ଼ିଆ ତାରାଟା ସୂର୍ଯ୍ୟଦେବଙ୍କର ରଥ ଯିବା ବାଟରେ ପଡ଼ୁଅଛି; ତେବେ ରଥର ଓ ତାହାର ସଙ୍ଘର୍ଷ ହେଉ ନାହିଁ କପରି ? ପଞ୍ଚଯୋଷୀ କହିଲେ—"ଅରୁଣ କି ଯେ ସେ ସାରଥି, ବିଷ୍ଣୁଙ୍କର ଦାରୁକ, ଇନ୍ଦ୍ରଙ୍କର ମାତଲୀ ଏବଂ ସୂର୍ଯ୍ୟଙ୍କର ଅରୁଣର ତୁଳନା ନାହିଁ । ଲାଙ୍ଗୁଡ଼ିଆ ତାରା ଓ ସୂର୍ଯ୍ୟଙ୍କର ସଂଘଟ ହେଲେ, ମହାପ୍ରଳୟ ହେବ । ପ୍ରତି ୭୦ କି ୭୫ ବର୍ଷରେ ଥରେ ଲେଖାଏଁ ଗୋଟିଏ ଧୂମକେତୁ ଦେଖାଯାଏ, ତାହାହେଲେ ପ୍ରତ୍ୟେକ ୭୦।୭୫ ବର୍ଷରେ ମହାପ୍ରଳୟ ହେଉଥାନ୍ତା ।

ରତ୍ନାକର—"ଏ ସବୁ ବିଷୟର ଆଲୋଚନା ନିଷ୍ପ୍ରୟୋଜନ । ଋଷିମାନେ ଜ୍ଞାନବଳରେ ଗ୍ରହଣ ଓ ପରାଗ ଗଣନା କରୁଥିଲେ । ଧୂମକେତୁ ସବୁ କେଉଁଠାରୁ ଆସନ୍ତି ଓ କେଉଁଠାକୁ ଯାନ୍ତି, ତାହା ସେମାନେ ଅବଗତ ହୋଇଥିଲେ, ଅମ୍ଭମାନଙ୍କୁ ଅବଶ୍ୟ ଜଣାଇଥାନ୍ତେ । ଆକାଶ ଅସୀମ ଅନନ୍ତ ; ଯେଉଁ ଦିଗକୁ ଦୃଷ୍ଟି ଦିଅ ସୀମା ନାହିଁ । ଦୁର୍ଗପ୍ରାଚୀର ପରି କେଉଁଠାରେ ସୀମା ବେଷ୍ଟିତ ନୁହେଁ । ଏହି ଅସୀମ ଅନନ୍ତ ଆକାଶ ମହାକାଳ ମହାଦେବଙ୍କ ଲୀଳାକ୍ଷେତ୍ର । ମହାକାଳଙ୍କ ବକ୍ଷରେ ଥାଇ ମହାଶକ୍ତି ସୃଷ୍ଟି ସ୍ଥିତି ପାଳନ କରୁଅଛନ୍ତି । ତାହାଙ୍କର କୌଶଳ ଆମ୍ଭେମାନେ କୀଟାଣୁକୀଟ ବିଶେଷ କ୍ଷୁଦ୍ର ମନୁଷ୍ୟ କ'ଣ ବୁଝିବୁ ? ମହାପ୍ରଳୟ ନ ହେଉ ଧୂମକେତୁ ଉଦିତ ହେଲେ ପୃଥିବୀରେ ଅନେକ ଉତ୍ପାତ ଘଟନା ହୋଇଥାଏ, ଏହା ନିଶ୍ଚୟ ।"

ପଞ୍ଚଯୋଷୀ—ଲୋକାନାମୁପପ୍ଳବାୟ ଧୂମକେତୁରବୋଚ୍ଛ୍ରିତଃ ।

ରତ୍ନାକର—ଧୂମକେତୁ ଉଠିଲେ, ଦୁର୍ଭିକ୍ଷ, ମାରୀଭୟ, ରାଷ୍ଟ୍ରବିପ୍ଳବ, ରାଜାମାନଙ୍କର ବିନାଶ ଇତ୍ୟାଦି ଘଟିଥାଏ ।

ଶ୍ୟାମଜେନା—ଲାଙ୍ଗୁଡ଼ିଆ ତାରା ଯେ କେବଳ କେନ୍ଦୁଝରରେ ଉଠିଛି ଏପରି ନୁହେଁ ମୟୂରଭଞ୍ଜ, ଢେଙ୍କାନାଳ ଆଦିରାଜ୍ୟରେ ମଧ୍ୟ ଏହିପରି ଉଠୁଥିବତ ? ତାହା ହେଲେ କୋଉଁ ରାଜାଟି ମରିବେ ଦେଖିବା ?

ଏପରି କଥୋପକଥନ ସମୟରେ କେନ୍ଦୁଝର ଗଡ଼ରୁ ଆଗତ ଏକ ଦୂତ ଅବନତ ମସ୍ତକରେ କୃତାଞ୍ଜଳିପୁଟରେ ଦୁର୍ଗସ୍ୱାମୀଙ୍କୁ ନିବେଦନ କଲା :—

"ଶ୍ରୀ ରାମ୍ଭ ପ୍ରୟାଗ ତୀର୍ଥରେ ସ୍ୱର୍ଗାରୋହଣ କଲେ ।"

ଏହା ଶୁଣି ସଭାସ୍ଥ ସମସ୍ତେ ମୁଣ୍ଡରେ ଆକାଶ ଛିଣ୍ଡି ପଡ଼ିଲା ପରି କ୍ଷଣକାଳ କିଂକର୍ତ୍ତବ୍ୟ ବିମୂଢ଼ ନିର୍ବାକ ହୋଇ ରହିଲେ । ଦୂତ ପୁନର୍ବାର ଆରମ୍ଭ କଲା,—

"ତୀର୍ଥାଟନକୁ ଯିବା ପୂର୍ବରୁ ମହାରାଜା ପାଟମହାଦେଈଙ୍କୁ କହିଥିଲେ ପୁଣି ଶେଷ ସମୟରେ ଏକ ଆଜ୍ଞାପତ୍ର ଲେଖିଯାଇ ଅଛନ୍ତି, ତହିଁରେ ଆଜ୍ଞା କରି ଅଛନ୍ତି ଯେ, ବାବୁପଡ଼ାଠାରୁ ଶ୍ରେଷ୍ଠବଂଶ୍ୟ ବୃନ୍ଦାବନ ଚନ୍ଦ୍ର ଭଞ୍ଜଙ୍କୁ ଅଣାଇ ଗାଦିରେ ବସାଇବାକୁ ହେବ । ସେଥିପାଇଁ ପାଟମହାଦେଈଙ୍କ ଶ୍ରୀମୁଖରୁ ଆଜ୍ଞା ହୋଇଅଛନ୍ତି କି, ଶୀଘ୍ର ଅବିଳମ୍ବେ କେନ୍ଦୁଝର ଗଡ଼କୁ ବିଜେ କରନ୍ତୁ ।"

ଏଥି ଉତ୍ତାରୁ ଦୁର୍ଗସ୍ୱାମୀ ଦୂତକୁ ଉପଯୁକ୍ତ ପାରିତୋଷିକ ସହିତ ବିଦାୟ କରି, ନିଜେ ପ୍ରତ୍ୟୁଷରେ କେନ୍ଦୁଝର ଗଡ଼କୁ ଯିବାର ଆୟୋଜନ କରିବାରେ ବ୍ୟସ୍ତ ରହିଲେ ।

## ଚତୁର୍ଥ ପରିଚ୍ଛେଦ ।

( ପ୍ରେମିକ - ପ୍ରେମିକା )

ଦୁର୍ଗସ୍ୱାମୀଙ୍କର ପରିବାର ମଧ୍ୟରେ, ତାଙ୍କର ବୃଦ୍ଧାମାତା, ଖୁଡ଼ୀକାସ୍ୱୀ ଚନ୍ଦ୍ରଦେଈ ଓ ପରମା ସୁନ୍ଦରୀ ଭାର୍ଯ୍ୟା ସାବିତ୍ରୀ ଦେଈ ଥିଲେ । ତାଙ୍କର ସନ୍ତାନ ମଧ୍ୟରେ କେବଳ ଏକ ଗୋଟି ଆଲୋକସାମାନ୍ୟ ରୂପବତୀ କନ୍ୟାଥିଲେ । ଚନ୍ଦ୍ରକର ତୁଳାକାଙ୍କିତ ଛବିର ତୁଲ୍ୟ ସେ ସୁନ୍ଦରୀ ଥିଲେ ବୋଲି ପରିଜନମାନେ ତାଙ୍କର ଚନ୍ଦ୍ରଲେଖା ନାମ ରଖିଥିଲେ । ରତ୍ନାକରଙ୍କର ଜ୍ୟେଷ୍ଠ ସହୋଦର ପ୍ରଭାକର ସିଂହ । ସେ ସୂର୍ଯ୍ୟଙ୍କ ପରି ଦୀପ୍ତିମାନ ପୁରୁଷ ଥିଲେ ବୋଲି ପିତା ତାଙ୍କର ପ୍ରଭାକର ନାମକରଣ କରିଥିଲେ । ପ୍ରଭାକରଙ୍କର ଅପରାଧ ମଧ୍ୟରେ ସେ ଅତ୍ୟନ୍ତ ଦୟାଳୁଥିଲେ । କେହି ଦୁଃଖୀ ଦରିଦ୍ର ତାଙ୍କଠାରେ ଯାଚଞ୍ଜା କରି ବ୍ୟର୍ଥକାମ ହୋଇନଥିଲେ । କୌଣସି ଦୀନବ୍ୟକ୍ତି ତାହାଙ୍କୁ ଏକ ଖଣ୍ଡ ବସ୍ତ୍ର ମାଗିଲେ, ଅନ୍ୟ କିଛି ହସ୍ତଗତ ନ ହେଲେ, ସେ ଗୋଲ୍‌ଡସ୍ମିଥ୍‌ଙ୍କ ପରି ସ୍ୱୀୟ ପରିହିତ ବସ୍ତ୍ର ଦାନ କରି ଆପେ ଉଲଗ୍ନ ରହନ୍ତି । ଏଥିପାଇଁ ପିତା ପୁତ୍ରଙ୍କର ଅନେକଥର ମନାନ୍ତର ଘଟିଥିଲା । ପିତା, "ଯେଉଁ ବ୍ୟକ୍ତି ନିଜେ ଉପାର୍ଜ୍ଜନ କରିବାର କ୍ଲେଶ ନ ଜାଣେ, ତାହାର ପରାର୍ଜ୍ଜିତ ଅର୍ଥବ୍ୟୟ କରିବାର କୌଣସି ଅଧିକାର ନାହିଁ," ଏପରି ଗଞ୍ଜନା ପୁତ୍ରଙ୍କୁ ଦିଅନ୍ତି । ଆମ୍ଭମାନଙ୍କର ସମସ୍ତ ସମୟରେ ଏପରି ମନର ଅବସ୍ଥା ହୁଏ ଯେ, ଯେଉଁ

ମନ ଅନେକ ସ୍ଥଳରେ ଗୁରୁତର ଘଟଣାରେ ଅଟଳ ଓ ଅବିଚଳିତ ଥାଏ, ଗୋଟିଏ ଅତି ସାମାନ୍ୟ କଥାରେ ତାହା ଉଦ୍‌ବେଳିତ ହୋଇପଡ଼େ ଏବଂ ତହିଁରୁ ବିଷମୟ ଫଳ ପ୍ରସୂତ ହୁଏ । ପିତାଙ୍କର ପୁନଃ ୨ କଟୂକ୍ତିରେ ପ୍ରଭାକରଙ୍କର ଠିକ୍ ଏହିପରି ଅବସ୍ଥା ଘଟିଥିଲା । ସେ ଦିନେ ସ୍ନେହମୟୀ ଜନନୀ, ପ୍ରିୟା ମିଷ୍ଟଭାଷିଣୀ ପତିପରାୟଣା ଭାର୍ଯ୍ୟା ଓ ଲକ୍ଷ୍ମଣୋପମ ସହୋଦରଙ୍କ ମୁଖାପେକ୍ଷା ନ କରି, ଚୀରଧାରୀ ହୋଇ, ପରିଜନଙ୍କର ଅଜ୍ଞାତରେ ଆବାସରୁ ନିଷ୍କ୍ରାନ୍ତ ହେଲେ । ତଦୁତ୍ତାରୁ ତାଙ୍କର ଆଉ କୌଣସି ଉଦ୍ଦେଶ ରହିଲା ନାହିଁ । ବୃଦ୍ଧ ପିତା ଉପଯୁକ୍ତ ଦେବୋପମ ପୁତ୍ରଙ୍କର ଆଚରଣରେ ବ୍ୟଥିତ ଓ ପରିତାପାନଳରେ ଦଗ୍ଧ ହୋଇ ଅଚିରେ କାଳଗ୍ରାସରେ ପତିତ ହେଲେ । ପତି ବିରହାନନ୍ତର ଚନ୍ଦାଦେଈଙ୍କର କ୍ଳେଶ ଚରମ ସୀମା ପ୍ରାପ୍ତ ହୋଇଥିଲା ବୋଲିବା ବାହୁଲ୍ୟ । ତଥାପି ଇହ ଜୀବନରେ ସେ ଆଉ ଏକଥର ପତି-ଚରଣ-ଦର୍ଶନ-ସୁଖ-ଲାଭର ପ୍ରତ୍ୟାଶା ଛାଡ଼ିଲେ ନାହିଁ । କାଳ ସକଳ ବ୍ୟାଧିର ଅମୋଘ ଚିକିତ୍ସକ । କାଳସହକାରେ ଚନ୍ଦାଦେଈ ପୁଣି ମନକୁ ସ୍ୱାୟତ୍ତାଧୀନ କରି ଗୃହକର୍ମରେ ବ୍ୟାପୃତା ହେଲେ । ଶ୍ରୀମାନ ନାରାୟଣ ଭଞ୍ଜ ତାଙ୍କର ସ୍ୱପ୍ରସୂତ । ବାଳକର କନ୍ଦର୍ପଗଞ୍ଜନ ରୂପ ଲୋକଙ୍କର ମନୋମୁଗ୍ଧକାରୀ ଥିଲା । ଚନ୍ଦାଦେଈ ନାରାୟଣ ଭଞ୍ଜଙ୍କୁ ଆପଣା ନିକଟକୁ ଆଣି ପୁତ୍ର ନିର୍ବିଶେଷରେ ବାତ୍ସଲ୍ୟ ସହିତ ଲାଳନପାଳନ କରିବାକୁ ଲାଗିଲେ । ନାରାୟଣ ଭଞ୍ଜ ବୟସରେ ଚନ୍ଦଲେଖାଠାରୁ ତିନିଗୃଣ ବର୍ଷ ବଡ଼ । ଉଭୟ ଭ୍ରାତାଭଗିନୀ ବୁଲି ଏକତ୍ରରେ ବର୍ଦ୍ଧିତ ହେବାକୁ ଲାଗିଲେ । ଦୁହିଁଙ୍କୁ ଏକତ୍ରରେ ଦେଖିଲେ ଲୋକେ ଅନୁମାନ କରନ୍ତି ଯେ, ଶ୍ରୀ ଶ୍ରୀ ରାଧାକୃଷ୍ଣ ପୁନର୍ବାର ମର୍ତ୍ତ୍ୟରେ ଲୀଳା କରିବା ସକାଶେ ଯୁଗଳ ମୂର୍ତ୍ତିରେ ଆବିର୍ଭୂତ ହୋଇ ଅଛନ୍ତି । ଚନ୍ଦାଦେଈ ଉପହାସ ଛଳରେ ବାଳିକାକୁ କହନ୍ତି ଯେ ନାରାୟଣ ତାହାର ବର । ବାଳିକା ତଦୁତ୍ତରରେ କହେ—

"ବଡ଼ ମା, ବର କଣ ?"

ଚନ୍ଦାଦେଈ—"ତୋର ବାପା ତୋ ମା'ର ବର ।"

ଚନ୍ଦଲେଖା—"ସେ ତ ବେଶ୍" । —(ନାରାୟଣ ପ୍ରତି)
"ନନା, ତୁ ମୋର ବର ହେଲେ ମତେ ମାରିବୁ ନାହିଁ ଟି ?"

ନାରାୟଣ—"ଦୂର, ବାୟାଣି, ବର କ'ଣ କନିଆକୁ ମାରେ, ସେ ଗେଲ କରେ । ତୋର ମୋର ବାହା ହୋଇ ପାଲିଙ୍କିରେ ବସି, ବାଜା ବଜାଇ, ଘୋସନେଇ କରି ଯିବା, ଲୋକମାନେ ସବୁ ଦେଖୁଥିବେ ।"

ଚନ୍ଦଲେଖା—ବାଃ, ସେ'ତ ଭାରି ମଜା ହେବ । —ବଡ଼ମା, ଆମ୍ଭମାନଙ୍କର ବାହା କେବେ ହେବ ?"

ଚନ୍ଦାଦେଈ—'ତମେମାନେ ବର୍ତ୍ତମାନ ପିଲା, ବଡ଼ ହେଲେ ବାହା ହେବ' ।

ସାବିତ୍ରୀ ଦେଈଙ୍କର ନାରାୟଣ ଭଞ୍ଜଙ୍କୁ ଜାମାତୃ ପଦରେ ବରଣ କରିବାକୁ ଅନିଚ୍ଛା ନ ଥିଲା । ତେବେ ତାଙ୍କ କୁଳରେ ଶିଶୁକନ୍ୟା ବିବାହ ପ୍ରଥାର ପ୍ରଚଳନ ନଥିଲା । ଦୁର୍ଭାଗିନୀ କୁନ୍ଦର ଦଶା ଦେଖି, ଶିଶୁ କନ୍ୟାର ବିବାହର ସେ ସମ୍ପୂର୍ଣ୍ଣ ବିରୋଧୀ ଥିଲେ । ଏତଦ୍‌ବ୍ୟତୀତ ଚନ୍ଦ୍ରଲେଖା ତାଙ୍କର ଚକ୍ଷୁର ପିତୁଳା ସ୍ୱରୂପ ଥିଲା । ତାହାକୁ ହରାଇଲେ ସେ ଅନ୍ଧ ପ୍ରାୟ ହେବେ, ଏଣୁ ତାଙ୍କର ଇଚ୍ଛା ବିବାହ ଯେତେକାଳ ଦୀର୍ଘକାଳ ସ୍ଥଗିତ ରହିପାରେ ଭଲ । ଶୀଘ୍ର ବିବାହ ଦେବାର ଇଚ୍ଛା ତାଙ୍କର ନଥିଲେ ହେଁ, ବାଳକ ବାଳିକା ମନେ ବିବାହ ହୋଇ ବସିଲେ । ତାହା ଏହିରୂପେ ସଂଘଟିତ ହେଲା । ବାଳକ ବାଳିକା ଓ ସଙ୍ଗିନୀମାନେ ଦିନକରେ ବୈତରଣୀ କୂଳରେ ବିଚରଣ କରୁ, ଅନେକ ବନପୁଷ୍ପ ଆହରଣ କରି ସୁନ୍ଦର ମାଳାମାନ ଗୁନ୍ଥିଲେ । ଜଣେ ସଙ୍ଗିନୀ କହିଲା—"ଆଜି ଲେଖାର ଓ ଭଞ୍ଜଙ୍କର ବିବାହ ଦେବା" । ଏହା କହି ସଖୀମାନେ ଉଭୟଙ୍କୁ ପୁଷ୍ପ ସଜ୍ଜାରେ ଭୂଷିତ କଲେ । ଜଣେ ସଖୀ ପୁରୋହିତର ଅନୁକରଣ କଲା । ଚନ୍ଦ୍ରଲେଖା ଏକ ପୁଷ୍ପମାଳ୍ୟ ହସ୍ତରେ ଧରି ନାରାୟଣ ଭଞ୍ଜଙ୍କ ଗଳାରେ ପ୍ରଦାନ କଲା ଓ ସଖୀମାନେ ହୁଳୁଧ୍ୱନି ପ୍ରଦାନ କରି ବିବାହ କାର୍ଯ୍ୟ ସମାପନ କଲେ । ବାଳିକା ଗୃହକୁ ପ୍ରତ୍ୟାଗମନ କରି ଜ୍ୟେଷ୍ଠା ମାତାଙ୍କୁ କହିଲା—"ବଡ଼ ମା, ଆଜି ଆମ୍ଭମାନଙ୍କର ବିବାହ ହୋଇଗଲା" ।

ଚନ୍ଦ୍ରାଦେଈ ସହାସ୍ୟ ବଦନରେ ବାଳିକାର ମୁଖ ଚୁମ୍ବନ କରି କହିଲେ, 'ବେଶ୍ ହେଲା' । ସେହିଦିନଠାରୁ ନାରାୟଣ ଭଞ୍ଜ ତାହାର ବର ବୋଲି ବାଳିକା ମନରେ ସଂସ୍କାର ବଦ୍ଧମୂଳ ହେଲା । ଉଭୟେ ଏକତ୍ରରେ ଆହାର, ବିହାର, କ୍ରୀଡ଼ା, କୌତୁକ, ହାସ୍ୟ ପରିହାସ, ଅଧ୍ୟୟନ, ଶୟନ କରନ୍ତି । ଗୁଣନିଧି ବିଦ୍ୟାରତ୍ନ ଉଭୟଙ୍କୁ ବ୍ୟାକରଣ, କାବ୍ୟ, ସାହିତ୍ୟ ଆଦି ପାଠ କରାଇଲେ । ଉଭୟେ ସମାନ ବୁଦ୍ଧିର ତୀକ୍ଷ୍ଣତା ସହିତ, ହିତୋପଦେଶ, ନୀତିମାଳା, ରାମାୟଣ ଓ ମହାଭାରତର କେତେକ ଅଂଶ, ରଘୁ, କୁମାର, ଉତ୍ତର ଚରିତ, ଶକୁନ୍ତଳା, ମେଘଦୂତ ଆଦି ଗ୍ରନ୍ଥ ସମାପନ କଲେ । ଏହି ପ୍ରକାରେ ବାଳକ ବାଳିକାଙ୍କର ବାଲ୍ୟଲୀଳା ସମାପ୍ତ ହୁଅନ୍ତେ, ଚନ୍ଦ୍ରଲେଖା ବୟଃପ୍ରାପ୍ତା ହେଲା । ତାହାର ଶରୀର ଓ ମନର ପରିବର୍ତ୍ତନ ଆରମ୍ଭ ହେଲା । ସରଳ ଅଙ୍ଗ ଯଷ୍ଟିର ସଦ୍ୟ ପ୍ରସ୍ଫୁଟିତ ପୁଷ୍ପପରି ଶୋଭା ହେଲା । ମୁଖଶ୍ରୀ ପୂର୍ଣ୍ଣତା ଲାଭ କଲା । ବାହୁ ସୁଗୋଲ ଓ ବକ୍ଷସ୍ଥଳ ସ୍ଫୀତ ହେଲା । ବାଲ୍ୟସୁଲଭ ଚପଳତା ଏକବାରକେ ତିରୋହିତ ହୋଇ, ସେ ଗମ୍ଭୀରା ବାଳାରେ ପରିଣତ ହେଲା । ପୂର୍ବପରି ଆଉ ବାକ୍‌ପଟୁତା ନାହିଁ । ଯେଉଁ ନାରାୟଣ ଭଞ୍ଜର କଣ୍ଠଲଗ୍ନା ହୋଇ ବିଚରଣ କରିବାରେ ସେ କୁଣ୍ଠିତ ନ ଥିଲା, ଏବେ ତାହାଙ୍କୁ ସ୍ପର୍ଶ କରିବାକୁ ଭୀତା ହେଲା । ଉଭୟଙ୍କର ଦୃଷ୍ଟି ଏକତ୍ର ହେଲେ ସେ ଚକିତା ହୁଏ । ଏହା କି ଭାବ ? ପାଠିକାମାନେ ସମସ୍ତେ ଏହା ଥରେ ଜୀବନରେ ଅନୁଭବ କରିଅଛନ୍ତି; ଆପଣା ଆପଣାର ହୃଦୟକୁ ପଚାରନ୍ତୁ ଉତ୍ତର ପ୍ରାପ୍ତ ହେବେ ।

ନାରାୟଣ ଭଞ୍ଜଙ୍କୁ ତାଙ୍କର ମାତା ଅନେକ ଦିନ ହେଲା ଦେଖି ନାହାନ୍ତି । ସେ ଅତଏବ ଉତ୍କଣ୍ଠିତା ହୋଇ ପୁତ୍ରକୁ ସମୀପ ଆନୟନାର୍ଥ ଦୂତ ଓ ବାହନ — ହସ୍ତୀ ପ୍ରେରଣ କରିଅଛନ୍ତି । ପାର୍ବତ୍ୟ ଦେଶରେ ହସ୍ତୀ ବଡ ଉପକାରୀ ଓ ଆବଶ୍ୟକ ଜନ୍ତୁ । ଗଡଜାତ ରାଜାମାନେ କେବଳ ଶୋଭା ଓ ଶୌର୍ଯ୍ୟ ସକାଶେ ହସ୍ତୀ ରଖନ୍ତି ନାହିଁ । ହସ୍ତୀ ନ ହେଲେ ସେମାନେ ବନେ ଚଳି ପାରିବେ ନାହିଁ । ବାଟ ନାହିଁ; ଘାଟ ନାହିଁ, ପାହାଡ ପର୍ବତ, ଖାଲ ବିଲ, ହାତୀ କିଛି ନ ମାନି, ଆପଣା ବାଟ ଆପେ କରିଯାଏ । ପର ଦିବସ ପ୍ରତ୍ୟୁଷରେ ନାରାୟଣ ଭଞ୍ଜ ସ୍ୱଗୃହକୁ ଗମନ କରିବେ । ଅଦ୍ୟ ଅପରାହ୍ଣରେ ଚନ୍ଦ୍ରଲେଖା ଓ ନାରାୟଣ ଭଞ୍ଜ ବୈତରଣୀ କୂଳସ୍ଥ ଉପବନରେ ବିଚରଣ କରୁ ୨ ଏକ ବିସ୍ତୃତ ଉପଲ ଖଣ୍ଡ ଉପରେ ଉପବେଶନ କରି ବିଶ୍ରାମ ଲାଭ କଲେ । ପ୍ରକୃତି ଅପୂର୍ବ ଶୋଭା ଧାରଣ କରିଅଛି । ଉଭୟ ପାର୍ଶ୍ୱରେ ଶୁଭ୍ର ସୈକତ ରାଶି ମଧ୍ୟ ଦେଇ ଗଳିତ ରଜତ ଧାରା ପରି ବୈତରଣୀ ପ୍ରବାହିତା । ଅସ୍ତମୁଖ ସୂର୍ଯ୍ୟଙ୍କର ମୟୂଖ ସ୍ୱଚ୍ଛବାରି ଉପରେ ଝକ୍‌ଝକ୍ କରୁଅଛି । ଅପର ପାର୍ଶ୍ୱରେ ପର୍ବତ ଓ ଅରଣ୍ୟାନୀ ଚକ୍ଷୁ ପ୍ରୀତିକର ରମଣୀୟ ମୂର୍ତ୍ତି ଧାରଣ କରିଅଛି । ପର୍ବତ ଶିଖରର ପଶ୍ଚାତ୍‌ରେ ଜବାକୁସୁମ ସଙ୍କାଶ ସୂର୍ଯ୍ୟଦେବ ଧୀରେ ୨ ବିଲୁପ୍ତ ହେଉ ଅଛନ୍ତି । ପକ୍ଷୀମାନେ ଦୂରରୁ ସମାଗତ ହୋଇ କୁଳାୟ ଆଶ୍ରୟ କରି, ତଟସ୍ଥ ବୃକ୍ଷସବୁ ସଜୀବ କରୁଅଛନ୍ତି । ଆଜି ପୌର୍ଣ୍ଣମାସୀ, ପଶ୍ଚିମାକାଶରେ ସୂର୍ଯ୍ୟଦେବ ଅସ୍ତ ନ ହେଉଣୁ, ପୂର୍ବଦିକ୍ ଉଜ୍ଜ୍ୱଳ କରି ଚନ୍ଦ୍ରମା ସ୍ନିଗ୍ଧ କିରଣ ଜାଲ ଦ୍ୱାରା ପୃଥିବୀକୁ ରଜତ ବସନରେ ମଣ୍ଡିତ କଲେ । ପ୍ରକୃତିର ଶୋଭା ତରୁଣ ତରୁଣୀର ହୃଦୟରେ ପ୍ରତିଭାତ ହେଲା । ଉଭୟେ କିଛିକ୍ଷଣ ନୀରବରେ ରହିଲା ଉତ୍ତାରୁ ନାରାୟଣ ଭଞ୍ଜ କହିଲେ :—

"ମୁଁ କାଲି ଯାଉଛି ।"

"କେବେ ପୁଣି ଆସିବ ?"

"କିପରି କହିବି ? ମୁଁ ସ୍ୱାଧୀନ ନୁହେ ଯେ ଯେତେବେଳେ ଯାହା ଇଚ୍ଛା କରି-ପାରିବି, ମୁଁ ଏଠାରୁ ଯାଉଛି ସତ୍ୟ, କିନ୍ତୁ ମୋର ମନ ପ୍ରାଣ ଏଠାରେ ରଖି କେବଳ ଶୂନ୍ୟ ଦେହ ନେଇ ଯାଉଅଛି ।"

"ତୁମ୍ଭେ ପୁରୁଷ, କେତେ ସୁନ୍ଦରୀ ତୁମ୍ଭର ଚିତ୍ତକୁ ଆକର୍ଷଣ କରିବେ, ଆଉ କି ଏ ଦୁଃଖିନୀକୁ ସ୍ମରଣ କରିବ ?"

"ଏହା କହିନା, ହୃଦୟ ଚିରାଇ ଦେଖାଇ ପାରିଲେ ଦେଖନ୍ତ ତହିଁରେ କା ଛବି ଅଙ୍କିତ ରହିଅଛି ।"

"ଯେଉଁଦିନ ସଖୀମାନେ ଆମ୍ଭମାନଙ୍କର ବିବାହ ଦେଲେ, ସେହି ଦିନରୁ ତୁମ୍ଭଙ୍କୁ ହୃଦୟର ଦେବତା ବୋଲି ଧ୍ୟାନପୂଜା କରୁଅଛି । ଯେତେଦିନ ଏ ଦେହକୁ ପ୍ରାଣ ତ୍ୟାଗ କରିନାହିଁ, ତେତେଦିନ ସେହି ଦେବତାର ପୂଜା କରୁଥିବି । ତୁମ୍ଭେ ଗଲେ ସମସ୍ତ ଶୂନ୍ୟମୟ ଦେଖିବି, ତୁମ୍ଭେ ନିକଟରେ ନଥିଲେ ତୁମ୍ଭର ଅଦର୍ଶନ ବଡ଼ କ୍ଳେଶଦାୟକ ହେବ ।"

ନାରାୟଣ ଭଞ୍ଜ ଚନ୍ଦ୍ରଲେଖାଙ୍କୁ ଗାଢ଼ ଦୃଢ଼ ଆଲିଙ୍ଗନ କରି ତାହାର ଅନିନ୍ଦିତ ମୁଖାରବିନ୍ଦକୁ ସତୃଷ୍ଣ ନିରୀକ୍ଷଣ କରି—(ଛି ଛି ନାରାୟଣ ଭଞ୍ଜ, ଅନୂଢ଼ା ବାଳିକା ପ୍ରତି ଏ କି ବ୍ୟବହାର କରୁଅଛ) – ବିମ୍ବାଧରୀର ବିମ୍ବୋଷ୍ଠରେ ସ୍ୱୀୟ ଅଧରୋଷ୍ଠ ସ୍ଥାପନକରି ଚୁମ୍ବନ କଲେ । ପରସ୍ପର ସ୍ପର୍ଶରେ ଉଭୟଙ୍କର ଅଙ୍ଗଯଷ୍ଟି କଣ୍ଟକିତ ହେଲା । କିଛି-କ୍ଷଣ ଉତ୍ତାରୁ ନାରାୟଣ ଭଞ୍ଜ କହିଲେ :—"ଯେତେଦିନ ଏ ଦେହରୁ ପ୍ରାଣ ବାୟୁ ବାହାରି ଯାଇ ନାହିଁ, ତୁମ୍ଭେ ମୋର ହୃଦୟେଶ୍ୱରୀ ହୋଇ ରହିବ । କିନ୍ତୁ ମୋର ମନ କିପରି ବ୍ୟାକୁଳ ହେଉଅଛି, ଆଶଙ୍କା ହେଉଅଛି ଯେପରି କି ଆଶୁ କୌଣସି ବିଶେଷ ଅନିଷ୍ଟପାତ ହେବ ।"

ସର୍ବ ମଙ୍ଗଳ ଜଗନ୍ନାଥଙ୍କୁ ସ୍ମରଣ କରି ସକଳ କାର୍ଯ୍ୟ କରିବ, ସେ ଅବଶ୍ୟ ମଙ୍ଗଳ କରିବେ । କିନ୍ତୁ ଆମ୍ଭମାନଙ୍କୁ ତୁମ୍ଭର କୁଶଳ ବାର୍ତ୍ତା ସମୟ ସମୟରେ ଦେବାକୁ ତ୍ରୁଟି କରିବ ନାହିଁ ।

"ଏହା ଆଉ କହିବାକୁ ହେବ ?"

ଏହା କହି ନାରାୟଣ ଭଞ୍ଜ ସ୍ୱୀୟ ହସ୍ତରୁ ଏକ ବହୁମୂଲ୍ୟ ଅଙ୍ଗୁରୀୟ ଉନ୍ମୋଚନ କରି ଚନ୍ଦ୍ରଲେଖାର ଅଙ୍ଗୁଳିରେ ସ୍ଥାପିତ କରି କହିଲେ—"ମୋର ସ୍ମୃତିର ନିଦର୍ଶନ ସ୍ୱରୂପ ଏହାକୁ ଧାରଣ କରିବ ।"

ଅନନ୍ତର ପ୍ରେମିକ—ପ୍ରେମିକା ଉଆସକୁ ପ୍ରତ୍ୟାବର୍ତ୍ତନ କଲେ ।

## ପଞ୍ଚମ ପରିଚ୍ଛେଦ ।

( ଜାଲ ଭିଲ )

'ବାତାଗ୍ରେ ଚଳତେ ମନଃ'—ମନ ବାୟୁର ଅଗ୍ରରେ ଚାଲେ । କିନ୍ତୁ ବାର୍ତ୍ତା ବାୟୁର ପଛରେ ରହେ । ଆଜିକାଲି ଇଲେକ୍ଟ୍ରିକ ଟେଲିଗ୍ରାଫ ଦିନରେ, ଏକଥା ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ବାର୍ତ୍ତା ଯେପରି ଜାହାଜରେ ନୀତା ହେଉ, ମୃତ୍ୟୁ ସମ୍ବାଦ ଅପେକ୍ଷାକୃତ ଦ୍ରୁତତର ବାହିତ ହୋଇଥାଏ ଏକଥା ଅନେକ ଅନୁଭବ କରିଥିବେ । ରାଜାଙ୍କର ସହଯାତ୍ରୀମାନେ କେନ୍ଦୁଝର ଗଡକୁ ପ୍ରତ୍ୟାବର୍ତ୍ତନ କଲା ପୂର୍ବରେ ରାଜାଙ୍କର ମୃତ୍ୟୁ ସମ୍ବାଦ ଗଡ଼ରେ ରାଷ୍ଟ୍ର ହୋଇଥିଲା । ଦେବର୍ତ୍ତୀ ଚନ୍ଦ୍ରଶେଖର ଧଳଙ୍କର ହସ୍ତରେ

ରାଜ୍ୟଭାର ଅର୍ପଣ କରି ରାଜା ତୀର୍ଥାଟନକୁ ବିଜେ କରିଥିଲେ । ବେବର୍ତ୍ତା ମ୍ୟାକିଆ ବେଲିଙ୍କର ଚେଲାଥିଲେ । ଅଧୀନ ପ୍ରଜା ପକ୍ଷରେ ଯେତେଦୂର ଉଚ୍ଚପଦ ଲାଭର ସମ୍ଭାବନା ତାହା ପ୍ରାପ୍ତ ହୋଇଥିଲେହେଁ, ସେ ତହିଁରେ ସନ୍ତୁଷ୍ଟ ନ ଥିଲେ । ସିଂହାସନାରୋହଣ "ପ୍ରାଂଶୁଲଭ୍ୟେ ଫଳେ ଲୋଭାଦୁଦ୍‌ ବାହୁରିବ ବାମନଃ" ପରି ଅସମ୍ଭବ ଥିବାର ଜାଣି, ସେ ସେ ଆଶାକୁ ମନରେ ସ୍ଥାନ ଦାନ କରି ନଥିଲେ । ରାଜାଙ୍କର ମୃତ୍ୟୁ ସମ୍ବାଦ ପ୍ରାପ୍ତ ହୋଇ, ଗାଦିରେ ନ ବସି, ସେ କି ପ୍ରକାର ରାଜାଙ୍କର କ୍ଷମତା ସବୁ ପରିଚାଳନା କରିପାରିବେ, ତହିଁର ଚିନ୍ତାରେ ବ୍ୟସ୍ତ ହେଲେ । ତୀର୍ଥାଟନକୁ ଯିବା ପୂର୍ବରେ, ରାଜା ଗଦାଧର ଭଞ୍ଜ ରାଣୀ ବିଷ୍ଣୁପ୍ରିୟା ପାଟମହାଦେଈଙ୍କୁ କ୍ଷମତା ଦେଇଥିଲେ, ଏବଂ ପ୍ରସ୍ଥାନରେ ମୃତ୍ୟୁର ଅବ୍ୟବହିତ ପୂର୍ବେ ଏକ ଆଜ୍ଞାପତ୍ର ଲେଖି ଆଦେଶ କରିଥିଲେ, ଯେ ପାଟମହାଦେଈ ବାଣପଦା ଗଡଠାରୁ ଜ୍ୟେଷ୍ଠବୟସ୍କ ବୃନ୍ଦାବନ ଭଞ୍ଜଙ୍କୁ ଅଣାଇ ତାଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରି ଗାଦିରେ ବସାଇବେ । ଏଥି ସକାଶେ ରାଣୀଙ୍କର ଦୂତ ଜୟନ୍ତୀଗଡ଼ ଯାଇଥିବାର ଆମ୍ଭେମାନେ ଦେଖିଅଛୁଁ । ରାଜାଙ୍କର ସହଯାତ୍ରୀମାନେ ଗଡକୁ ପ୍ରତ୍ୟାବର୍ତ୍ତନ କଲା ପୂର୍ବରେ ରାଜାଙ୍କର ପରଲୋକଗମନର ବାର୍ତ୍ତା ସେଠାରେ ପ୍ରଚାରିତ ହୋଇଥିଲା । ବେବର୍ତ୍ତା ଏ ସମ୍ବାଦ ପ୍ରାପ୍ତ ହୋଇ ଆପଣାର ଅଭୀଷ୍ଟ ସିଦ୍ଧିର ଉପାୟ ଉଦ୍‌ଭାବନ କଲେ । ସେ ଜାଣିଥିଲେ, ଯେ ଯଦି ସେ ରାଜାଙ୍କର ପୁଷ୍ପ-ବିବାହିତା ପତ୍ନୀର ଗର୍ଭଜାତ ପୁତ୍ର ନାରାୟଣ ଭଞ୍ଜଙ୍କୁ ଗାଦିରେ ବସାଇ ପାରିବେ, ତାହାହେଲେ ତାଙ୍କୁ କଳର ପିତୁଳା ପରି ଚଳାଇ ସେ ନିଜେ ରାଜ୍ୟ ମଧ୍ୟରେ ଏକାଧିପତ୍ୟ କରିପାରିବେ । ଏଣୁ ସେ ନାରାୟଣ ଭଞ୍ଜଙ୍କ ମାତାଙ୍କୁ ପ୍ରବର୍ତ୍ତାଇ ତାଙ୍କୁ ଜୟନ୍ତୀଗଡରୁ ଅଣାଇଥିଲେ । ଅଭୀଷ୍ଟ ସିଦ୍ଧିର ଉପାୟ ସ୍ୱରୂପ ସେ ଏକ ଗୋଟି ଜାଲ ଉଇଲ ରଚନା କଲେ । ସେ ଦସ୍ତାବିଜ ଖଣ୍ଡିକ ପାଠକ ମାନଙ୍କର କୌତୂହଳ ନିବାରଣାର୍ଥ ନିମ୍ନରେ ଅବିକଳ ପ୍ରଦତ୍ତ ହେଲା ।

ଲେଖିତଂ ଶ୍ରୀ ରାଜେ ଗଦାଧର ଭଞ୍ଜ ଜମିଦାର କିଲ୍ଲେ କେନ୍ଦୁଝର ଗେର୍ଦ୍ଦ ଓଡ଼ିଶା ଏହି କି ଆମ୍ଭେ ବର୍ତ୍ତମାନ ତୀର୍ଥାଟନକୁ ଯିବାର ମନସ୍ଥ କରିଅଛୁଁ । ଶ୍ରୀ ଭଗବାନ ନ କରନ୍ତୁ, ଯଦି ବିଦେଶରେ ଆମ୍ଭର କୌଣସି ଅନିଷ୍ଟ ଘଟନା ହୁଏ, ତାହାହେଲେ ଆମ୍ଭର ଔରସଜାତ ପୁତ୍ର ଧନୁର୍ଜ୍ଜୟ ନାରାୟଣ ଭଞ୍ଜ ଆମ୍ଭ ଅନ୍ତେ ଆମ୍ଭର ଉତ୍ତାରସ ସ୍ୱରୂପ କେନ୍ଦୁଝର ଗାଦିକୁ ପ୍ରାପ୍ତ ହେବେ । ଏତଦର୍ଥେ ଧୀର ମନେ, ସ୍ଥିର ଚିତ୍ତେ ସବଳକାୟେ ସୁସ୍ଥ ଶରୀରରେ ବିନା ଶିକ୍ଷାରେ ଆପଣା ଇଚ୍ଛାରେ ନିଜଗଡ଼ ମୁକାମରେ ଏହି ଆଜ୍ଞାପତ୍ର ଲେଖି ଆଦେଶ କରୁଅଛୁଁ କି ଏହା ଦରକାର ବେଳେ କର୍ମିକୁ ଆସିବ । ତୁଳା ଦି ୧୦ ନ ସନ ୧୨୭୧ ସାଲ୍ ନିଜଗଡ, କେନ୍ଦୁଝର ।

ରାଜେ ଶ୍ରୀ ଗଦାଧର ଭଞ୍ଜଙ୍କର ଏ ପ୍ରମାଣ

। ଇ । ଶ୍ରୀ ଚନ୍ଦ୍ରଶେଖର ଧଳ ବେବର୍ତ୍ତା

। ଇ । ଶ୍ରୀ ସତ୍ୟବାଦୀ ରାମ ପଟ୍ଟନାୟକ

# ଷଷ୍ଠ ପରିଚ୍ଛେଦ ।

## ମନ୍ତ୍ରଣା ।

କଟକ ସହରର ଚୌଧୁରୀ ବଜାର ଛକ ଠାରୁ ଏକ ପ୍ରଶସ୍ତ ରାଜପଥ ଳୁଙ୍କୁଡ଼ିଆ ପଦାକୁ ଯାଇଅଛି । ଏହି ପଥର ଉତ୍ତର ପାର୍ଶ୍ୱରେ ଏକ ସୁରମ୍ୟ ଦ୍ୱିତଳ ହର୍ମ୍ୟ ଦୃଷ୍ଟ ହୁଏ । ଭବନର ବହିର୍ବାଟି ବା ବୈଠକ ଖାନାଟି ଏକତଳ ଗୃହ । ଗୃହଟି ଦୀର୍ଘରେ ବିଂଶତି ହସ୍ତ ଓ ପ୍ରସ୍ଥରେ ଦ୍ୱାଦଶ ହସ୍ତ ପରିମିତ, ଏବଂ ସ୍ଫଟିକ ଝାଡ଼ ଲଣ୍ଠନରେ ସୁଶୋଭିତ । ତାହାର ଭୂପୃଷ୍ଠ ସ୍ଥୂଳ ସୁରଞ୍ଜିତ କାର୍ପେଟ ମଣ୍ଡିତ, ଗୃହରେ ଏକ ପାର୍ଶ୍ୱରେ ଏକ ଗୋଟି ମର୍ମର ପ୍ରସ୍ତରର ଟେବଲ ଓ ଚାରିକୋଣରେ ଚାରିଗୋଟି ତେପାୟୀ । ତେପାୟୀମାନଙ୍କ ଉପରେ ନାନାବିଧ କ୍ରୀଡ଼ନକ ଗୃହର ଶୋଭାବର୍ଦ୍ଧନ କରୁଥିଲା । ଟେବଲର ଏକ ଦିଗରେ ଏକ ଗାଢ଼ ଲୋହିତ ବର୍ଣ୍ଣର ମରକ୍କୋ ଚର୍ମ ମଣ୍ଡିତ ସ୍ପ୍ରିଙ୍ଗଗଦି ବିଶିଷ୍ଟ ଅଟୋମ୍ୟାନ ଓ ଅନ୍ୟଦିଗରେ ସ୍ପ୍ରିଙ୍ଗଗଦିଯୁକ୍ତ କେତେକ ଖଣ୍ଡ ଚେୟାର । ଅନ୍ୟ ପାର୍ଶ୍ୱରେ ଦୁଗ୍ଧ ଫେନନିଭ ଏକଫୁଟ ଉଚ୍ଚ ସୁକୋମଳ ଶଯ୍ୟାରେ ଶୁଭ୍ରବସ୍ତ୍ର ପରିହିତ ଏକ ବ୍ୟକ୍ତି ଚାରିଆଡ଼େ ଉପାଧାନ ବେଷ୍ଟିତ ହୋଇ ଏକ ରୌପ୍ୟ ନିର୍ମିତ ଆଲବୋଲାରେ ତାଓବାଦାର ସୁବାସିତ ତମାଖୁର ଧୂମ୍ରପାନ କରୁଥିଲେ ଓ ଚକ୍ଷୁ ମୁଦ୍ରିତ କରି ଅଧିକ ମାତ୍ରାରେ ଅହିଫେନ ସେବନ ତନ୍ଦ୍ରାସୁଖ ଅନୁଭବ କରୁଥିଲେ । ଅଦୂରେ ଶ୍ରୀ ଶ୍ରୀଗୋପାଳଜୀଉଙ୍କର ସନ୍ଧ୍ୟା ଆରତିର ଘଣ୍ଟାଧ୍ୱନି କର୍ଣ୍ଣ କୁହରରେ ପ୍ରବେଶ କରୁଥିଲା । ଶ୍ମଶ୍ରୁ-ଗୁମ୍ଫ-କେଶ ମୁଣ୍ଡିତ ମସ୍ତକରେ ଅତି ସୂକ୍ଷ୍ମ କୋମଳ ମସଲିନ ଚାଦର ନିବଦ୍ଧ । ଅଙ୍ଗରେ ଶ୍ୱେତ ବେନିୟାନ ଓ କଟିରେ ଶ୍ୱେତ ମଲମଲ ଧୋତି ପରିହିତ । ଦେହଟି ସଯତ୍ନ ଲାଳିତ ଅଙ୍ଗଚ୍ଛଟାରେ ଜଡ଼ିତ, ବର୍ଣ୍ଣ ଉଜ୍ଜ୍ୱଳ ଶ୍ୟାମ ଓ ବୟସ ପଞ୍ଚାଶତ ଅତିକ୍ରମ କରିଥିଲା । ସେ ସମୟରେ ଲୋକମାନେ ପ୍ରକୃତ ବୟସ ଜଣାଇବାକୁ କୁଣ୍ଠିତ ଥିଲେ । ଏଣୁ ପ୍ରକୃତ ବୟସରୁ ଅନ୍ୟୂନ ଦଶବର୍ଷ ଊଣା ବୟଃକ୍ରମର ସେ ପରିଚୟ ଦେଉଥିଲେ । ପାଠକ ! ଏ ବ୍ୟକ୍ତି କିଏ ଜାଣି ପାରିଅଛନ୍ତି ? ଯଦି ଜାଣି ନଥାନ୍ତି, ଶୁଣନ୍ତୁ—ଏହାଙ୍କର ନାମ—ଶ୍ରୀବାବୁ ହରମୋହନ ମିତ୍ର—ଗଡ଼ଜାତ ମାହାଲର ସୁପରିଣ୍ଟେଣ୍ଡେଣ୍ଟ ସାହେବ ବାହାଦୂରଙ୍କର ଦେଓ୍ୱାନ ବା ସିରସ୍ତାଦାର ଏହାଙ୍କର ଉପାଧି । ଗଡ଼ଜାତ ରାଜାମାନଙ୍କ ମଧ୍ୟରେ ଏହାଙ୍କର ପ୍ରଭୂତ ପ୍ରତିପତ୍ତି ଥିଲା । ବାବୁ ହରମୋହନ ମିତ୍ର ପ୍ରଭୂତ ଅର୍ଥ ଉପାର୍ଜ୍ଜନ କରିଥିଲେ । ତାହା ବର୍ତ୍ତମାନ ସମୟରେ ଅସମ୍ଭବ ପ୍ରତୀୟମାନ ହେବ । ଚତୁର୍ଦ୍ଦିକରେ ଇତିମଧ୍ୟରେ ଦୁର୍ଭିକ୍ଷର ହାହାକାର ପଡ଼ିଯାଇଥିଲା, ଏବଂ ଏପରି ସମୟରେ ଅନେକ ଦିନ ହେଲା କୌଣସି ବଡ଼ ଶିକାର ହରମୋହନ ବାବୁଙ୍କ ଜାଲରେ ପଡ଼ି ନ ଥିବାରୁ ବାବୁ ମୌହୁଙ୍ଗ ଚକ୍ଷୁ ବୁଜି, ଭୁଡ଼୍ ୨ କରି ହୁକା ଟାଣି ଓ

ନାସିକା ଏବଂ ମୁଖରନ୍ଧ୍ର ଦେଇ ଧୂମୋଦଗୀରଣ କରୁ ୨ ଭାଳୁଥିଲେ । ଶ୍ରୀ ଗୋପାଳ-ଜୀଉଙ୍କ ମନ୍ଦିରର ସାନ୍ଧ୍ୟ ଆରତିର ଘଣ୍ଟା ନୀରବ ହୁଅନ୍ତେ, ଏକ ଝଁଣତ୍ ଶବ୍ଦରେ ବାବୁଙ୍କର ମୁଦ୍ରିତ ନୟନ ବିସ୍ଫାରିତ ହୋଇଗଲା । ବାବୁ ଦେଖିଲେ ଯେ ଏକ ହଜାର ଟଙ୍କାର ତୋଡା ସମ୍ମୁଖରେ ରଖି ଏକ ବ୍ୟକ୍ତି ଦଣ୍ଡବତ ହେଉଅଛି । ଦୃଷ୍ଟି ମାତ୍ରେ, କହିଲେ—'କିଏ ଦେବତ୍ତା ? ଆସ, ବସ ।'

'ଆଜ୍ଞା, ହଁ ।

'କେବେ ଆସିଲ ? ସବୁ ଭଲ ତ ?'

'ଆଜି ଆସିଲି, ଭଲ ଆଉ କିପରି ?'

ହରମୋହନ ବାବୁ ମନେ ୨ ଚିନ୍ତା କଲେ ତାହା ନ ହେଲେ କି ହଜାର ଟଙ୍କାର ତୋଡା ଭେଟି । ପ୍ରକାଶ୍ୟେ କହିଲେ—

'କିପରି ?'

'ଗ୍ରୁମ୍ନ ସ୍ୱର୍ଗପ୍ରାପ୍ତ ହେଲେ ।'

'କିପରି, ସେ ତୀର୍ଥାଟନକୁ ଯାଇଥିଲେ ନା ?

'ଆଜ୍ଞା ହଁ । ପ୍ରୟାଗ ତୀର୍ଥରେ ଗଙ୍ଗା ଯମୁନା ସଙ୍ଗମରେ ରାଜା ଗଦାଧର ଭଞ୍ଜ ଦେହତ୍ୟାଗ କଲେ ।'

"ଭଗବାନ ତାଙ୍କର ଆତ୍ମାର କୁଶଳ କରନ୍ତୁ । ଏପରି ରାଜା ଆଉ ହେବେ ନାହିଁ । ତେବେ ଏବେ ଗାଦିର କିଏ ହେବ ? ରାଜାଙ୍କର ଆତ୍ମୀୟ ଉଆରସ କିଏ ଅଛନ୍ତି ?"

"ଆପଣଙ୍କୁ ସକଳ ଜଣା ଅଛି । ତାଙ୍କର ଔରସଜାତ ଏକ ପୁତ୍ର ଧନୁର୍ଦ୍ଧର ନାରାୟଣ ଭଞ୍ଜ ଅଛନ୍ତି । ତାଙ୍କୁ ଗାଦିରେ ବସାଇବା ପାଇଁ ରାଜ ତୀର୍ଥାଟନକୁ ବିଜେ କଲା ପୂର୍ବରୁ ଏକ ଉଇଲ କରି ଯାଇଅଛନ୍ତି ।"

"ଉଇଲ କାହିଁ ?

ଦେବତ୍ତା ଉଇଲ ଦେଖାଇଲେ ଓ ହରମୋହନବାବୁ ଚଷମା ସାହାଯ୍ୟରେ ତାହା ଉତ୍ତମ ରୂପେ ନିରୀକ୍ଷଣ କରି କହିଲେ—

"ଉଇଲ ତ ଦସ୍ତୁର ମୁତାବକ ଥିବାର ଦେଖାଯାଏ, କିନ୍ତୁ ଏଥିରେ ପାଟ-ମହାଦେଈଙ୍କର କିପରି ଇଚ୍ଛା ?"

"ସେ ଏଥିର ସମ୍ପୂର୍ଣ୍ଣ ବିରୋଧୀ । ଏହା ଜାଣିକରି, ରାଜା ମହୋଦୟ, ତୀର୍ଥାଟନକୁ ଯିବା ପୂର୍ବରେ ୱିଇଲ ଲେଖି ଯାଇଅଛନ୍ତି ।"

"ତାହାହେଲେ ତ ସେ ଅନର୍ଥ ଘଟାଇ ପାରନ୍ତି ।"

"ସେ ସ୍ତ୍ରୀ ଲୋକ କ'ଣ କରିବେ ।"

"ଧନୁର୍ଜୟ ନାରାୟଣଙ୍କ ରାଜାଙ୍କର ଫୁଲବିବାହୀର ପୁତ୍ର"

"ଅନ୍ୟ ଉତ୍ତରାଧିକାରୀ ନଥିଲେ ଫୁଲବିବାହୀର ପୁତ୍ର ଗାଦି ପାଇପାରେ ଏପରି ପଚିଶ ନଜିରରେ ଅଛି ।"

"ତାହାହେଲେ କଣ ହେଲା ? ଅନେକ ଆଶଙ୍କା ଅନର୍ଥ ଜାତ ହେବ । ସେଦିନ ଆଠଗଡ଼ର ବ୍ରଜବନ୍ଧୁ ନରେନ୍ଦ୍ର ମହାପାତ୍ରଙ୍କର ମୋକଦ୍ଦମାରେ ଶ୍ରୀଯୁକ୍ତ ସୋର ସାହେବ ବାହାଦୁର ତାଙ୍କ ବିରୁଦ୍ଧରେ ମତ ଦେଇଥିଲେ । ରକ୍ଷା ହେଲା ଯେ ସାହେବ ପ୍ରଶଂସିତଙ୍କର ରାୟ ଦେବା ପୂର୍ବରେ ନରେନ୍ଦ୍ର ମହାପାତ୍ର ଅକାଳେ କାଳ ଗ୍ରାସରେ ନିପତିତ ହୋଇ ଆପଣା ମୋକଦ୍ଦମା ଆପେ ଫଇସଲା କରିଦେଲେ ।"

"ଆପଣ ଇଚ୍ଛାକଲେ ସବୁ ସହଜରେ ହୋଇପାରେ ।"

"ଯଥେଷ୍ଟ ଅର୍ଥ ବ୍ୟୟ କଲେ ହୋଇ ନ ପାରେ ଏପରି କିଛି ନାହିଁ । ଯଦି ଏକଲକ୍ଷ ଟଙ୍କା ଖରଚ କରି ପାରିବ ତାହାହେଲେ ଏ ବିଷୟରେ ମୁଁ ହାତ ଦେବି ।

"କେନ୍ଦୁଝରର ଗାଦି ସକାଶେ ଏକ ଲକ୍ଷ ଟଙ୍କା ଖରଚ କିଛି ଅଧିକ ନୁହେଁ ।"

"ତାହାହେଲେ ଶ୍ରୀ ରାମବାବୁ (ବାବୁ ଶ୍ରୀରାମଚନ୍ଦ୍ର ସେନ) ଓ ଈଶାନ ବାବୁ (ବାବୁ ଈଶାନ ଚନ୍ଦ୍ର ବାନୁର୍ଜୀ)ଙ୍କୁ ଓକିଲ ନିଯୁକ୍ତ କର । ସାହେବ ନୂତନ ଲୋକ ଦେଖାଯିବ, କଣ କରାଯାଇପାରେ । କିନ୍ତୁ ଆମ୍ଭଙ୍କୁ ଦଶ ସହସ୍ର ଟଙ୍କା ଅଗ୍ରିମ ଦେବାକୁ ହେବ ।"

"ହଜୁରରେ ଅଧୀନ ସର୍ବଦା ହାଜର ଅଛି ।"

ହରମୋହନବାବୁ ଭୃତ୍ୟଙ୍କୁ ଆହ୍ୱାନ କରି ଦେବକୀଙ୍କୁ ତାମ୍ବୁଲାଦି ପ୍ରଦାନ ଦ୍ୱାରା ସମ୍ମାନ ପ୍ରଦର୍ଶନ କରିବାକୁ ଆଦେଶ କଲେ । ତଦନନ୍ତର ଉଭୟଙ୍କର ସମୟୋଚିତ ପ୍ରସଙ୍ଗ ଯେଣ ଅନେକ କଥୋପକଥନ ହେଲା । ଦେବକୀ କହିଲେ 'ଆଜିକାଲି ବଡ଼ ବିଷମ ସମୟ ଉପସ୍ଥିତ ହେଲାଣି । ଏ ନଅଙ୍କରେ କି ଉତ୍ପାତ ହେବ ଭଗବାନ ଜାଣନ୍ତି । ଅନ୍ନକଷ୍ଟରେ ଅନେକ ଲୋକ ଘର ଦୁଆର ଛାଡ଼ି ପଳାଇଲେଣି । ମୁଁ

ଆଜ ଗୋଟିଏ ଆଶ୍ଚର୍ଯ୍ୟ ଦେଖି ଆସିଲିଯେ ବାଉଁଶ ଗଛମାନଙ୍କରୁ ଧାନ ବାହାର ହୋଇଅଛୁ ।"

"ଏତ ବଡ଼ ଆଶ୍ଚର୍ଯ୍ୟର କଥା । ଏହା କେଭେ ଭଲ ଲକ୍ଷଣ ନୁହେ । ସେ ଦିନ ଲାଟ ସାହେବ ( Sir Cecil Beadon ) ଏଠାକୁ ଆସିଥିଲେ । କଲେକ୍ଟର ସାହେବଙ୍କ ନିରଖ ଅନୁଯାୟୀ ମୂଲ୍ୟମାନେ ଶୃଙ୍ଖଳ ବନ୍ଦୀ କରିବେ ବୋଲି ପ୍ରଜାମାନେ ଲାଟସାହେବଙ୍କ ଛାମୁରେ ଆବେଦନ କରିଥିଲେ । କିନ୍ତୁ ସୁସଭ୍ୟ ଗବର୍ଣ୍ଣମେଣ୍ଟ ସ୍ୱାଧୀନ ବାଣିଜ୍ୟ ଅପ୍ରତିହତ ରଖିବାକୁ ବାଧ୍ୟ କହି, ଓଡ଼ିଶାର ସର୍ବନାଶ କରିଅଛନ୍ତି ।"

ଉପରେ ହରମୋହନବାବୁ ରାଜାଙ୍କର ସ୍ୱର୍ଗାରୋହଣ ଓ ଧନୁର୍ଦ୍ଧ୍ୱଂସ ନାରାୟଣଙ୍କୁ ଗଡ଼ନସୀନ କରିବା ସକାଶେ ଏକ ରିପୋର୍ଟ ଆଗତ କରିବାର ପରାମର୍ଶ ଦେଇ ଦେବକିଙ୍କୁ ବିଦାୟ ଦେଲେ ।

## ସପ୍ତମ ପରିଚ୍ଛେଦ ।

(ରାଣୀ ବିଷ୍ଣୁପ୍ରିୟା ପାଟ ମହାଦେଈ)

୬ ଗଦାଧର ଭଞ୍ଜଙ୍କର ପ୍ରଧାନା ମହିଷୀ ରାଣୀ ବିଷ୍ଣୁପ୍ରିୟା ପାଟ ମହାଦେଈ ଏକ ଅସାଧାରଣ ରୂପଗୁଣ ସମ୍ପନ୍ନା ରମଣୀଥିଲେ । ଯଦିଓ ତନୟା ଯୌବନର ସୀମା ଉତ୍ତୀର୍ଣ୍ଣ ହୋଇଥିଲେ ହେଁ ସୌନ୍ଦର୍ଯ୍ୟର ଦ୍ୟୁତିଃ ଅଙ୍ଗରେ ପରିସ୍ଫୁଟ ହେଉଥିଲା । ବିଶାଳ ନେତ୍ରଯୁଗଳରୁ ଯଦିଓ ତେଜ ପ୍ରତିଭାତ ହେଉଥିଲା । ଏପରି ରମଣୀ-ରତ୍ନ ଲାଭ କରି ରାଜା ଆପଣାକୁ ପରମ ଭାଗ୍ୟବାନ ମଣୁଥିଲେ ଏବଂ ସକଳ ଦୁରୂହ ଜଟିଳ ରାଜକାର୍ଯ୍ୟରେ ତାଙ୍କର ପରାମର୍ଶ ଗ୍ରହଣ କରୁଥିଲେ । କିନ୍ତୁ ଭଗବାନ ସେମାନଙ୍କ ଏହି ବିଶାଳ ରାଜ୍ୟର ଉତ୍ତରାଧିକାରୀ ସ୍ୱରୂପ ଏକ ଗୋଟି ପୁତ୍ର ସନ୍ତାନ ଦେଇ ନଥିବାରୁ ଉଭୟ ଦମ୍ପତି ବିଷାଦ ସାଗରରେ ନିମଗ୍ନ ଥିଲେ । କଥାଛଳରେ ଓ [ଏ] ପ୍ରସଙ୍ଗ ଉତ୍ଥାପିତ ହେଲେ, ରାଜା ମୟୂରଭଞ୍ଜାଧିପତି ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କର କନିଷ୍ଠଭ୍ରାତା ଟେଙ୍କାବାସ୍ତ ଶ୍ରୀ ବୃନ୍ଦାବନ ଚନ୍ଦ୍ର ଭଞ୍ଜଙ୍କୁ ପୋଷ୍ୟ ପୁତ୍ର ଗ୍ରହଣ କରି ରାଜଛତ୍ର ପ୍ରଦାନ କରିବାର ମାନସ ବ୍ୟକ୍ତ କରିଥିଲେ ଏବଂ ଏତଦର୍ଥେ ମୟୂରଭଞ୍ଜାଧିପତିଙ୍କର ସମ୍ମତି ସୂଚକ ଅଭିମତ ପ୍ରାପ୍ତ ହୋଇଥିଲେ । ତୀର୍ଥାଟନରୁ ପ୍ରତ୍ୟାଗମନ କଲେ ଏ ବାସନା କାର୍ଯ୍ୟରେ ପରିଣତ କରିଆନ୍ତେ । ମନୁଷ୍ୟ କେବଳ ଇଚ୍ଛା କରିବାର ଅଧିକାରୀ,

ଭବିଷ୍ୟର ଫଳାଫଳ ଜଗଦୀଶ୍ୱରଙ୍କର ଇଚ୍ଛା ଉପରେ ନିର୍ଭରକରେ । ଅପୁତ୍ରିକା ରାଣୀ ପୁତ୍ର ସ୍ନେହରୁ ବଞ୍ଚିତା ହୋଇ ପିତାମାତାହୀନା କେତକୀ ନାମ୍ନୀ ଏକ ଗୋଟିଏ ବାଳିକାକୁ କନ୍ୟା ନିର୍ବିଶେଷେ ଶୈଶବରୁ ପାଳନ କରୁଥିଲେ । ଗଡଜାତ ରାଜବାଟୀର ଚଳନ୍ତି ପ୍ରଥାନୁସାରେ ରାଜବାଟୀରେ ଅନେକ ଶୁଦ୍ରବଂଶ ବାଳିକା ପ୍ରତିପାଳିତା ହୁଅନ୍ତି । ସେମାନଙ୍କ ମଧ୍ୟରେ କେତକୀ ରାଣୀଙ୍କର ସମଧିକ ସ୍ନେହପାତ୍ରୀ ଥିଲା । ରାଜାଙ୍କର ବିୟୋଗ ବାର୍ତ୍ତା ପ୍ରାପ୍ତି ଦିବସରୁ ରାଣୀଙ୍କର ସର୍ବଦା ହାସ୍ୟମୟ ମୁଖରେ ଏକ ବିଷାଦର ଛାୟା ନିପତିତ ହୋଇଥିଲା । ପରିଚାରିକା ମାଧବିକା ପୁନର୍ବାର ରାଣୀଙ୍କୁ ପୂର୍ବପରି ହାସ୍ୟମୁଖୀ ଦେଖିବା ସକାଶେ ତାଙ୍କର ଚିତ୍ତ ବିନୋଦନର ଅନେକ ଉପାୟ କରୁଥିଲା । ମାଧବିକା କହିଲା ;—

"ଦେବି ! ବିଧାତାଙ୍କର ଯାହା ଇଚ୍ଛାଥିଲା, ହୋଇଅଛି ଆଉ ତାହା ଅନ୍ୟଥା ହେବନାହିଁ । ତେବେ ଅକାରଣ ଦୁଃଖ କରି ଆପଣଙ୍କୁ କ୍ଲେଶ ଦେବାର ନିଷ୍ପ୍ରୟୋଜନ । ଏହି ବିଶାଳ ରାଜ୍ୟର ପ୍ରଜାମାନେ ଛେଉଣ୍ଡପରି ଆପଣଙ୍କର ମୁଖାପେକ୍ଷା କରିଅଛନ୍ତି । ସମସ୍ତ ପୀଡ ଓ ଦଣ୍ଡପାଟମାନଙ୍କରୁ ଭୂୟାଁ, କୋଲ୍ହ ସାନ୍ତାଳ ଜୁଆଙ୍ଗ ଆଦି ପ୍ରଜାମାନେ ଆପଣଙ୍କର ଆଦେଶ ଅପେକ୍ଷାରେ ସିଂହଦ୍ୱାରରେ କୋଳାହଳ କରୁ ଅଛନ୍ତି ।"

ରାଣୀ ଦୀର୍ଘ ନିଶ୍ୱାସ ତ୍ୟାଗ କରି ଜିଜ୍ଞାସିଲେ "ଜୟନ୍ତୀଗଡର ସର୍ଦ୍ଦାର ରତ୍ନାକର ଆସିଅଛନ୍ତି ?"

ମାଧବିକା—"ଆଜ୍ଞା, ହଁ, ଭୂୟାଁ ସର୍ଦ୍ଦାର ନଟବର ବୈରିଗଞ୍ଜନ ଭୂୟାଁ ମହାପାତ୍ର ମଧ୍ୟ ଆସିଅଛନ୍ତି ।"

ସର୍ଦ୍ଦାର ରତ୍ନାକର ସିଂହଙ୍କର ରାଜବାଟୀର ସହିତ ଏପରି ଘନିଷ୍ଟ ସମ୍ବନ୍ଧ ଯେ ତାଙ୍କର ଅନ୍ତଃପୁର ପ୍ରବେଶ ଅବାରିତ ଥିଲା । ରାଣୀଙ୍କର ଆଜ୍ଞାମାତ୍ରେ ସେ ଅନ୍ତଃପୁର ମଧ୍ୟରେ ପ୍ରବେଶ କରି ରାଣୀଙ୍କୁ ଯଥାବିହିତ ଅଭିବାଦନ କଲା ଉତ୍ତାରୁ ନିର୍ଦ୍ଦିଷ୍ଟ ଆସନରେ ଉପବେଶନ କରି କହିଲେ ;—

"ବର୍ତ୍ତିମାନ ଆପଣଙ୍କରୁ କି ଆଦେଶ ହେଉଅଛି ।"

ରାଣୀ—"କେନ୍ଦୁଝରର ଗଦି ଶୂନ୍ୟ ରହିଅଛି । ଏହାଠାରୁ ରାଜବାଟୀର ଆଉ ଅଧିକ କି ବିପତ୍ତି ହୋଇପାରେ ?"

ରତ୍ନାକର—"ଏପରି ସମୟରେ ଦେୱାନ୍ ଚନ୍ଦ୍ରଶେଖର ଧଳ କାହାନ୍ତି ?"

ରାଣୀ—"ସେ ଆନନ୍ଦପୁରରେ ଥିଲେ, ଶୁଣାଯାଉଅଛି, କଟକ ଯାଇ ଅଛନ୍ତି । ସେ ବଡ଼ କ୍ରୁର ପ୍ରକୃତିର ଲୋକ ତାଙ୍କର କି ମତଲବ ଅଛି ସେ ଜାଣନ୍ତି ।"

ରତ୍ନାକର—"ବର୍ତ୍ତମାନ ତେବେ କଣ କର୍ତ୍ତବ୍ୟ ?"

ରାଣୀ—"ବୃନ୍ଦାବନ ଭଞ୍ଜଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରିବାର ମହାରାଜାଙ୍କର ସମ୍ପୂର୍ଣ୍ଣ ଇଚ୍ଛାଥିଲା । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ମଧ୍ୟ ତହିଁରେ ସମ୍ପୂର୍ଣ୍ଣ ସମ୍ମତି ଦେଇଅଛନ୍ତି । ପ୍ରୟାଗରେ ମହାରାଜା ଏହି ଅଭିପ୍ରାୟରେ ଏକ ଆଜ୍ଞାପତ୍ର ଲେଖିଯାଇଅଛନ୍ତି ।"

ରତ୍ନାକର—"ମହାରାଜାଙ୍କର ଇଚ୍ଛା ଆମ୍ଭମାନଙ୍କର ସର୍ବତୋଭାବେ ପାଳନୀୟ ।"

ରାଣୀ—"ତାହାହେଲେ ସକଳ କଥା ପ୍ରଜାମାନଙ୍କୁ ବୁଝାଇ କହ, ସେମାନଙ୍କର ଅଭିପ୍ରାୟ କ'ଣ ବୁଝ ।"

ରତ୍ନାକର ସେହି ଅନ୍ତଃପୁରରୁ ନିଷ୍କ୍ରାନ୍ତ ହୋଇ, ସମବେତ ପ୍ରଜାମଣ୍ଡଳୀକୁ ସମ୍ବୋଧନ କରି କହିଲେ :—

"ଉପସ୍ଥିତ ସର୍ଦ୍ଦାର ଓ କେନ୍ଦୁଝରସ୍ଥ ପ୍ରଜାବର୍ଗ ! ଆମ୍ଭମାନଙ୍କର ପିତୃସ୍ଥାନୀୟ ମହାରାଜା ଗଦାଧର ଭଞ୍ଜଦେବ ତୀର୍ଥାଟନକୁ ଯାଇ କେବଳ ପ୍ରୟାଗ ତୀର୍ଥରେ ମାନବଲୀଳା ସମ୍ବରଣ କରିଅଛନ୍ତି । ଏହା ଆପଣମାନଙ୍କର ଅବିଦିତ ନୁହେଁ । ମହାରାଜା ଓ ମହାରାଣୀଙ୍କର ଗର୍ଭଜାତ କୌଣସି ଉତ୍ତରାଧିକାରୀ ପୁତ୍ର ନଥିବାରୁ, ସେ ମହାରାଣୀଙ୍କ ଠାରେ ଆପଣାର ଇଚ୍ଛା ପ୍ରକାଶ କରିଥିଲେ, ଏବଂ ଜୀବିତ ଥିଲେ ତୀର୍ଥରୁ ପ୍ରତ୍ୟାଗମନ କରି, ମୟୂରଭଞ୍ଜ ମହାରାଜାଙ୍କର କନିଷ୍ଠ ଭ୍ରାତା ଶ୍ରୀ ବୃନ୍ଦାବନ ଚନ୍ଦ୍ର ଭଞ୍ଜଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରି ଯୌବରାଜ୍ୟରେ ଅଭିଷିକ୍ତ କରିଥାନ୍ତେ । ଏଥିପାଇଁ ମୟୂରଭଞ୍ଜର ମହାରାଜାଙ୍କର ସମ୍ମତି ମଧ୍ୟ ଆଣାଇଥିଲେ ଏବଂ ଅନ୍ତିମ ସମୟରେ ପ୍ରୟାଗରେ ଏକ ଆଜ୍ଞାପତ୍ର ଲେଖିଯାଇଅଛନ୍ତି । ମହାରାଜାଙ୍କର ଔରସଜାତ ଅନ୍ୟ ଏକ ପୁତ୍ର ବିଦ୍ୟମାନ ଅଛନ୍ତି । ଦେୱାନ୍ ଚନ୍ଦ୍ରଶେଖର ଧଳ ତାଙ୍କୁ ଗୁପ୍ତଭାବରେ ସଙ୍ଗରେ ନେଇ କଟକ ଯାଇଥିବାରୁ ତାଙ୍କର କୌଣସି ଅସତ୍ ଅଭିପ୍ରାୟ ଥିବାର ଅନୁମାନ ହୁଏ—

ପ୍ରଜାମାନେ କହି ଉଠିଲେ — "ଆମ୍ଭେମାନେ କେବେ ତାଙ୍କୁ ଗାଦିରେ ବସିବାକୁ ଦେବୁନାହିଁ ।"

ନଟବର ବୈରିଗଞ୍ଜନ ଭୂୟାଁ ମହାପାତ୍ର କହିଲେ;— ଏ କେନ୍ଦୁଝର ଗଡ଼ ଆମ୍ଭମାନଙ୍କର ସ୍ୱପ୍ରତିଷ୍ଠିତ । ପୂର୍ବରେ ମୟୂରଭଞ୍ଜ ଓ କେନ୍ଦୁଝର ଏକ ରାଜ୍ୟ ଥିଲା । କିନ୍ତୁ ରାଜଧାନୀ ବାରିପଦାରେ ଥିବା ହେତୁ କେନ୍ଦୁଝର ପ୍ରଜାମାନଙ୍କର ବିଶେଷ କଷ୍ଟ ଓ ଅସୁବିଧା ହେଉଥିଲା । ଏଣୁ କେନ୍ଦୁଝରର ପ୍ରଜାମାନେ ମୟୂରଭଞ୍ଜ ଯାଇ ସେଠାରୁ ମହାରାଜାଙ୍କର ଏକଗୋଟି ପୁତ୍ରଙ୍କୁ ଆଣି କେନ୍ଦୁଝର ଗଡ଼ରେ ସ୍ଥାପିତ କଲେ । ତଦବଧି କେନ୍ଦୁଝର ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ବୋଲି ପରିଗଣିତ ହୋଇ ଆସୁଅଛୁ । ଏପରି ଗଡ଼ରେ ଏହାଙ୍କୁ ବସାଇ ତହିଁର ପବିତ୍ରତା ନଷ୍ଟ କରିବାକୁ ଆମ୍ଭେମାନେ ସମ୍ପୂର୍ଣ୍ଣ ଅକ୍ଷମ ।

ପ୍ରଜାମାନେ — "ତାହା ଆମ୍ଭେମାନେ କେଭେ ହେବାକୁ ଦେବାନାହିଁ ।

ନଟବର ବୈରିଗଞ୍ଜନ — "ତାହାହେଲେ ତୁମ୍ଭେମାନେ ଆପଣା ୨ ଅସ୍ତ୍ର ସ୍ପର୍ଶ କରି ଶପଥ କର ଯେ ଧନୁର୍ଜୟ ଭଞ୍ଜଙ୍କୁ ଗଡ଼ରେ ବସିବାକୁ ଦେବାନାହିଁ ।

ପ୍ରଜାମାନେ ତଦ୍ରୂପ ଶପଥ କରି, "ଜୟ ମହାରାଜା ବୃନ୍ଦାବନ ଚନ୍ଦ୍ର ଭଞ୍ଜଙ୍କର ଜୟ" ତିନଥର ଉଚ୍ଚୈ ସ୍ୱରରେ ଉଚ୍ଚାରଣ କଲେ ।

ରାଣୀ ବିଷ୍ଣୁପ୍ରିୟା ପାଟ ମହାଦେଈ ତଦନନ୍ତର ବୃନ୍ଦାବନ ଭଞ୍ଜଙ୍କୁ ଆଣିବା ସକାଶେ ଉପଯୁକ୍ତ ଉକିଲ ଆଦି ବାରିପଦା ପ୍ରେରଣ କଲେ ।

[ ଅସମ୍ପୂର୍ଣ୍ଣ ]

## ଆଲୋଚନା :—

କେନ୍ଦୁଝର ବିଦ୍ରୋହ ଶୀର୍ଷକ ଉପନ୍ୟାସ ମୁକୁର ପତ୍ରିକାର ଦ୍ୱିତୀୟ ବର୍ଷ ସପ୍ତମ-ଅଷ୍ଟମ ସଂଖ୍ୟା (କାର୍ତ୍ତିକ-ମାର୍ଗଶୀର, ୧୩୧୫)ରେ ଆରମ୍ଭ ହୋଇ ତୃତୀୟ ବର୍ଷ ଦ୍ୱିତୀୟ-ତୃତୀୟ-ଚତୁର୍ଥ ସଂଖ୍ୟା (ଜ୍ୟେଷ୍ଠ-ଆଷାଢ଼-ଶ୍ରାବଣ, ୧୩୧୬) ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିଲା । (୧) ଶେଷ ପ୍ରକାଶିତ ଅଂଶରୁ ଏହା ଅସମାପ୍ତ ଥିବାର ସୂଚନା ମିଳେ । ପତ୍ରିକାରେ ପ୍ରକାଶିତ ହେଲା ବେଳେ ଏହାର ଲେଖକ ଥିଲେ 'ଶ୍ରୀ ଉଦାସୀ' । ଓଡ଼ିଆ ସାହିତ୍ୟର ଗବେଷକ ଓ ସମାଲୋଚକମାନେ 'ଶ୍ରୀ ଉଦାସୀ' ଯେ ପ୍ରଥମ ଓଡ଼ିଆ ଔପନ୍ୟାସିକ ଉମେଶ ଚନ୍ଦ୍ର ସରକାର—ଏଭଳି ଏକ ମତ ପ୍ରାୟତଃ ଦ୍ୱିଧାହୀନ ଭାବରେ ଗ୍ରହଣ କରିଛନ୍ତି । 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷା କୋଷ'ରେ ଡାକ୍ତର କୈଳାସଚନ୍ଦ୍ର ରାଓ ଉମେଶ ଚନ୍ଦ୍ରଙ୍କ ପରିଚୟ ଦେବାକୁ ଯାଇ ଲେଖିଛନ୍ତି :

"ମୁକୁର ନାମକ ଓଡ଼ିଆ ମାସିକ ପତ୍ରିକାରେ ସେ ଜଣେ ପ୍ରଧାନ ଲେଖକ ଥିଲେ । ସେଥିରେ ସେ 'ଉଦାସୀ' ଏହି ଛଦ୍ମନାମ ଗ୍ରହଣ କରି 'କେନ୍ଦୁଝରର ବିଦ୍ରୋହ' ନାମକ ଏକ ଐତିହାସିକ ଉପନ୍ୟାସ ଧାରାବାହିକ ରୂପେ ପ୍ରକାଶ କରୁଥିଲେ କିନ୍ତୁ ତାହା ସମ୍ପୂର୍ଣ୍ଣ ହୋଇ ପାରିନଥିଲା ।" (୨) ସ୍ୱର୍ଗତ ଗୋକୁଳ ଚନ୍ଦ୍ର ଶତପଥୀ ତାଙ୍କର 'ଓଡ଼ିଆ ଉପନ୍ୟାସ' ପ୍ରବନ୍ଧରେ ଏହି ମତକୁ ଗ୍ରହଣ କରି ନେଇଥିଲେ । (୩) ପଦ୍ମମାଳୀ ଚତୁର୍ଥ ସଂସ୍କରଣ ଭୂମିକାରେ ଅନୁରୂପ ମନ୍ତବ୍ୟ ପୁସ୍ତକର ପ୍ରକାଶକ ଦେଇଛନ୍ତି : "ଉଦାସୀ ଛଦ୍ମନାମରେ ସେ 'କେନ୍ଦୁଝର ବିଦ୍ରୋହ' ନାମକ ଏକ ଐତିହାସିକ ଉପନ୍ୟାସ ଧାରାବାହିକ ରୂପେ ମୁକୁରରେ ପ୍ରକାଶ କରୁଥିଲେ, ମାତ୍ର ତାହା ସମ୍ପୂର୍ଣ୍ଣ ହୋଇ ପାରିନାହିଁ । (୪) ଡକ୍ଟର କୃଷ୍ଣ ଚରଣ ବେହେରାଙ୍କ ସମେତ ପରବର୍ତ୍ତୀ ସମୟର ଅନ୍ୟ ଗବେଷକମାନେ ଉମେଶ ଚନ୍ଦ୍ରଙ୍କୁ କେନ୍ଦୁଝର ବିଦ୍ରୋହର ଲେଖକ ଭାବରେ ଗ୍ରହଣ କରି ନେଇଛନ୍ତି । (୫)

କେନ୍ଦୁଝର ବିଦ୍ରୋହର ସାତଗୋଟି ପରିଚ୍ଛେଦ ମୁଦ୍ରିତ । ପ୍ରଥମ ପରିଚ୍ଛେଦରେ ଔପନ୍ୟାସିକ କେନ୍ଦୁଝର କଥା କହିବାକୁ ଯାଇ ଏକ ବିସ୍ତୃତ ଐତିହାସିକ ପ୍ରେକ୍ଷାପଟର ସୂଚନା ଦେଇଛନ୍ତି । ଓଡ଼ିଶାର ଅତୀତ ଗୌରବ ଓ କୀର୍ତ୍ତିରାଜିର ମହିମାମୟତା ପ୍ରସଙ୍ଗ ଏହି ପରିଚ୍ଛେଦରେ ସୂଚିତ । ଓଡ଼ିଶାର ଇତିହାସରେ ଗଡ଼ଜାତ ରାଜାମାନଙ୍କ ଭୂମିକା ଓ ବିଭିନ୍ନ ସମୟରେ ଗଡ଼ଜାତ ରାଜାମାନଙ୍କ ଶାସନ ପ୍ରଣାଳୀ ସଂପୃକ୍ତ ପରିଚ୍ଛେଦରେ ହିଁ ଅବତାରିତ । କେନ୍ଦୁଝର ଭଳି ଏକ ଗଡ଼ଜାତ ରାଜ୍ୟ ବ୍ରିଟିଶ ଶାସନ ସହ ସଂଯୁକ୍ତ ହେବା ପୂର୍ବରୁ ଅତିକ୍ରମ କରିଥିବା ବିବିଧ ସ୍ତରର ପରିଚୟ ମଧ୍ୟ ଏହି ପରିଚ୍ଛେଦରେ ଉପସ୍ଥାପିତ । ପରବର୍ତ୍ତୀ ଛଅଟି ପରିଚ୍ଛେଦ ହେଲା : ସରଦାର ରତ୍ନାକର ସିଂହ ଗଡ଼ନାୟକ, ଉତ୍ପାତ ଆରମ୍ଭ, ପ୍ରେମିକ-ପ୍ରେମିକା, ଜାଲ ହିଇଲ, ମନ୍ତ୍ରଣା, ରାଣୀ ବିଷ୍ଣୁପ୍ରିୟା ପାଟ ମହାଦେଈ । ପ୍ରକାଶିତ ଅଂଶରେ ଉପନ୍ୟାସର କେତେକ ମୁଖ୍ୟ ଚରିତ୍ର, ପୃଷ୍ଠଭୂମି ଓ ଭାବୀ ସଙ୍କଟର ସୂଚନାତ୍ମକ ପରିଚୟ ଦିଆଯାଇ ପାରିଛି ।

କେନ୍ଦୁଝର ବିଦ୍ରୋହର ନାୟକ ରତ୍ନାକର ସିଂହ ଗଡ଼ନାୟକ । ଉମେଶ ଚନ୍ଦ୍ର ତାଙ୍କୁ ସମସ୍ତ ଉଚ୍ଚତମ ମାନବିକ ଗୁଣର ଆକର, କ୍ଷତ୍ରିୟ ବଂଶଜ ଓ ଚରମ ଶତ୍ରୁ ଦ୍ୱାରା ମଧ୍ୟ ପ୍ରଶଂସିତ ଆଦର୍ଶ ମାନବ ହିସାବରେ ପରିଚିତ କରାଇଛନ୍ତି । ତାଙ୍କର ସୁଗୁଣାବଳୀ ଦ୍ୱାରା—ଜୟନ୍ତୀଗଡ଼ର ଦୁର୍ଗପତି ଭାବରେ କେବଳ ନୁହେଁ ବା ମାନ୍ୟତାରେ କେନ୍ଦୁଝର ରାଜ୍ୟରେ ମହାରାଜଙ୍କ ପରେ ଦ୍ୱିତୀୟ ସ୍ଥାନୀୟ ବୋଲି ନୁହେଁ—ସେ କେନ୍ଦୁଝର ଜନସାଧାରଣଙ୍କ ମଧ୍ୟରେ ସ୍ୱାଭାବିକ ଭାବରେ ନାୟକ ଭୂମିକାରେ ଅବତୀର୍ଣ୍ଣ । ତୃତୀୟ ପରିଚ୍ଛେଦରେ ହିଁ କଥାବସ୍ତୁର ଆରମ୍ଭ । ଆକାଶରେ ଅଶୁଭ

ସୂଚକ ଲକ୍ଷ୍ମୀ ନାରୀର ଆବିର୍ଭାବ ଓ କେନ୍ଦୁଝରର ମହାରାଜାଙ୍କ ମୃତ୍ୟୁ ସମ୍ବାଦ, ପାଠକ ଏହା ସମୟରେ ପାଏ । ମହାରାଜା ମୃତ୍ୟୁ ପୂର୍ବରୁ ମୟୂରଭଞ୍ଜର ଜ୍ୟେଷ୍ଠରାଜ ବୃନ୍ଦାବନ ଚନ୍ଦ୍ର ଭଞ୍ଜଙ୍କୁ ଉତ୍ତରାଧିକାରୀ ରୂପେ ମନୋନୀତ କରିଥିବା ଏହି ପରିଚ୍ଛେଦରେ କଥିତ । ପରେ କେନ୍ଦୁଝର ରାଜ-ଗାଦି ପାଇଁ ଯେଉଁ ବିବାଦ ଦେଖାଦେଇଥିଲା, ତାହାର ଇଂଗିତ ଏଠାରେ ହିଁ ଦିଆଯାଇଛି ।

ଚତୁର୍ଥ ପରିଚ୍ଛେଦରେ କେନ୍ଦୁଝରର ରାଜ-ସିଂହାସନରେ ଅନ୍ୟତମ ଦାବିଦାର ଓ 'କେନ୍ଦୁଝରର ବିଦ୍ରୋହ'ର କାରଣ ହୋଇଥିବା ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ ପାଠକ ମାନଂକ ସହିତ ପରିଚୟ କରାଇ ଦିଆଯାଇଛି । ରତ୍ନାକର ଗଡନାୟକଙ୍କ ବଡ ଭାଇ ପ୍ରଭାକରଂକ ଅତ୍ୟଧିକ ଦାନଶୀଳତା କିଭଳି ପରିବାରରେ ବିପର୍ଯ୍ୟୟ ଆଣିଥିଲା – ତାହା ମଧ୍ୟ ଏହି ପରିଚ୍ଛେଦରେ ବର୍ଣ୍ଣିତ । ଉମେଶଚନ୍ଦ୍ର, କେନ୍ଦୁଝର ବିଦ୍ରୋହ ପରେ ଦୁଇଟି ଭିନ୍ନ ଦିଗଂତରେ ପହଞ୍ଚିଥିବା ରତ୍ନାକର ଓ ଧନୁର୍ଜୟଙ୍କ ପାରିବାରିକ ସଂପର୍କ ଓ ରତ୍ନାକରଂକ କନ୍ୟା ଚନ୍ଦ୍ରଲେଖା ଓ ଧନୁର୍ଜୟଙ୍କ ମଧ୍ୟରେ ଥିବା ଘନିଷ୍ଠ ପ୍ରେମ-ପ୍ରସଂଗ ଏହି ପରିଚ୍ଛେଦରେ ହିଁ ଉପସ୍ଥାପିତ କରିଛନ୍ତି । ଉପନ୍ୟାସ ପରିଣତିରେ ବିୟୋଗାନ୍ତକ ହେବାକୁ ବାଧ୍ୟହେଲାବେଳେ ଏହି ରୋମାଣ୍ଟିକ କାହାଣୀ କେଉଁ ଦିଗରେ ଅଗ୍ରସର କରିଥାଆନ୍ତା, ତାହା କେବଳ କଳ୍ପନା ହିଁ କରାଯାଇପାରେ ।

ପଞ୍ଚମ ପରିଚ୍ଛେଦରେ 'କେନ୍ଦୁଝରର ବିଦ୍ରୋହ'ର ଅସଲ ସୂତ୍ରଧର ଦେବକର୍ତ୍ତା ଚନ୍ଦ୍ରଶେଖର ଧଳଙ୍କର ଆବିର୍ଭାବ । ପରବର୍ତ୍ତୀ ସମୟରେ ଖଳନାୟକ ଭୂମିକାରେ ଅବତୀର୍ଣ୍ଣ କରାଇବାକୁ ଇଚ୍ଛାକରି ଉମେଶଚନ୍ଦ୍ର ଦେବକର୍ତ୍ତାଙ୍କର ଏକ ପରିଚୟ ଦେଇ କେବଳ ସନ୍ତୁଷ୍ଟ ହୋଇନାହାନ୍ତି, ତାଂକର କାର୍ଯ୍ୟକ୍ରମ ଏହି ପରିଚ୍ଛେଦରୁ ଆରମ୍ଭ ହୋଇଯାଇଛି । ଯେଉଁ ଇଚ୍ଛାପତ୍ରକୁ ସାବ୍ୟସ୍ତ କରି ନିଜର ମନୋନୀତ ବ୍ୟକ୍ତି ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ, ସେ କେନ୍ଦୁଝର ରାଜସିଂହାସନରେ ଅଭିଷିକ୍ତ କରାଇବାରେ ସମର୍ଥ ହୋଇଥିଲେ, ସେଇ ଇଚ୍ଛାପତ୍ର ସୃଷ୍ଟିର ସମଗ୍ର ଇତିବୃତ୍ତ ଓ ରୂପ ଏହି ଅଧ୍ୟାୟରେ ବିବୃତ । ଔପନ୍ୟାସିକ ଏଠାରେ ସ୍ପଷ୍ଟ କରି ଦେଇଛନ୍ତି ଯେ ସରକାରଂକ ଦ୍ୱାରା ଗୃହୀତ ଇଚ୍ଛାପତ୍ର ଜାଲ ଓ ଦେବକର୍ତ୍ତା କର୍ତ୍ତୃକ ଲିଖିତ । "କେନ୍ଦୁଝରର ବିଦ୍ରୋହ," ତେଣୁ ମିଥ୍ୟା ସନ୍ଦେହ ଉପରେ ନୁହେଁ, ମିଥ୍ୟାକୁ କ୍ଷମତା ଓ ଅର୍ଥ ବଳରେ ସତ୍ୟରୂପେ ପ୍ରତିଷ୍ଠା କରାଯାଇଥିବା ହେତୁ ସମ୍ଭବଥିଲା—ଔପନ୍ୟାସିକ ଘଟଣାର ପାରମ୍ପର୍ଯ୍ୟାତ୍ମକ ଉପସ୍ଥାପନରୁ ଏହା ପ୍ରମାଣ କରିବାକୁ ଚାହିଁଛନ୍ତି । ଷଷ୍ଠ ପରିଚ୍ଛେଦ ଧୂର୍ତ୍ତଟିର ପ୍ରକାଶ । ମିଥ୍ୟା ଓ ଜାଲ ଇଚ୍ଛାପତ୍ରକୁ ସତ୍ୟରୂପେ ପ୍ରତିପାଦନ କରିବାପାଇଁ ଦେବକର୍ତ୍ତାଂକର ପରବର୍ତ୍ତୀ ପଦକ୍ଷେପ ଏଠାରେ ବର୍ଣ୍ଣିତ । ପ୍ରସଙ୍ଗ କ୍ରମେ ଆସିଛନ୍ତି ଗଡଜାତ ମାହାଲର ସୁପରିନ୍ଟେଣ୍ଡେଣ୍ଟଙ୍କ

ସେରସ୍ତାଦାର ହରମୋହନ ମିଶ୍ର । ବେବର୍ତ୍ତାଙ୍କ ଧୂର୍ତ୍ତାମି ଓ ମିଶ୍ରଙ୍କ ଅସାଧୁତାର ଜାଲ ଭିତରେ ଧନୁର୍ଜୟଙ୍କ ସମେତ ସମଗ୍ର କେନ୍ଦୁଝରବାସୀ କିଭଳି ଧରା ପଡ଼ିଛନ୍ତି, ତାହାର ଇଂଗିତ ଏଠାରେ ରହିଛି ।

ସପ୍ତମ ପରିଚ୍ଛେଦର ଔପନ୍ୟାସିକ କେନ୍ଦୁଝରର ମହାରାଣୀ ବିଷ୍ଣୁପ୍ରିୟା ପାଟ ମହାଦେଇଙ୍କୁ କଥାବସ୍ତୁର ମଞ୍ଚ ଉପରକୁ ନେଇ ଆସିଛନ୍ତି । ମହାରାଣୀ କେବଳ ରୂପବତୀ ନଥିଲେ, ସ୍ୱର୍ଗତ ମହାରାଜାଙ୍କର ସେ ଥିଲେ ପ୍ରକୃତ ଅର୍ଦ୍ଧାଂଗିନୀ । ଜୟନ୍ତୀଗଡ଼ର ସାମନ୍ତ ରତ୍ନାକର ଗଡ଼ନାୟକ ଓ ସର୍ଦ୍ଦାର ମାନଙ୍କ ସହ ମହାରାଣୀଙ୍କର କେନ୍ଦୁଝରର ଭବିଷ୍ୟତ ନେଇ ପରାମର୍ଶ ଓ ବୃନ୍ଦାବନ ଭଞ୍ଜଙ୍କୁ ଉତ୍ତରାଧିକାରୀ କରିବାର ନିଷ୍ପତ୍ତି ଅବତାରଣା କରାଯାଇଛି । ଧୂର୍ତ୍ତ ବେବର୍ତ୍ତାଙ୍କ ବିରୁଦ୍ଧରେ ଦରକାର ହେଲେ ଅସ୍ତ୍ର ଉତ୍ତୋଳନ କରିବାକୁ ରତ୍ନାକରଙ୍କ ସମେତ ସମସ୍ତ ସର୍ଦ୍ଦାରଙ୍କର ବଜ୍ର ଶପଥ, ଏହି ଅଧ୍ୟାୟରେ ସ୍ଥାନିତ । ଉପନ୍ୟାସଟିର କଥାବସ୍ତୁ ଦୁଇ ବିପରୀତ ଦିଗରୁ ଆସି ଏକ ସଂଘର୍ଷରେ ଉପନୀତ ହେବାର ସୂଚନା ଦେଲାପରେ, ଉପନ୍ୟାସ ଆଉ ପ୍ରକାଶିତ ହୋଇ ନାହିଁ ।

କୌଣସି ଅସମ୍ପୂର୍ଣ୍ଣ କଳାସୃଷ୍ଟିକୁ ଆଲୋଚନା କରିବାର କେତେକ ଅସୁବିଧା ରହିଅଛି । ପ୍ରତ୍ୟେକ କଳାସୃଷ୍ଟି ଗୋଟାଏ ପଟରେ ସମ୍ଭାବନା ଓ ଅପର ପଟରେ ସୀମାବଦ୍ଧତାର ସୂଚକ । ସୀମାବଦ୍ଧତା ଭିତରେ ଏହା ଯେଉଁଭଳି ମୁକ୍ତିର ଆସ୍ୱାଦ ଦିଏ; ଦେଶ, କାଳ ଓ ଶିଳ୍ପଶୈଳୀ ଗୋଟିଏ ସାହିତ୍ୟ ସୃଷ୍ଟିକୁ ଯେଉଁ ଯେଉଁ ପରିସରରେ ନିୟନ୍ତ୍ରିତ କରେ, କୃତିଟିର ପୂର୍ଣ୍ଣାଙ୍ଗରୂପ ତାହାର ପରିଚୟ ବହନ କରିଥାଏ । କେନ୍ଦୁଝର ବିଦ୍ରୋହ" ଏକ ମହାମାନସ୍ୟ କାହାଣୀ କହିବାକୁ ଯାଇ ଅଟକି ଯାଇଛି । ମୁଦ୍ରିତ ସାତଟି ପରିଚ୍ଛେଦ ଉପନ୍ୟାସ କଥାବସ୍ତୁ (Plot) ର ଭିତ୍ତି । କେତୋଟି ମୁଖ୍ୟ ଚରିତ୍ର ସମ୍ପର୍କରେ ସୂଚନା ବ୍ୟତୀତ ଅନ୍ୟ କୌଣସି ବିଷୟ ପ୍ରକାଶିତ-ଅଂଶରୁ ସ୍ପଷ୍ଟ ନୁହେଁ । ରତ୍ନାକର, ନାରାୟଣ (ଧନୁର୍ଜୟ ନାରାୟଣ ଭଞ୍ଜ) ବେବର୍ତ୍ତା ବା ମହାରାଣୀ କାହାରି ଚରିତ୍ରର ପୂର୍ଣ୍ଣାଂଗ ପରିଚୟ ଉପଲବ୍ଧ 'କେନ୍ଦୁଝର ବିଦ୍ରୋହ'ରୁ ମିଳେ ନାହିଁ । ଡଃ. କୃଷ୍ଣଚରଣ ବେହେରା ଓ ତାଙ୍କୁ ଅନୁସରଣ କରି ଅନ୍ୟ ଯେଉଁ ଗବେଷକମାନେ କେନ୍ଦୁଝର ବିଦ୍ରୋହ ସମ୍ପର୍କରେ ଆଲୋଚନା କରିଛନ୍ତି ସେମାନେ କାହାଣୀର ପରିଚୟ, ଐତିହାସିକ ପୃଷ୍ଠଭୂମି ଓ ଅନ୍ୟ କେତେକ ଅତି ସାଧାରଣ ପ୍ରସଙ୍ଗର ଅବତାରଣା କରି ସେମାନଙ୍କ ଆଲୋଚନା ସାଂଗ କରିବାକୁ ବାଧ୍ୟ ହୋଇଛନ୍ତି । ଅସମ୍ପୂର୍ଣ୍ଣ ଉପନ୍ୟାସର ଶିଳ୍ପଶୈଳୀଗତ ଆଲୋଚନା କ୍ଷେତ୍ରରେ ଥିବା ଅସୁବିଧା ଏହାର ପ୍ରଧାନ କାରଣ । 'କେନ୍ଦୁଝର ବିଦ୍ରୋହ'ର ଅନ୍ୟାନ୍ୟ ଉପନ୍ୟାସ ଭଳି ଆଲୋଚନା କରିବା କେବଳ ଅସୁବିଧା ଜନକ ନୁହେଁ, କେତେକାଂଶରେ ନିଷ୍ଫଳ ମଧ୍ୟ ।

ଉପନ୍ୟାସ ଚାରିତ୍ରିକ ଜୀବନର କଥା କହେ । ଐତିହାସିକ ଉପନ୍ୟାସରେ ଔପନ୍ୟାସିକ ଅତୀତ ଭିତର ଦେଇ ଚାରିତ୍ରିକତାର ସମାଗ୍ରସରଣକୁ ରୂପାୟିତ କରିଥାନ୍ତି । ଔପନ୍ୟାସିକଙ୍କର ବିଶ୍ୱଦୃଷ୍ଟି ତାଙ୍କର ସଂକ୍ଷିପ୍ତ ଜୀବନ ଅନୁଭୂତିକୁ ଏକ ପ୍ୟାଟର୍ଣ୍ଣ ପ୍ରଦାନ କରିଥାଏ । (୬) ଚରିତ୍ର ଚୟନ, ଗଳ୍ପଗୁମ୍ଫନ ତଥା ଉପନ୍ୟାସ ସଂରଚନାକୁ ଏହିଭଳି ଏକ ବିଶ୍ୱଦୃଷ୍ଟି ନିୟନ୍ତ୍ରିତ କରିଥାଏ । ବିପୁଳ ଜୀବନ କ୍ଷେତ୍ରରୁ ଘଟଣା ଓ ଚରିତ୍ର ସଂଗ୍ରହ କଲାବେଳେ ସ୍ରଷ୍ଟାଙ୍କର ଏହି ଜୀବନ ଦୃଷ୍ଟି ଏକ ଅଜ୍ଞାତ ନିର୍ବାଚନ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ଥାଏ । ଉମେଶ ଚନ୍ଦ୍ର, କେନ୍ଦୁଝରର ବିଦ୍ରୋହର ଇତିହାସ ଓ ତା ସହ ସଂଶ୍ଳିଷ୍ଟ ମଣିଷମାନଙ୍କୁ କେଉଁ ଦୃଷ୍ଟିକୋଣରୁ ଦେଖିଛନ୍ତି, ତା'ର ଆଭାସ କେନ୍ଦୁଝରର ବିଦ୍ରୋହର ପ୍ରକାଶିତ ଅଂଶରୁ ଖୋଜାଯାଇପାରେ । ପ୍ରଥମ ଦୁଇ ପରିଚ୍ଛେଦରେ ଓଡ଼ିଶାର ଇତିହାସ ଓ ତାର ଅନନ୍ୟ ଐତିହାସିକ ପୁରୁଷ ରତ୍ନାକର ସିଂହଙ୍କ ପ୍ରସଙ୍ଗ ଉତ୍ଥାପିତ । ରତ୍ନାକର ସିଂହ ଗଡ଼ନାୟକଙ୍କର ପରିଚୟ ଦେବାକୁ ଯାଇ ସେ ଲେଖିଛନ୍ତି : "ସେ କ୍ଷତ୍ରିୟ ବଂଶଜ ଜଣେ ତେଜସ୍ୱୀ ପୁରୁଷ । ତାଙ୍କର ବର୍ଣ୍ଣ ଉଜ୍ଜ୍ୱଳ ଶ୍ୟାମ; 'ବ୍ୟୁଢୋରସ୍କୋ ବୃଷସ୍କନ୍ଧଃ, ଶାଳପ୍ରାଂଶୁର୍ମହାଭୁଜଃ ; ଆୟତ ରକ୍ତିମ ଲୋଚନ ଓ ସୁନ୍ଦର ମୁଖଶ୍ରୀ ବୀରତ୍ୱର ପରିଚୟ ଦେଉଥିଲା । ସେ ଧୃତ ହେଲା ଉତ୍ତାରୁ କର୍ଣ୍ଣେଲ ଓ୍ୱାଲଟନ ଏବଂ ରେଭନ୍ସା.........ସାହେବମାନେ ଗବର୍ଣ୍ଣମେଣ୍ଟକୁ ଯେଉଁ ରିପୋର୍ଟ ପ୍ରେରଣ କରିଥିଲେ, ତହିଁରେ ସ୍ପଷ୍ଟ ଉଲ୍ଲେଖ କରିଥିଲେ ଯେ, ରତ୍ନାକର ଗଡ଼ନାୟକଙ୍କୁ ଦେଖିଲେ ସେ ଜଣେ ବୀର ପୁରୁଷ ଓ ଲୋକମାନଙ୍କ ଉପରେ ପ୍ରଭୁତ୍ୱ କରିବା ସକାଶେ ଜନ୍ମଗ୍ରହଣ କରିଥିବାର ପ୍ରତୀୟମାନ ହେଉଥିଲା । ସରଦାର କର୍ତ୍ତବ୍ୟନିଷ୍ଠ ଏବଂ ସ୍ୱଦେଶାନୁରାଗୀ ଥିଲେ ।" ଉମେଶଚନ୍ଦ୍ରଙ୍କର ଏହି ଶ୍ରଦ୍ଧାଞ୍ଜଳି ସମକାଳୀନ ଇତିହାସ ବୋଧର ଏକ ବ୍ୟତିକ୍ରମ । କେନ୍ଦୁଝରର ବିଦ୍ରୋହକୁ ଆଶ୍ରୟ କରି ଉମେଶଚନ୍ଦ୍ରଙ୍କର ଇତିହାସ ଦର୍ଶନ ଆଲୋଚନା କରାଯାଇ ପାରେ । କାରଣ ତାଙ୍କର ଅନ୍ୟତମ ଉପନ୍ୟାସ 'ପଦ୍ମମାଳୀ'ର ଇତିହାସ ଭିତ୍ତି ବିତର୍କିତ ନୁହେଁ । କାହାଣୀ ସଂରଚନାରେ "ପଦ୍ମମାଳୀ" ପ୍ରଚଳିତ ଇତିହାସଠାରୁ କୌଣସି ନୂତନ ଢଙ୍ଗର ସୂଚନା ବି ଦେଇନାହିଁ । କିନ୍ତୁ ଏଠାରେ ସ୍ମରଣୀୟ, ଜଣେ ଐତିହାସିକ ଉପନ୍ୟାସକାରଙ୍କର ଇତିହାସ-ପ୍ରତ୍ୟୟର ବିଶ୍ଳେଷଣ ନ କଲେ ତାଙ୍କର ଉପନ୍ୟାସ ଶିଳ୍ପର ପୂର୍ଣ୍ଣାଙ୍ଗ ଆଲୋଚନା ମଧ୍ୟ ସମ୍ଭବ ନୁହେଁ ।

୧୮୦୪ ମସିହା ଡିସେମ୍ବର ୨୭ ତାରିଖରେ କେନ୍ଦୁଝରର ରାଜା ଜନାର୍ଦ୍ଦନ ଭଞ୍ଜଙ୍କର ଇଂରେଜ ରାଜ ଶକ୍ତି ସହ ଚୁକ୍ତି ଫଳରେ (୭) କେନ୍ଦୁଝର ପରୋକ୍ଷଭାବେ ଔପନିବେଶିକ ଶାସନତନ୍ତ୍ର ସହ ସଂଶ୍ଳିଷ୍ଟ ହୋଇପଡ଼ିଲା । କେନ୍ଦୁଝର ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ ପ୍ରତିଷ୍ଠିତ ରାଜ୍ୟ ସମୂହ ମରହଟ୍ଟା ଶାସନ ପର୍ଯ୍ୟନ୍ତ ଅନ୍ୟାନ୍ୟ

ଅଞ୍ଚଳ ଠାରୁ ବିଚ୍ଛିନ୍ନ ହୋଇ ରହିଥିଲା । ଇଂରେଜମାନଙ୍କର ପରୋକ୍ଷ ଶାସନରେ ଆସିବା ଫଳରେ ଅର୍ଥନୈତିକ ଶୋଷଣ ଓ ତଜ୍ଜନିତ ସାମାଜିକ ପରିବର୍ତ୍ତନ ଯୋଗେ ଏହା ଏକ ଭୟଙ୍କର ଆତ୍ମ-ସଂକଟରେ ସମ୍ମୁଖୀନ ହେଲା । (୮) ଗୋଟାଏ ପଟରେ ହିନ୍ଦୁ ସମାଜର ମୁଖ୍ୟ ଧାରାର ସମୀପବର୍ତ୍ତୀ ହେବାରୁ ଏଠାର ଅଧିବାସୀମାନେ ପରିଚୟ-ଗତ ସମସ୍ୟାର ଯେଉଁଭଳି ସମ୍ମୁଖୀନ ହେଲେ; କେନ୍ଦୁଝର ରାଜାଙ୍କର କ୍ଷମତା ସୀମିତ ହୋଇ ନାନା ପ୍ରକାର ଅର୍ଥନୈତିକ ଉତ୍ପୀଡ଼ନ ଆରମ୍ଭ ହୋଇ ଯାଇଥିଲା । (୯) କେନ୍ଦୁଝରର ପ୍ରଜାମାନେ ତେଣୁ ବହୁ ସମୟରେ ଏକ ବିକ୍ଷୁବ୍ଧ ଅବସ୍ଥାରେ କାଳାତିପାତ କରୁଥିଲେ । ଆଗରୁ ପ୍ରଚଳିତ ବେଠି, ବଗାର ପ୍ରଥା ସହିତ ନୂତନ ବନ୍ଦୋବସ୍ତ ଫଳରେ ଲୋକଙ୍କ ଉପରେ ଲଦାଯାଇଥିବା କରଭାରରେ ଅତିଷ୍ଠ ହୋଇ କେନ୍ଦୁଝରର ଭୂୟାଁ, ଜୁଆଙ୍ଗ ଓ ଅନ୍ୟାନ୍ୟ ସମ୍ପ୍ରଦାୟ ୧୮୪୯ ମସିହାରେ ରାଜାଙ୍କ ବିରୁଦ୍ଧରେ ରତନା ନାୟକ (ରତନ ସିଂହ । ଉମେଶଚନ୍ଦ୍ର ତାଙ୍କର ପରିଚୟ ଦେଇଚନ୍ଦ୍ର'ରତ୍ନାକର ସିଂହ ଗଡ଼ନାୟକ ଭାବରେ) ଙ୍କ ନେତୃତ୍ୱରେ ଏକ ବିଦ୍ରୋହ ସଂଘଟିତ କରିଥିଲେ । (୧୦) ପାରସ୍ପରିକ ବୁଝାମଣା ପରେ ବନ୍ଦୀ ରତନ ନାୟକଙ୍କୁ ଖଲାସ କରାଯାଇଥିଲା । ଲୋକମାନଙ୍କ ଶୋଷଣରେ ଅପୂର୍ବ ଦକ୍ଷତା ଦେଖାଇ ଥିବାରୁ କେନ୍ଦୁଝରର ଦେବର୍ତ୍ତା ଚନ୍ଦ୍ରଶେଖର ଧଳଙ୍କୁ ଇଂରେଜ ସରକାର ରାୟ ବାହାଦୂର ଉପାଧି ସହ ପାରିତୋଷିକ ପ୍ରଦାନ କରିଥିଲେ । (୧୧) ଲୋକଙ୍କ ଭିତରେ କୁହୁଳିଥିବା ଅସନ୍ତୋଷ, ଦେବର୍ତ୍ତାଙ୍କ ପ୍ରତି ଥିବା କ୍ରୋଧ ଓ ଇଂରେଜ ଶାସନ ପ୍ରତି ଥିବା ଘୃଣାର ଘନୀଭୂତ ମିଶ୍ରିତ ପ୍ରତିକ୍ରିୟା ୧୮୬୮ ମସିହାରେ କେନ୍ଦୁଝରରେ ଏକ ଭୟଂକର ବିଦ୍ରୋହ ସୃଷ୍ଟି କରିଥିଲା—ଦେଶୀ ଓ ବିଦେଶୀ ବହୁ ଐତିହାସିକ ଏହି ବିଦ୍ରୋହର ବିବରଣୀ ଲିପିବଦ୍ଧ କରି ପାଇଛନ୍ତି । (୧୨)

୧୮୬୮ ମସିହାରେ ଦେଖାଦେଇଥିବା ବିଦ୍ରୋହର ଅବ୍ୟବହିତ କାରଣ ଥିଲା କେନ୍ଦୁଝର ରାଜଗାଦି ଲାଗି ଉତ୍ତରାଧିକାର ମନୋନୟନ । ୧୮୬୧ ମସିହା ମାର୍ଚ୍ଚ ୨୨ ତାରିଖରେ କେନ୍ଦୁଝରର ତତ୍କାଳୀନ ରାଜା ଗଦାଧର ନାରାୟଣ ଭଞ୍ଜ (ରସମୁକ୍ତାବଳୀ' ଶୀର୍ଷକ ଓଡ଼ିଆ ଅଳଂକାର ଗ୍ରନ୍ଥର ପ୍ରଣେତା) ତୀର୍ଥ କରିବାକୁ ଯାଇ ତ୍ରିବେଣୀଠାରେ ପ୍ରାଣତ୍ୟାଗ କଲେ । ତାଂକର ରାଣୀଙ୍କ ଗର୍ଭରୁ କୌଣସି ପୁତ୍ର ସନ୍ତାନ ନଥିଲା । ଦେବର୍ତ୍ତା ଚନ୍ଦ୍ରଶେଖର ତାଂକ ଫୁଲବିବାହୀ ସ୍ତ୍ରୀ (୧୩)ଙ୍କ ଗର୍ଭଜାତ ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ ଉତ୍ତରାଧିକାରୀ ରୂପେ ପ୍ରତିଷ୍ଠା କରିବାକୁ ଚାହୁଁଥିଲା ବେଳେ, ରାଣୀ ଓ ପ୍ରଜାଗଣ ମୟୂରଭଞ୍ଜର ଶ୍ରେଷ୍ଠରାୟ ବୃନ୍ଦାବନ ଚନ୍ଦ୍ର ଭଞ୍ଜଙ୍କୁ ହିଁ ରାଜାରୂପେ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ଥିଲେ । ୧୮୬୧ ମସିହାରୁ ୧୮୬୧ ମସିହା ପର୍ଯ୍ୟନ୍ତ ଏଥିଲାଗି ଆଇନଗତ ବିବାଦ ଲାଗି ରହିଥିଲା । ତତ୍କାଳୀନ ଶାସକବର୍ଗ ଆପଣାର ସ୍ୱାର୍ଥ ହେତୁ ଦେବର୍ତ୍ତାଙ୍କ ମନୋନୀତ ଧନୁର୍ଜୟଙ୍କୁ ଉତ୍ତରାଧିକାରୀ ରୂପେ ସ୍ୱୀକାର କରିଥିଲେ । ପ୍ରିଭି କାଉନ୍‌ସିଲ୍‌ରେ ରାଣୀ ଓ ବୃନ୍ଦାବନ ଚନ୍ଦ୍ରଙ୍କ ଆବେଦନ ବିଚାରାଧୀନ ଥିଲାବେଳେ ଓଡ଼ିଶାର

ତତ୍କାଳୀନ କମିସନର୍ ରେଭେନ୍‌ସା ଧନୁର୍ଜୟଙ୍କୁ ରାଜଗଦିରେ ବସାଇଥିଲେ । ପ୍ରଜା ଓ କେନ୍ଦୁଝରର ଅଧିବାସୀମାନେ ଆଶଂକା କରିଥିଲେ, ଧନୁର୍ଜୟ ରାଜା ହେଲେ ସେବର୍ତ୍ତା ହେବେ ସର୍ବେସର୍ବା ଓ ସେମାନଙ୍କର ଅବସ୍ଥା ଆହୁରି ସାଂଘାତିକ ହୋଇଉଠିବ । ଫଳରେ ସେମାନେ ପ୍ରତିଷ୍ଠିତ ଶାସନତନ୍ତ୍ର ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିଥିଲେ । ବୃହତ୍ତର ଶକ୍ତି ବିରୁଦ୍ଧରେ ଏଭଳି ଗଣବିପ୍ଳବର ଅବସ୍ଥା ଯାହା ହୁଏ, ଏହି କ୍ଷେତ୍ରରେ ମଧ୍ୟ ତାହା ହେଲା—ବିଦ୍ରୋହକୁ ଦମନ କରାଗଲା ଓ ବିପ୍ଳବୀମାନଙ୍କୁ ଜେଲ, ଦ୍ୱୀପାନ୍ତର ଓ ମୃତ୍ୟୁଦଣ୍ଡ ଆଦିରେ ଦଣ୍ଡିତ କରାଗଲା । ବିପ୍ଳବର ନାୟକ ରତନ ନାୟକଙ୍କୁ ନଭେମ୍ବର ୩୦, ୧୮୬୮ ରେ ନିଜ ସଂପ୍ରଦାୟର ସ୍ୱାର୍ଥପାଇଁ ସଂଗ୍ରାମ କରିଥିବାହେତୁ ଇଂରେଜ ମାନଙ୍କର ଫାଶିଖୁଣ୍ଟରେ ଝୁଲିବାକୁ ହେଲା ।

କେନ୍ଦୁଝରର ବିଦ୍ରୋହର ଇତିହାସ ରଚନାର ଆରମ୍ଭ ବିପ୍ଳବର ସମକାଳରେ । ଏହି ଇତିହାସର ପ୍ରଣେତା ଥିଲେ ସରକାରୀ ରିପୋର୍ଟର ଲେଖକ, ବିଦ୍ରୋହ ଦମନ କରୁଥିବା ପ୍ରଶାସକ ଓ ଗୌରୀଶଙ୍କର ରାୟଙ୍କ ଭଳି ସମକାଳୀନ ବୁଦ୍ଧିଜୀବୀମାନେ । ପରବର୍ତ୍ତୀ ସମୟର ଐତିହାସିକମାନେ ନିଜର ଶ୍ରେଣୀସ୍ୱାର୍ଥ ଓ ଦୃଷ୍ଟିଭଂଗୀଗତ ସାଜୁଜ୍ୟ ହେତୁ ସମକାଳୀନ ଇତିହାସ-ରଚନା ଠାରୁ ନିଜକୁ ଦୂରେଇ ପାରି ନାହାନ୍ତି । ଏହି ବିପ୍ଳବର ଅଂଶ ଗ୍ରହଣକାରୀମାନେ ସ୍ୱାଧୀନ ଚେତା, ଇଚ୍ଛାଶକ୍ତି ସଂପନ୍ନ ଓ ହେତୁବାଦୀ ମଣିଷ ହିସାବରେ ଏଇ ସମସ୍ତ ଇତିହାସରେ ଆବିର୍ଭୂତ ହୋଇ ନାହାନ୍ତି; ହୋଇଛନ୍ତି ବୁଦ୍ଧିହୀନ, ଅନ୍ୟଦ୍ୱାରା ପରିଚାଳିତ, ଅସଭ୍ୟ ଓ ବଦମାସ ଲୋକ ଆକାରରେ । ରତନ ନାୟକଙ୍କୁ ଫାଶି ଦେବାର ସମ୍ବାଦ 'ଉତ୍କଳ ଦୀପିକା' ଯେଭଳି ଭାବେ ପ୍ରକାଶ କରିଥିଲେ ତାହା ଉପରୋକ୍ତ ଦୃଷ୍ଟିଭଂଗୀର ପରିଚୟ ପ୍ରଦାନ କରେ : "କେନ୍ଦୁଝରର ବିଦ୍ରୋହର ସରଦାରମାନେ ରତନ ନାୟକ ପ୍ରଭୃତି ଚାରିଜଣ ଆଗାମୀ ସୋମବାର କଟକ ଜେଲ୍ ସମ୍ମୁଖରେ ଫାଶି ପାଇବେ । ଶ୍ରୀଯୁକ୍ତ ରାଭେନସା ସାହେବ କେନ୍ଦୁଝର ମୁକାମରେ ବିଚାର କରି ଏହି ଦଣ୍ଡ ଦେବାର ପ୍ରସ୍ତାବ କରିଥିଲେ । ଗବର୍ଣ୍ଣମେଣ୍ଟ ସେଥିରେ ସମ୍ମତ ହୋଇଅଛନ୍ତି । ଯଦ୍ରୂପ କାର୍ଯ୍ୟ ତଦ୍ରୂପ ଫଳ ହେଲା ।' (୧୪) ଏଠାରେ ସ୍ମରଣ କରାଯାଇପାରେ ଯେ ରତନ ନାୟକ ସେଇବର୍ଷ ଅଗଷ୍ଟ ୧୫ ତାରିଖରେ ଗିରଫ ହୋଇଥିଲେ । ସର୍ବନିମ୍ନ ସମୟ ଭିତରେ ବିଚାରାଳୟରୁ ନ୍ୟାୟ (?) ପାଇବାରେ ରତନ ନାୟକ ପ୍ରଥମ ସ୍ଥାନ ଅଧିକାର କରିବେ !

ବ୍ରିଟିଶ ରାଜତ୍ୱ କାଳରେ ବିଭିନ୍ନ କୃଷକ ସଂପ୍ରଦାୟ ଔପନିବେଶିକ ଶାସନ ବ୍ୟବସ୍ଥା ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିଥିଲେ । ଏଭଳି ଏକ ପଦକ୍ଷେପ କେବଳ ବିଦ୍ରୋହାତ୍ମକ ନଥିଲା : ଦଳିତ ସଂପ୍ରଦାୟର ଏହି ସମସ୍ତ ବିଦ୍ରୋହ ଔପନିବେଶିକ ଓ ଅର୍ଦ୍ଧ-ସାମନ୍ତତାନ୍ତ୍ରିକ ଶାସନ-ବ୍ୟବସ୍ଥା ଭିତରେ ନିଜର ପୂର୍ବସ୍ୱୀକୃତ ସାମାଜିକ-ସ୍ଥିତିର

ସଂରକ୍ଷଣ ପାଇଁ ଏକ ସଂଗ୍ରାମ ଥିଲା । ଏହି ସବୁ ବିଦ୍ରୋହ ଭଳି କେନ୍ଦୁଝର ବିଦ୍ରୋହ ପ୍ରଥମେ ରାଜାଙ୍କ ବିରୁଦ୍ଧରେ ଉଦ୍ଦିଷ୍ଟ ଥିଲେ ହେଁ, ବାସ୍ତବତଃ, ତାହା ଥିଲା କେନ୍ଦୁଝରର ଭୂୟାଁ, ଜୁଆଙ୍ଗ ଓ ଅନ୍ୟାନ୍ୟ ଦଳିତ ଶ୍ରେଣୀର ଇଂରେଜ ରାଜଶକ୍ତି ବିରୁଦ୍ଧରେ ବିଦ୍ରୋହ । ଯେତେବେଳେ କୌଣସି ଅତ୍ୟାଚାରିତ ଜାତି ବିଦ୍ରୋହ କରେ, ସେତେ-ବେଳେ ଅତ୍ୟାଚାରୀର ଅନ୍ୟାୟ ବିରୁଦ୍ଧରେ ସେ କେବଳ ଯୁଦ୍ଧ ଘୋଷଣା କରେ ନାହିଁ ; ଅନ୍ୟାୟକୁ ଚିରନ୍ତନ କରିଥିବା ସମଗ୍ର ସମାଜ-ବ୍ୟବସ୍ଥାକୁ ସେ ଧୂଳିସାତ୍ କରିବାକୁ ଚାହିଁଥାଏ, ଫଳେ ଉଠୁଥିବା ଜଗତକୁ ଓଲଟେଇ ଦେବାକୁ ସେ ଚେଷ୍ଟା କରିଥାଏ । ଭୂୟାଁ, ଜୁଆଙ୍ଗ ଓ କେନ୍ଦୁଝରର ଜନଗଣ ଯେ କେବଳ ଇଂରେଜ ଶାସନରେ ଅତ୍ୟା-ଚାରିତ ହେଉଥିଲେ ତାହା ନୁହେଁ ; ଏହି ଅତ୍ୟାଚାର ଏକ ସମାଜ-ବ୍ୟବସ୍ଥା ଫଳରେ ସମସ୍ୟାନୁକ୍ରମିକ ଓ ଗ୍ରହଣ ଯୋଗ୍ୟ ହୋଇଥିଲା । କିନ୍ତୁ ଯେତେବେଳେ ସେମାନେ ବିଦ୍ରୋହ ଆରମ୍ଭ କରିଛନ୍ତି, ସେତେବେଳେ ସେମାନେ ସମସ୍ତ ବ୍ୟବସ୍ଥାକୁ ଭାଙ୍ଗିବାକୁ ଚେଷ୍ଟା କରିଛନ୍ତି । ଏହି ବ୍ୟବସ୍ଥା ସହିତ ଆମ ସମାଜର ବହୁ ଗୋଷ୍ଠୀ—ପତ୍ରିକା-ସମ୍ପାଦକ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଉଚ୍ଚବର୍ଣ୍ଣର ମଣିଷ ସମ୍ପୃକ୍ତ । ବିଦ୍ରୋହୀ-ମାନଙ୍କର ବିଶ୍ୱଦୃଷ୍ଟି ସେମାନଙ୍କ ବିଶ୍ୱଦୃଷ୍ଟିଠାରୁ ସମ୍ପୂର୍ଣ୍ଣ ଅଲଗା । ଶୋଷକଙ୍କର ସପକ୍ଷଙ୍କ ଭଳି ପତ୍ରିକା ସମ୍ପାଦକଙ୍କ ଠାରୁ ଆରମ୍ଭ କରି ହଣ୍ଟର, ବକ୍‌ଲାଣ୍ଡ, କବଡେନ-ରାମସେଙ୍କ ଭଳି ବିଦେଶୀ ଐତିହାସିକଗଣ ତଥା ରାଖାଲଦାସ ବନ୍ଦୋପାଧ୍ୟାୟ, ଜଗବନ୍ଧୁ ସିଂହ ଓ କ୍ଷେତ୍ରମୋହନ ମିଶ୍ରଙ୍କ ଭଳି ସ୍ୱଦେଶୀ ଐତିହାସିକ; ଏପରିକି ହରେକୃଷ୍ଣ ମହତାବଙ୍କ ଭଳି ଜାତୀୟତାବାଦୀ ଚିନ୍ତନାୟକ ମଧ୍ୟ ଏହି ବିଦ୍ରୋହକୁ ଶ୍ରଦ୍ଧାର ଦୃଷ୍ଟିନେଇ ଦେଖିନାହାନ୍ତି । ଏମାନେ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ଶୋଷଣସମ୍ବନ୍ଧ ସହିତ ସଂପୃକ୍ତ ଥିବାରୁ ବା ତା' ଦ୍ୱାରା ଉପକୃତ ହେଉଥିବାରୁ ଏହି ସମ୍ବନ୍ଧକୁ ସ୍ୱାଭାବିକ ବୋଲି ଗ୍ରହଣ କରି ନେଇଅଛନ୍ତି. ତା'ର ସୁରକ୍ଷାପାଇଁ ମାନସିକ ସ୍ତରରେ ପ୍ରତିଶ୍ରୁତିବଦ୍ଧ ମଧ୍ୟ ହୋଇ ପଡ଼ିଛନ୍ତି । ତେଣୁ କେନ୍ଦୁଝର ବିଦ୍ରୋହର ଭିତ୍ତିକୁ ସେମାନେ ତ କେବେ ଦେଖି ପାରିନାହାନ୍ତି ; ଆଲୋଚ୍ୟ ଐତିହାସିକ-ପ୍ରଶାସକ ମାନେ ଏହି ଆନ୍ଦୋଳନକୁ ନିଜର ସ୍ଥିତି ପ୍ରତି ଏକ ଆହ୍ୱାନ ଭାବରେ ଗ୍ରହଣ କରି ନେଇଛନ୍ତି । ଏହି ଆହ୍ୱାନର ପ୍ରତ୍ୟୁତ୍ତର କେବଳ ବେତାଘାତ, ଗୁଳି ଓ ଫାଶିକାଠରେ ଦିଆଯାଇ ନଥିଲା, ଇତିହାସ ପୃଷ୍ଠାରେ ଦିଆଯାଇଥିଲା, ଏବେ ମଧ୍ୟ ଦିଆଯାଉଛି । ଏହି ପ୍ରକାର ବିଦ୍ରୋହ ସଂପର୍କିତ ଇତିହାସ-ରଚନା ଉପରେ ଶ୍ରୀ ରଣଜିତ ଗୁହ ହୋଇଥିବା ମନ୍ତବ୍ୟ ଏଠାରେ ସ୍ମରଣ ଯୋଗ୍ୟ : Historiography has been content to deal with the peasant rebel merely as an empirical person or member of a class, but not as an entity whose will and reason constituted the praxis called rebellion. The omission is indeed dyed into most narratives by metaphors assimilating peasant revolts to natural phenomena : they break out like thunder storms, heave like earth-

quakes, spread like wild fires, infect like epidemics."
(୧୫) କେନ୍ଦୁଝରର ଆଲୋଚ୍ୟ ଗଣବିପ୍ଳବର ଇତିହାସ ରଚନା କ୍ଷେତ୍ରରେ ମଧ୍ୟ ତାହା ହୋଇଛି । ସମକାଳୀନ ସରକାରୀ ରିପୋର୍ଟର ଲେଖକଙ୍କ ଠାରୁ ଆରମ୍ଭ କରି ଡଃ. ପ୍ରସନ୍ନ କୁମାର ମିଶ୍ରଙ୍କ ପର୍ଯ୍ୟନ୍ତ ସମସ୍ତ ଐତିହାସିକ କେନ୍ଦୁଝର ବିଦ୍ରୋହକୁ ଏକ ସ୍ୱତଃସ୍ଫୂର୍ତ୍ତ, କାରଣ ବିହୀନ ଓ ଅବାଂଛିତ ବିଦ୍ରୋହ ବୋଲି ଗ୍ରହଣ କରିଛନ୍ତି । ଏହି ବିଦ୍ରୋହ ପଛରେ ଯେ ଏକ ସ୍ୱତନ୍ତ୍ର, ସଚେତନ, ସଂଗ୍ରାମୀ ସତ୍ତା ବିଦ୍ୟମାନ, ତାହା ସେମାନେ ସ୍ୱୀକାର କରିପାରି ନାହାନ୍ତି । ଦ୍ୱିତୀୟତଃ, ବିଦ୍ରୋହର ନାୟକ ଭାବରେ ସେମାନେ ଭୂୟାଁ, ଜୁଆଙ୍ଗ ଓ ସାଧାରଣ ସଂପ୍ରଦାୟର ପ୍ରତ୍ୟେକ ବିପ୍ଳବୀଙ୍କୁ ସ୍ୱୀକାର କରିପାରିନାହାନ୍ତି । କେନ୍ଦୁଝରର ରାଣୀ ବିଷ୍ଣୁପ୍ରିୟା, ମୟୂରଭଞ୍ଜର ରାଜା ତେଣୁ ସେମାନଙ୍କ ଦୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ହୋଇ ପାରିଛନ୍ତି । ମୂଳତଃ ସେମାନେ 'ବିଦ୍ରୋହର ଇତିହାସ' ନ ଲେଖି ବିଦ୍ରୋହ ଦମନର ଇତିହାସ ଲେଖିଛନ୍ତି ।

ଉମେଶ ଚନ୍ଦ୍ର 'କେନ୍ଦୁଝର ବିଦ୍ରୋହ'ରେ ଯେଉଁ ଇତିହାସ-ଦୃଷ୍ଟିର ପରିଚୟ ଦେଇଛନ୍ତି, ତାହା ପ୍ରଚଳିତ ଧାରାରୁ କେତେକାଂଶରେ ମୁକ୍ତ ଓ ସ୍ୱତନ୍ତ୍ର । କେନ୍ଦୁଝର ବିଦ୍ରୋହର କାରଣକୁ ସେ ଆବିଷ୍କାର କରିଛନ୍ତି ଭୂୟାଁ ଜାତିର ଐତିହ୍ୟରେ, କେନ୍ଦୁଝର ଜନ ସାଧାରଣଙ୍କ ଅବଚେତନରେ । ଇଂରେଜ ସରକାରଙ୍କ ଦ୍ୱାରା ରାୟବାହାଦୁର ଉପାଧିରେ ଭୂଷିତ ଦେବର୍ତ୍ତାଙ୍କୁ ସେ ଦେଖିଛନ୍ତି ଜଣେ ଧୂର୍ତ୍ତ ଖଳନାୟକ ଭାବରେ : "ଦେବର୍ତ୍ତା ମ୍ୟାକଆ ବେଲଙ୍କର ଚେଲା ଥିଲେ । ଅଧୀନ ପ୍ରଜାପକ୍ଷରେ ଯେତେଦୂର ଉଚ୍ଚପଦ ଲାଭର ସମ୍ଭାବନା ତାହା ପ୍ରାପ୍ତ ହୋଇଥିଲେ ହେଁ, ସେ ତହିଁରେ ସନ୍ତୁଷ୍ଟ ନ ଥିଲେ ।" ଠିକ୍ ସେହିପରି ସରକାରୀ ରିପୋର୍ଟରେ ବହୁନନ୍ଦିତ ମହାରାଣୀ ବିଷ୍ଣୁପ୍ରିୟା ପାଟ ମହାଦେଈଙ୍କ ଚରିତ୍ର ଉପସ୍ଥାପନ କଲାବେଳେ ସେ ନିଜର ସ୍ୱାଧୀନତା ପ୍ରକାଶ କରିଛନ୍ତି ; ମହାରାଣୀଙ୍କୁ ଜଣେ ଆଦର୍ଶ ନାରୀ କେବଳ ନୁହେଁ, ଜଣେ ରାଜାଙ୍କର ଉପଯୁକ୍ତ ଅର୍ଦ୍ଧାଂଗିନୀ ଭାବରେ ଚିତ୍ରଣ କରିଛନ୍ତି : "୰ ଗଦାଧର ଭଞ୍ଜଙ୍କର ପ୍ରଧାନ ମହିଷୀ ରାଣୀ ବିଷ୍ଣୁପ୍ରିୟା ପାଟ ମହାଦେଈ ଏକ ଅସାଧାରଣ ରୂପଗୁଣ ସମ୍ପନ୍ନା ରମଣୀ ଥିଲେ । ଯଦିଓ ତାଙ୍କର ଯୌବନର ସୀମା ଉତ୍ତୀର୍ଣ୍ଣ ହୋଇଥିଲେ ହେଁ ସୌନ୍ଦର୍ଯ୍ୟର ଦ୍ୟୁତିଃ ଅଙ୍ଗରେ ପରିସ୍ଫୁଟ ହେଉଥିଲା······ଏପରି ରମଣୀ-ରତ୍ନ ଲାଭ କରି ରାଜା ଆପଣଙ୍କୁ ପରମ ଭାଗ୍ୟବାନ ମଣୁଥିଲେ ଏବଂ ସକଳ ଦୁରୂହ ରାଜ କାର୍ଯ୍ୟରେ ତାଙ୍କର ପରାମର୍ଶ ଗ୍ରହଣ କରୁଥିଲେ ।" ଆଗରୁ କୁହାଯାଇଛି, ଐତିହାସିକ ମାନେ କେନ୍ଦୁଝର ବିପ୍ଳବକୁ ପ୍ରାୟତଃ ସ୍ୱତଃସ୍ଫୂର୍ତ୍ତ ଓ କାରଣରହିତ ବୋଲି ବର୍ଣ୍ଣନା କରିଛନ୍ତି । କିନ୍ତୁ ଉମେଶ ଚନ୍ଦ୍ରଙ୍କ ଦୃଷ୍ଟିରେ ଏହି ବିଦ୍ରୋହ କେବଳ କାରଣ ବିଶିଷ୍ଟ ନଥିଲା, ଦୀର୍ଘଦିନର ପ୍ରସ୍ତୁତି ପରେ ହିଁ ଭୂୟାଁମାନେ ବିଦ୍ରୋହ ଘୋଷଣା କରିଥିଲେ । ତେଣୁ

ଉମେଶଚନ୍ଦ୍ର ଦୃଷ୍ଟିରେ ବିଦ୍ରୋହର ଦମନ' ନୁହେଁ 'ବିଦ୍ରୋହ' ହିଁ ମୁଖ୍ୟ ସ୍ଥାନ ଅଧିକାର କରିଛି ।

ଭାରତରେ ଇତିହାସ-ଚର୍ଚ୍ଚାର ସୂତ୍ରପାତ ପଡ଼ିଥିଲା ବ୍ରିଟିଶ ରାଜତ୍ୱରେ—ଔପନିବେଶିକ ଶାସନ ସହ ସଂଶ୍ଲିଷ୍ଟ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା । ସେମାନଙ୍କ ରଚନାରେ, ଭାରତର ଜାତୀୟ ଓ ସ୍ଥାନୀୟ ଇତିହାସ, ପ୍ରଶାସନ-ଗତ-ଆବଶ୍ୟକତା ହେତୁ ବିକୃତ ହୋଇ ଆତ୍ମ ପ୍ରକାଶ କରୁଥିଲା । ଏହାର ପ୍ରତିକ୍ରିୟାରେ ଭାରତୀୟମାନେ ଆପଣା ଇତିହାସର ସଂଧାନ କରିଥିଲେ—ଲୋକକଥାରେ, କିମ୍ବଦନ୍ତୀରେ, ପୌରାଣିକ ଉପାଖ୍ୟାନରେ ଓ ପରିଚିତ ଇତିହାସରେ । ଇଂରେଜ ପ୍ରଶାସକ-ଐତିହାସିକମାନେ ଭାରତୀୟମାନଙ୍କୁ ଏକ ଜୀବନ-ବିମୁଖ ଧର୍ମ ପରାୟଣ ଜାତି ହିସାବରେ ଚିତ୍ରଣ କରିଥିବାରୁ ଭାରତୀୟ ପରଂପରାରେ ବାହୁବଳର ଆବିଷ୍କାର ଜାତୀୟବାଦୀ ଐତିହାସିକମାନଙ୍କ ରଚନାରେ ମୁଖ୍ୟ ହୋଇ ପଡ଼ିଥିଲା । ବଙ୍କିମଚନ୍ଦ୍ରଙ୍କ ଐତିହାସିକ ଉପନ୍ୟାସ ଓ ପ୍ରବନ୍ଧାବଳୀ ଏହି ଦୃଷ୍ଟିକୋଣର ପ୍ରକାଶ । ସେ ବିଶ୍ୱାସ କରିଥିଲେ :"a historiography of colonial India would qualify as genuinley Indian and autonomous, if and only if it allowed *bahubol* to operate as a decisive element of that critique."(୧୭) ସେହି ଭାରତୀୟ-ଇତିହାସ-ରଚନା ତେଣୁ ଇତିହାସ ନୁହେଁ ଏକ ଉଚିତର ରାଜନୀତିର ରଣାଙ୍ଗନ ହୋଇ ପଡ଼ିଥିଲା । ଉମେଶଚନ୍ଦ୍ର ମଧ୍ୟ ଇତିହାସକୁ ଗ୍ରହଣ କରିଛନ୍ତି ଓଡ଼ିଆମାନଙ୍କର ବୀରତ୍ୱ ପ୍ରକାଶର ଏକ ମାଧ୍ୟମ ରୂପେ । ଇଂରେଜ ପ୍ରଶାସକ ଓ ଐତିହାସିକଙ୍କ ବର୍ଣ୍ଣନାରେ ରତନ ନାୟକ ଭଳି ବୀରଙ୍କୁ ଯେଉଁଭଳି ଅପମାନିତ କରାଯାଇଛି, ତାହା ସେ ସହ୍ୟ କରି ପାରିନାହାନ୍ତି । ଫଳରେ ଇତିହାସର ସ୍ପଷ୍ଟ ତଥ୍ୟକୁ ଅତିକ୍ରମ କରି ରତନ ନାୟକ ଓ ଭୁୟାଁ ସର୍ଦ୍ଦାର ବୈଷ୍ଣଗ[illegible]ନ ମହାପାତ୍ର ଆଦର୍ଶ ମାନବିକତା ଓ ବୀରତ୍ୱର ମହିମାମୟ ବର୍ଣ୍ଣରେ ଆବିର୍ଭୂତ ହୋଇଛନ୍ତି ।

ଉମେଶଚନ୍ଦ୍ର ଇତିହାସ ପ୍ରତି ଏଭଳି ଏକ ଦୃଷ୍ଟିକୋଣ ପ୍ରକାଶ କରିଥିଲେ ବି ଯେଉଁ ମାନସିକ ବିଶ୍ୱରେ ସେ ଅବସ୍ଥାନ କରିଛନ୍ତି, ତାହାର ସୀମାବଦ୍ଧ ପରିସରରୁ ସେ ମୁକ୍ତ ପାଇନାହାନ୍ତି । ରତନ ନାୟକଙ୍କୁ ନାୟକ ଭାବରେ ଗ୍ରହଣ କଲେ ବି ସେ ତାଙ୍କୁ ଗୋଟିଏ ଅବହେଳିତ ଜାତିର ସ୍ୱାଧୀନଚେତା ମଣିଷ ହିସାବରେ ଦେଖି ପାରିନାହାନ୍ତି—ଦେଖିଛନ୍ତି ଜଣେ କ୍ଷତ୍ରିୟ ବୀର ଭାବରେ । 'ବାହୁବଳ'ର ଅଧିକାରୀ ଓ ଅମିତ ଯୋଧା-ସଂପନ୍ନ ମଣିଷ ଆଦିବାସୀ-ସଂପ୍ରଦାୟରୁ କି'ଣ ଆସିପାରେ ?—ଏହା ଥିଲା ଉମେଶଚନ୍ଦ୍ରଙ୍କ ନିକଟରେ ପ୍ରଶ୍ନବାଚୀ, ସେହିପରି ଗଦାଧର ନାରାୟଣ ଭଞ୍ଜଙ୍କ

ଭଲ ପ୍ରଜାପୀଡ଼କ ମଧ୍ୟ ତାଙ୍କ ଦ୍ୱାରା ଉଜ୍ଜ୍ୱଳ ବର୍ଣ୍ଣରେ ଚିତ୍ରିତ । କେନ୍ଦୁଝର ବିଦ୍ରୋହର ଅନ୍ୟତମ ଖଳନାୟକ ଧନୁର୍ଜୟଙ୍କୁ ମଧ୍ୟ ସେ ଜଣେ ନିରୀହ ବାଳକ ଭାବରେ ଚିତ୍ରଣ କରିଛନ୍ତି । ହରମୋହନ ସିଂହଙ୍କର ଅସାଧୁତା ଓ ବେବର୍ତ୍ତାଙ୍କ ଉଚ୍ଚାକାଙ୍କ୍ଷାକୁ ବିଦ୍ରୋହର କାରଣ ରୂପେ ଗ୍ରହଣ କରାଯାଇଛି । ମୋଟ କଥା ହେଲା, ଉମେଶଚନ୍ଦ୍ର ଇତିହାସକୁ ଏକ କାର୍ଯ୍ୟ-କାରଣ-ସମନ୍ୱିତ କମାଗ୍ରସରଣ ଭାବରେ ଦେଖିନାହାନ୍ତି, ଦେଖି-ଛନ୍ତି ଘଟଣାର ସମଷ୍ଟି ଭାବରେ । ଇତିହାସର ଚାଳକ ଭାବରେ ସେ ଗ୍ରହଣ କରିଛନ୍ତି ଏକ ଅଦୃଶ୍ୟ-ଶକ୍ତି 'କାଳନେମୀ'କୁ—ମଣିଷର ଉତ୍ପାଦକ-ଉତ୍ପାଦନ ସଂପର୍କ ବା ସମାଜ-ସଂଗଠନରେ ଥିବା ଦ୍ୱନ୍ଦ୍ୱକୁ ନୁହେଁ । ଇତିହାସ ତେଣୁ ହୋଇଯାଇଛି ତାଙ୍କ ଇଚ୍ଛା-ପୂରଣଗତ—ସ୍ୱପ୍ନର ପ୍ରକାଶ—ସମାଜର ବାସ୍ତବ ଅଗ୍ରଗତି ନୁହେଁ । ତେଣୁ ସାମାଜିକ ମଣିଷଗଣ ଉମେଶ ଚନ୍ଦ୍ରଙ୍କ ମନର ଦିଗବଳୟରେ ଅଦୃଶ୍ୟ ହୋଇ-ଯାଇଛନ୍ତି ।

ଉପନ୍ୟାସର ଉପଜୀବ୍ୟ ମଣିଷ ସ୍ରଷ୍ଟାଙ୍କ ଅନ୍ତରର ବାହାରେ, ତାହା ଔପନ୍ୟାସିକଙ୍କର ମନୋଜୀବନ ଠାରୁ କେତେକାଂଶରେ ସ୍ୱତନ୍ତ୍ର । ଏହା ରୋମାନ୍ସର ବିପରୀତ ଧର୍ମୀ । ରୋମାନ୍ସର ଉତ୍ସ ସ୍ରଷ୍ଟାଙ୍କର ଏକକ ମାନସ କେନ୍ଦ୍ର । ରୋମାନ୍ସର ସ୍ରଷ୍ଟା ବହିଃ-ବସ୍ତୁକୁ ଆପଣାର ଅନ୍ତରକୁ ଆକର୍ଷଣ କରନ୍ତି । ବାସ୍ତବ ଜଗତ ରୋମାନ୍ସ-ସ୍ରଷ୍ଟାଙ୍କ କଳ୍ପନା ରଙ୍ଗରେ ରଙ୍ଗୀନ ହୋଇ ଆତ୍ମପ୍ରକାଶ କରେ । ଇତିହାସକୁ ରୋମାନ୍ସ ସ୍ରଷ୍ଟା ଦେଖନ୍ତି ଆପଣାସ୍ୱପ୍ନର ଉତ୍ସ ରୂପେ । ଉପନ୍ୟାସର ପ୍ରକ୍ରିୟା ଠିକ ଏହାର ବିପରୀତ । ଔପନ୍ୟାସିକ ଇତିହାସର କଠିନ ବାସ୍ତବତାକୁ ଗ୍ରହଣ କରି ସେଥିରେ ନୂଆ ସଂରଚନା-ରୀତି ପ୍ରୟୋଗ କରନ୍ତି; ସେଥିରେ ଥିବା ଅଦୃଶ୍ୟ ପରସ୍ପର ସଂପର୍କକୁ ଆବିଷ୍କାର କରି, ଅଧିକ ଅର୍ଥବହ କରନ୍ତି । ଉମେଶଚନ୍ଦ୍ର 'ପଦ୍ମମାଳୀ' ତଥା 'କେନ୍ଦୁ-ଝର ବିଦ୍ରୋହ'ର ଇତିହାସକୁ ରୋମାନ୍ସ-ଲେଖକର ଦୃଷ୍ଟି ନେଇ ଦେଖିଛନ୍ତି । ସେ ଗୋଟିଏ ଦଳିତ ଜାତିର ଇତିହାସ ଲେଖିବାକୁ ଯାଇ ସେଇ ସଂପ୍ରଦାୟର କେତେ-ଜଣଙ୍କୁ ଉପରସ୍ତରକୁ ନେଇ ଆସିଛନ୍ତି । ଫଳରେ କେନ୍ଦୁଝର ବିଦ୍ରୋହ'ରେ ଐତି-ହାସିକ ଉପନ୍ୟାସ ଅପେକ୍ଷା ରୋମାନ୍ସର ଧର୍ମ ଅଧିକ ପରିସ୍ଫୁଟ । ଅପର ଦିଗରେ ଔପନିବେଶିକ ଶାସନ ଭିତରେ ଥାଇ ଉପନିବେଶ ବାଦର ଶିକାର ହୋଇଥିବା ଏକ ସଂପ୍ରଦାୟର କାହାଣୀ କହିବାକୁ ଯାଇ କେନ୍ଦୁଝର ବିଦ୍ରୋହ ଅସଂପୂର୍ଣ୍ଣ ରହିଯାଇଛି ।

## ଆଲୋଚନାର ପ୍ରାନ୍ତଟୀକା :—

(୧) 'କେନ୍ଦୁଝର ବିଦ୍ରୋହ'ର ମୁଦ୍ରିତ ଅଂଶ ଗୁଟେଟି କିସ୍ତିରେ ପ୍ରକାଶିତ ହୋଇଥିଲା ।

ପ୍ରଥମ କିସ୍ତି — ପ୍ରଥମ ଓ ଦ୍ୱିତୀୟ ପରିଚ୍ଛେଦ - ମୁକୁର ୨।୭-୮, (ନଭେମ୍ବର-ଡ଼ିସେମ୍ବର, ୧୯୦୮ )ପୃ : ୧୭୪-୧୭୭

ଦ୍ୱିତୀୟ କିସ୍ତି — ତୃତୀୟ ଓ ଚତୁର୍ଥ ପରିଚ୍ଛେଦ; ୨।୯-୧୦, (ଜାନୁଆରୀ-ଫେବୃଆରୀ, ୧୯୦୯) ପୃ : ୨୦୧-୨୦୪

ତୃତୀୟ କିସ୍ତି — ପଞ୍ଚମ ଓ ଷଷ୍ଠ ପରିଚ୍ଛେଦ, ୨।୧୧-୧୨, (ମାର୍ଚ୍ଚ-ଏପ୍ରିଲ, ୧୯୦୯) ପୃ : ୨୭୨-୨୭୪

ଚତୁର୍ଥ କିସ୍ତି — ସପ୍ତମ ପରିଚ୍ଛେଦ, ୩।୨-୩-୪ (ଜୁନ-ଜୁଲାଇ-ଅଗଷ୍ଟ, ୧୯୦୯) ପୃ : ୮୫-୮୭

ଅଧିକାଂଶ ଆଲୋଚକ ଭୂଲ୍‌କ୍ରମେ ଏହାର ପ୍ରକାଶ ସମୟ ୧୯୦୭ ମସିହା ବୋଲି ଲେଖିଛନ୍ତି ।

ପ୍ରଥମ କିସ୍ତିରେ ପ୍ରକାଶିତ ଅଂଶର ତିନୋଟି ସ୍ଥାନର ପାଞ୍ଚୋଟି ଧାଡ଼ି ବ୍ୟବହୃତ ମୁଦ୍ରଣରେ ନଷ୍ଟ ହୋଇଯାଇଛି । ସେହି ଅଂଶକୁ "........" ଦ୍ୱାରା ଚିହ୍ନିତ କରାଯାଇଛି ।

(୨) ରାଓ, କୈଳାସ ଚନ୍ଦ୍ର - ସରକାର ଉମେଶ ଚନ୍ଦ୍ର - ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ( ସଂ ଗୋପାଳ ଚନ୍ଦ୍ର ପ୍ରହରାଜ ) ସପ୍ତମ ଖଣ୍ଡ, ପୃ : ୮୨୫୩, କଟକ, ୧୯୪୦ ।

(୩) ଶତପଥୀ, ଗୋକୁଳ ଚନ୍ଦ୍ର - ଓଡ଼ିଆ ଉପନ୍ୟାସ - ନବସ୍ୱରତ, ୭।୪, ପୃ : ୨୪୭, କଟକ, ୧୯୪୧ ।

(୪) ଚତୁର୍ଥ ସଂସ୍କରଣ ଭୂମିକା — ପଦ୍ମମାଳୀ, ପୃ :; ପ୍ରଗତି ପବ୍ଲିଶର୍ସ, କଟକ, ୧୯୬୨ ।

(୫) ବେହେରା କୃଷ୍ଣଚରଣ — ଓଡ଼ିଆ ଉପନ୍ୟାସ, ପୃ : ୧୧୧ ଫ୍ରେଣ୍ଡସ୍; ପବ୍ଲିଶର୍ସ କଟକ, ୧୯୮୧ । ଡକ୍ଟର ଶ୍ରୀନିବାସ ମିଶ୍ର 'ଶ୍ରୀ ଉଦାସୀ' ଯେ ଉମେଶ-ଚନ୍ଦ୍ର ସରକାର ଏହା ଜାଣି ପାରିନାହାନ୍ତି । ଅଥଚ ଡକ୍ଟର ବେହେରାଙ୍କ ବିରୁଦ୍ଧରେ ଅଯଥା ଅଭିଯୋଗ ଆଣିଛନ୍ତି । (ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ, ପୃ : ୪୫୯; ବିଦ୍ୟାପୁରୀ, କଟକ, ୧୯୭୮) । ଡକ୍ଟର ରେଖା ମହାନ୍ତି (ଓଡ଼ିଆ ଐତିହାସିକ ଉପନ୍ୟାସ ପୃ ! ୧୦୭; କୋଣାର୍କ ପବ୍ଲିଶର୍ସ, କଟକ ୧୯୮୪) ଓ ଡକ୍ଟର ପୂର୍ଣ୍ଣାନନ୍ଦ ଦାଣୀ ( ଓଡ଼ିଆ ଐତିହାସିକ ଉପନ୍ୟାସ, ପୃ : ୧୬୭; ସାରସ୍ୱତ ପୁସ୍ତକ ଭଣ୍ଡାର, ସମ୍ବଲପୁର, ୧୯୮୫ ) ଡକ୍ଟର ବେହେରାଙ୍କୁ ଅନୁସରଣ କରିଛନ୍ତି ।

(୭) Kettle Arnold— An Introduction to the English Novel, Vol-I, P-13, B. I. Publication, New Delhi, 1978.

(୭) Mishra, P.K.—Political Unrest in Orissa in the 19th Century, P. 136; Punthi Pustak, Calcutta, 1983.

(୮) Sinha, Surjit – State Formation and Rajput Myth in Tribal Central India; Man In India; vol. XIII, No. 1, Ranchi, 1962

(୯) Panda, S. K.—Tribal Protest and the Keonjhar Raj : A Study of the Bhuiyan Meli in Orissa; Bengal Past and Present, Vol. C, Part II, P. 30; Calcutta, 1981.

(୧୦) Mishra, P. K.—ପୂର୍ବୋକ୍ତ ପୃ. ୧୪୦.

(୧୧) Cobden-Ramsay L. E. B.–Feudatory States of Orissa P. 215; Firma K. L. Mukhopadhyaya Pvt. Ltd, Calcutta, 1982.

(୧୨) (କ) Hunter, W.W.—History of Orissa, Vol. II, P. 114-118, London, 1872.

(ଖ) Buckland, C.E.—Bengal Under the Lieutenant Governors, vol. I, Pp 420-426; S. K. Lahiri & Co. Calcutta, 1901.

(ଗ) Cobden-Ramsay, L. E. B.—Feudatory States of Orissa P. 215-222

(ଘ) ସିଂହ, ଜଗବନ୍ଧୁ—ପ୍ରାଚୀନ ଉତ୍କଳ, ପୃ-୬୩୪; ଓଡ଼ିଆ ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୬୪.

(ଙ) Banerjee, R. D.—History of Orissa, vol. II, P. 318-322 Bharatiya Publishing House, Delhi, 1980.

(ଚ) ମିଶ୍ର, କ୍ଷେତ୍ରମୋହନ—କେନ୍ଦୁଝର ପୃ. ୪୧-୪୩, ଗାଳପଡ଼ା, ୧୯୩୭.

(ଛ) ମହତାବ, ହରେକୃଷ୍ଣ—ଓଡ଼ିଶା ଇତିହାସ, ଦ୍ୱିତୀୟ ଖଣ୍ଡ, ପୃ. ୫୧୫-୧୬; କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୧୯୬୪.

(ଜ) Mukherjee, P. K.—History of Orissa, Vol. VI. P. 405-410, Utkal University, Bhubaneswar, 1964.

(ଝ) Samal, J. K.—Orissa Under the British Crown, P. 320-321; S. Chand & Co., New Delhi, 1977.

(ଞ) Panda, S. K.—ପୂର୍ବୋକ୍ତ ପ୍ରବନ୍ଧ ପୃ. ୨୯-୩୫.

(ଟ) Mishra, P, K.—ପୂର୍ବୋକ୍ତ ପୁସ୍ତକ ପୃ. ୧୩୬-୧୪୭.

(୧୩) "ଫୁଲ ବିବାହର ଅର୍ଥ ଯେ ସ୍ତ୍ରୀ ବିବାହିତା ନୁହେ, ମାତ୍ର ରାଜା ଯାହାକୁ ଫୁଲମାଳ ଦେଇ ସ୍ତ୍ରୀରୂପେ ଗ୍ରହଣ କରନ୍ତି । କ୍ଷତ୍ରିୟମାନଙ୍କ ଘରେ ପ୍ରଥା ଅଛି ଯେ, ବିବାହବେଦୀରେ କନ୍ୟାପିତା କନ୍ୟା ସହିତ ଗୋଟିଏ ସମବୟସ୍କା ଦାସୀ ଦେଇଥାନ୍ତି । କନ୍ୟାଦାନ ବେଳେ ସେ ଦାସୀ ସହିତ କନ୍ୟାକୁ ଦାନ କରି ଶଙ୍ଖରେ ପାଣି ଟେକି ଦେଇଥାନ୍ତି । ବର, କନ୍ୟା ଗ୍ରହଣ ସଙ୍ଗେ ଏ ଦାସୀ ମଧ୍ୟ ଗ୍ରହଣ କରିଥାଏ । ସୁତରାଂ ଏ ଦାସୀକୁ ଫୁଲ ବିବାହ କହନ୍ତି । ଏ ଦାସୀର ସ୍ଥାନ ଅନ୍ୟାନ୍ୟ ସାଧାରଣ ଦାସୀ ଅପେକ୍ଷା ଉଚ୍ଚରେ ।"
ସିଂହ, ଜଗବନ୍ଧୁ—ପ୍ରାଚୀନ ଉତ୍କଳ, ପୃ. ୬୩୫.

(୧୪) ଉତ୍କଳ ଦୀପିକା, ୩।୪୭ (ତା ୨୩।୧୧।୧୮୬୮)

(୧୫) Guha, Ranjit— The Prose of Counter-Insurgency, Subaltern Studies, vol. II, P. 2; Oxford University Press, New Delhi, 1983.

(୧୬) Guha, Ranjit— An Indian Historiography of India : A Nineteenth Century Agenda and Its Implication, P. 61; K P Bagchi & Company, Calcutta, 1988.

ଦେବେନ୍ଦ୍ର କୁମାର ଦାଶ,
ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ,
ରାଉରକେଲା-୭୬୯୦୧୨ ।

ପ୍ରଗତି ଉତ୍କଳ ସଂଘର
ଅନବଦ୍ୟ ପ୍ରକାଶନ :

**Madhusudan Das : The Legislator**

Editor :- Dr. N. K. Sahu
Dr. P. K. Mishra

ମୂଲ୍ୟ - ଦୁଇଶହ ଟଙ୍କା ମାତ୍ର ।

Madhusudan Das : The Leader ( ପ୍ରକାଶ ଅପେକ୍ଷାରେ )